# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୫/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, August 15/2019 | ★★★★

୪୫ଶ ଭାଗ ୨୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଗାୟକ ମିକା ସିଂ ବାସନ୍ଦ

ଦେଶବିରୋଧୀ କାର୍ଯ୍ୟ ପାଇଁ ଗାୟକ ମିକା ସିଂଙ୍କୁ ଭାରତରେ କୌଣସି କାର୍ଯ୍ୟକ୍ରମ ପ୍ରଦର୍ଶନ କରିବାକୁ ବାସନ୍ଦ କରାଯାଇଛି। ୧୪

୦୨

## ଅଭିନନ୍ଦନଙ୍କୁ ବୀରଚକ୍ର ସମ୍ମାନ

ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଦ୍ଧମାନଙ୍କୁ ସ୍ୱାଧୀନତା ଦିବସରେ ବୀରଚକ୍ର ସମ୍ମାନ ପ୍ରଦାନ କରାଯିବ।



## ଆଦିତ୍ୟ ପ୍ରସାଦ ପାଢ଼ୀ ରାଜ୍ୟ ନିର୍ବାଚନ କମିଶନର ନିଯୁକ୍ତ



- ନୂତନ ନିଯୁକ୍ତିକୁ ରାଜ୍ୟପାଳଙ୍କ ମଞ୍ଜୁରୀ
- ୧୯ରେ ନେଇପାରନ୍ତି ନୂଆ ଦାୟିତ୍ୱ
- ଅସିତ୍ ହୋଇପାରନ୍ତି ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୧୪।୮(ବ୍ୟୁରୋ)**

ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ରାଜ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ମିଳିଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆଦିତ୍ୟଙ୍କ ନୂତନ ନିଯୁକ୍ତିକୁ ବୁଧବାର ମଞ୍ଜୁରୀ ଦେଇଛନ୍ତି। ଏହା ପରେ ଆଦିତ୍ୟ ମୁଖ୍ୟ ଶାସନ ସଚିବ ପଦବୀ ତଥା ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ) ପକ୍ଷରୁ ବିଧିବଦ୍ଧ ☞ପୃଷ୍ଠା–୪

### ଆଜିର ମନ୍ତବ୍ୟ

“ଦୀର୍ଘବର୍ଷ ଧରି ଭୟର ରାଜୁତି ଚାଲିଆସିଥିବା ଜମ୍ମୁ-କଶ୍ମୀରରେ ଏବେ ବିକାଶ ପାଇଁ ସୁଯୋଗ ଦିଆଯାଉ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 14.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 57 | 102 | 112 |
| DKL | 56 | 101 | 111 |
| BDK | 57 | 102 | 112 |
| BLS | 58 | 103 | 113 |
| ANG | 57 | 102 | 112 |
| BHM | 56 | 101 | 111 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


# ମହାନଦୀରେ ବନ୍ୟା



ମହାନଦୀରେ ବନ୍ୟାଜଳ ଘେରରେ ମା' ଭଟ୍ଟାରିକାଙ୍କ ମନ୍ଦିର ।

- ନୟାଗଡ଼, କଟକ ଜିଲାର ବହୁ ଅଞ୍ଚଳ ଜଳବନ୍ଦୀ
- ୧୧ ଜିଲାପାଳଙ୍କୁ ସତର୍କ କଲେ ଏସ୍ଆର୍ସି
- ସୁଧୁରୁଛି ପଶ୍ଚିମ ଓଡ଼ିଶା ବନ୍ୟା ବିପନ୍ନଙ୍କ ସ୍ଥିତି
- ବଲାଙ୍ଗୀର, ବରଗଡ଼ ଜିଲାରେ ସର୍ବାଧିକ ବର୍ଷା ରେକର୍ଡ

**ଭୁବନେଶ୍ୱର, ୧୪।୮(ବ୍ୟୁରୋ)**

ଲଗାଣ ବର୍ଷା ଓ ବନ୍ୟାରେ ପଶ୍ଚିମ ଓଡ଼ିଶାରେ ସଙ୍ଗିନ ସ୍ଥିତି ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ଗୋଟିଏ ଗେଟ୍ ଖୋଲାଯାଇଥିବାବେଳେ ଗୁରୁବାରଠାରୁ ମହାନଦୀକୁ ଅଧିକ ବନ୍ୟାଜଳ ନିଷ୍କାସନ କରାଯିବ। ଏହାପୂର୍ବରୁ ମହାନଦୀରେ ବନ୍ୟା ଆସିଯାଇଛି। ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍ସି) ବିଷ୍ଣୁପଦ ସେଠୀ ବଲାଙ୍ଗୀର, ବୌଦ୍ଧ, ସୁବର୍ଣ୍ଣପୁର,ନୟାଗଡ଼, ଖୋର୍ଦ୍ଧା, କଟକ, ଅନୁଗୋଳ, ପୁରୀ, ଜଗତ୍ସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଆଦି ୧୧ ଜିଲାର ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମହାନଦୀରେ ଯେଉଁଭଳି ବନ୍ୟା ଆଶଙ୍କା କରାଯାଉଥିଲା ସେଭଳି ହୋଇନାହିଁ। ମଧ୍ୟମ ଧରଣର ବନ୍ୟା ଆସିଥିବା ସେଠୀ ସୂଚନା ଦେଇଛନ୍ତି। ତେବେ ପଶ୍ଚିମ ଓଡ଼ିଶାରେ ଦେଖାଦେଇଥିବା ବନ୍ୟା ପରିସ୍ଥିତିରେ ସୁଧାର ଆସିଥିବା ସେ ଜଣାଇଛନ୍ତି।

ଜଳ ସମ୍ପଦ ସଚିବ ପ୍ରଦୀପ ଜେନା କହିଛନ୍ତି, ବୁଧବାର ବର୍ଷା ପରିମାଣ ପୂର୍ବାପେକ୍ଷା ହ୍ରାସ ପାଇଥିବାରୁ ନଦୀର ଜଳସ୍ତର କମିବାରେ ଲାଗିଛି। ତେଲନଦୀ ଜଳସ୍ତର ହ୍ରାସ ପାଉଛି। ମଙ୍ଗଳବାର ମଧ୍ୟରାତିରେ ମହାନଦୀର ଖଇରମାଳରେ ୧୧ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଥିଲାବେଳେ ଜଳସ୍ତର ହ୍ରାସ ପାଉଛି। ଏହି ଅନୁସାରେ କଟକ ମୁଣ୍ଡଳିଠାରେ ୧୦ରୁ ସାଢ଼େ ୧୦ ଲକ୍ଷ କ୍ୟୁସେକ ବନ୍ୟାଜଳ ପ୍ରବାହିତ ହେବ। ଉପକୂଳ ଓଡ଼ିଶାରେ ବର୍ଷା କମ୍ ଥିବାରୁ ସେଭଳି ବଡ଼ ବନ୍ୟା ଆଶଙ୍କା ନାହିଁ। ନଦୀର ଜଳସ୍ତରକୁ ଦେଖି ହୀରାକୁଦର ଗେଟ୍ ଖୋଲାଯିବ। ଏହାସହ ନଦୀବନ୍ଧଗୁଡ଼ିକ ଉପରେ ଅନବରତ ନଜର ରଖିବାକୁ ସରକାର ସତର୍କତା ଜାରି କରିଛନ୍ତି। ସମସ୍ତ ଜିଲାର ଜିଲାପାଳ ଓ ଏସ୍ପିମାନଙ୍କୁ ସତର୍କ କରିଦିଆଯାଇଛି। ମୁଣ୍ଡଳିରେ ବନ୍ୟାଜଳ ୬ରୁ ସାଢେ ୬ ଲକ୍ଷ କ୍ୟୁସେକ୍ ଭିତରେ ସୀମିତ ରଖିବା ପାଇଁ ହୀରାକୁଦର ଗେଟ୍ ଖୋଲାଯିବା ସଂଖ୍ୟା ବଢ଼ାଯିବ ଓ କମାଯିବ। ଏ ନେଇ ଲୋକେ ଭୟଭୀତ ନ ହେବା ପାଇଁ ସଚିବ ଜେନା ପରାମର୍ଶ ଦେଇଛନ୍ତି।

ତେବେ ମିଳିଥିବା ସୂଚନାନୁସାରେ, କଟକ ମୁଣ୍ଡଳିଠାରେ ବନ୍ୟାଜଳ ପହଞ୍ଚିବା ପୂର୍ବରୁ ବୁଧବାର ସନ୍ଧ୍ୟାସୁଦ୍ଧା ନୟାଗଡ଼ ଓ କଟକ ଜିଲାର ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ନୟାଗଡ଼ ଜିଲାର ଗଣିଆ ବ୍ଲକ ୫ ପଞ୍ଚାୟତର ୭୩ ଗାଁ ଜଳବନ୍ଦୀ ହୋଇଛି। ଭାପୁର ବ୍ଲକ୍ର ୨ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବାବେଳେ ଖଣ୍ଡପଡ଼ାର କେତେକ ସ୍ଥାନରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିଲା। ସେହିଭଳି କଟକ ଜିଲା ନରସିଂହପୁର ବ୍ଲକ୍ର ପଦାପାଳ, ବାରବାଟୀ ବ୍ରିଜ ଓ ଡିମିରିଆ ବ୍ରିଜ ଉପରେ ବନ୍ୟାଜଳ ଚାଲୁଛି। ତିଗିରିଆ ଓ ବାଙ୍କୀର ଉତ୍ତରକୁଲାଟ ଅଞ୍ଚଳରେ ବନ୍ୟାଜଳ ମାଡ଼ିଯାଇଛି। ବଡ଼ମ୍ବା ବ୍ଲକ୍ର ୧୫ରୁ ଊର୍ଦ୍ଧ୍ୱ ଗ୍ରାମ ଜଳମଗ୍ନ ହୋଇଛି। ମା' ଭଟ୍ଟାରିକା ମନ୍ଦିର ଭିତରେ ବନ୍ୟାଜଳ ପଶିଯାଇଥିବାବେଳେ ଭଜନ ମଣ୍ଡପ ବୁଡ଼ିଯାଇଥିବାରୁ ମା'ଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

ଅନ୍ୟପକ୍ଷରେ ବୁଧବାର ୨୪ ଘଣ୍ଟାରେ ବଲାଙ୍ଗୀର ଓ ବରଗଡ଼ ଜିଲାରେ ସର୍ବାଧିକ ବର୍ଷା ହୋଇଛି। ବଲାଙ୍ଗୀର ବ୍ଲକରେ ସର୍ବାଧିକ ୫୫୫ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ୧୭ ବ୍ଲକରେ ୧୦୦ରୁ ୨୦୦ ମିମି ବର୍ଷା ହୋଇଛି। ଲଗାଣ ବର୍ଷାରେ ୨ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୫୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସ୍ଥିତିର ମୁକାବିଲା ପାଇଁ ୧୫ ଓଡ୍ରାଫ, ୩ ଏନ୍ଡିଆର୍ଏଫ୍ ଟିମ୍, ଅଗ୍ନିଶମ ବାହିନୀ ମୁତୟନ ଅଛନ୍ତି ବୋଲି ଏସ୍ଆର୍ସି ସେଠୀ କହିଛନ୍ତି।

ସେପଟେ ଲଘୁଚାପ ଝାଡ଼ଖଣ୍ଡ ମୁହାଁ ହୋଇଛି। ଏହା ପ୍ରଭାବରେ ରାଜ୍ୟର କିଛି ସ୍ଥାନରେ ବର୍ଷା ହେବା ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୪୮ ଘଣ୍ଟା ଯାଏ ବର୍ଷା ଜାରି ରହିବ। ୭ ଜିଲା ପାଇଁ ରେଡ୍ ୱାର୍ନିଂ ଜାରି କରାଯାଇଛି। ସୁନ୍ଦରଗଡ଼, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ସୋନପୁର, ନୂଆପଡ଼ା ଏବଂ ଝାରସୁଗୁଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ସେହିପରି କୋରାପୁଟ, ରାୟଗଡ଼ା, କନ୍ଧମାଳ, ନବରଙ୍ଗପୁର, ଅନୁଗୋଳ, ଦେବଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଓ ବରଗଡ଼ରେ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି।

### ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଧରିତ୍ରୀ ତା'ର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଖବରଦାତା, ଏଜେଣ୍ଟ, ବିତରକ, ପୃଷ୍ଠପୋଷକମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।



ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମଦିବସରେ ଧରିତ୍ରୀର ବିନମ୍ର ପ୍ରଣତି ।

### ଧରିତ୍ରୀର ଛୁଟି

ସ୍ୱାଧୀନତା ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୧୫ ତାରିଖ ଗୁରୁବାର ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

ମାଂସରେ ରାକ୍ଟୋପାମାଇନ୍ର ବିପଦ






## ଅଚଳ ମାଲେସିଆ ଜାହାଜରୁ ତେଲ ଲିକ୍ ଆଶଙ୍କା

# ଚିଲିକାକୁ ବିପଦ



**ତୁରନ୍ତ ହଟାଇବାକୁ ଜାହାଜ କମ୍ପାନୀକୁ ଚିଠି ଲେଖିଲା ତଟରକ୍ଷୀ ବାହିନୀ**

**ଭୁବନେଶ୍ୱର,୧୪।୮(ବ୍ୟୁରୋ)**


ମାଲେସିଆର ଏକ ପଣ୍ୟବାହୀ ଜାହାଜ ଅଚଳ ହୋଇପଡ଼ିବାରୁ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ଚିଲିକା ମୁହାଣର ରାଜହଂସ ଓ ଖିରିସାହି ଗାଁ ନିକଟ ବଙ୍ଗୋପସାଗର ଉପକୂଳରେ ୮ଦିନ ହେବ ଅଟକି ରହିଛି। ଏବେ ଏଥିରୁ ତେଲ ଲିକ୍ ହେବା ଆଶଙ୍କା ଦେଖାଦେଇଛି। ତେଣୁ ତୁରନ୍ତ ଉକ୍ତ ସ୍ଥାନରୁ ଜାହାଜଟିକୁ ହଟାଇବାକୁ ଗୁରୁତ୍ୱ ଦେଇଛି ଭାରତୀୟ ତଟରକ୍ଷୀ ବାହିନୀ। ଏନେଇ ବୁଧବାର ସମ୍ପୃକ୍ତ ଜାହାଜ କମ୍ପାନୀକୁ ଚିଠି ଲେଖି ଅବଗତ କରାଯାଇଛି।

ଭାରତୀୟ ତଟରକ୍ଷୀ ପକ୍ଷରୁ ମିଳିଥିବା ସୂଚନାନୁସାରେ, ମାଲେସିଆସ୍ଥିତ 'ଟଗ୍ ଜିନ୍ ହ୍ୱା' କମ୍ପାନୀର ଏହି ଜାହାଜରେ ବିପୁଳ ପରିମାଣର ତେଲ ରହିଛି। ୩୦ ହଜାର ଲିଟର ଡିଜେଲ ଥିବାବେଳେ ଜାହାଜରେ ୧୦୦୦ ଲିଟର ଲ୍ୟୁବ୍ ଅଏଲ ଏବଂ ୨୦୦ ଲିଟର ହାଇଡ୍ରୋଲିକ୍ ଅଏଲ ମଧ୍ୟ ଠୁଳ ହୋଇ ରହିଛି। ବର୍ତ୍ତମାନ ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ ପବନ ମାଡ଼ରେ ଜାହାଜ କ୍ଷତିଗ୍ରସ୍ତ ହୋଇ ତେଲ ଲିକ୍ ହେବା ଆଶଙ୍କା କରାଯାଉଛି। ତେଲ ଲିକ୍ ହେଲେ ମୁହାଣ ଦେଇ ଚିଲିକା ଜଳରେ ମିଶିବ। ଏହାଦ୍ୱାରା ଚିଲିକାର ଜୈବ ବିବିଧତା ଉପରେ ଏହାର ଭୟଙ୍କର ପ୍ରଭାବ ପଡ଼ିବ। ଚିଲିକା ଜଳ ବିଷାକ୍ତ ହେବାସହ ଶତାଧିକ ପ୍ରଜାତିର ଜଳଜୀବ ଏବଂ ବିରଳ ଇରାୱାଡ଼ି ଡଲ୍ଫିନ୍ଙ୍କୁ ଏହା ବିଶେଷ କ୍ଷତି ପହଞ୍ଚାଇବ ବୋଲି ଆଶଙ୍କା କରାଯାଉଛି। ଏପରିକି ଚିଲିକାର ପ୍ରାକୃତିକ ପରିବେଶକୁ ଏହା ନଷ୍ଟ କରିପାରେ ବୋଲି ତଟରକ୍ଷୀ ବାହିନୀ ପକ୍ଷରୁ କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ଜାହାଜରୁ ତେଲ ଲିକ୍ ଯେପରି ନ ହେବ ସେଥିଲାଗି ତୁରନ୍ତ ପଦକ୍ଷେପ ନେବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ☞ପୃଷ୍ଠା–୪






“ଜମ୍ମୁ-କଶ୍ମୀର ବିଧାନସଭାରେ ଜଣେ ଭାଜପା ମୁଖ୍ୟମନ୍ତ୍ରୀଙ୍କୁ ବସାଇବା ପାଇଁ କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦କୁ ହଟାଇ ଦେଇଛନ୍ତି। ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କ ସନ୍ତାନମାନେ ମୋତେ ହତ୍ୟା କରିପାରନ୍ତି।
-ଅସାଦୁଦ୍ଦିନ ଓ୍ୱାଇସି, ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ



୭୩ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ପ୍ରସ୍ତୁତି ଶେଷ।



ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଗ୍ରାସ୍ଥିତ ତାଜମହଲ ପରିସରରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ସୁରକ୍ଷା କର୍ମୀ।



ପଞ୍ଜାବର ଭଟିଣ୍ଡାରେ ସ୍ୱାଧୀନତା ଦିବସ ପୂର୍ବରୁ ସେଲ୍ଫି ନେଉଛନ୍ତି ପୋଲିସ କର୍ମଚାରୀ।

# କଶ୍ମୀର ସବୁଠୁ ବଡ଼ ନିଷ୍ପତ୍ତି

ନୂଆଦିଲ୍ଲୀ,୧୪।୮(ଆଇଏଏନ୍ଏସ୍)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଦ୍ୱିତୀୟ ପାଳି ସରକାରର ୭୫ ଦିନ ପୂରଣ କରିଛନ୍ତି। ଏହି ଅବସରରେ ସେ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ତାଙ୍କ ସରକାରର ପ୍ରାଥମିକତା ଏବଂ ଜମ୍ମୁ-କଶ୍ମୀରଠାରୁ ଆରମ୍ଭ କରି ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ମତବ୍ୟକ୍ତ କରିଛନ୍ତି। ବହୁବର୍ଷ ଧରି ଜମ୍ମୁ-କଶ୍ମୀରରେ ଭୟର ରାଜୁତି ଚାଲିଥିଲା। ଏବେ ସେଠାରେ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ବିକାଶ ପାଇଁ ସୁଯୋଗ ଦେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହା ସରକାରଙ୍କର ସବୁଠୁ ବଡ଼ ନିଷ୍ପତ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତାଙ୍କ ସରକାର ପ୍ରଥମ କିଛି ଦିନ ମଧ୍ୟରେ ଅଭୂତପୂର୍ବ ସଫଳତା ହାସଲ କରିପାରିଛି। ସ୍ୱଷ୍ଟନୀତି ଏବଂ ଠିକ୍ ମାର୍ଗଦର୍ଶନ ଯୋଗୁ ଏହି ସଫଳତା ମିଳିପାରିଛି। ଶିଶୁ ସୁରକ୍ଷାଠାରୁ ଆରମ୍ଭ କରି ଚନ୍ଦ୍ରୟାନ-୨, ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନଠାରୁ ଆରମ୍ଭ କରି ମୁସଲମାନ ମହିଳାଙ୍କୁ ତିନି ତଲାକର ଅଭିଶାପରୁ ମୁକ୍ତ କରିବା, କଶ୍ମୀରଠାରୁ କିଷାନ ପର୍ଯ୍ୟନ୍ତ ଏକ ଦୃଢ଼ ତଥା ବହୁମତ ସରକାର ଯାହା କରିବା କଥା ଆମେ ତାହା କରି ଦେଖାଇଛୁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଜଳଯୋଗାଣରେ ଉନ୍ନତି ଏବଂ ସଂରକ୍ଷଣ ଲାଗି ଗଠିତ ଜଳଶକ୍ତି ମନ୍ତ୍ରଣାଳୟ ମିଶନ ମୋଡ୍‌ରେ କାର୍ଯ୍ୟ କରୁଛି।

ସପ୍ତଦଶ ଲୋକ ସଭାର ପ୍ରଥମ ଅଧିବେଶନ ୧୯୫୨ ପରଠାରୁ ସବୁଠୁ ଫଳପ୍ରଦ ହୋଇପାରିଛି। ଏହି ସମୟ ମଧ୍ୟରେ କୃଷକ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ପେନ୍‌ସନ ଯୋଜନା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସଂସ୍କାର, ଇନ୍‌ସଲଭେନ୍ସି ଓ ବ୍ୟାଙ୍କ୍ରପ୍ସି ନିୟମରେ ସଂଶୋଧନ, ଶ୍ରମ ସଂସ୍କାର ଆଦି ସରକାରଙ୍କର ବଡ଼ ସଫଳତା। ଯେତେବେଳେ ଉଦ୍ଦେଶ୍ୟ ଠିକ୍, ଲକ୍ଷ୍ୟ ଓ କାର୍ଯ୍ୟକାରିତା ସ୍ୱଷ୍ଟ ଏବଂ ଜନସାଧାରଣଙ୍କ ସମର୍ଥନ ରହିଥାଏ, ସେତେବେଳେ ଅନେକ କିଛି କରାଯାଇପାରିବ। ସ୍ୱାଧୀନତା ଦିବସରେ ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲା ପ୍ରାଚୀରରେ ଷଷ୍ଠଥର ପାଇଁ ଜାତୀୟ ପତାକା ଉତ୍ତୋଳନ କରି ଦେଶବାସୀଙ୍କୁ ସମ୍ବୋଧିତ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାକ୍ଷାତକାରରେ ଏହି ବାର୍ତ୍ତା ଦେଇଛନ୍ତି।

■ ସ୍ୱାଧୀନତା ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ବାର୍ତ୍ତା

## ପରିବର୍ତ୍ତନରୁ ଲାଭବାନ ହେବେ କଶ୍ମୀରବାସୀ

ନୂଆଦିଲ୍ଲୀ,୧୪।୮(ପି.ଟି.)

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିବାରୁ ସେଠାର ଜନସାଧାରଣ ଯଥେଷ୍ଟ ଉପକୃତ ହେବେ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସରକାର ଦେଶବାସୀଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ କାର୍ଯ୍ୟ କରୁଥିବା ୭୩ତମ ସ୍ୱାଧୀନତା ଦିବସ ପୂର୍ବ ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି।

ଜମ୍ମୁ-କଶ୍ମୀରରେ ହୋଇଥିବା ପରିବର୍ତ୍ତନ ଏହାର ଜନସାଧାରଣଙ୍କୁ ଅନ୍ୟ ରାଜ୍ୟର ଲୋକମାନଙ୍କ ଭଳି ସମାନ ଅଧିକାର ଓ ସୁବିଧା ସୁଯୋଗ ପ୍ରଦାନ କରିବ। ଅକ୍ଟୋବରରୁ ଜମ୍ମୁ-କଶ୍ମୀର ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହେବାକୁ ଯାଉଛି।

ଯେଉଁ ମହାନ୍ ନେତାମାନେ ଆମକୁ ସ୍ୱାଧୀନତା ଦେଇଗଲେ ସେମାନଙ୍କ ମତରେ ସ୍ୱାଧୀନତାର ଅର୍ଥ କେବଳ ରାଜନୈତିକ କ୍ଷମତାର ହସ୍ତାନ୍ତର ନ ଥିଲା। ରାଷ୍ଟ୍ର ନିର୍ମାଣ ଓ ଯୋଡ଼ିବାର ଦୀର୍ଘ ତଥା ବିଶାଳ ପ୍ରକ୍ରିୟାରେ ଏହାକୁ ଏକ ପାହାଚ ଭାବେ ସେମାନେ ବିବେଚନା କରିଥିଲେ ବୋଲି ରାଷ୍ଟ୍ରପତି କହିଛନ୍ତି। ଏକକାଳୀନ ତିନି ତଲାକ୍ ପ୍ରଥାକୁ ଦଣ୍ଡନୀୟ ଅପରାଧ କରାଯାଇଥିବାରୁ ଏହାଦ୍ୱାରା ଝିଅମାନଙ୍କୁ ନ୍ୟାୟ ମିଳିବ ବୋଲି ରାଷ୍ଟ୍ରପତି ମତ ଦେଇଛନ୍ତି। ସେହିପରି ଦେଶର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା, ଅନଲାଇନ୍ ଟିକସ ସଂଗ୍ରହ ଏବଂ ଯୋଗ୍ୟ ବ୍ୟବସାୟୀମାନଙ୍କୁ




ସହଜରେ ପୁଞ୍ଜି ଉପଲବ୍ଧ କରାଇବା ଭଳି ଆର୍ଥିକ ଭିତ୍ତିଭୂମି ପ୍ରସ୍ତୁତ କରିଛନ୍ତି।

ନିକଟରେ ଶେଷ ହୋଇଥିବା ସଂସଦୀୟ ଅଧିବେଶନ ଉଭୟ ସମୟ ଓ ବିଲ୍ ଗୃହୀତ ହେବା ଦୃଷ୍ଟିରୁ ସବୁଠୁ ଫଳପ୍ରଦ ଅଧିବେଶନ ଥିଲା। ବିଭିନ୍ନ ଦଳର ସଦସ୍ୟମାନଙ୍କ ସହଯୋଗ ଓ ଗଠନମୂଳକ ଆଲୋଚନା ମାଧ୍ୟମରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ ହୋଇପାରିଥିଲା। ଆଗାମୀ ୫ ବର୍ଷ ପାଇଁ ଏହା ଏକ ଭଲ ସୂଚନା ବୋଲି ରାଷ୍ଟ୍ରପତି କହିଛନ୍ତି। ରାଷ୍ଟ୍ର ଓ ସମାଜ, ସରକାର ଓ ନାଗରିକ ପରସ୍ପରକୁ ସହଯୋଗ କରିବା ଆବଶ୍ୟକ। ସପ୍ତଦଶ ଲୋକ ସଭା ପାଇଁ ନିର୍ବାଚନରେ ଭାଗ ନେଇଥିବା ଜନସାଧାରଣଙ୍କୁ ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଛନ୍ତି। ମାନବ ଇତିହାସରେ ଏହା ସର୍ବବୃହତ୍ ଗଣତାନ୍ତ୍ରିକ କାର୍ଯ୍ୟକ୍ରମ ଥିଲା। ଏବେ ଦେଶକୁ ଏକ ନୂଆ ସ୍ତରକୁ ନେଇଯିବା ଲାଗି ଆମକୁ ଏକାଠି କାର୍ଯ୍ୟ କରିବାକୁ ହେବ । ୧୯୪୭ ପୂର୍ବରୁ ସ୍ୱପ୍ନ ଥିଲା ସ୍ୱାଧୀନ ଭାରତ। ବର୍ତ୍ତମାନର ସ୍ୱପ୍ନ ହେଉଛି ବିକାଶକୁ ତ୍ୱରାନ୍ୱିତ କରିବା ତଥା ପ୍ରଭାବଶାଳୀ ଓ ସ୍ୱଚ୍ଛ ପ୍ରଶାସନ। ୧୩୦ କୋଟି ଭାରତୀୟଙ୍କ ଦକ୍ଷତା, ନବୋନ୍ମେଷ, ସୃଜନୀ ଓ ଔଦ୍ୟୋଗିକତାରେ ବିରାଟ ସୁଯୋଗ ଓ ସାମର୍ଥ୍ୟ ରହିଥିବା ରାଷ୍ଟ୍ରପତି କହିଛନ୍ତି।

## ଅଭିନନ୍ଦନଙ୍କୁ ବୀରଚକ୍ର

ନୂଆଦିଲ୍ଲୀ,୧୪।୮(ପି.ଟି.)

ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ସ୍ୱାଧୀନତା ଦିବସରେ ବୀରଚକ୍ର ସମ୍ମାନ ପ୍ରଦାନ କରାଯିବ। ଅଭିନନ୍ଦନ ପାକିସ୍ତାନ ସମ୍ମୁଖରେ ପ୍ରଦର୍ଶନ କରିଥିବା ନିଜର ବୀରତ୍ୱ ପାଇଁ ଏହି ସମ୍ମାନ ପାଇବେ। ଫେବୃୟାରୀ ୨୬ ବାଲାକୋଟ୍ ଏୟାରଷ୍ଟ୍ରାଇକ୍‌ର ଗୋଟିଏ ଦିନ ପରେ ଅଭିନନ୍ଦନ ଚଳାଉଥିବା ମିଗ୍-୨୧କୁ ପାକିସ୍ତାନୀ ବାୟୁସେନା ପକ୍ଷରୁ ଗୁଳିକରି ଖସାଇ ଦିଆଯିବା ପରେ ଅଭିନନ୍ଦନ ଆକାଶଛତା ଯୋଗେ ପାକିସ୍ତାନ ଅଧିକୃତ କଶ୍ମୀରରେ ଓହ୍ଲାଇଥିଲେ। ତାଙ୍କୁ ପାକିସ୍ତାନୀ ସେନା ଧରିନେଇ ଗୋଟିଏ ଦିନ ଅଟକ ରଖିଥିଲେ। ଅଭିନନ୍ଦନଙ୍କ ଜେଟ୍ ଖସାଇଦିଆଯିବା ପୂର୍ବରୁ ସେ ପାକିସ୍ତାନର ଏଫ-୧୬ ବିମାନକୁ ଆକ୍ରମଣ କରି ତଳକୁ ଖସାଇଦେଇଥିଲେ। ଅଭିନନ୍ଦନଙ୍କୁ ମାର୍ଚ୍ଚ ୧ ରାତିରେ ପାକିସ୍ତାନ ଦ୍ୱାରା



ମୁକ୍ତ କରାଯାଇଥିଲା। ୩୬ ବର୍ଷୀୟ ଏହି ବାୟୁସେନା ପାଇଲଟଙ୍କୁ ପାକିସ୍ତାନରେ ଆକ୍ରମଣ କରାଯିବାରୁ ତାଙ୍କ ମୁହଁରେ ସାମାନ୍ୟ ଆଘାତ ଲାଗିଥିଲା। ଅଭିନନ୍ଦନଙ୍କୁ ମେଡିକାଲ ବୋର୍ଡ ସମ୍ପୂର୍ଣ୍ଣ ସୁସ୍ଥ ପ୍ରମାଣପତ୍ର ଦେବା ପରେ ଆସନ୍ତା କିଛି ସପ୍ତାହ ମଧ୍ୟରେ ସେ ମିଗ୍-୨୧ ଲଢୁଆ ଜେଟ୍‌ବିମାନର କକ୍‌ପିଟ୍‌କୁ ପୁଣିଥରେ ଫେରିବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି।

■ ପିଓକେରେ ଇମ୍ରାନ୍: ଭାରତକୁ ପୁଣି ଦେଲେ ଯୁଦ୍ଧ ଧମକ

## ଇଟାର ଜବାବ ପଥରରେ ଦିଆଯିବ

ଇସ୍‌ଲାମାବାଦ, ୧୪।୮(ପି.ଟି./ଆଇଏଏନ୍ଏସ୍)

ଭାରତର ପ୍ରତ୍ୟେକ ଇଟା ମାଡ଼ର ଜବାବ ପଥରରେ ଦିଆଯିବ ବୋଲି ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତିକୁ ନେଇ ବିଚଳିତ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ବୁଧବାର ପୁଣି ଯୁଦ୍ଧ ଧମକ ଦେଇଛନ୍ତି। କଶ୍ମୀର ପ୍ରସଙ୍ଗକୁ ଜାତିସଂଘ ସମେତ ସମସ୍ତ ବିଶ୍ୱ ମଞ୍ଚରେ ଉଠାଯିବ ବୋଲି କହିବା ସହ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନାକୁ ନେଇ ଅନ୍ତର୍ଜାତୀୟ ସମୁଦାୟର ନୀରବତା ଉପରେ ସେ ପ୍ରଶ୍ନ ଉଠାଇଛନ୍ତି।

ପାକିସ୍ତାନର ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ପିଓକେ ରାଜଧାନୀ ମୁଜାଫରାବାଦରେ ବିଧାନସଭାକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେଲେ ସେଥିପାଇଁ ଅନ୍ତର୍ଜାତୀୟ



ସମୁଦାୟ ଦାୟୀ ରହିବ। ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର କରିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ରଣନୈତିକ ଭୁଲ। ମୋଦି ତାଙ୍କର ଶେଷ କାର୍ଡ ଖେଳିଛନ୍ତି। ଏଥିପାଇଁ ମୋଦି ଓ ଭାଜପାକୁ ବହୁମୂଲ୍ୟ ଦେବାକୁ ପଡ଼ିବ। କାରଣ ସେମାନେ କଶ୍ମୀର ପ୍ରସଙ୍ଗର ଆନ୍ତର୍ଜାତିକୀକରଣ କରିଛନ୍ତି। ଏବେ ବିଶ୍ୱର ନଜର କଶ୍ମୀର ଓ ପାକିସ୍ତାନ ଉପରେ ରହିଛି। ତେଣୁ ପ୍ରତ୍ୟେକ ଅନ୍ତର୍ଜାତୀୟ ମଞ୍ଚରେ କଶ୍ମୀରୀଙ୍କ ସ୍ୱର ଉଠାଇବା ପାଇଁ ନିଜେ ଆମ୍ବାସାଡର ହେବାକୁ ଚାହାଁନ୍ତି ବୋଲି ଇମ୍ରାନ୍ କହିଛନ୍ତି। କଶ୍ମୀରରେ କିଛି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଭାରତ ଯୋଜନା କରୁଛି ବୋଲି ପାକିସ୍ତାନ ପାଖରେ ସୂଚନା ରହିଛି। ଭାରତ ପଟୁ ଆକ୍ରମଣ ହେଲେ ପାକିସ୍ତାନୀ ସେନା ତା'ର କଡ଼ା ଜବାବ ଦେବ। ପ୍ରତିଟି ଇଟାର ଜବାବ ପଥରରେ ଦିଆଯିବ। ତୁମେ ଆମକୁ ଶିକ୍ଷା ଦେବାକୁ ଚାହୁଁଥିଲେ କାନଖୋଲି ଶୁଣ, ସମୟ ଆସିଛି ଏବେ ଆମେ ତୁମକୁ ଏକ ଶିକ୍ଷା ଦେବୁ। ଯୁଦ୍ଧ ଏଡ଼ାଇବା ପାଇଁ ଗଠିତ ଅନ୍ତର୍ଜାତୀୟ ସଙ୍ଗଠନଗୁଡ଼ିକ ପାଇଁ ପାକିସ୍ତାନର ସନ୍ଦେଶ ହେଉଛି ଯୁଦ୍ଧ ହେଲେ ସେଥିପାଇଁ ସେଗୁଡ଼ିକ ଦାୟୀ ହେବେ ବୋଲି ଇମ୍ରାନ୍ କହିଛନ୍ତି। ପ୍ରକାଶ ଯେ, ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯିବା ପରେ ଗତ ସପ୍ତାହରେ ଇମ୍ରାନ୍ ଭାରତକୁ ପୁଲଓ୍ୱାମା ଭଳି ଆକ୍ରମଣ ଓ ଯୁଦ୍ଧଭୟ ଦେଖାଇଥିଲେ।

## ପ୍ରକାଶ ଯାଦବଙ୍କୁ କୀର୍ତ୍ତିଚକ୍ର

ନୂଆଦିଲ୍ଲୀ,୧୪।୮(ଆଇଏଏନ୍ଏସ୍): ଦେଶ ପାଇଁ ପ୍ରାଣବଳି ଦେଇଥିବା ଶହୀଦ ଯବାନ ପ୍ରକାଶ ଯାଦବଙ୍କୁ ସ୍ୱାଧୀନତା ଦିବସ ଅବସରରେ ମରଣୋତ୍ତର ଭାବେ ଦେଶର ତୃତୀୟ ସର୍ବୋଚ୍ଚ ସାମରିକ ପୁରସ୍କାର କୀର୍ତ୍ତିଚକ୍ରରେ ସମ୍ମାନିତ କରାଯିବ। ଗତବର୍ଷ ଜମ୍ମୁ-କଶ୍ମୀରର କୁଲଗାମ୍ ଜିଲାରେ ଆତଙ୍କବାଦୀଙ୍କ ସହ ଗୁଳିବିନିମୟ ବେଳେ ସେ ଶହୀଦ ହୋଇଥିଲେ। ତେବେ ମୃତ୍ୟୁ ପୂର୍ବରୁ ସେ ଦୁଇ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲେ। ସ୍ୱାଧୀନତା ଦିବସରେ ୮ ଜଣଙ୍କୁ ଶୌର୍ଯ୍ୟଚକ୍ର ସମ୍ମାନରେ ସମ୍ମାନିତ କରାଯିବ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ମରଣୋତ୍ତର ଭାବେ ଏହି ସମ୍ମାନ ମିଳିବ। ଏହାବ୍ୟତୀତ ପାକିସ୍ତାନର ବାଲାକୋଟରେ ଥିବା ଆତଙ୍କବାଦୀ ଶିବିରକୁ ବୋମାମାଡ଼ରେ ଧ୍ୱଂସ କରିଥିବା ମିରାଜ-୨୦୦୦ ଯୁଦ୍ଧବିମାନର ୫ ପାଇଲଟଙ୍କୁ ବାୟୁସେନା ମେଡାଲରେ ସମ୍ମାନିତ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି।



ସ୍ୱାଧୀନତା ଦିବସ ପୂର୍ବରୁ ପାକିସ୍ତାନ ସଂଲଗ୍ନ ଅଖ୍‌ନୁର୍ ସୀମା ଚେନାବ ନଦୀରେ ବିଏସ୍ଏଫ୍ ଯବାନଙ୍କ ପାଟ୍ରୋଲିଂ।

## ଶାହ ଫୈଜଲ ଗୃହବନ୍ଦୀ

ନୂଆଦିଲ୍ଲୀ/ଶ୍ରୀନଗର, ୧୪।୮(ପି.ଟି./ଆଇଏଏନ୍ଏସ୍)

ରାଜନେତା ସାଜିଥିବା ଜମ୍ମୁ-କଶ୍ମୀରର ପୂର୍ବତନ ଆଇଏଏସ୍ ଅଧିକାରୀ ଶାହ ଫୈଜଲଙ୍କୁ ଦିଲ୍ଲୀ ବିମାନବନ୍ଦରରୁ ଶ୍ରୀନଗର ପଠାଇ ସେଠାରେ ଗୃହବନ୍ଦୀ କରାଯାଇଛି। ଫୈଜଲ ମଙ୍ଗଳବାର ବିଳମ୍ବିତ ରାତିରେ ତୁର୍କୀର ଇସ୍ତାନବୁଲ ଅଭିମୁଖେ ଯାତ୍ରା କରୁଥିବାବେଳେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସାଧାରଣ ନିରାପତ୍ତା ଆଇନ (ପିଏସ୍ଏ) ବଳରେ ତାଙ୍କୁ ଅଟକ ରଖାଯାଇଥିଲା। ପରେ ତାଙ୍କୁ ଅନ୍ୟ ଏକ ବିମାନରେ



**ଦିଲ୍ଲୀ ବିମାନବନ୍ଦରରୁ ଶ୍ରୀନଗର ପଠାଗଲା**

ଶ୍ରୀନଗର ପଠାଇଦିଆଯାଇଛି।

ଏହା ପୂର୍ବରୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି, ଫାରୁକ୍ ଅବ୍‌ଦୁଲ୍ଲା ଓ ଓମାର ଅବ୍‌ଦୁଲ୍ଲାଙ୍କ ସମେତ ଅନେକ ନେତାଙ୍କୁ ଗୃହବନ୍ଦୀ ରଖାଯାଇଛି। କାରଣ ଜମ୍ମୁ-କଶ୍ମୀର ଉପରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନେଇ ଏମାନେ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇ ଉପତ୍ୟକାରେ ହିଂସାର ସୂତ୍ରପାତ କରିପାରନ୍ତି ବୋଲି ଆଶଙ୍କା କରାଯାଉଛି। ପ୍ରକାଶ ଯେ, ଶାହ ଫୈଜଲ ଗତ ଜାନୁୟାରୀରେ ଆଇଏଏସ୍ ଚାକିରି ଛାଡ଼ି ଜମ୍ମୁ-କଶ୍ମୀର ପିପୁଲ୍ସ ମୁଭ୍‌ମେଣ୍ଟ (ଜେକେପିଏମ୍) ନାମରେ ଏକ ରାଜନୈତିକ ଦଳ ଗଢ଼ିଥିଲେ। ଅନୁଚ୍ଛେଦ ୩୭୦ ହଟାଯିବା ପରେ ସେ ସୋସିଆଲ ମିଡିଆରେ କେନ୍ଦ୍ର ବିରୋଧୀ ପୋଷ୍ଟିଂ କରିଆସୁଥିଲେ।

### ଇତିହାସର ଆଇନାରେ

### ଅଗଷ୍ଟ ୧୫ର ପ୍ରମୁଖ ଘଟଣା

୧ ୯୬୦ ଅଗଷ୍ଟ ୧୫ରେ ରିପବ୍ଲିକ୍ ଅଫ୍ କଙ୍ଗୋ ଫ୍ରାନ୍ସଠାରୁ ସ୍ୱାଧୀନତା ଲାଭ କରିଥିଲା। ରିପବ୍ଲିକ୍ ଅଫ୍ କଙ୍ଗୋକୁ ସଂକ୍ଷେପରେ କଙ୍ଗୋ କୁହାଯାଏ।

୨ ୦୦୫ ଅଗଷ୍ଟ ୧୫ରେ ଫ୍ରି ଆକେ ମୁଭମେଣ୍ଟ ଏବଂ ଇଣ୍ଡୋନେସିଆ ସରକାର ମଧ୍ୟରେ ହେଲ୍‌ସିଙ୍କି ଚୁକ୍ତି ସ୍ୱାକ୍ଷରିତ ହେବାପରେ ଦୀର୍ଘ ୩ ଦଶନ୍ଧିର ସଂଗ୍ରାମର ଅନ୍ତ ଘଟିଥିଲା।

## ମାଲେସିଆରୁ ଜାକିରଙ୍କ ବହିଷ୍କାର ଦାବି

କୁଆଲାଲମ୍ପୁର,୧୪।୮

ଭାରତୀୟ ଇସ୍‌ଲାମୀୟ ଧର୍ମଗୁରୁ ଜାକିର ନାଏକଙ୍କୁ ମାଲେସିଆରୁ ବହିଷ୍କାର କରିବା ଲାଗି ୩ ଜଣ ମନ୍ତ୍ରୀ ଦାବି କରିଛନ୍ତି। ୩ ବର୍ଷ ହେଲା ମାଲେସିଆରେ ରହୁଥିବା ଜାକିରଙ୍କ ବିରୋଧରେ ଭାରତରେ ମନିଲଣ୍ଡରିଂ ଏବଂ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେବା ନେଇ ମାମଲାର ବିଚାର ଚାଲିଛି। ଭାରତରେ ଥିବା ସଂଖ୍ୟାଲଘୁ ମୁସଲମାନଙ୍କ ତୁଳନାରେ




ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରରେ ରହୁଥିବା ହିନ୍ଦୁମାନଙ୍କର ୧୦୦ ଗୁଣ ଅଧିକ ଅଧିକାର ଥିବା କହି ସେ ପୁଣି ବିବାଦ ଘେରକୁ ଆସିଛନ୍ତି। ଜାକିର ମୁସଲମାନ ଓ ଅଣମୁସଲମାନମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ଲକ୍ଷ୍ୟରେ ଏଭଳି କହୁଥିବା ଅଭିଯୋଗ ହୋଇଛି। ମନ୍ତ୍ରୀ ଗୋବିନ୍ଦ ସିଂ ଦେଓ, ଏମ୍. କୁଲଶେଗରନ, ଜାଭିଏର ଜୟକୁମାର ଜାକିରଙ୍କ ବହିଷ୍କାର ଲାଗି ପ୍ରଧାନମନ୍ତ୍ରୀ ମହାଥିର୍ ମହମ୍ମଦଙ୍କୁ ଅନୁରୋଧ କରିଛନ୍ତି।

## ଚନ୍ଦ୍ରର ପ୍ରକ୍ଷେପ ପଥରେ ଚନ୍ଦ୍ରୟାନ-୨

ଚେନ୍ନାଇ,୧୪।୮(ଆଇଏଏନ୍ଏସ୍)

ଭାରତର ଦ୍ୱିତୀୟ ମୁନ୍ ମିଶନ୍ ଚନ୍ଦ୍ରୟାନ-୨ ବୁଧବାର ସଫଳତାର ସହିତ ଚନ୍ଦ୍ରର ପ୍ରକ୍ଷେପ ପଥ(ଲୁନାର ଟ୍ରାନ୍ସଫର ଟ୍ରାଜେକ୍ଟୋରି)ରେ ପ୍ରବେଶ କରିଥିବା ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ରାତି ୨ଟା ୨୧ରେ ୧୨୦୩ ସେକେଣ୍ଡ ପାଇଁ ସ୍ପେସ୍‌କ୍ରାଫ୍ଟର ମୋଟରକୁ ଫାଏରିଂ କରାଯିବା ପରେ ଚନ୍ଦ୍ରୟାନ-୨ ଲୁନାର ଟ୍ରାନ୍ସଫର ଟ୍ରାଜେକ୍ଟୋରି ମଧ୍ୟକୁ



ପ୍ରବେଶ କରିଥିଲା। ଉକ୍ତ ସ୍ପେସ୍‌କ୍ରାଫ୍ଟର ଗତିଶୀଳତା ଉପରେ ନିରନ୍ତର ନଜର ରଖାଯିବା ସହିତ ଏହାର ଗତିବିଧି ନିୟନ୍ତ୍ରଣ କରାଯାଉଛି। ଜୁଲାଇ ୨୨ରେ ଜିଏସ୍ଏଲ୍‌ଭି ମେକ୍-୩-ଏମ୍୧ ରକେଟ ଦ୍ୱାରା ଚନ୍ଦ୍ରୟାନ-୨କୁ ଲଞ୍ଚ୍ କରାଯିବା ପରଠାରୁ ଏଥିରେ ଥିବା ସମସ୍ତ ଯନ୍ତ୍ରାଂଶ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି। ସେପ୍ଟେମ୍ବର ୭ରେ ଏହା ଚନ୍ଦ୍ରର ଦକ୍ଷିଣ ମେରୁରେ ଧୀରେ ଧୀରେ ଅବତରଣ କରିବ ବୋଲି ଇସ୍ରୋ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଛି।

# ନାଲିବତି ପରେ 'ଗାର୍ଡ ଅଫ୍ ଅନର' କଟକଣା

- ବାଦ୍ ପଡ଼ିବେ ନେତା, ମନ୍ତ୍ରୀ, ସରକାରୀ ଅଧିକାରୀ
- ସାଧାରଣତନ୍ତ୍ର, ସ୍ୱାଧୀନତା ଓ ଓଡ଼ିଶା ଦିବସରେ କେବଳ ମୁଖ୍ୟ ଅତିଥିଙ୍କୁ ଦିଆଯିବ

**ଭୁବନେଶ୍ୱର,୧୪।୮(ବ୍ୟୁରୋ):** ଗାଡ଼ିରେ 'ନାଲିବତି' କଟକଣା ପରେ ରାଜନେତା, ଭିଆଇପି ଓ ଭିଭିଆଇପିଙ୍କୁ ଦିଆଯାଉଥିବା 'ଗାର୍ଡ ଅଫ୍ ଅନର୍' ବ୍ୟବସ୍ଥାରେ ଲାଗିଲା ରୋକ୍। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ସରକାରୀ ପଦାଧିକାରୀମାନଙ୍କୁ ଆଉ ଦିଆଯିବନି 'ହାଉସ୍ ଗାର୍ଡ' ତଥା 'ଗାର୍ଡ ଅଫ୍ ଅନର୍'। ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଅଗଷ୍ଟ ୧୪ ବୁଧବାରଠାରୁ ଏହି ବ୍ୟବସ୍ଥାକୁ ଉଚ୍ଛେଦ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏଣିକି କେବଳ ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ ଏବଂ ଓଡ଼ିଶା ଦିବସ ପାଳନ ଅବସରରେ ନିମନ୍ତ୍ରିତ ମୁଖ୍ୟ ଅତିଥିଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯାଇପାରିବ ବୋଲି ବୁଧବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। କିନ୍ତୁ ପୂର୍ବଭଳି କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ଲୋକାଯୁକ୍ତ, ସୁପ୍ରିମକୋର୍ଟ ଓ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଅନ୍ୟ ବିଚାରପତିଙ୍କ କ୍ଷେତ୍ରରେ ଏହା ପୂର୍ବଭଳି କାର୍ଯ୍ୟକାରୀ ହେବ। ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ସରକାରୀ ଗାଡ଼ିରୁ ନାଲିବତି ଉଠାଇ ଚର୍ଚ୍ଚାକୁ ଆସିଥିଲେ।




## 'ମାନ୍ୟବର' ଆଖ୍ୟା ପାଇବେ ସ୍ୱାଧୀନତା ସଂଗ୍ରାମୀ

**ଭୁବନେଶ୍ୱର,୧୪।୮(ବ୍ୟୁରୋ)**

ଦେଶକୁ ସ୍ୱାଧୀନତା ଦେବାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମହାନ୍ ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାର ସେମାନଙ୍କୁ 'ମାନ୍ୟବର' ଆଖ୍ୟା ପ୍ରଦାନ କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସଭା ସମିତିରେ ସମ୍ବୋଧନ କରିବା ସମୟରେ ଏଣିକି 'ମାନ୍ୟବର' ଭାବେ ସମ୍ବୋଧନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉଚ୍ଚ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିବିଶେଷ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ହିଁ କେବଳ 'ମାନ୍ୟବର' ସମ୍ବୋଧନ କରାଯିବ ବୋଲି ବୁଧବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଆଜି ଖାରବେଳ ଭବନ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୮(ବ୍ୟୁରୋ)**

ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାୱାର ହାଉସ ଛକଠାରେ ନବନିର୍ମିତ ଖାରବେଳ ଭବନର ଉଦ୍‌ଘାଟନ କରିବେ। ଏହା ଦ୍ୱିତୀୟ ଲୋକସେବା ଭବନ ଭାବେ କାର୍ଯ୍ୟ କରିବ। ଉଦ୍‌ଘାଟନର ସପ୍ତାହେ ମଧ୍ୟରେ ସରକାରଙ୍କ ୧୧ଟି ବିଭାଗ ସମ୍ପୂର୍ଣ୍ଣ ଖାରବେଳ ଭବନକୁ ଉଠି ଆସିବ ବୋଲି ସୂଚନା ମିଳିଛି। ୯ ମହଲା ବିଶିଷ୍ଟ ଏହି କୋଠାର ୮ ମହଲା ପର୍ଯ୍ୟନ୍ତ କାମ ଶେଷ ହୋଇଛି। ଅଷ୍ଟମ ମହଲାରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ରକୋଷ୍ଠ ନିର୍ମାଣ କରାଯାଇଛି।






**କିଛି ତଥ୍ୟ**
ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ସାରା ଦେଶରେ ୩.୪ ନିୟୁତ ୟୁନିଟ ପର୍ସନାଲ କମ୍ପ୍ୟୁଟର ବିକ୍ରି ହୋଇଛି।
– ଆଇଡିସି



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆଦି
ପରିବାରବର୍ଗ


ଅଂଶୁମାନ
ପରିବାରବର୍ଗ


ଭାରତ
ପରିବାରବର୍ଗ


ଗୁଗୁଲ୍
ପରିବାରବର୍ଗ


ଫୁଲମଣି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ‘ପେହଲୁ ଖାନ୍ ମରିନାହାନ୍ତି’

**ଜୟପୁର,୧୪।୮**

ଗୋରୁ ବ୍ୟବସାୟୀ ପେହଲୁ ଖାନ୍‌ଙ୍କୁ ଦୁଇବର୍ଷ ତଳେ କେହି ମାରିନାହାନ୍ତି। ଅର୍ଥାତ ସେ ମରିନାହାନ୍ତି। ରାଜସ୍ଥାନର ଏହି ବହୁଚର୍ଚ୍ଚିତ ଭିଡ଼ହିଂସା ମାମଲାରେ ଅଲୱର କୋର୍ଟ ବୁଧବାର ପ୍ରମାଣ ଅଭାବରୁ ସମସ୍ତ ୬ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ଘୋଷଣା କରିବା ପରେ ଏହା ମନେହେଉଛି। ଅଦାଲତଙ୍କ ରାୟ ପରେ ସୋସିଆଲ ମିଡିଆରେ ୟୁଜର୍ସ ଏଭଳି ଦୋଷମୁକ୍ତ କରିଦେଇଛନ୍ତି। ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାୟକୁ ଉଚ୍ଚତର କୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଯୋଗେନ୍ଦ୍ର ଖଟାନା କହିଛନ୍ତି।

ପ୍ରକାଶ ଯେ, ବେହରାର ପୋଲିସ ମାମଲାର ତଦନ୍ତ କରି ପେହଲୁ ହତ୍ୟା ଓ ବେଆଇନ ଗୋରୁ ପରିବହନ ନେଇ ୭ଟି ମାମଲା ରୁଜୁ କରିଥିଲା। ଭିଡ଼ହିଂସା



**ଭିଡ଼ହିଂସା ମାମଲାରେ ସମସ୍ତ ୬ ଅଭିଯୁକ୍ତ ଦୋଷମୁକ୍ତ**

ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

୨୦୧୭ ଏପ୍ରିଲ ୧ରେ ହରିୟାଣାର ନୁହ ଜିଲା ନିବାସୀ ପେହଲୁ (୫୫) ରାଜସ୍ଥାନ ରାଜଧାନୀ ଜୟପୁରରୁ ଦୁଇଟି ଗାଈ କିଣି ନିଜ ଘରକୁ ନେଉଥିଲେ। ଦୁଇପୁଅ ଓ ଅନ୍ୟ କେତେଜଣ ବ୍ୟକ୍ତି ତାଙ୍କ ସହ ଥିଲେ। ସେମାନେ ସନ୍ଧ୍ୟା ୭ଟାରେ ବହରୋଡ୍ ପୋଲ ଦେଇ ଅତିକ୍ରମ କରୁଥିବାବେଳେ କେତେଜଣ ଲୋକ ସେମାନଙ୍କ ଗାଡ଼ିକୁ ଅଟକାଇ ଅତର୍କିତ ଆକ୍ରମଣ କରିଥିଲେ। ସେମାନଙ୍କଠାରୁ ମାଡ଼ ଖାଇ ଲହୁଲୁହାଣ ହେବା ପରେ ଏକ ହସ୍ପିଟାଲରେ ଚିକିତ୍ସାଧୀନ ପେହଲୁ ୩ ତାରିଖରେ ଆଖିବୁଜି ଦେଇଥିଲେ। ଅଲୱର ଜିଲା ଅତିରିକ୍ତ ଜଜ୍ ସରିତା ସ୍ୱାମୀ ଏହି ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ଅଭିଯୁକ୍ତମାନଙ୍କୁ ମାମଲାରେ ବିପିନ, ରବୀନ୍ଦ୍ର, କାଲୁରାମ, ଦୟାନନ୍ଦ ଏବଂ ଯୋଗେଶ କୁମାରଙ୍କ ବିରୋଧରେ ଚାର୍ଜଶିଟ୍ ହୋଇଥିଲା। ପରେ ଗୋଲିୟା ଏବଂ ଭୀମ ରାଠିଙ୍କ ବିରୋଧରେ ଅତିରିକ୍ତ ଚାର୍ଜଶିଟ ଦାଖଲ କରାଯାଇଥିଲା। ପେହଲୁଙ୍କ ଦୁଇ ପୁଅଙ୍କ ସମେତ ୪୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଦୁଇବର୍ଷ ଧରି ଏହି ମାମଲାର ବିଚାର ଚାଲିବା ପରେ ଗତ ୭ ତାରିଖରେ ଅଦାଲତ ଏହାର ରାୟ ସଂରକ୍ଷିତ ରଖିଥିଲେ। ବୁଧବାର ଏହି ରାୟ ଆସିଛି। ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ ପ୍ରମାଣ ଯୋଗାଡ଼ କରି ପାରିନାହିଁ ଅଥବା ସେମାନଙ୍କୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପାଇଁ ଜାଣିଶୁଣି ପ୍ରମାଣଗୁଡ଼ିକୁ ନଷ୍ଟ କରିଦିଆଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

**ପ୍ରଥମ ପୃଷ୍ଠାରୁ...**

## ଆଦିତ୍ୟ ପ୍ରସାଦ ପାଢ଼ୀ ...

ଅନୁମୋଦନ ମିଳିବାକୁ ବାକି ରହିଛି। ଇଚ୍ଛାକୃତ ଅବସର ଆବେଦନର ୯୦ ଦିନ ମଧ୍ୟରେ ଅନୁମୋଦନ ମିଳିବାର ନିୟମ ରହିଛି। ହେଲେ ଚଳିତ ମାସ ୧୯ ପୂର୍ବରୁ ତାଙ୍କ ଅବସର ଆବେଦନକୁ ମଞ୍ଜୁର କରିବା ପାଇଁ ଆଦିତ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଯଦି ତାଙ୍କ ଆବେଦନକୁ ମଞ୍ଜୁରୀ ମିଳିଯାଏ, ତେବେ ୧୯ ତାରିଖରେ ହିଁ ସେ ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।

ଆଦିତ୍ୟଙ୍କ କାର୍ଯ୍ୟକାଳ ଆସନ୍ତାବର୍ଷ ଫେବୃୟାରୀରେ ଶେଷ ହେଉଥିଲା। ଏହାର ୬ ମାସ ପୂର୍ବରୁ ସେ ଏହି ଦାୟିତ୍ୱ ସହ ଚାକିରିରୁ ଅବସର ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଆଦିତ୍ୟ ୨୦୧୫ ନଭେମ୍ବର ୩୦ରୁ ଏଯାବତ୍ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ତୁଲାଇ ଆସୁଛନ୍ତି। ତାଙ୍କ ନୂଆ ନିଯୁକ୍ତି ପରେ ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ କିଏ ହେବେ, ସେ ନେଇ ଚର୍ଚ୍ଚା ଜାରି ରହିଛି। ସାଧାରଣ ପ୍ରଶାସନ(ଜିଏ) ବିଭାଗ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ୧୯୮୩ରୁ ୧୯୮୮ ବ୍ୟାଚ୍ ଆଇଏଏସ୍ ଅଫିସର ମଧ୍ୟରୁ ଜଣେ ହିଁ ରାଜ୍ୟ ପ୍ରଶାସନିକ ଶୀର୍ଷ ସ୍ଥାନରେ ନିଯୁକ୍ତି ପାଇବେ। ତେଣୁ ବରିଷ୍ଠତା ଦୃଷ୍ଟିରୁ ଆଦିତ୍ୟଙ୍କ ପରେ ୧୯୮୫ ବ୍ୟାଚ୍‌ର ଅଧିକାରୀ ତଥା କୃଷି ଉତ୍ପାଦନ କମିଶନର(ଏପିସି) ଡ. ଗଗନ କୁମାର ଧଳଙ୍କ ନାଁ ଆସୁଛି। ହେଲେ ଧଳ ସରକାରୀ ଚାକିରିରୁ ଅବ୍ୟାହତି ନେବା ପାଇଁ ଆବେଦନ କରିସାରିଛନ୍ତି। ତାଙ୍କ ପରେ ଆଉ ଏକ ନାମ ଚର୍ଚ୍ଚାକୁ ଆସିଛି। ସେ ହେଲେ ୧୯୮୬ ବ୍ୟାଚ୍‌ର ଅଧିକାରୀ ଅସିତ୍ କୁମାର ତ୍ରିପାଠୀ। ଅସିତ୍ ବର୍ତ୍ତମାନ ଉନ୍ନୟନ କମିଶନର, କେବିକେ ପ୍ରଶାସକ ଓ ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗର ମୁଖ୍ୟ ଶାସନ ସଚିବ ଅଛନ୍ତି। ସେ ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏତଦ୍‌ବ୍ୟତୀତ ଏହି ପଦବୀ ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ପାହ୍ୟାର ଅଫିସର ସୁରେଶ କୁମାର ମହାପାତ୍ର ଓ ଜି.ଭି.ଭି. ଶର୍ମା(୧୯୮୬), ରାଜକୁମାର ଶର୍ମା(୧୯୮୭) ଏବଂ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ନାଁ ବିଚାରକୁ ଆସିପାରେ ବୋଲି କୁହାଯାଉଛି। ମୁଖ୍ୟ ଶାସନ ସଚିବ ନିଯୁକ୍ତି ପରେ ରାଜ୍ୟ ଶୀର୍ଷ ପ୍ରଶାସନରେ ଅନେକ ବିଭାଗରେ ମଧ୍ୟ ଅଦଳ ବଦଳ ହେବା ସମ୍ଭାବନା ରହିଛି।

## ଚିଲିକାକୁ...

ଏନେଇ ମୁଖ୍ୟ ସଚିବଙ୍କୁ ମଧ୍ୟ ଅବଗତ କରାଯାଇଛି।

ମାଲେସିଆରୁ ସାମଗ୍ରୀ ନେଇ ଆସିଥିବା ‘ଟଗ୍ ଜିନ୍ ହ୍‌ୱା ୩୨’ ଜାହାଜ ବାଂଲାଦେଶରେ ମାଲ୍ ଖାଲିକରି ବିଶାଖାପାଟଣା ଅଭିମୁଖେ ଯାତ୍ରା କରୁଥିଲା। ହେଲେ ବଙ୍ଗୋପସାଗରରେ ଏକ ସାମୁଦ୍ରିକ ଝଡ଼ର ସମ୍ମୁଖୀନ ହେବା ଫଳରେ ଜାହାଜଟି ଅଚଳ ହୋଇପଡ଼ିଥିଲା। ଫଳରେ ଉକ୍ତ ଜାହାଜଟି ଭାସି ଆସି ଗତ ୮ ତାରିଖରେ ଚିଲିକା ମୁହାଣର ରାଜହଂସ ନିକଟରେ ଲାଗିଥିଲା। ଏଥିରେ ମୋଟ ୧୦ଜଣ କର୍ମଚାରୀ ଥିବାବେଳେ ସେମାନଙ୍କ ମଧ୍ୟରେ ମ୍ୟାନ୍‌ମାର୍‌ର ୭ଜଣ, ମାଲେସିଆର ଦୁଇଜଣ ଏବଂ ଜଣେ ଭାରତୀୟ ଥିବା ଜଣାପଡ଼ିଛି। ନିକଟସ୍ଥ ଗ୍ରାମବାସୀ ଘଟଣା ସମ୍ପର୍କରେ କୋଷ୍ଟଗାର୍ଡ ଏବଂ ନୌସେନାକୁ ଅବଗତ କରିବା ସହ ଜାହାଜରେ ଫସିଥିବା କର୍ମଚାରୀଙ୍କୁ ଉଦ୍ଧାର କରିବାରେ ସାହାଯ୍ୟ କରିଥିଲେ। ଗତ ରବିବାର ସିଙ୍ଗାପୁରରୁ ଏକ ବିଶେଷଜ୍ଞ ଟିମ୍ ଆସି ଜାହାଜର ମରାମତି କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ସଜଡ଼ା ହୋଇପାରିନାହିଁ।

# ଶ୍ରୀଧର ପାତ୍ର ହେବେ ନାଲ୍‌କୋର ନୂଆ ସିଏମ୍‌ଡି

**ଭୁବନେଶ୍ୱର, ୧୪।୮(ବ୍ୟୁରୋ)**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ)ର ନୂଆ ସିଏମ୍‌ଡି ଭାବେ ଶ୍ରୀଧର ପାତ୍ରଙ୍କ ନାମ ଚୟନ କରାଯାଇଛି। କାର୍ମିକ ଏବଂ ତାଲିମ ବିଭାଗର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଚୟନ ବୋର୍ଡ (ପିଇଏସ୍‌ବି) ପକ୍ଷରୁ ନିକଟରେ ହୋଇଥିବା ସାକ୍ଷାତକାରରେ ୪ ଜଣଙ୍କ ମଧ୍ୟରୁ ଶ୍ରୀଧର ପାତ୍ରଙ୍କୁ ସିଏମ୍‌ଡି ପଦବୀ ଲାଗି ବଛାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ନିଯୁକ୍ତି କମିଟି ପାତ୍ରଙ୍କ ନିଯୁକ୍ତିକୁ ଚୂଡାନ୍ତ ମଞ୍ଜୁରୀ ପ୍ରଦାନ କରିବ। ବର୍ତ୍ତମାନ ନାଲ୍‌କୋ ସିଏମ୍‌ଡି ଭାବେ କାର୍ଯ୍ୟରତ ତପନ ଚାନ୍ଦ ୨୦୧୫ରେ କମ୍ପାନୀର ଦାୟିତ୍ୱ ଗ୍ରହଣ କରିଥିଲେ।



ସେ ଚଳିତ ବର୍ଷ ନଭେମ୍ବର ଯାଏ କମ୍ପାନୀର ଅଧ୍ୟକ୍ଷ ପଦବୀରେ ରହିବେ। ସେହିଭଳି ଶ୍ରୀଧର ପାତ୍ର ବର୍ତ୍ତମାନ ନାଲକୋର ବିତ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ। ଗତ ବର୍ଷ ସେପ୍ଟେମ୍ବରରେ ସେ କମ୍ପାନୀରେ ଯୋଗ ଦେଇଥିଲେ। ତାଙ୍କ ନେତୃତ୍ୱରେ କମ୍ପାନୀ ଲାଭ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ କମ୍ପାନୀର ଲାଭ ୨୯% ବୃଦ୍ଧି ଘଟି ୧୭୩୨ କୋଟି ଟଙ୍କା ରହିଛି। ଯାହା ୧୦ ବର୍ଷ ମଧ୍ୟରେ ସର୍ବାଧିକ। ସେ ଓଡ଼ିଶା ମାଇନିଂ କର୍ପୋରେଶନ ଲିମିଟେଡ, ଇଣ୍ଡିଆନ ରେୟାର ଆର୍ଥସ ଲିମିଟେଡ ଏବଂ ଓଏନ୍‌ଜିସିର ସହଯୋଗୀ କମ୍ପାନୀ ମାଙ୍ଗାଲୋର ରିଫାଇନେରି ଆଣ୍ଡ ପେଟ୍ରୋକେମିକାଲ୍ସ ଭଳି କମ୍ପାନୀରେ କାର୍ଯ୍ୟ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକୋତ୍ତର, ବିଦ୍ୟାସାଗର ୟୁନିଭର୍ସିଟିରୁ ସେ ଏମ୍‌ବିଏ ଡିଗ୍ରୀ ହାସଲ କରିଛନ୍ତି। ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡର କମର୍ସିଆଲ ଡାଇରେକ୍ଟର ସୋମା ମଣ୍ଡଳ, ମେକନ ଲିମିଟେଡ ସିଏମ୍‌ଡି ଅତୁଲ ଭଟ୍ଟ, ନର୍ଥ ଇଷ୍ଟର୍ନ ଇଲେକ୍ଟ୍ରିକ ପାୱାର କର୍ପୋରେଶନର ବିତ୍ତ ନିର୍ଦ୍ଦେଶକ ଏମ.ଶିବ ସନମୁଗନାଥନ ଏହି ପଦବୀ ଲାଗି ସାକ୍ଷାତକାର ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଦଶମ ସ୍ଥାନରେ ଚନ୍ଦ୍ର ହେତୁ ଦକ୍ଷତାଭିତ୍ତିକ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଘରେ ପିଲାମାନଙ୍କ ଦାବି ମୁତାବକ ଜିନିଷ ନ ଆଣିପାରିବା କାରଣରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହୋଇପାରନ୍ତି। ଶାରୀରିକ ସୁସ୍ଥତା ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

**ବୃଷ**
ଭାଗ୍ୟ ସ୍ଥାନକୁ ଚାରୋଟି ଗ୍ରହଙ୍କ ପ୍ରଭାବ ସୌଭାଗ୍ୟପ୍ରଦ ହେତୁ ଉଚ୍ଚସମ୍ମାନ ପାଇବାର ଯୋଗ ରହିଛି। ମୃଗଶିରା ନକ୍ଷତ୍ରର ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଜନିତ ଟେନସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢ଼ାଇ ଦେବ। ବନ୍ଧୁଙ୍କ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ।

**ମିଥୁନ**
ଆଜିର ଚନ୍ଦ୍ର ପାପଗ୍ରହ ମଧ୍ୟସ୍ଥ ଯୋଗୁ ମାନସିକ ଅସ୍ଥିରତା ମଧ୍ୟରେ ସମୟ କଟାଇବେ। ଯାତ୍ରାରେ,ବିବାଦୀୟ ପରିସ୍ଥିତିରେ,ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ହେୟ ମନେ କରିବା ଠିକ୍ ହେବନି। କଳା, ସାହିତ୍ୟ, ସାମ୍ବାଦିକତା,ଏଜେନ୍ସିପ୍ ଓ କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ଥିବା ସମସ୍ୟା ସମାଧାନ ହୋଇଯିବ।

**କର୍କଟ**
ଚନ୍ଦ୍ରଙ୍କ ଏକାଧିକ ଗ୍ରହଙ୍କ ଦୃଷ୍ଟି ସାମଗ୍ରିକ କାର୍ଯ୍ୟର ସହାୟକ ଭଳି କାମ କରିବ। ଘରୋଇ କାମ ହେଉ ଅଥବା କର୍ମକ୍ଷେତ୍ର ହେଉନା କାହିଁକି ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ସିଂହ**
ରାଶିରେ ରାଜଯୋଗ କାରକ ମଙ୍ଗଳଙ୍କ ଅବସ୍ଥିତିରୁ ନୂତନ କର୍ମାରମ୍ଭ, ଜମିଜମା, ଯାନବାହନ, ଭାଇବନ୍ଧୁଙ୍କ ସହ ସୁସମ୍ପର୍କ ସ୍ଥାପନ ଦିଗରେ ସହାୟକ ହେବ। ଫଳରେ ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କର୍ମକ୍ଷେତ୍ରରେ ଏକା ସଙ୍ଗରେ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇ ପାରନ୍ତି।

**କନ୍ୟା**
ଚନ୍ଦ୍ର କେନ୍ଦ୍ରରେ କର୍ମାଧିପତି ଅଭିଳଷିତ କାମକୁ ତ୍ୱରାନ୍ୱିତ କରାଇବ। ବହୁତ ଦିନରୁ ଟଙ୍କା ବାକି ରଖିଥିବା ଲୋକଟି ଆପଣଙ୍କୁ ଖୋଜି ଖୋଜି ଶେଷରେ ଘରେ ଆସି ଟଙ୍କା ଦେଇଯିବାର ସୂଚନା ରହିଛି। ଅଧସ୍ତନ କର୍ମଚାରୀଙ୍କ ଭୁଲ୍ କାମରୁ ଅଫିସରେ ସମସ୍ୟାରେ ପଡ଼ିପାରନ୍ତି। ଗାଡ଼ି ମରାମତି, ଆନୁଷ୍ଠାନିକ କାମରେ ମନୋନିବେଶ କରିପାରନ୍ତି।

**ତୁଳା**
ଚନ୍ଦ୍ରଙ୍କ ଶୁଭ ଦୃଷ୍ଟିରୁ କାମ ଅଟକିବ ନାହିଁ ସିନା ସମସ୍ୟା ଜନିତ ମନସ୍ତାପରୁ ମୁକ୍ତି ମିଳି ନ ପାରେ। ମନ ଅସ୍ଥିର ରହିବା କାରଣରୁ ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବିଛା**
ରାଶିରେ ଗୌରବର ପ୍ରତୀକାତ୍ମକ ଗୁରୁ ଭାଗ୍ୟାଧିପତିଙ୍କ ଏକାଦଶସ୍ଥ ଯୋଗୁ ଉଚ୍ଚସମ୍ମାନ ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ କରାଇବ। ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାର କରଜ କରି ଆବଶ୍ୟକତା ଚଳାଇ ନେବାକୁ ବାଧ ହେବେ। କ୍ରୀଡା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ।

**ଧନୁ**
ପାପଗ୍ରହ ପ୍ରଭାବରୁ ମନରେ ବିଷର୍ଣ୍ଣତା ଭରି ରହିଥିଲେ ମଧ୍ୟ ଆର୍ଥିକ ଉନ୍ନତି ଏବଂ ବନ୍ଧୁଙ୍କ ଆଦରବୋଳା କଥାରୁ ଆନନ୍ଦ ଅନୁଭବ କରିବେ। ପୂର୍ବାହ୍ନରେ ଆଶା କରିଥିବା ଜିନିଷ ଅବଶ୍ୟ ପାଇବେ, କିନ୍ତୁ ଅପରାହ୍ନରେ ବନ୍ଧୁଙ୍କ ବ୍ୟବହାର ମନରେ ଆଘାତ ଦେଇପାରେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ବେଶ୍ ଖୁସି ରହିବେ।

**ମକର**
ସପ୍ତମସ୍ଥ କର୍ମାଧିପ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପାଇଁ ବହୁତ ଶୁଭପ୍ରଦ ହେବ। କିନ୍ତୁ କୌଣସି ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରତିକୂଳତା ସୃଷ୍ଟି ହେବାର ଆଶଙ୍କା ରହିବ। ସହକର୍ମୀମାନଙ୍କ ସହୃଦୟତାରୁ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ପ୍ରକାଶନ, ସାହିତ୍ୟ ଚର୍ଚ୍ଚା ଓ ପ୍ରଶାସନିକ ସଫଳତା ଅବଶ୍ୟ ପାଇବେ।

**କୁମ୍ଭ**
ଷଷ୍ଠାଧିପ ସ୍ୱଭାବକୁ ଦେଖୁଥିବାରୁ ପୁରାତନ ରୋଗପୀଡ଼ା, ପୂର୍ବଶତ୍ରୁତା ଓ ଋଣ ପରିଶୋଧ ଜନିତ ଦୁଶ୍ଚିନ୍ତା ଲାଗିରହିବ। ଆଜି ଦିନ ଭିତରେ ଆପଣ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସବୁ କାମ ଘାତପ୍ରତିଘାତ ମଧ୍ୟ ଦେଇ ସମ୍ପନ୍ନ ହେବାର ସୂଚନା ରହିଛି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମୀନ**
କୃତି ଓ କୃତିତ୍ୱ କାରଣରୁ ଚନ୍ଦ୍ର ଓ ବୃହସ୍ପତିଙ୍କ ଶୁଭ ସଂସ୍ଥାନରୁ ସମ୍ବର୍ଦ୍ଧିତ ହେବାସହ ପୁରସ୍କୃତ ହେବାର ସୂଚନା ରହିଛି। ମଙ୍ଗଳଙ୍କ ଦୁର୍ବଳଜନିତ ଆର୍ଥିକ ସମସ୍ୟା ସାମୟିକ ଭାବରେ ମନକୁ ଭାରାକ୍ରାନ୍ତ କରିବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଙ୍ଗଠନ, ଲେଖାପଢ଼ାରେ କିଛିଟା ସାମୟିକ ସମସ୍ୟା ଲାଗି ରହିପାରେ।

ଆଜି ଆମ ସ୍ୱାଧୀନ ଭାରତର ୭୩ ତମ ସ୍ୱାଧୀନତା ଦିବସ, ଅଗଷ୍ଟ ୧୫ ତାରିଖ, ଗୁରୁବାର, ବିଶ୍ୱ ସଂସ୍କୃତି ଦିବସ, ଗହ୍ମାପୂର୍ଣ୍ଣିମା, ବଳଭଦ୍ର ଜନ୍ମ, ହୟଗ୍ରୀବୋତ୍ପତି, ଶ୍ରୀଅରବିନ୍ଦଙ୍କ ଜୟନ୍ତୀ, ସଦ୍‌ଗୁରୁ ନିଗମାନନ୍ଦ ଓ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ସକାଳ ଘ୮ ।୪୦ମି. ପର୍ଯ୍ୟନ୍ତ ଶ୍ରବଣା/ମକର, ତା’ପରେ ଧନିଷ୍ଠା ନକ୍ଷତ୍ର, ପୂର୍ଣ୍ଣମାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ୧୧ ।୦୭ମି. ଗତେ ଘ୧୨ ।୪୬ମି. ମଧ୍ୟେ ଅମୃତବେଳା। ଦିବା ଘ୬ ।୪୯ମି. ମଧ୍ୟେ ଘ୨ ।୨୫ମି. ଗତେ, ଘ୩ ।୦୪ମି. ମଧ୍ୟେ ମାହେନ୍ଦ୍ରବେଳା।


**classifieds Everyday**
**0674-2580101, 2549302**

**real estate**

**SALE**

Bhubaneswar ସୁନ୍ଦରପଦା କୁହାରେ sqft. 850/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-66177

BDA Plot 60’, 30’ road, ready for construction. Sft. 650/- ରେ ଭୁବନେଶ୍ୱର Pitapalli, NH sideରେ ମିଳୁଅଛି। Contact: 9777449397, 8249662762. D-13893

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508.** D-66753

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

House for sale near KIIT main road, Maruti Villa 1.40cr. GA plot west facing, Sum Hospital 1.10cr. and plot at Nuagaon @1900. Contact: 7735768268. D-13899

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67339

Simplex @45lakh near Nandankanan, new Bhubaneswar Railway station. Contact: 9668242825. D-66175

**3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999.** D-66278

Plot for sale at Khandagiri, Hanspal, Trisulia, Nakhara, 9937816565, 9937568585. D-13835

**ଫୁଲନଖରାର Synergy Engineering College ସମ୍ମୁଖରୁ walkable distance ରେ ପିଚୁରାସ୍ତାକୁ ଲାଗି ଘରବାରି boundary plots ଶସ୍ତାରେ ମିଳୁଛି। 9078699286.** D-66755

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ, ଘର, ଆପାର୍ଟମେଣ୍ଟ, ସିମ୍ପ୍ଲେକ୍ସ, Duplex କିଣିବା/ ବିକ୍ରୟ କରିବାପାଇଁ ଯୋଗାଯୋଗ କରନ୍ତୁ। ପୁରୀରେ ଘରକରିବାପାଇଁ ସହଜ କିସ୍ତିରେ ପ୍ଲଟ୍ ବିକ୍ରୟ ଚାଲିଛି। ଯୋଗାଯୋଗ: 9438109040, 8144658008. D-13897

**ଭୁବନେଶ୍ୱର ନିକଟସ୍ଥ ନଖରା, DPS ଅନନ୍ତପୁର, ଦଧିବିକଲେଜ ପାଖ ବାଲିଅନ୍ତା, ପାହାଳ, ରଙ୍ଗବଜାର (ସତ୍ୟଭାମାପୁର), ଗୁଡ଼ିଆପୋଖରି (ବିଲିପଡା) ଓ ଝାରପଡାରେ ଗୃହୋପଯୋଗୀ ପ୍ଲଟ ବିକ୍ରିହେଉଛି। ଯୋଗାଯୋଗ: 8249870448.** D-13744

Prime land on Puri Konark Marine Drive on NH (1st plot) 8000sqft. cost 150lakhs (negotiable), ideal for Lodge/Nursing home. Contact No.: 9338579645. D-65000

10000sqft. commercial land for sale at NH-203, CTC-Puri bypass road, Price- 2400 per sqft. 7326084916. D-67354

**Bhubaneswar କଳ୍ପନାଛକଠାରୁ 11k.m. ଏବଂ ରଙ୍ଗବଜାର BJEM School-2 ଠାରୁ 3k.m. Gayatri College ପାଖରେ ଘରବାରି demarcated 30’ ରାସ୍ତା ଏବଂ Electricity ସୁବିଧାଥାଇ immediate ଘର ଉପଯୋଗୀ ପ୍ଲଟ sqft. 415/- ରେ ମିଳୁଛି। 9937025111, 9437114429.** D-66759

Contact for complete simplex/duplex/triplex house construction with interior from the experts. Call: 7008550473. D-13908

2BR flats 1113-1400 sqft. for sale, AIIMS Hospital, Patrapada, Bhubaneswar. 8917665342, 9861444497. D-66176

Book a individual simplex house at Bhimatangi, near Lingaraj Station, Bhubaneswar, Price- 58.5 lakh. Contact: 9861234908. D-67353

2 Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999. D-66282

**LEASE**

Land for lease- 8800sqft land on 60ft. road side to Daya Canal, Surangapur, Delang for agriculture/ commercial purpose. Contact: 8984543494, 8984541911. D-13898

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Herbal full body massage by smart / expert therapist. Contact: 8338067247. D-67346

Summer special mesmerizing offer expert therapeutic refreshing massage appointment. 9668374480. D-67347

Full body herbal massage with refreshment expert therapist. 7381239385, 06742540855. D-67348

Experience full body massage with us (expert). Call: 7377048581, 06742597822. D-67349

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**astrology**

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13917

**AFFIDAVIT**

By an affidavit sworn before Executive Magistrate, Bhubaneswar, I Mamidi Ramesh Kumar, R/o: Qtr No: D/40-A, Traffic Colony, PO- Jatni, Dist- Khurda, Odisha, declare on behalf of my son that his actual name is Jaya Shubankar Mamidi as recorded in Birth Certificate Id No: 52030-B-1075 which is wrongly recorded as M.Shubankar. Jaya Shubankar Mamidi and M. Shubankar are one and same person. D-13909

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By an affidavit sworn before Executive Magistrate, Bhubaneswar, I Mamidi Ramesh Kumar, R/o: Qtr No: D/40-A, Traffic Colony, PO- Jatni, Dist:- Khurda, Odisha, declare on behalf of my son that his actual name is Charan Teja Mamidi as recorded in Birth Certificate Id No: 52030-B-1074 which is wrongly recorded as M.Charan Tej. Charan Teja Mamidi and M. Charan Tej are one and same person. D-13910

By virtue of an affidavit before the Notary Talcher, I do hereby declare that I Sanjaya Kumar Majhi, Village: Brahman Sasan, Talcher Town, PO/PS.- Talcher, Dist- Angul changed my son’s name from Saurav Kumar Majhi to Sourav Kumar Majhi. My son’s actual name is Sourav Kumar Majhi for all purposes. D-13919

ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍, ଭୁବନେଶ୍ୱରଙ୍କ ସମ୍ମୁଖରେ କରିଥିବା ସତ୍ୟପାଠ ଅନୁଯାୟୀ, ମୁଁ ଦେବଶ୍ରୀ ପରିଡ଼ା, ବାସିନ୍ଦା: ଜାନଖୁରୀ, ପୋଷ୍ଟ: ବାଲିକୁଦା, ଜିଲ୍ଲା: ଜଗତ୍‌ସିଂହପୁର, ଘୋଷଣା କରୁଛି ଯେ, ଦେବଶ୍ରୀ ପରିଡ଼ା ଏବଂ କଲ୍ୟାଣୀ ଦାସ ସମାନ ଓ ଅଭିନ୍ନ ବ୍ୟକ୍ତିବିଶେଷ ଅଟନ୍ତି। ଧ-୧୩୯୧୨

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**



## ଜିଲା ଚିଠି ସମ୍ବଲପୁର

# ୬୦ ବର୍ଷର ଆନ୍ଦୋଳନ

ବର୍ଷେ କି ଦୁଇବର୍ଷ ନୁହେଁ, ୬୦ ବର୍ଷ ଧରି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଜନ ଆନ୍ଦୋଳନ ଚାଲି ଆସିଛି। ୧୯୫୯ରେ ସମ୍ବଲପୁରରେ ସମ୍ବଲପୁର ଗଣସାମ୍ମୁଖ୍ୟ, ବରିଷ୍ଠ ନାଗରିକ ଓ ଓକିଲମାନେ ଏହି ଆନ୍ଦୋଳନ ଆରମ୍ଭ କରିଥିଲେ। ଓଡ଼ିଶା ମାନଚିତ୍ରରେ ସେତେବେଳେ ମାତ୍ର ୧୩ଟି ଜିଲା ଥିଲା। ପୂର୍ବରୁ ଅବିଭକ୍ତ ସମ୍ବଲପୁର ଜିଲାରେ ବରଗଡ, ଦେବଗଡ଼, ଝାରସୁଗୁଡ଼ା ମିଶି ରହିଥିଲା। ସମ୍ବଲପୁର ଜିଲାରେ ବେଞ୍ଚ ପ୍ରତିଷ୍ଠା କରିବାକୁ ସେ ସମୟରେ ମତ ପ୍ରକାଶ ପାଇଥିଲା। ପଶ୍ଚିମ ଓଡ଼ିଶାବାସୀଙ୍କୁ କଟକ ହାଇକୋର୍ଟକୁ ଯାଇ ମାମଲା ପରିଚାଳନା କରିବାରେ ସମସ୍ୟା ହେବାରୁ ଏହି ଦାବି ଉଠିଥିଲା। ପ୍ରଥମେ ହାଇକୋର୍ଟ ସର୍କିଟ ବେଞ୍ଚ ଦାବି ନେଇ ଆନ୍ଦୋଳନ ଆରମ୍ଭ କରାଯାଇଥିଲା। ଅଶୀ ଦଶକରୁ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦାବି ଜୋରଦାର ହୋଇଥିଲା। ଧୀରେ ଧୀରେ ଏହି ଆନ୍ଦୋଳନ ଜନ ଆନ୍ଦୋଳନରେ ପରିଣତ ହୋଇଥିଲା। ସର୍ବପ୍ରଥମେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ୧୯୭୪ ନିର୍ବାଚନୀ ଇସ୍ତାହାରରେ ଏହି ପ୍ରସଙ୍ଗ ଉଲ୍ଲେଖ କରିଥିଲେ। ସେ ସମୟରେ ଜାତୀୟ କଂଗ୍ରେସ ଦଳ କ୍ଷମତାରେ ଥିଲା। ଜିଲା ସଂଖ୍ୟା ବୃଦ୍ଧି ହେଲା ପରେ ମଧ୍ୟ ସମ୍ବଲପୁର ଜିଲାରେ ଆନ୍ଦୋଳନ ଜାରି ରହିଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୯୮୨ ମସିହାରେ ଡ. ଯଶୋବନ୍ତ ସିଂ କମିଶନ ଗଠନ କରାଯାଇଥିଲା। ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ କ'ଣ ଆବଶ୍ୟକ ସେ ନେଇ ନିୟମ ତିଆରି ହୋଇଥିଲା। ୨୦୦୬ ଏପ୍ରିଲ ୩୦ରେ ବରଗଡ଼ ଜିଲାରେ ପଶ୍ଚିମ ଓଡ଼ିଶାର ୧୦ ଜିଲା ଓ ୩୭ ବାର୍‌କୁ ନେଇ ଏକ ଜରୁରୀ ବୈଠକ ବସିଥିଲା। ପରେ ଆଉ ଏକ ବୈଠକ କରାଯାଇ ପଶ୍ଚିମ ଓଡ଼ିଶା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଗଠନ କରାଗଲା। ମିଳିତ ଭାବେ ସମସ୍ତେ ନିଜ ନିଜ ଜିଲାରେ ଆନ୍ଦୋଳନ ଆରମ୍ଭ କଲେ। ୨୦୦୭ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାର ସମ୍ବଲପୁର ଓ ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ୨୦୧୩ରେ 'ନୋ କୋର୍ଟ ନୋ ଭୋଟ' ନାରା ଦେଇ ସମ୍ବଲପୁର ଆରଡିସି ଅଫିସ ସମ୍ମୁଖରେ ଓକିଲମାନେ ଧାରଣାରେ ବସିଲେ। ୪୨ ଦିନ ଆନ୍ଦୋଳନ ଚାଲିଥିଲା। ଶେଷରେ ରାଜ୍ୟ ସରକାର ପୁଣି ଥରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ହେଲେ ତତ୍କାଳୀନ କେନ୍ଦ୍ର ଆଇନମନ୍ତ୍ରୀ ରାଜ୍ୟ ସରକାରଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ କହିଥିଲେ। ଅନ୍ୟପକ୍ଷେ ହାଇକୋର୍ଟ ମଧ୍ୟ ଏ ସଂକ୍ରାନ୍ତରେ ମତ ଦେବାକୁ ସେ ଅନୁରୋଧ କରିଥିଲେ। ହାଇକୋର୍ଟ ଏ ନେଇ ୬ ମାସ ସମୟ ମାଗିଥିଲେ। ଏହା ପରଠୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ କେବଳ ଚିଠି ଦିଆନିଆ ଚାଲିଛି। ଏଣେ ଜିଲା ଓକିଲ ସଂଘ ପକ୍ଷରୁ ୨୦୧୭ ସେପ୍ଟେମ୍ବର ୫ରୁ ଆଜି ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି। ୨୦୧୯ରେ ରାଜ୍ୟ ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ୫ କୋଟି ଟଙ୍କା ବଜେଟରେ ଅନୁମୋଦନ କରିଥିଲେ। କେନ୍ଦ୍ର ସରକାରଙ୍କ ସହ ସମ୍ପର୍କ ରଖି କାମ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ତଥାପି ଏହି ଦାବି ପୂରଣ ହୋଇପାରିନାହିଁ। ଏଣେ ଜିଲା ଓକିଲ ସଂଘ ଅଗଷ୍ଟ ୩୧ ତାରିଖ ଶେଷ ସମୟ ଦେଇଛି। ଯଦି ରାଜ୍ୟ ଓ କେନ୍ଦ୍ର ସରକାର ଏହି ସମୟ ସୀମା ଭିତରେ କିଛି ନିଷ୍ପତ୍ତି ନ ନେବେ, ତେବେ ଆନ୍ଦୋଳନ ପୂର୍ବଭଳି ଚାଲିବ ବୋଲି ସଂଘ ଚେତାବନୀ ଦେଇଛି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ପୂରଣ ହେବ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

– ଶୁଭାଶିଷ ପାଢ଼ୀ

# ରାଜ୍ୟର ୩୯ ଜଣଙ୍କୁ ମିଳିବ ପୋଲିସ ପଦକ

## ସାହସିକତା ପାଇଁ ୨୬ ଜଣ, ବିଶିଷ୍ଟ ସେବା ଲାଗି ୨ଜଣ ଓ ୧୧ଜଣଙ୍କୁ ମେରିଟୋରିୟସ୍ ସେବା ପଦକ

**ଭୁବନେଶ୍ୱର, ୧୪।୮ (ବ୍ୟୁରୋ)**

ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ବୁଧବାର ରାଜ୍ୟ ପୋଲିସ ପଦକ ଘୋଷଣା ହାଇଛି। ଉଲ୍ଲେଖନୀୟ ସେବା ପାଇଁ ଓଡ଼ିଶାର ୩୯ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସ୍ୱାଧୀନତା ଦିବସରେ ଏହି ସମ୍ମାନଜନକ ପଦକ ମିଳିବ। ସେମାନଙ୍କ ମଧ୍ୟରୁ ୨୬ଜଣଙ୍କୁ ପୋଲିସ ସାହସିକତା ମେଡାଲ, ବିଶିଷ୍ଟ ସେବା ପାଇଁ ୨ ଜଣଙ୍କୁ ରାଷ୍ଟ୍ରପତି ପୋଲିସ ପଦକ ଓ ୧୧ ଜଣଙ୍କୁ ମେରିଟୋରିୟସ ସେବା ପଦକ ମିଳିବ। ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ଭୁବନେଶ୍ୱର ସୂଚନାଭବନଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦକ ପ୍ରଦାନ କରିବେ।

ସାହସିକତା ପାଇଁ ପଦକ ପାଇବାକୁ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀ ହେଲେ ରାଉରକେଲା ପୋଲିସ ଜିଲାର ଏଏସ୍‌ଆଇ ସୁନୀଲ କୁମାର ନନ୍ଦ, ହାବିଲଦାର୍ କମଳେନ୍ଦୁ ଷଡଙ୍ଗୀ, କନ୍‌ଷ୍ଟେବଳ ମଦନ କିଷାନ, କନ୍‌ଷ୍ଟେବଳ ଆଥନାସିୟାସ୍ ଜୋଜୋ, କନ୍‌ଷ୍ଟେବଳ ମୁକେଶ କୁମାର ବ୍ରହ୍ମା, କଟକ ଷଷ୍ଠ ବାଟାଲିୟନର ସୁବେଦାର୍ ବିଦ୍ୟାଧର ସେଠୀ, ଭୁବନେଶ୍ୱର ଏସ୍‌ଓଜି କମାଣ୍ଡୋ ବିଶାଲ୍ ବୋମ୍‌ଜାନ, ଏସ୍‌ଓଜି କମାଣ୍ଡୋ ରାଜେନ୍ଦ୍ର ମଲ୍ଲ, ଏସ୍‌ଓଜି କମାଣ୍ଡୋ ଦୀପକ ସିଂହ କନ୍‌ୱର, ଏସ୍‌ଓଜି ହାବିଲଦାର ଧ୍ରୁବ ବାହାଦୁର ବାସ୍‌ନେଟ୍, ଏସ୍‌ଓଜି ହାବିଲଦାର ରାଜେଶ ବିଶ୍ୱକର୍ମା, ଏସ୍‌ଓଜି କନ୍‌ଷ୍ଟେବଳ କାହ୍ନୁଚରଣ ମାଝି, ଏସ୍‌ଓଜି ସୁବେଦାର୍ ରବୀନ୍ଦ୍ର ଶବର, ଏସ୍‌ଓଜି ସୁବେଦାର ଅଶୋକ କୁମାର ରଥ, ଏସ୍‌ଓଜିହାବିଲଦାର ଆଲୋକ କୁମାର ସେଠୀ, ଏସ୍‌ଓଜି କମାଣ୍ଡୋ ଧନଞ୍ଜୟ ବରାଡ, ଏସ୍‌ଓଜି କମାଣ୍ଡୋ କୃଷ୍ଣଚନ୍ଦ୍ର ପିଙ୍ଗ, ଭୁବନେଶ୍ୱର ଏସ୍‌ଓଜି କମାଣ୍ଡୋ ସନ୍ତୋଷ କୁମାର ଧାନ୍,

କୋରାପୁଟର ଅତିରିକ୍ତ ଏସ୍‌ପି ନିରଞ୍ଜନ ସାହୁ, ହାବିଲଦାର କେଶବ ସୀସା, ହାବିଲଦାର ଜିତେନ୍ଦ୍ର କୁମାର ଦାସ, କନ୍‌ଷ୍ଟେବଳ ସିନିୟା ଶେଶର ବେପାରି, କୋରାପୁଟର କନଷ୍ଟେବଳ ଉଦ୍ଧବ ଚାଲାଣ, କନ୍ଧମାଳ ଏସ୍‌ପି ପ୍ରତୀକ ସିଂହ, କନଷ୍ଟେବଲ ମଧୁସୂଦନ ମଲ୍ଲିକ, କନ୍ଧମାଳ ଓଏପିଏଫ୍ ଜଗନ୍ନାଥ କହଁର ପ୍ରମୁଖ। ରାଷ୍ଟ୍ରପତି ପୋଲିସ ପଦକୁ ପାଇବାକୁ ଥିବା ଦୁଇ ପୋଲିସ ଅଧିକାରୀ ହେଲେ ଭୁବନେଶ୍ୱର ଏସ୍‌ଆଇଡବ୍ଲ୍ୟୁ ଡିଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଓ ଭୁବନେଶ୍ୱର ଜୋନ୍-୧ ଏସିପି ଅସୀମ କୁମାର ପଣ୍ଡା। ସେହିଭଳି ମେରିଟୋରିୟସ ସେବା ପଦକ ପାଇବେ ଢେଙ୍କାନାଳ ଓଏସ୍‌ଏପି ପ୍ରଥମ ବାଟାଲିୟନ କମାଣ୍ଡାଣ୍ଟ ନବ କିଶୋର ଦାସ, ଭୁବନେଶ୍ୱର ଏସ୍‌ଓଜି କମାଣ୍ଡାଣ୍ଟ ଅଜୟ କୁମାର ପାଢୀ , ଭୁବନେଶ୍ୱର ଏସ୍‌ଆଇଡବ୍ଲ୍ୟୁ ଡିଏସ୍‌ପି ଅଶୋକ କୁମାର ଦେଓ, ଭୁବନେଶ୍ୱର ଏସିପି (ସିକ୍ୟୁରିଟି) ଏସ୍.ଏସ୍ ବି.ଏନ. ପ୍ରଫୁଲ୍ଲ କୁମାର ସିଂହ , କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟର ଭାରପ୍ରାପ୍ତ ଡିଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ, ଭୁବନେଶ୍ୱର ଇଓଡବ୍ଲ୍ୟୁ ଓ ସିଆଇଡି ସିବିର ଭାରପ୍ରାପ୍ତ ଡିଏସପି ସ୍ନିଗ୍ଧା ଭଞ୍ଜ, ଖୋର୍ଦ୍ଧା ଜିଲାର ଇନ୍ସପେକ୍ଟର ବିକ୍ରମ କେଶରୀ ଜେନା, ଭୁବନେଶ୍ୱର ଏସ୍‌ଆଇଡବ୍ଲ୍ୟୁ ଏସ୍‌ଆଇ ବ୍ରହ୍ମାନନ୍ଦ ପଣ୍ଡା, ସମ୍ବଲପୁର ଜିଲାର ଏଏସ୍‌ଆଇ କୈଳାସଚନ୍ଦ୍ର ପ୍ରଧାନ, ଝାରସୁଗୁଡ଼ାର ହାବିଲଦାର ଆଲେକ୍‌ଜାଣ୍ଡର କୁଜୁର ଓ ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନର କନ୍‌ଷ୍ଟେବଳ ବିପ୍ରଚରଣ ଗୌଡ଼।

# ଦିଗପହଣ୍ଡି ରେଞ୍ଜର ନିଲମ୍ବିତ

**ବ୍ରହ୍ମପୁର ଅଫିସ, ୧୪।୮**

ଗଞ୍ଜାମ ଜିଲା ଦିଗପହଣ୍ଡିର ଭାରପ୍ରାପ୍ତ ରେଞ୍ଜର ପରମାନନ୍ଦ ପାଣିଗ୍ରାହୀ ବୁଧବାର ନିଲମ୍ବିତ ହୋଇଛନ୍ତି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ ତାଙ୍କୁ ନିଲମ୍ବିତ କରିଛନ୍ତି। ସୂଚନାଯୋଗ୍ୟ, ଜୁନ୍ ୨୯ତାରିଖରେ କଟକ ଭିଜିଲାନ୍ସ ପକ୍ଷରୁ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରାଙ୍କ ଘରେ ଚଢ଼ାଉ କରାଯାଇଥିଲା। ପରେ ବନଖଣ୍ଡ ଅଧିକାରୀ ବେହେରା ଗିରଫ ହୋଇଥିଲେ।




# ଏସ୍‌ଓଜି ଯବାନ-ମାଓବାଦୀ ଗୁଳି ବିନିମୟ

**ଭବାନୀପାଟଣା, ୧୪।୮ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଗୁଣ୍ଡରି ରିର୍ଜଭ ଫରେଷ୍ଟରେ ବୁଧବାର ସନ୍ଧ୍ୟା ୬ଟାରେ ଏସ୍‌ଓଜି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବା ସୂଚନା ମିଳିଛି। ଏସ୍‌ଓଜି ଜବାନମାନେ କୋମ୍ବିଂ ଅପରେଶନ କରୁଥିବା ବେଳେ ଉକ୍ତ ଫରେଷ୍ଟ ନିକଟରେ ମାଓବାଦୀମାନେ ଅଚାନକ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଯବାନମାନଙ୍କ ପାଲଟା ଜବାବରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯବାନମାନେ ସେଠାରେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛନ୍ତି। କ୍ୟାମ୍ପ ନିକଟରେ ରକ୍ତ ଛିଟା ପଡିଛି। ଏହି ଗୁଳି ବିନିମୟରେ ଏକାଧିକ ମାଓବାଦୀ ଗୁରୁତର ଆହତ ହୋଇଥିବା ଆଶଙ୍କା କରାଯାଉଛି।









❝ ଭାରତମାତା କେବଳ କିଛି ମାଟି ନୁହଁ। ସେ ଏକ ଶକ୍ତି– ଏକ ଦେବୀ। କାରଣ, ଏହିପରି ଜଣେ ଜଣେ ଦେବୀ ପ୍ରତ୍ୟେକ ରାଷ୍ଟ୍ରର ଭିନ୍ନ ଭିନ୍ନ ଅସ୍ତିତ୍ୱକୁ ଧରି ରଖିଛନ୍ତି ଓ ସେମାନଙ୍କୁ ଜୀବିତ ରଖିଛନ୍ତି।
–ଶ୍ରୀଅରବିନ୍ଦ



# ମାଂସରେ ରାକ୍ଟୋପାମାଇନ୍‌ର ବିପଦ



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ମୁଁ ଥରେ 'କକ୍‌ଟେଲ ଅଫ୍ ଡ୍ରଗ୍ସ ଇନ୍ ମିଟ୍' ବିଷୟରେ ଲେଖିଥିଲି। ସେଥିରେ ମୁଁ ଲେଖିଥିବା ଗୋଟିଏ ଡ୍ରଗ୍ ହେଉଛି ରାକ୍ଟୋପାମାଇନ୍। ମାଂସ ପାଇଁ ପାଳନ କରାଯାଉଥିବା ପ୍ରାଣୀମାନଙ୍କ ମାଂସପେଶୀ ବଢ଼େଇବା ଓ ଚର୍ବି କମେଇବା ପାଇଁ ତାଙ୍କ ଖାଦ୍ୟରେ ଏହି ରାକ୍ଟୋପାମାଇନ୍ ଔଷଧ ମିଶାଯାଏ। ପ୍ରାଣୀମାନଙ୍କୁ ୧୦ ପ୍ରତିଶତ କମ୍ ଖାଦ୍ୟ ଖାଇବାକୁ ଦେଲେ ମଧ୍ୟ ଏହି ଔଷଧ ସେମାନଙ୍କ ଓଜନ ବଢ଼ାଇବାରେ ସାହାଯ୍ୟ କରେ। ଭାରତ ସମେତ ଆମେରିକା ଓ ଅନ୍ୟ ୨୭ଟି ଦେଶରେ ୮୦ ପ୍ରତିଶତ ଗୋରୁ, ଘୁଷୁରି ଓ ଟର୍କିଙ୍କୁ ରାକ୍ଟୋପାମାଇନ୍ (ଆର୍‌ଏସି) ଖାଇବାକୁ ଦିଆଯାଏ। ଅନ୍ୟ ଦେଶଗୁଡ଼ିକରେ ମେଣ୍ଢାଙ୍କୁ ମଧ୍ୟ ଏହା ଖୁଆଯାଏ। ପେଲିନ୍ ଫର୍ ସ୍ୱାଇନ୍ ଏବଂ ଅପ୍ଟାଫ୍ଲେକ୍ସ ଫର୍ କ୍ୟାଟ୍‌ଲ ନାମରେ ପରିଚିତ ଉତ୍ପାଦରେ ଏହା ହେଉଛି ଏକ ସକ୍ରିୟ ଉପାଦାନ।

୨୦୧୩ରୁ ରୁଷିଆ ଓ ଚାଇନା ସମେତ ୧୬୦ଟି ଦେଶରେ ଏହି ଔଷଧକୁ ନିଷିଦ୍ଧ କରାଯାଇଛି। ଏପରି କି ଆମେରିକାରେ ଜନସାଧାରଣଙ୍କ ଚାପରେ ୟୁଏସ୍‌ଡିଏ ଗୋମାଂସ ଓ ଘୁଷୁରିମାଂସ ଉପରେ ଏକ ନୂଆ ଲାବେଲ 'No ractopamine– a beta-agonist growth promotant'କୁ ଅନୁମତି ଦେଇଛି। ୨୦୦୯ ୟୁରୋପୀୟ ଖାଦ୍ୟ ନିରାପତ୍ତା କର୍ତ୍ତୃପକ୍ଷଙ୍କ ମତାମତକୁ ଭିତ୍ତି କରି ୟୁରୋପୀୟ ସଂଘର ୨୮ଟି ଦେଶରେ ଏହାକୁ ନିଷିଦ୍ଧ କରାଯାଇଛି। କେବଳ ୨୭ଟି ଦେଶରେ ଏହି ଔଷଧ ଏବେ ବି ଚାଲୁଛି।

ଭାରତରେ ରାକ୍ଟୋପାମାଇନ୍ ପ୍ରବଳ ମାତ୍ରାରେ ବ୍ୟବହାର ହେବା ସହ ଆମ ଦେଶ ପୂର୍ବ ୟୁରୋପ, ପୂର୍ବ ଏସିଆ ଓ କେନ୍ଦ୍ରୀୟ ଆମେରିକାକୁ ଏହା ଶତପ୍ରତିଶତ ରପ୍ତାନି କରୁଛି। ଗୋରୁ, ଘୁଷୁରି ଓ କୁକୁଡ଼ା ଖାଦ୍ୟରେ ମିଶାଇବା ପାଇଁ ଏହାକୁ ପାଉଡର ଆକାରରେ ବିକ୍ରି କରାଯାଉଛି। ଆମେରିକାର ଜଣେ ଆଇନ ଛାତ୍ର, ଯେ କି ବାୟୋକେମିଷ୍ଟ୍ରି ମଧ୍ୟ ଅଧ୍ୟୟନ କରିଛନ୍ତି, ସେ ଆମେରିକାରେ ରାକ୍ଟୋପାମାଇନ୍‌ର ନିୟାମକ ଅନୁମୋଦନ ବିଷୟରେ ଯାଞ୍ଚ କରୁଥିବା ଏକ ସଂସ୍ଥାରେ ଇଣ୍ଟର୍ନଶିପ୍ ପାଇଁ ଆବେଦନ କରିଥିଲେ। ଏହି ସମୟରେ ସେ ମୋ ଲେଖା ପଢ଼ିବାକୁ ପାଇଲେ। ତା'ପରେ ସେ ଗବେଷଣା ସଂସ୍ଥାର ଉପଲବ୍ଧି ମୋ ପାଖକୁ ପଠାଇଲେ, ଯାହାଦ୍ୱାରା ମୁଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିପାରିବି। ସେ ପ୍ରଦାନ କରିଥିବା ତଥ୍ୟ ମୁଁ ତଳେ ଲେଖୁଛି:

୨୦୧୪ରେ ଦଳେ ଗବେଷକ ରାକ୍ଟୋପାମାଇନ୍ ଉପରେ ଗବେଷଣା କରିଥିଲେ। ଏହି ଗବେଷକ ଦଳ ମେଥାମ୍ଫେଟାମାଇନ୍ ପ୍ରତି ଆସକ୍ତି ଉପରେ ଅଧ୍ୟୟନ କରନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଜାଣିବାକୁ ପାଇଲେ ଯେ ମେଥ୍ ଓ ରାକ୍ଟୋପାମାଇନ୍ ଭିତରେ ଖୁବ୍ ସାଦୃଶ୍ୟ ଅଛି। ଏହି ଗବେଷଣାରୁ ଜଣାପଡ଼ିଲା ଯେ ରାକ୍ଟୋପାମାଇନ୍ ଟିଏଏଆର୍‌ଆଇ ନାମକ ଏକ ସେଲ୍ ରିସେପ୍ଟରକୁ ସକ୍ରିୟ କରେ, ଯାହା ମେଥ୍‌ର ପ୍ରାଥମିକ ରିସେପ୍ଟର। ମେଥାମ୍ଫେଟାମାଇନ୍ ହେଉଛି ଏକ ଶକ୍ତିଶାଳୀ ଆସକ୍ତିକାରକ ଉତ୍ତେଜକ, ଯାହା କେନ୍ଦ୍ରୀୟ ସ୍ନାୟୁ ବ୍ୟବସ୍ଥାକୁ ବିଗାଡ଼ିଦିଏ। ଏହାର କଥାବାର୍ତ୍ତାରେ ପ୍ରଚଳିତ ନାମଗୁଡ଼ିକ ହେଉଛି ବ୍ଲୁ, କ୍ରାଇଷ୍ଟାଲ, ଆଇସ୍, ମେଥ୍ ଓ ସ୍ପିଡ୍। ଲୋକମାନେ ଏହାକୁ ଧୂମପାନରେ ବ୍ୟବହାର କରନ୍ତି, ବଟିକା ଆକାରରେ ଖାଆନ୍ତି, ନାକରେ ଶୁଙ୍ଘନ୍ତି ଏବଂ ପାଣି ବା ଆଲ୍‌କୋହଲରେ ମିଶାଇ ଇଞ୍ଜେକ୍ସନ ନିଅନ୍ତି। ମେଥାମ୍ଫେଟାମାଇନ ମସ୍ତିଷ୍କରେ ଥିବା ଡୋପାମାଇନ ନାମକ ପ୍ରାକୃତିକ ରାସାୟନିକର ପରିମାଣକୁ ବଢ଼ାଇଦିଏ। ଡୋପାମାଇନ ଆମ ଶରୀରର ଗତି, ମୋଟିଭେଶନ ଏବଂ ପ୍ରଶଂସନୀୟ ବ୍ୟବହାର ପ୍ରଦର୍ଶନ କରିବାରେ ସାହାଯ୍ୟ କରେ। ଏହି ଡ୍ରଗ୍ ସେବନ କଲେ ମସ୍ତିଷ୍କର ରିୱାର୍ଡ ଏରିଆରେ ଡୋପାମାଇନର ସ୍ତର ବୃଦ୍ଧି ପାଇବା ଫଳରେ ବ୍ୟକ୍ତି ସେହି ଅନୁଭୂତି ପୁଣି ପାଇବାକୁ ଇଚ୍ଛା କରେ। କମ୍ ପରିମାଣର ମେଥାମ୍ଫେଟାମାଇନ ସେବନ କଲେ ମଧ୍ୟ ଶାରୀରିକ କାର୍ଯ୍ୟକଳାପରେ ସକ୍ରିୟତା ବୃଦ୍ଧି ପାଏ, ଭୋକ କମିଯାଏ, ଶ୍ୱାସକ୍ରିୟା ଦ୍ରୁତ ହୁଏ, ହୃତ୍‌ସ୍ପନ୍ଦନ ଦ୍ରୁତ ଅଥଚ ଅନିୟମିତ ହୁଏ ଏବଂ ରକ୍ତଚାପ ଓ ଶରୀରର ଉତ୍ତାପ ବୃଦ୍ଧି ପାଏ। ଏହା ଫଳରେ ରାୟ ଦେବା ଓ ନିଷ୍ପତ୍ତି ନେବା ମଧ୍ୟ ବଦଳିଯାଇପାରେ, ଅର୍ଥାତ୍ ବ୍ୟବହାର ବିପଦପୂର୍ଣ୍ଣ ହୋଇପାରେ। ଏହାର ଦୀର୍ଘକାଳୀନ ପ୍ରଭାବ ଆମ ଚିନ୍ତନ, ବୋଧ, ଶିକ୍ଷାଗ୍ରହଣ ଓ ମନେରଖିବା ଆଦିକୁ ପ୍ରଭାବିତ କରେ, ଓଜନ କମେଇଦିଏ ଏବଂ ପ୍ରବଳ ଦାନ୍ତ ସମସ୍ୟା (ମେଥ୍ ମାଉଥ୍) ସୃଷ୍ଟି କରେ। ଏଥିସହ ଦେହ କୁଣ୍ଡେଇ ହୁଏ, ଆମ୍ପୁଡ଼ିବା ଦ୍ୱାରା ଚର୍ମରେ ଘାଆ ହୋଇଯାଏ, ଉଦ୍‌ବିଗ୍ନତା ପ୍ରକାଶ ପାଏ, ମସ୍ତିଷ୍କର ଗଠନ ଓ କାର୍ଯ୍ୟରେ ପରିବର୍ତ୍ତନ ଘଟେ। ଏହାଦ୍ୱାରା ସ୍ମୃତିଶକ୍ତି ହ୍ରାସ ଘଟେ, ଶୋଇବାରେ ସମସ୍ୟା ହୁଏ, ବ୍ୟକ୍ତି ହିଂସ୍ର ହୋଇଉଠେ, ଦୁଃସ୍ୱପ୍ନ ଦେଖେ, ପାଗଳାମି ପ୍ରକାଶ ପାଏ ଏବଂ ତା'ଠାରେ ଅନେକ ଅଜବ ବ୍ୟବହାର ଦେଖିବାକୁ ମିଳେ।

ନିକଟରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଯେଉଁ ବ୍ୟକ୍ତି ଥରେ ମେଥାମ୍ଫେଟାମାଇନ ବ୍ୟବହାର କରିଛି, ତା'ଠାରେ ପାର୍କିନ୍‌ସନ୍‌ଙ୍କ ରୋଗ (ସ୍ନାୟୁରୋଗ ବିଶେଷ ଯାହାଦ୍ୱାରା ବ୍ୟକ୍ତିର ଗତିଶୀଳତା ପ୍ରଭାବିତ ହୁଏ) ହେବାର ଅଧିକ ସମ୍ଭାବନା ଥାଏ। ମେଥାମ୍ଫେଟାମାଇନର ମାତ୍ରାତିରିକ୍ତ ସେବନ (ଓଭରଡୋଜ୍) ଅନେକ ସମୟରେ ଷ୍ଟ୍ରୋକ୍, ହୃଦ୍‌ଘାତ ବା ଅଙ୍ଗପ୍ରତ୍ୟଙ୍ଗରେ ସମସ୍ୟାର କାରଣ ହୁଏ। ମେଥାମ୍ଫେଟାମାଇନ ହେଉଛି ଅତିମାତ୍ରାରେ ଆସକ୍ତିକାରକ।

ତେବେ ମୁଁ ମେଥ୍ ବିଷୟରେ କାହିଁକି କହୁଛି? କାରଣ ରାକ୍ଟୋପାମାଇନ୍ ସେହି କାମ କରୁଛି। ୨୦୧୪ରେ କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ରାକ୍ଟୋପାମାଇନ୍‌ରେ ସେହିସବୁ ଗୁଣ ରହିଛି ଯାହା ମେଥ୍‌ରେ ଦେଖିବାକୁ ମିଳିଥାଏ। ରାକ୍ଟୋପାମାଇନ୍‌କୁ ଖାଦ୍ୟରେ ମିଶାଗଲେ ତାହା ରକ୍ତରେ ଯାଇ ମାଂସପେଶୀରେ ପହଞ୍ଚେ ଓ ତା'ର ସମସ୍ତ ପ୍ରତିକ୍ରିୟା ଦେଖାଏ। ବୈଜ୍ଞାନିକମାନଙ୍କର ଏହି ନିଷ୍କର୍ଷ ପ୍ରତି ପ୍ରାଣୀ କଲ୍ୟାଣ କର୍ମୀ, ମାଂସାହାରୀ ଜନସାଧାରଣ, ବୈଜ୍ଞାନିକ ସମୁଦାୟ ଏବଂ ନୀତିନିର୍ଦ୍ଧାରକମାନେ ଆଗ୍ରହାନ୍ୱିତ ହେବା କଥା।

ଆମେ ଯେତେବେଳେ ଏକ ଔଷଧ ସେବନ କରୁ ସେତେବେଳେ ଆମେ ଆଶା କରୁ ଯେ ଏହା ଯେଉଁ କାମ କରିବ ବୋଲି ଦାବି କରାଯାଇଛି, ତାହା ଯେପରି ସେହି କାମ କରେ ଏବଂ ଆମ ରୋଗ ଭଲ କରିଦିଏ। କିନ୍ତୁ ରାକ୍ଟୋପାମାଇନ୍ ଆମର ଅଧିକ କ୍ଷତି କରେ, ଯାହା ସେ କରିବ ବୋଲି ଦାବି କରାଯାଇ ନ ଥାଏ। ଟିଏଏଆର୍‌ଆଇ ହେଉଛି ଟ୍ରେସ୍ ଆମାଇନ୍ ଆସୋସିଏଟେଡ୍ ରିସେପ୍ଟର। ଏହା ଆମର ସ୍ନାୟୁତନ୍ତ୍ର ଏବଂ ରୋଗନିରୋଧକ ବ୍ୟବସ୍ଥାକୁ ପ୍ରଭାବିତ କରେ। ଟିଏଏଆର୍‌ଆଇ ହେଉଛି ଆମ୍ଫେଟାମାଇନ୍, ଡୋପାମାଇନ୍ ଓ ମେଥାମ୍ଫେଟାମାଇନ୍ ପାଇଁ ଏକ ବଡ଼ ରିସେପ୍ଟର। ରାକ୍ଟୋପାମାଇନ୍ ସେବନ ଦ୍ୱାରା ଘୁଷୁରିମାନଙ୍କଠାରେ ହାଇପରଆକ୍ଟିଭିଟି, ଅଙ୍ଗଗୁଡ଼ିକରେ କମ୍ପନ, ହୃତ୍‌ସ୍ପନ୍ଦନ ବୃଦ୍ଧି ଏବଂ ଅଙ୍ଗଭଙ୍ଗ ପରି ସମସ୍ୟା ଦେଖାଯାଏ। କଲରାଡୋ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ପ୍ରଫେସର ଟେମ୍ପଲ ଗ୍ରାଣ୍ଡିନ୍ କହିଛନ୍ତି ଯେ, ଗୋରୁଙ୍କୁ ରାକ୍ଟୋପାମାଇନ୍ ଦେଲେ ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ଅନମନୀୟ, ଘାଆଯୁକ୍ତ ହୋଇଯାଏ, ଗୋଡ଼ ଛୋଟା ହୋଇଯାଏ ଏବଂ ତାପଚାପ (ହିଟ୍ ଷ୍ଟ୍ରେସ୍) ବୃଦ୍ଧି ପାଏ। ଏଥିସହ ତା'ଠାରେ ଅସ୍ଥିରତା, ପାଟି ଓ ମୁହଁର ମାତ୍ରାଧିକ ଚଳନ ଏବଂ ଆକ୍ରମଣାତ୍ମକ ବ୍ୟବହାର ଦେଖିବାକୁ ମିଳେ।

ସେଥିପାଇଁ ୨୦୦୨ରେ ଔଷଧ ନିର୍ମାତାମାନଙ୍କୁ ରାକ୍ଟୋପାମାଇନ୍ ଉପରେ ଏକ ଚେତାବନୀ ଲେଖିବାକୁ ୟୁଏସ୍‌ଡିଏ ନିର୍ଦ୍ଦେଶ ଦେଇଥିଲା। ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ଉପରେ ରାକ୍ଟୋପାମାଇନ୍‌ର ଗୁରୁତର ପ୍ରତିକୂଳ ପ୍ରଭାବ ରହିଛି। ତେଣୁ ଏପରି ପ୍ରାଣୀ ମାଂସ ଖାଉଥିବା ମଣିଷଠାରେ ମଧ୍ୟ ଅନେକ କୁପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ୟୁରୋପୀୟ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ରାକ୍ଟୋପାମାଇନ୍ ମଣିଷଠାରେ ହୃତ୍‌ସ୍ପନ୍ଦନ ବୃଦ୍ଧି ଓ ହୃଦ୍‌ରୋଗ ସୃଷ୍ଟି କରିଥାଏ। ମେଥ୍ ଡ୍ରଗ୍ ସେବନ କଲେ ମଣିଷଠାରେ ଯେଉଁ ସମସ୍ୟା ସୃଷ୍ଟି ହୁଏ ରାକ୍ଟୋପାମାଇନ୍ ଖାଇଥିବା ପ୍ରାଣୀ ମାଂସ ସେବନ କଲେ ମଧ୍ୟ ଅନୁରୂପ ସମସ୍ୟା ଦେଖାଯିବାର ସମ୍ଭାବନା ଥାଏ। ତେଣୁ ପ୍ରାଣୀମାନଙ୍କୁ ଏହି ଡ୍ରଗ୍ ଦିଆଯିବା ଉଚିତ କି? ଯଦି ସରକାର ଏହାକୁ ରୋକି ନ ପାରୁଛନ୍ତି, ଆମେ ନିଜର ଭଲ ପାଇଁ ସେ ସବୁ ମାଂସ ନ ଖାଇବା ଭଲ।

Email: gandhim@nic.in

## ସରିନି ସଂଗ୍ରାମ, ମିଳିନି ସ୍ୱାଧୀନତା



ସବ୍ୟସାଚୀ ଅମିତାଭ

ଦେଶ ସ୍ୱାଧୀନତାର ୭୩ତମ ବର୍ଷ ପାଳନ କରୁଛି। ଏହି ପବିତ୍ର ଦିନରେ ସ୍ୱାଧୀନତାକୁ ନେଇ ପ୍ରକାଶ ପାଉଛି ଅନେକ ଅନୁଚିନ୍ତା। ହେଲେ ସ୍ୱାଧୀନତାର ପରିଭାଷା ବଡ଼ ବ୍ୟାପକ ବୋଲି ସବୁବେଳେ ମତ ପ୍ରକାଶ ପାଏ। କେହି କେହି କହନ୍ତି, ଦେଶ ସ୍ୱାଧୀନ ହୋଇଛି ସତ, କିନ୍ତୁ ଅନେକ କ୍ଷେତ୍ରରେ ସ୍ୱାଧୀନତା ଆଜି ବି ଅପହଞ୍ଚ। ଅର୍ଥନୈତିକ ବୈଷମ୍ୟଠାରୁ ଆରମ୍ଭକରି ଲିଙ୍ଗଗତ ବିଭେଦକୁ ନେଇ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ଘଟୁଛି। ଯେଉଁ ଆଶା ଓ ସ୍ୱପ୍ନ ଦେଖି ଆମ ପୂର୍ବପୁରୁଷମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ, ସେସବୁ ପୂରଣ ହୋଇପାରିଛି କି ନାହିଁ ତାହା ଏବେ ବି ପ୍ରଶ୍ନବାଚୀ।

ଏକ ସୁସ୍ଥ ଗଣତନ୍ତ୍ର ବ୍ୟବସ୍ଥା ଗଠନ ପାଇଁ ଗଣଙ୍କ ଭୂମିକା ସର୍ବାଗ୍ରେ। କିନ୍ତୁ ଲୋକପ୍ରତିନିଧି ଚୟନ ପ୍ରକ୍ରିୟାରେ ଏ ଦେଶର ଗଣ ଜାଗ୍ରତ ଥିବା ପରି ମନେହୁଏ ନାହିଁ। ସଂଖ୍ୟାଧିକ ଭୋଟ ଏ ଦେଶରେ ପ୍ରଲୋଭନ ଓ ଉତ୍କୋଚ ଜରିଆରେ ଅକ୍ତିଆର କରାଯାଇ ପାରୁଛି। ଶାସନ ବ୍ୟବସ୍ଥାକୁ ବିତ୍ତଶାଳୀ, ପୁଞ୍ଜିପତି ଓ ବାହୁବଳୀମାନେ କବ୍‌ଜା କରି ନିଜକୁ ସୁହାଇଲା ପରି ଶାସନତନ୍ତ୍ରକୁ ବ୍ୟବହାର କରିପାରୁଛନ୍ତି। ଆମ୍ ଆଦ୍‌ମୀ ପାଖରେ ଆଜି ଗଣତନ୍ତ୍ର ଅପହଞ୍ଚ ଅବସ୍ଥାରେ ରହିଛି।

ଦେଶ ସ୍ୱାଧୀନ ହେବା ସମୟରେ ଜାତିର ପିତା ମହାତ୍ମାଗାନ୍ଧୀ ଥରେ କହିଥିଲେ, ''ଏବେ ଦେଶ ସ୍ୱାଧୀନ ହୋଇନି, କେବଳ ଇଂରେଜମାନେ ଆମ ଦେଶ ଛାଡ଼ି ଯାଇଛନ୍ତି। ଇଂରେଜମାନେ ତିଆରି କରିଥିବା ବ୍ୟବସ୍ଥା, ନିୟମକାନୁନ ସବୁକୁ ଆମକୁ ବଦଳାଇବାକୁ ପଡ଼ିବ।'' ହେଲେ ଜାତିର ପିତାଙ୍କ ଏହି ଦର୍ଶନ ଆଜି କେବଳ ଇତିହାସର ପୃଷ୍ଠାରେ ଦେଖିବାକୁ ମିଳେ।

ଭାରତୀୟମାନେ ବେଶି ଗୌରବାନ୍ୱିତ ମନେକରନ୍ତି ଦେଶର ବିଶାଳ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ, ମାତ୍ର ଏହା ସବୁଠାରୁ ବେଶି ତ୍ରୁଟିପୂର୍ଣ୍ଣ ଆଉ ସଂକ୍ରମିତ। ଯେଉଁଠି ଜାତିବାଦ, ସାମ୍ପ୍ରଦାୟିକତା, ପରିବାରବାଦ, ଆଞ୍ଚଳିକତାବାଦ ଓ ସଂରକ୍ଷଣ ଆଧାରରେ ଭୋଟ ଦିଆଯାଏ, ସେଇଟା କ'ଣ ଏକ ସ୍ୱାଧୀନ ଦେଶର ସମୃଦ୍ଧ ଗଣତନ୍ତ୍ରର ପରିଭାଷା? ହଁ, ଏଇଟା ଆଶ୍ୱାସନାର ବିଷୟ ହୋଇପାରେ ଯେ ଏ ଦେଶରେ ଏଯାଏଁ କେହି ମିଲିଟାରି ଶାସନ କରିବାର ସ୍ପର୍ଦ୍ଧା କରିନାହାନ୍ତି।

ଦାରିଦ୍ର୍ୟ ଭିତରେ ଆମେ ଆର୍ଥିକ ପ୍ରଗତି ହାସଲ କରିଛୁ। ଅର୍ଥନୈତିକ ପ୍ରଗତିଶୀଳ ରାଷ୍ଟ୍ର ଭାବେ ଦେଶ ମାନ୍ୟତା ପାଇଛି। ଏ କଥା ମଧ୍ୟ ସତ, ଏ ଦେଶରେ ଅଧିକାଂଶ ସମ୍ପତ୍ତି ମୁଷ୍ଟିମେୟ ପୁଞ୍ଜିପତିଙ୍କ କବ୍‌ଜାରେ। ଦେଶ ବିକାଶ ପଥରେ ଅନେକ ପ୍ରତିବନ୍ଧକ ଅଛି ଆଉ ରହିବ। ହେଲେ ଦୁଇଟି ବ୍ୟବସ୍ଥାରେ ସଂସ୍କାର ଆସିଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଶା– ସମ୍ବିଧାନରେ ଯୁଗୋପଯୋଗୀ ସଂସ୍କାର ଓ ଆଉ ରାଜନୈତିକ ବ୍ୟକ୍ତିତ୍ୱ ଓ ଦଳରେ ସାଧୁତା।

ସ୍ୱାଧୀନତାର ୭୨ବର୍ଷ ପରେ ବି ଆମ ନେତୃବୃନ୍ଦମାନଙ୍କର ଦୂରଦୃଷ୍ଟି ଓ ଦୃଢ଼ ସଂକଳ୍ପର ଅଭାବ ରହିଛି ଓ ଶାସନ ବା ଅମଲାତନ୍ତ୍ରରେ ଅଭାବ ରହିଛି ଦୃଢ଼ ଇଚ୍ଛାଶକ୍ତିର। ଅନେକ ସମୟରେ ଆମେ ଦେଖୁ, ସ୍ଥାଣୁତା ଯେପରି ସମଗ୍ର ପ୍ରଶାସନକୁ ଅବଶ କରିଦେଇଛି। ଜନତାଙ୍କ ସମୃଦ୍ଧି ପ୍ରତି ଆମ ରାଜନୈତିକ ଦଳଗୁଡ଼ିକ, ନେତୃବୃନ୍ଦ ଓ ପ୍ରଶାସନିକ କଳ କଦାପି ସଚେତନ ନୁହନ୍ତି। ପ୍ରତି ଦଳ ଓ ନେତା ନିଜ ନିଜର କ୍ଷମତାଲିପ୍ସାକୁ ନେଇ ଏତେ ମଗ୍ନ ଯେ, ଦେଶ ପାଇଁ ଚିନ୍ତାକରିବା ଲାଗି କାହା ପାଖରେ ସମୟ ନାହିଁ। ସବୁ ବିଫଳତା ପାଇଁ ଆମେ କେବଳ ଶାସନକୁ ଦୋଷ ଦେଲେ ଚଳିବ ନାହିଁ। କାରଣ ଆମମାନଙ୍କ ନିକଟରେ ମଧ୍ୟ ପାରିବାପଣ, ଆନ୍ତରିକତା, ଦକ୍ଷତା ଓ ପ୍ରତିବଦ୍ଧତାର ଯଥେଷ୍ଟ ଅଭାବ ରହିଛି। ରାଜ୍ୟ ବା ଦେଶ ପାଇଁ ନିର୍ମଳ ହୃଦୟରେ ଦୁଇ ମିନିଟ୍ ଚିନ୍ତା କରିବା ଲାଗି ଆମ ପାଖରେ ସମୟ ନାହିଁ। ଆଉ ଗୋଟିଏ ବଡ଼ ଦୁର୍ବଳତା ହେଲା, ସଚେତନ ଗୋଷ୍ଠୀଙ୍କ ଅଭାବ। ଏଠାରେ ପ୍ରତିବାଦର ସ୍ୱର କ୍ଷୀଣ। ତେଣୁ ଲୋକମତର ଗୁରୁତ୍ୱ ହିଁ ନାହିଁ। ଫଳତଃ ଅର୍ଥନୈତିକ, ସାମାଜିକ ପ୍ରଗତି ଆଣିବା ପରି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ଓ କ୍ଷୁଧା, ଅନାହାର ତଥା ଦାରିଦ୍ର୍ୟ ପରି ପ୍ରସଙ୍ଗ ଥିଲେ ବି ଆମର ରାଜନୈତିକ ନେତୃବୃନ୍ଦ ତାଙ୍କର ମୂଲ୍ୟବାନ୍ ସମୟ ନଷ୍ଟ କରିଥାନ୍ତି କାଦୁଅଫିଙ୍ଗା ରାଜନୀତି ତଥା ମୂଲ୍ୟହୀନ ଇସ୍ୟୁଗୁଡ଼ିକରେ।

୬୦ ପ୍ରତିଶତରୁ ଅଧିକ ଲୋକ ଦାରିଦ୍ର୍ୟ ଭିତରେ ଜୀଉଁଛନ୍ତି। ଏବେ ବି ହଜାର ହଜାର ଗାଁ ନିରକ୍ଷରତା ଓ ଅନ୍ଧବିଶ୍ୱାସର ଅନ୍ଧଗଳିରେ ରହିଛି। ପିଇବାକୁ ପାଣି ନାହିଁ, କି ମୁଣ୍ଡ ଉପରେ ଛାତ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସବୁଥିରେ ପଛୁଆ। ଏହାରି ଭିତରେ ଆମେ ସ୍ୱପ୍ନ ଦେଖୁଛେ ସମାନତାର। ଆମେ ଚିନ୍ତା କରୁଛେ, ସମସ୍ତେ ପଢ଼ିବେ ସମସ୍ତେ ବଢ଼ିବେ। ହଜାର ହଜାର ଗାଁରେ ଆଜି ବି ବିଜୁଳିବତି ସାତସପନ। ଋଣଭାରରେ ଚାଷୀ ଆତ୍ମହତ୍ୟା କରୁଛି। ଅପପୁଷ୍ଟିରେ ପିଲା ମରୁଛନ୍ତି। ଏହିସବୁ ଘଟଣାକୁ ଆମ ନେତୃବୃନ୍ଦ ଭଲଭାବରେ ଜାଣିଥିଲେ ବି ନୀରବ ରହିଛନ୍ତି। କାରଣ ଏହିସବୁ ପ୍ରସଙ୍ଗ ଓ ଦାରିଦ୍ର୍ୟକୁ ନେଇ ଭୋଟ ହାସଲ କରିହୁଏ ଏହା ସେମାନେ ଭଲଭାବେ ବୁଝିଛନ୍ତି।

ଯେ ପର୍ଯ୍ୟନ୍ତ ଲୋକେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହୋଇନାହାନ୍ତି ସେ ଯାଏଁ ଦେଶ ବା ରାଜ୍ୟର ପ୍ରଗତି ଅସମ୍ଭବ। ଏଥିପାଇଁ ନିଜର ଲୋକଚରିତ୍ର, ଜୀବନଯାପନ ପ୍ରଣାଳୀ ଓ କର୍ମକ୍ଷେତ୍ରରେ ଆଗେ ନିଜକୁ ସୁସଙ୍ଗଠିତ, ପରିମାର୍ଜିତ କରି ଆଦର୍ଶ ମାର୍ଗରେ ପରିଚାଳିତ ହେବାକୁ ହେବ। ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସଂଘବଦ୍ଧ ଉଦ୍ୟମକରି ନିଜର ପ୍ରତିବାଦର ସ୍ୱରକୁ ମଜଭୁତ, ସ୍ପଷ୍ଟ ଓ ଶାଣିତ କରିବାକୁ ପଡ଼ିବ।

ଭୁବନେଶ୍ୱର, ମୋ–୯୪୩୮୨୯୬୫୧୯

## ଏଇ ଭାରତରେ

ମନ୍ଦିର ଉପରୁ ତଳକୁ ଫିଙ୍ଗି ଶିଶୁର ଉଜ୍ଜ୍ୱଳ ଭାଗ୍ୟ ଓ ଦୀର୍ଘ ଜୀବନ କାମନା କରାଯାଇଥାଏ ମହାରାଷ୍ଟ୍ର ସୋଲାପୁର ଜିଲାର ମଙ୍ଗାସୁଲି ଗାଁରେ। ଏହି ଗାଁର ଖଣ୍ଡୋବା ମନ୍ଦିରରେ ଏଭଳି ପରମ୍ପରା ଚଳିଆସୁଛି। ଗ୍ରାମବାସୀ ଖଣ୍ଡୋବାଙ୍କୁ ଶିବଙ୍କ ଅବତାର ଭାବେ ଗ୍ରହଣ କରନ୍ତି। ଲୋକେ ଶିଶୁଙ୍କୁ ଏହି ମନ୍ଦିର ଉପରୁ ତଳକୁ ପକାନ୍ତି। ପକାଇବାବେଳେ ତଳେ ବେଡ୍‌ଶିଟ୍ ଧରି ଲୋକମାନେ ଠିଆ ହୋଇଥାନ୍ତି। ଶିଶୁଟି ବେଡ୍‌ସିଟ୍ ଉପରେ ଥରେ ପଡି ଉପରକୁ ଉଠିଲା ପରେ ତାକୁ ତା' ମା କିମ୍ବା ବାପାଙ୍କୁ ଦିଆଯାଏ। ଲୋକମାନେ ଏହି ଶିଶୁଫିଙ୍ଗା ଦୃଶ୍ୟ ଦେଖିବା ଲାଗି ଭିଡ଼ ଜମାନ୍ତି। ଉକ୍ତ ପରମ୍ପରା ୭୦୦ ବର୍ଷର ପୁରୁଣା। ଯେତେବେଳେ ଏହି ଅଞ୍ଚଳରେ ଅଧିକ ସଂଖ୍ୟାରେ ଶିଶୁମୃତ୍ୟୁ ହେଉଥିଲା ସେବେଠାରୁ ଏହି ପରମ୍ପରା ଆରମ୍ଭ ହୋଇଛି। ଥରେ ଜଣେ ସାଧୁ ଗାଁକୁ ଆସିଥିଲେ। ଯେଉଁମାନଙ୍କ ଶିଶୁ ମୃତ୍ୟୁମୁଖରେ ପଡୁଥିଲେ ସେମାନଙ୍କୁ ମନ୍ଦିର ନିର୍ମାଣ କରିବାକୁ କହିଲେ। ସାଧୁଙ୍କ କଥାରେ ମନ୍ଦିର ନିର୍ମାଣ ହେଲା। ଏହାପରେ ସାଧୁ ଜଣକ ସେହି ମନ୍ଦିର ଉପରୁ ରୋଗଗ୍ରସ୍ତ ଶିଶୁଙ୍କୁ ତଳକୁ ଫିଙ୍ଗିବାକୁ କହିଥିଲେ। ଲୋକମାନେ ତାହା ହିଁ କଲେ ଓ ସେତେବେଳେ ଏକ ଅଦ୍ଭୁତ ଘଟଣା ଘଟିଲା। ମନ୍ଦିରରୁ ଚାଦରର ଏକ ଝୁଲଣ ବାହାରି ଶିଶୁଙ୍କୁ କୋଳେଇ ନେଲା। ଶିଶୁ ବି ସୁସ୍ଥ ରହିଲା। ସେବେଠାରୁ ଶିଶୁଟିଏ ଜନ୍ମ ହେଲେ ତା'ର ସୁସ୍ଥତା କାମନାକରି ତାକୁ ମନ୍ଦିର ଉପରୁ ତଳକୁ ଫିଙ୍ଗିଥାନ୍ତି ଗ୍ରାମବାସୀ। ଏଥିପାଇଁ ପିଲା ଦୀର୍ଘଜୀବୀ ହେବାସହ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୁଏ ବୋଲି ବିଶ୍ୱାସ ରହିଛି। ପିଲା ଜନ୍ମହେବାର ଦୁଇମାସ ଭିତରେ ଏହା ପାଳନ କରାଯାଏ। ମଙ୍ଗାସୁଲିର ଆଖପାଖ ଗାଁ ଏବଂ କର୍ଣ୍ଣାଟକର ନାଗ୍ରାଲା ଗାଁରେ ମଧ୍ୟ ଏମିତିକା ପରମ୍ପରା ରହିଛି।

## ଚିରନ୍ତନୀ

ପୀରତି ଯଥା କହିବା କଥା
କେବଳ ଦେହ–ତୃଷ୍ଣା
ଅମର ହେବା ତେସନ ଖାଲି ମିଛ,
କବିତା ଯଥା ମାନସ–ଭୁଲା
ଭାଷାର ଏକ ଭୁଷା
ନୋହିଲେ ସେ ଯେ ଗଦ୍ୟ ତହୁଁ ନୀଚ! (ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | | | | 4 | | | | | 2 | | 8 | 1 |
| | B | 9 | 8 | | | | | | A | | D | | | |
| | 2 | | | 6 | A | B | | | | | 8 | D | | |
| 1 | 3 | | 2 | 0 | | A | | | | 9 | | 6 | 4 | C |
| | | | | E | 9 | | | | | 5 | | | B | |
| 9 | 5 | 8 | | | | | | 0 | | 7 | B | | 1 | 3 |
| | | | 5 | | D | 6 | | | | | E | | | 7 |
| | C | 4 | | 2 | | | 1 | | | 8 | | 5 | | |
| 0 | | | | B | | 8 | | | | | | | C | 9 |
| | | | | A | | | | 3 | C | D | | | | 6 |
| | 1 | | | | | | | D | | | 0 | | | |
| 7 | | 3 | 0 | 1 | 2 | | | 6 | | | | | | D |
| 2 | 6 | | | | B | | | | | 4 | 1 | | | |
| | | | 6 | 3 | E | 2 | | | | A | 5 | | | |
| | | | | | 7 | 5 | | | | | | 3 | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 2 | 1 | 6 | 3 | B | C | 8 | 9 | E | 4 | 5 | D | A | 7 |
| D | 4 | 9 | 5 | C | E | 7 | 0 | 6 | 3 | 2 | A | B | 1 | 8 |
| A | 7 | B | 9 | 4 | 8 | 2 | D | 3 | 1 | 6 | 0 | C | E | 5 |
| 8 | C | 3 | 1 | 7 | 0 | E | 5 | A | 9 | B | D | 4 | 6 | 2 |
| 5 | 6 | E | A | D | 2 | 4 | 1 | B | C | 8 | 7 | 9 | 0 | 3 |
| B | 8 | A | 2 | 6 | 3 | 0 | 4 | E | 5 | D | C | 1 | 7 | 9 |
| 7 | 9 | 4 | 8 | 1 | 5 | B | A | C | 0 | 3 | E | 2 | D | 6 |
| 1 | 3 | 6 | C | E | A | D | 7 | 2 | 4 | 9 | 8 | 5 | B | 0 |
| E | 5 | 2 | B | 0 | D | 9 | 3 | 8 | 7 | 1 | 6 | A | C | 4 |
| C | 0 | D | 4 | 9 | 7 | 1 | 6 | 5 | 2 | A | B | 8 | 3 | E |
| 2 | A | 5 | 0 | B | 6 | 3 | C | D | 8 | 7 | 9 | E | 4 | 1 |
| 9 | B | 8 | 7 | 5 | 4 | 6 | E | 0 | D | C | 1 | 3 | 2 | A |
| 4 | E | 0 | D | 8 | 1 | A | 2 | 7 | B | 5 | 3 | 6 | 9 | C |
| 6 | D | 7 | 3 | 2 | C | 5 | 9 | 1 | A | E | 4 | 0 | 8 | B |
| 3 | 1 | C | E | A | 9 | 8 | B | 4 | 6 | 0 | 2 | 7 | 5 | D |

ଗତକାଲିର ଉତ୍ତର

# ବେଦଭାଷ୍ୟ ଓ ଶ୍ରୀଅରବିନ୍ଦ

ଜନ୍ମେଜୟ ଦ୍ୱିବେଦୀ

ପୃଥିବୀପୃଷ୍ଠରେ ଶ୍ରୀଅରବିନ୍ଦଙ୍କ ଜନ୍ମର ତାତ୍ପର୍ଯ୍ୟ ସମ୍ପର୍କରେ ଶ୍ରୀମାଙ୍କର ବକ୍ତବ୍ୟ ଯଥେଷ୍ଟ ପରିମାଣରେ ତାଙ୍କୁ ନେଇ ଅନେକ ଭୁଲ ବୁଝାମଣା ଦୂର କରିବା ସଙ୍ଗେ ସଙ୍ଗେ ମାନବ ଇତିହାସରେ ତାଙ୍କ ଭୂମିକା ସମ୍ପର୍କରେ ସୂଚନା ଦିଏ। ବକ୍ତବ୍ୟଟି ହେଲା Sri Aurobindo has come on earth not to bring a teaching or a creed in complition with previous creeds or teachings, but to show the way to overpass the past and to open concretely the route towards an imminent and inevitable future. ବକ୍ତବ୍ୟର ମର୍ମ ହେଉଛି ଅତୀତର ଧାର୍ମିକ ପରମ୍ପରା ଏବଂ ସିଦ୍ଧାନ୍ତକୁ ପ୍ରତିହତ କରି ଆଉ ଏକ ଧର୍ମ ବା ସିଦ୍ଧାନ୍ତ ପ୍ରତିଷ୍ଠା ନିମନ୍ତେ ଶ୍ରୀଅରବିନ୍ଦ ଏହି ପୃଥିବୀପୃଷ୍ଠକୁ ଆସିନାହାନ୍ତି। ତାଙ୍କ ଆବିର୍ଭାବର ଲକ୍ଷ୍ୟ ହେଉଛି ଅତୀତକୁ ଅତିକ୍ରମି ଦ୍ୱାରଦେଶରେ ଉପନୀତ ଅପରିହାର୍ଯ୍ୟ ଭବିଷ୍ୟତକୁ ସ୍ୱୀକାର କରିବା ନିମନ୍ତେ ମାନବ ଜାତିକୁ ପ୍ରସ୍ତୁତ କରିବା।

ଆମେ ଶ୍ରୀଅରବିନ୍ଦଙ୍କୁ ବହୁ ଭାବରେ ଜାଣୁ। କେହି ତାଙ୍କୁ ତାଙ୍କର ରାଜନୈତିକ କାର୍ଯ୍ୟ ଆଧାରରେ ଜଣେ ବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ ବୋଲି ଜାଣନ୍ତି। କେହି ତାଙ୍କର ଯୋଗଦର୍ଶନ ସମ୍ବନ୍ଧୀୟ ରଚନା ଆଧାରରେ ତାଙ୍କୁ ଦାର୍ଶନିକ ଭାବେ ବିଚାର କରନ୍ତି। କେହି ତାଙ୍କର କବିତା ତଥା ମହାକାବ୍ୟ ରଚନା ଆଧାରରେ ତାଙ୍କୁ କବି ବୋଲି ଗ୍ରହଣ କରନ୍ତି। କେହି ତାଙ୍କୁ ମହାଯୋଗୀ, ଅବତାର ପୁରୁଷ ବୋଲି ଗ୍ରହଣ କରି ତାଙ୍କ ପାଖରେ ନିଜକୁ ସମର୍ପଣ କରନ୍ତି। ଆହୁରି ଅନେକ ଦିଗରୁ ସେ ଯେକୌଣସି ବ୍ୟକ୍ତିଙ୍କୁ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ କରିପାରୁଥିବା ସାମର୍ଥ୍ୟର ଅଧିକାରୀ ଶ୍ରୀଅରବିନ୍ଦ। କୌଣସି ସ୍ତରରେ ଜଣେ ତାଙ୍କୁ ଗ୍ରହଣ କରି ନ ପାରିଲେ ମଧ୍ୟ ତାଙ୍କୁ ଅସ୍ୱୀକାର କରିପାରିବ ନାହିଁ। ଏହାର ସୁନ୍ଦର ଉଦାହରଣ ହେଉଛି ଦାର୍ଶନିକ ରାଧାକ୍ରିଷ୍ଣନ୍‌ଙ୍କର ଏକ ମନ୍ତବ୍ୟ। ଶ୍ରୀଅରବିନ୍ଦ ବେଦ ଉପରେ ତାଙ୍କର ଉପଲବ୍ଧି ପ୍ରକାଶ କରିବା ପୂର୍ବରୁ ପାଶ୍ଚାତ୍ୟ ବେଦ ବିଦ୍ୱାନ୍‌ମାନଙ୍କର ଭାଷ୍ୟ ଆମ ଦେଶରେ ବେଦ ଅଧ୍ୟୟନକାରୀମାନଙ୍କ ଦ୍ୱାରା ଗୃହୀତ ହୋଇଥିଲା। ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମତରେ ବେଦ ସଭ୍ୟତାର ଆଦିମ ପର୍ବରେ ସୃଷ୍ଟି, ଯେଉଁଥିରେ ଉଚ୍ଚତର କୌଣସି ଆଧ୍ୟାତ୍ମିକ ଉପଲବ୍ଧି ନାହିଁ। ଅଛି ଖାଲି ଶିଶୁ ସୁଲଭ କିଛି ଅର୍ଥହୀନ ପ୍ରଳାପ। ଏହା ଭାରତୀୟମାନଙ୍କର ବସ୍ତୁବାଦୀ ଦୃଷ୍ଟିକୋଣକୁ ପ୍ରକଟିତ କରେ, କାରଣ ଏଥିରେ ବର୍ଣ୍ଣିତ ଯଜ୍ଞ କ୍ରିୟା ମାଧ୍ୟମରେ ଆଦିମ ଭାରତୀୟମାନେ ନିଜର ଭୌତିକ ସମୃଦ୍ଧି ପାଇଁ ଦେବତାମାନଙ୍କ ପାଖରେ ଯାଚ୍ଞା କରିବାର ପଦ୍ଧତି ବର୍ଣ୍ଣିତ ହୋଇଛି।

'ଆର୍ଯ୍ୟ' ପତ୍ରିକା ପୃଷ୍ଠାରେ ଶ୍ରୀଅରବିନ୍ଦ ଏହି ମତ ତଥା ଭାଷ୍ୟକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରି ଦର୍ଶାଇଲେ ଯେ, ବେଦର ଭାଷା ଏବଂ ବକ୍ତବ୍ୟ ରହସ୍ୟମୟ, ଯାହା ପାଶ୍ଚାତ୍ୟ ବିଦ୍ୱାନ୍‌ମାନଙ୍କ ନିକଟରେ ବୋଧଗମ୍ୟ ନୁହେଁ। ସେମାନେ ଏକ ଭ୍ରମାତ୍ମକ ପଥରେ ଯାଇ ଯେଉଁ



ବେଦମନ୍ତ୍ରକୁ ବାଳକସୁଲଭ କଳ୍ପନା, ମୂର୍ଖତାପୂର୍ଣ୍ଣ କବିତା ଏବଂ ବସ୍ତୁବାଦୀ ଦୃଷ୍ଟିକୋଣ ବୋଲି କହିଛନ୍ତି, ବାସ୍ତବରେ ଏହା ତାଙ୍କର ବୁଝିବାର ଅକ୍ଷମତା। ତାହା ଏକ ଉନ୍ନତ ସଭ୍ୟ ତଥା ସୁସଂସ୍କୃତ ଜାତିର ଉତ୍ତୁଙ୍ଗ ଆଧ୍ୟାତ୍ମିକ ଆସ୍ପୃହାର ପରିପ୍ରକାଶ।

ରାଧାକ୍ରିଷ୍ଣନ୍ କହିଲେ, ଅରବିନ୍ଦ ଘୋଷ ବେଦ ସମ୍ପର୍କରେ ଯେଉଁ ନୂତନ ତଥ୍ୟ ଦେଇଛନ୍ତି, ତାହା ସ୍ୱୀକାର୍ଯ୍ୟ ହେଲେ ମଧ୍ୟ ଗ୍ରହଣୀୟ ନୁହେଁ। ତାଙ୍କର ଏହି ଧରଣର ବକ୍ତବ୍ୟ ପଛରେ ଯୁକ୍ତିଥିଲା ପାଶ୍ଚାତ୍ୟର ଯେଉଁ ବିଦ୍ୱାନ୍‌ମାନେ ବେଦକୁ ଏକ ଆଦିମ ଜାତିର ଅର୍ଥହୀନ ପ୍ରଳାପ କହିଥିଲେ, ସେମାନେ ଏହି ସିଦ୍ଧାନ୍ତରେ ପହଞ୍ଚିବାକୁ ଆଜୀବନ ଶ୍ରମ ଏବଂ ଗବେଷଣା କରିଥିଲେ। ଶହେ ବର୍ଷ ପରେ ଆଜି ରାଧାକ୍ରିଷ୍ଣନ୍‌ଙ୍କ ଏହି ଉକ୍ତି କେତେଦୂର ଯୁକ୍ତିସମ୍ମତ ବା ହାସ୍ୟାସ୍ପଦ ତାହା ଜଣାପଡ଼େ। ଶ୍ରୀଅରବିନ୍ଦଙ୍କ ଦ୍ୱାରା ବେଦର ରହସ୍ୟ ଉନ୍ମୋଚନ ବିକଳ୍ପ ପାଣ୍ଡିତ୍ୟର ପରିପ୍ରକାଶ ନୁହେଁ। ଏହା ଋଷି–ଦୃଷ୍ଟିର କଥା, ଯାହା ଯୁକ୍ତିସମ୍ମତ ଭାବେ ବେଦ ଆଗ୍ରହୀ ମାନସକୁ ପ୍ରଲୁବ୍ଧ କରିଚାଲିଛି।

ସଭ୍ୟତା ସମ୍ପର୍କରେ ପାଶ୍ଚାତ୍ୟ ତତ୍ତ୍ୱକୁ ଅସ୍ୱୀକାର କରି ଶ୍ରୀଅରବିନ୍ଦ କହିଛନ୍ତି ଯେ, ଭୌତିକ ସମୃଦ୍ଧି ଆଧାରରେ ସଭ୍ୟତାର ବିଚାର କରିବା ଅସମୀଚୀନ ଏବଂ ଅସଙ୍ଗତ। ଏକ ସୁଖମୟ ଜୀବନଯାପନ ପାଇଁ ସେ କେତେ ଅସ୍ତ୍ର ଆବିଷ୍କାର କରୁଛି। ତାକୁ ନେଇ ସଭ୍ୟତାର ଅଭିବୃଦ୍ଧି କଥା କୁହାଯାଇପାରିବ ନାହିଁ। ବ୍ୟକ୍ତି କେତେଦୂର ଅନ୍ତର୍ଦୃଷ୍ଟିସମ୍ପନ୍ନ ଏବଂ କେତେ ପରିମାଣରେ ସେ ବିଶ୍ୱ ଏବଂ ବିଶ୍ୱାତୀତ ସହ ସମ୍ବନ୍ଧିତ ହୋଇ ରହିପାରୁଛି। ଯାହା ତା'ର ଜୀବନକୁ ଏବଂ ଆସ୍ପୃହାକୁ ରୂପଦେବ, ତାହା ହିଁ ସଭ୍ୟତାର ପରିମାପକ। ଏହି ତତ୍ତ୍ୱ ଆଧାରରେ ସେ ଦର୍ଶାଇବାକୁ ଚାହିଁଛନ୍ତି ବେଦର ସୃଷ୍ଟି ସମୟ ଭାରତ ଭୂଖଣ୍ଡ ପାଇଁ ସଭ୍ୟତାର ଶୈଶବ ଅବସ୍ଥା ନୁହେଁ, ସମୃଦ୍ଧ ଅବସ୍ଥା। ଶ୍ରୀଅରବିନ୍ଦ ଦର୍ଶାଇଛନ୍ତି, ଏହା ବକ୍ରରେଖା ଆକାରରେ ଗତିକରେ। ବିକାଶ ହେଉଛି ଅଗ୍ରଗତି ସହ ପଶ୍ଚାତ୍‌ଗତିର ମିଶ୍ରଣ, ଉତ୍ଥାନ ଓ ପତନର ସମଷ୍ଟି। ଏହି ତତ୍ତ୍ୱକୁ ସ୍ୱୀକାର କରିଗଲେ ଶ୍ରୀଅରବିନ୍ଦଙ୍କ ସହ ଏକମତ ହେବାରେ କୌଣସି ବାଧା ଆସିବ ନାହିଁ ଏବଂ ଆମେ ସ୍ୱୀକାର କରିବା ବେଦ ଏକ ସମୃଦ୍ଧ ସମୟର ସୃଜନଶୀଳ ପରିପ୍ରକାଶ, ଯେଉଁଥିରେ କୌଣସି ପ୍ରକାର ପିଲାଳିଆମି, ମୂର୍ଖତା ଏବଂ ଆଦିମତା ନାହିଁ।

ଶ୍ରୀଅରବିନ୍ଦ ମଣିଷର ସମ୍ଭାବନାମୟ ଦିଗକୁ ନେଇ ପ୍ରବଳ ଆଶାବାଦୀ ଥିଲେ। ମଣିଷ ଆଜି ଯେଉଁ ଅବସ୍ଥାରେ ରହିଛି, ତାହା ତା'ର ଭବିଷ୍ୟତ ପରିପ୍ରେକ୍ଷୀରେ ମଧ୍ୟବର୍ତ୍ତିକାଳୀନ ଅବସ୍ଥା, ଯେଉଁ ସ୍ତରରେ ସେ ଧରିନେଇଛି ଭୌତିକ ଜୀବନର ସମୃଦ୍ଧି ହିଁ ପ୍ରକୃତ ସମୃଦ୍ଧି। ଏହି ସ୍ତରକୁ ଅତିକ୍ରମ କରିବାର ସାମର୍ଥ୍ୟ ତା' ମଧ୍ୟରେ ଥିଲେ ମଧ୍ୟ ସେ ତାହା ପାରୁନାହିଁ। ଯେଉଁଥିପାଇଁ ପରମ ଶକ୍ତିଙ୍କର ସାହାଯ୍ୟ ଦରକାର। ଶ୍ରୀଅରବିନ୍ଦ ହେଉଛନ୍ତି ସେହି ଶକ୍ତି ଓ ସାହାଯ୍ୟ, ଯାହା ମାନବ ଜାତିକୁ ତା'ର ଭବିତବ୍ୟ ଆଧ୍ୟାତ୍ମିକ ସ୍ତରକୁ ନେଇଯାଇପାରିବ। ବେଦର ଭାଷାରେ ସେ ହେଉଛନ୍ତି ଅଗ୍ନି, ମଣିଷ ଭିତରେ ଥିବା ଅମୃତତ୍ୱ, ଦୈବୀଶକ୍ତି, ଯାହା ତାକୁ ତା'ର ଶ୍ରେଷ୍ଠତ୍ୱରେ ପହଞ୍ଚିବା ପାଇଁ ନିରନ୍ତର ଭାବରେ କାମ କରିଚାଲିଛି। ତାଙ୍କର ଲକ୍ଷ୍ୟ ଥିଲା ସାଧନା ମାଧ୍ୟମରେ ବ୍ରାହ୍ମତେଜ ଆହରଣ, ଯାହା ଦେଶର ସ୍ୱାଧୀନତା ପ୍ରାପ୍ତିରେ ସାହାଯ୍ୟ କରିବ। ପରବର୍ତ୍ତୀ ଅବସ୍ଥାରେ ଆଉ ଏକ ବୃହତ୍ତର ଲକ୍ଷ୍ୟ ପୂର୍ବ ଲକ୍ଷ୍ୟର ସ୍ଥାନ ନେଲା, ତାହା ହେଉଛି ମାନବ ଜାତି ପାଇଁ ସାଧନା। ପୁନର୍ବାର ଆଉ ଏକ ଅଧିକ ବୃହତ୍ତର ଲକ୍ଷ୍ୟ ପୂର୍ବ ଲକ୍ଷ୍ୟର ସ୍ଥାନ ନେଲା ଯାହା ହେଉଛି ଅମୃତତ୍ୱ ପାଇଁ ସାଧନା ବା ପୃଥିବୀ ଚେତନାର ପରିବର୍ତ୍ତନ ପାଇଁ ସାଧନା।

ପୁରୀ, ମୋ–୯୮୬୧୩୭୦୬୬୨

## ପାଠକ ଶ୍ରେଷ୍ଠ ବିଚାରକ

### ବିଳମ୍ବ ହେଲେ ମଧ୍ୟ ନିଷ୍ପତ୍ତି ଯଥାର୍ଥ

ମହାଶୟ,

ଶ୍ରୀମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ନେଇଥିବା ନିଷ୍ପତ୍ତି ବିଳମ୍ବ ହେଲେ ମଧ୍ୟ ସ୍ୱାଗତଯୋଗ୍ୟ। ବଡଦେଉଳର ପରିବେଶ ପାନପିକ ଓ ଗୁଟ୍‌ଖା ଛେପରେ ଯେପରି ଅପରିଷ୍କାର ହେଉଛି ତାକୁ ବନ୍ଦ କରା ନ ଗଲେ ବହିରାଗତ ଭକ୍ତ ନିନ୍ଦା କରିବେ। ଏଣୁ ଏପରି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଚାରିଦ୍ୱାରର ତନଖି କଡ଼ାକଡ଼ି ହେଉ ଓ ନିୟମ ଭଙ୍ଗକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉ। ଶ୍ରୀମନ୍ଦିର ପରିବେଶ ତମାଖୁମୁକ୍ତ ହେଲେ ବଡ ଦେଉଳର ଗରିମା ରକ୍ଷା ହେବ ବୋଲି ପାଠକ ବିଚାର କରନ୍ତି।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

### ଚାରାର ଯତ୍ନ ନିଆଯାଉ

ପ୍ରତିବର୍ଷ ଜୁଲାଇ ମାସରେ ବନମହୋତ୍ସବ ପାଳନ କରାଯିବା ଅବସରରେ ବିଭିନ୍ନ ସ୍ଥାନରେ ହଜାର ହଜାର ଚାରା ରୋପଣ କରାଯାଏ। କିନ୍ତୁ ସେ ଚାରା କ'ଣ କେବେ ବୃକ୍ଷର ରୂପ ପାଆନ୍ତି? ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ମରିଯାଉଛି। ତେଣୁ ଯେଉଁ ଚାରାରୋପଣ କରାଯାଉଛି ସେଗୁଡିକର ଯତ୍ନ ଉପରେ ଦୃଷ୍ଟି ଦିଆଯାଉ।

ସାରଥି ମଲ୍ଲିକ, ଅମରପାଲି, ବୀରମହାରାଜପୁର, ସୋନପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଅଗଷ୍ଟ ୧୯୯୪

- କଟକ ଓ ଭୁବନେଶ୍ୱର ପୌରସଂସ୍ଥାକୁ କର୍ପୋରେଶନରେ ପରିଣତ କରାଗଲା।
- ବାଂଲାଦେଶରେ ଏକ ନୌକା ବୁଡି ୧୭ ଜଣଙ୍କ ମୃତ୍ୟୁ।

# ସ୍ମରଣୀୟ ୭୩



**୭୩ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଦେଶ ହାସଲ କରିଥିବା ୭୩ଟି ଉଲ୍ଲେଖନୀୟ ଘଟଣା ସମ୍ପର୍କରେ....**

- ସ୍ୱାଧୀନତା ପ୍ରାପ୍ତିର ଏକ ବର୍ଷ ପରେ ଅର୍ଥାତ ୧୯୪୮ରେ ଭାରତୀୟ ପୁରୁଷ ହକି ଟିମ୍ ଲଣ୍ଡନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ।
- ୧୯୫୦ ମସିହା ୧୦ଟା.୧୮ମିନିଟରେ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲା। ଏହାର ୬ ମିନିଟ ପରେ ଡ. ରାଜେନ୍ଦ୍ର ପ୍ରସାଦ ଭାରତର ପ୍ରଥମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ।
- ପ୍ରଥମ ଦେଶ ଭାବେ ଭାରତ ୧୯୫୪ରେ ଟ୍ରମ୍ବେରେ ପରମାଣୁ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କରିଥିଲା।
- ୧୯୫୫ରେ ଭାରତ ତା'ର ପ୍ରଥମ କମ୍ପ୍ୟୁଟର ଏଚଇସି୨ଏମ୍ ପ୍ରତିଷ୍ଠା କରିଥିଲା।
- ୧୯୫୬ ଅଗଷ୍ଟ୪ରେ ପ୍ରଥମ ଆଣବିକ ରିଆକ୍ଟର ନିର୍ମାଣ କରିଥିଲା।
- ୧୯୫୬ରେ ଭାରତୀୟ ପୁରୁଷ ହକି ଟିମ୍ ମେଲବୋର୍ନ ଅଲିମ୍ପିକ୍ସରେ ପୁଣି ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲା।
- ୧୯୫୮ରେ ମୁମ୍ବାଇରେ ଆଇଆଇଟି ଶିକ୍ଷା କ୍ଷେତ୍ରରେ ଏକ ନୂଆ ଆଧ୍ୟାୟ ଅରମ୍ଭ କରିଥିଲା।
- ୧୯୫୯ ଆରତି ଶାହ ଏସିଆର ପ୍ରଥମ ମହିଳା ଭାବେ ଇଂଲିଶ ଚାନେଲ ଅତିକ୍ରମ କରିଥିଲେ।
- ୧୯୫୯ରେ ସତ୍ୟଜିତ ରାୟଙ୍କର ଚଳଚ୍ଚିତ୍ର 'ଅପୁର ସଂସାର' ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ନୂଆ ପରିଚୟ ଦେଇଥିଲା।
- ୧୯୬୦ରେ ଆରତି ଶାହ ପଦ୍ମଶ୍ରୀରେ ସମ୍ମାନିତ ହେବାରେ ପ୍ରଥମ ମହିଳା ।
- ୧୯୬୦ ଅଲିମ୍ପିକ୍ସରେ ମିଲ୍‌ଖା ସିଂହ ରେକର୍ଡ କରିବାରେ ପ୍ରଥମ ଭାରତୀୟ ।
- ୧୯୬୧ରେ ଭାରତ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର(ନାମ୍)ର ପ୍ରଥମ ବୈଠକର ନେତୃତ୍ୱ ନେଇଥିଲା।
- ୧୯୬୨ରେ ଏସିଆନ ଗେମ୍ସରେ ଭାରତୀୟ ଫୁଟବଲ୍ ଟିମ୍ ସ୍ୱର୍ଣ୍ଣ ଜିତିଥିଲା।
- ୧୯୬୪ରେ ଭାରତର ପ୍ରଥମ ଜେଟ୍ ଟ୍ରେନର ଏଚଜେଟି-୧୬ ଉଡ଼ିଥିଲା।
- ୧୯୬୫ରେ କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘଠିତ ଯୁଦ୍ଧରେ ଭାରତ ପାକିସ୍ତାନ ପରାସ୍ତ। ଏହି ବର୍ଷ ସବୁଜ ବିପ୍ଳବ ଆରମ୍ଭ କୃଷିକୁ ନୂଆ ପଥ ଦେଖାଇଥିଲା।




- ୧୯୬୬ରେ ପ୍ରଥମ ଭାରତୀୟ ଭାବେ ରିତା ଫାରିଆ ମିସ୍ ୱାର୍ଲ୍ଡ ମୁକୁଟ ବିଜୟିନୀ।
- ୧୯୬୭ରେ ପ୍ରଖ୍ୟାତ ସିତାର ବାଦକ ପଣ୍ଡିତ ଶିବଶଙ୍କରଙ୍କୁ ଗ୍ରାମି ପୁରସ୍କାର ମିଳିଥିଲା।
- ୧୯୬୮ରେ ଡ. ପ୍ରଫୁଲ୍ଲ ସେନ୍ ହୃଦ୍ ପ୍ରତିରୋପଣ କରିବାରେ ବିଶ୍ୱରେ ତୃତୀୟ ଓ ଏସିଆର ପ୍ରଥମ ଡାକ୍ତର ହୋଇଥିଲେ।
- ୟୁନେସ୍କୋ ଭାରତୀୟ ରେଳ ଓ ବମ୍ବେର ଛତ୍ରପତି ଶିବାଜି ଟର୍ମିନସ୍‌କୁ ବିଶ୍ୱ ଐତିହ୍ୟର ମାନ୍ୟତା ଦେଇଥିଲା।
- ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର ( ଇସ୍ରୋ) ପ୍ରତିଷ୍ଠା କରାଯାଇଥିଲା ୧୯୬୯ ମସିହାରେ।
- ଭାରତ ସହାୟତାରେ ପୂର୍ବ ପାକିସ୍ତାନ ବଂଲା ମୁକ୍ତିବାହିନୀ ସ୍ୱାଧୀନ ବାଂଲାଦେଶ ଘୋଷଣା କଲା। ୧୯୭୧ରେ ସଂଘଠିତ ଏହି ଯୁଦ୍ଧରେ ଭାରତ ପାକିସ୍ତାନକୁ ପରାସ୍ତ କରିଥିଲା।
- ୧୯୭୩ରେ ଭାରତ ପ୍ରଥମ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଟାଇଗର ପ୍ରୋଜେକ୍ଟ ଆରମ୍ଭ।
- ଭାରତ ୧୯୭୪ରେ ପ୍ରଥମ ପରମାଣୁ ପରୀକ୍ଷଣ କରିଥିଲା।
- ୧୯୭୫ରେ ଆର୍ଯ୍ୟଭଟ୍ଟ ମହାକାଶ ଯାନ ଉତ୍କ୍ଷେପଣ କରି ଭାରତ ସାଟେଲାଇଟ ବିକଶିତ ଦେଶ ସହ ସାମିଲ ହୋଇଥିଲା। ଏହି ବର୍ଷ ମେଲବୋର୍ନରେ ମାଇକେଲ ଫେରେରା ବିଶ୍ୱ ବିଲିୟାର୍ଡସ ଚାମ୍ପିୟନଶିପ୍ ଜିତିଥିଲେ।
- ୧୯୭୮ରେ ଭାରତରେ ପ୍ରଥମ ଟେଷ୍ଟଟ୍ୟୁବ ବେବି ଜନ୍ମ ହୋଇଥିଲା।
- ୧୯୭୯ରେ ସୁପ୍ରିମକୋର୍ଟ ଜନହିତ ମାମଲାକୁ ବୈଧ ଘୋଷଣା କଲେ।
- ମଦର ଟେରେସାଙ୍କୁ ଗୌରବାବହ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା ୧୯୭୯ରେ।
- ବସନ୍ତରୋଗରୁ ମୁକ୍ତି ପାଇବା ପାଇଁ ଭାରତ ୧୯୮୦ରେ ଦୀର୍ଘ ମିଆଦି ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ।
- ୧୯୮୨ରେ ଦିଲ୍ଲୀରେ ଏସିଆନ ଗେମ୍ସର ଆୟୋଜନ ।
- ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ କ୍ରିକେଟ ବିଶ୍ୱ କପ୍ ଜିତିଥିଲା।
- ୧୯୮୪ରେ ରାକେଶ ଶର୍ମା ଭାରତର ପ୍ରଥମ ଓ ବିଶ୍ୱର ୧୩୮ ତମ ମହାକାଶଚାରୀ ଭାବେ ମହାକାଶକୁ ଯାଇଥିଲେ।
- ୧୯୮୫ରେ ଫାଷ୍ଟ ବ୍ରିଡର ନ୍ୟୁକ୍ଲିୟର ରିଆକ୍ଟର ହାସଲ କରିବାରେ ବିଶ୍ୱର ୬ଷ୍ଠ ରାଷ୍ଟ୍ର ହୋଇଥିଲା ଭାରତ।
- ୧୯୮୬ ଏସିଆନ ଗେମ୍ସରେ ଭାରତୀୟ ଧାବିକା ପିଟି ଉଷାଙ୍କ ଐତିହାସିକ ବିଜୟ।
- ୧୯୮୭ରେ ଟେଷ୍ଟ ମ୍ୟାଚରେ ୧୦ ହଜାର ରନ କରିବାରେ ସୁନିଲ ଗାଭାସ୍କର ପ୍ରଥମ ଭାରତୀୟ ଖେଳାଳି ।
- ୧୯୮୮ରେ ରିମୋର୍ଟ ସେନସିଂ ସାଟେଲାଇଟ ଆଇଆରଏସ-୧ଏ କୁ ଇସ୍ରୋ ମହାକାଶକୁ ଉତ୍କ୍ଷେପଣ କରିଥିଲା। ଏଥିସହ ୧୯୮୮ରେ ଭୋଟଦାନ ଅଧିକାର ୧୮ ବର୍ଷ ବୟସକୁ କମାଯାଇଥିଲା।
- ୧୯୮୯ରେ କେରଳର କୋଟାୟାମ ଜିଲାକୁ ସମ୍ପୂର୍ଣ୍ଣ ସାକ୍ଷର ଜିଲା ଭାବେ ଘୋଷଣା କରାଯାଇଥିଲା।
- ୧୯୯୦ରେ କୁଏଟ୍ ଓ ଇରାକ ଯୁଦ୍ଧରେ ୧ଲକ୍ଷ ୧୦ ହଜାର ଭାରତୀୟଙ୍କୁ ବିମାନ ଯୋଗେ ଭାରତକୁ ଅଣାଯାଇଥିଲା ଯାହା ବିଶ୍ୱରେ ଏଯାବତ୍ ଏ କ୍ଷେତ୍ରରେ ବଡ଼ ସଫଳତା।
- ପ୍ରଥମ ଭାରତୀୟ ଭାବେ ୧୯୯୨ରେ ସତ୍ୟଜିତ୍ ରାୟଙ୍କୁ ମିଳିଥିଲା ଓସ୍କାର ପୁରସ୍କାର ।
- ୧୯୯୩ରେ ବିଶ୍ୱ ବ୍ୟାଙ୍କ ଭାରତକୁ ବିଶ୍ୱର ୬ଷ୍ଠ ଅର୍ଥ ବ୍ୟବସ୍ଥାର ଦେଶ ଭାବେ ଘୋଷଣା କରିଥିଲା।
- ୧୯୯୪ର ସୁସ୍ମିତା ସେନ ଓ ଐଶ୍ୱର୍ଯ୍ୟା ରାୟ ଯଥାକ୍ରମେ ମିସ୍ ୟୁନିଭର୍ସ ଓ ମିସ୍ ୱାର୍ଲ୍ଡ ମୁକୁଟ ହାସଲ କରିଥଲେ।
- ଦେଶରେ ୧୯୯୫ରେ ପ୍ରଥମେ ଇଣ୍ଟରନେଟ ବ୍ୟବହାର ।
- ୧୯୯୫ ଅଗଷ୍ଟ ୧୫ରେ ମଧ୍ୟାହ୍ନ ଭୋଜନ ଯୋଜନା ଆରମ୍ଭ।
- ୧୯୯୬ ଆଣ୍ଟଲାଣ୍ଟା ଅଲିମ୍ପିକ୍ସରେ ଲିଆଣ୍ଡର ପେସ୍ ତାମ୍ର ପଦକ ଜିତିଥିଲେ।
- ୧୯୯୭ରେ ଲେଖିକା ଅରୁନ୍ଧତୀ ରାୟଙ୍କୁ ପୁସ୍ତକ 'ଦି ଗଡ୍ ଅଫ୍ ସ୍ମଲ ଥିଙ୍ଗସ୍' ପାଇଁ ବୁକର ପୁରସ୍କାର ।
- ୧୯୯୮ରେ ପୋଖରାନ୍‌ରେ ଦ୍ୱିତୀୟ ପରମାଣୁ ପରୀକ୍ଷଣ।
- ୧୯୯୯ରେ ନ୍ୟୁୟର୍କର ନାସ୍‌ଡାକ ଲିଷ୍ଟରେ ପ୍ରଥମ ଭାରତୀୟ କମ୍ପାନୀ ଭାବେ ଇନଫୋସିସ୍ ସାମିଲ।
- ୧୯୯୯ ଜୁଲାଇରେ କାରଗିଲ ଯୁଦ୍ଧରେ ଭାରତ ପାକିସ୍ତାନକୁ ପରାସ୍ତ କରିଥିଲା।
- ୨୦୦୦ରେ ବିଶ୍ୱନାଥନ ଆନନ୍ଦ ବିଶ୍ୱ ଚେସ୍ ଚାମ୍ପିଅନ ଟାଇଟଲ ହାସଲ କରିଥିଲେ।
- ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ଫାଇଟର ଜେଟ ବେଙ୍ଗାଲୁରୁରୁ ଉଡ଼ିଥିଲା।
- ୨୦୦୦ ମସିହାରେ ତିନୋଟି ନୂଆ ରାଜ୍ୟ (ଛତିଶଗଡ଼, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ) ଗଠନ କରାଯାଇଥିଲା।
- ୨୦୦୩ରେ ପ୍ରଥମ ଭାରତୀୟ ସାନିଆ ମିର୍ଜାଙ୍କୁ ୱିମ୍ବେଲଡନ ଡବଲ ଟାଇଟଲ ।
- ୨୦୦୫ରେ ସୂଚନା ଅଧିକାର ଆଇନ ପ୍ରଣୟନ।
- ୨୦୦୫ରେ ପରିମର୍ଜନ ନେଗି ଅନ୍ତଃରାଷ୍ଟ୍ରୀୟ ଚେସ୍ ରେ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ହୋଇଥିଲେ।
- ୨୦୦୭ରେ ପ୍ରତିଭା ପାଟିଲ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ହୋଇଥିଲେ।
- ୨୦୦୮ ଅକ୍ଟୋବର ୨୨ରେ ଚନ୍ଦ୍ରାୟାନ-୧କୁ ପ୍ରଥମ ପ୍ରୟାସରେ ଚନ୍ଦ୍ରକକ୍ଷରେ ଅବସ୍ଥାପିତ କରାଯାଇଥିଲା।
- ୨୦୧୦ରେ ଶିକ୍ଷା ଅଧିକାର(ଆର୍‌ଟିଇ)କୁ ସାମ୍ବିଧାନିକ ଅଧିକାର ଭାବେ ଘୋଷଣା କରାଯାଇଥିଲା।
- ୨୦୧୧ରେ ମହେନ୍ଦ୍ର ସିଂହ ଧୋନିଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଟିମ୍ ବିଶ୍ୱକପ୍ କ୍ରିକେଟ ବିଜୟୀ ହୋଇଥିଲା।
- ୨୦୧୩ରେ ଭାରତ ପକ୍ଷରୁ ପ୍ରେରିତ ମଙ୍ଗଳାୟାନ ମଙ୍ଗଳ ଚାରି ପାଖରେ ପରିକ୍ରମଣ କରିଥିଲା।
- ୨୦୧୩ର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଗରିବ ଓ ଭୋକିଲାଙ୍କ ପାଇଁ ରାହା ପାଲଟିଛି।
- ୨୦୧୩ରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ଏକ ନୂଆ ରାସ୍ତା ଦେଖାଇଲା।
- ୨୦୧୪ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭାରତକୁ ପୋଲିଓ ମୁକ୍ତ ଘୋଷଣା କରିଥିଲା।
- ୨୦୧୪ କିନ୍ନରଙ୍କୁ ତୃତୀୟ ଲିଙ୍ଗର ମାନ୍ୟତା ପ୍ରଦାନ କଲେ ସୁପ୍ରିମକୋର୍ଟ । ସେମାନେ ଭୋଟଦେବାର ଅଧିକାର ବି ପାଇଲେ ।
- କୈଳାଶ ସତ୍ୟାର୍ଥୀଙ୍କୁ ୨୦୧୪ରେ ନୋବେଲ ପୁରସ୍କାର।
- ୨୦୧୫ରେ ସାନିଆ ମିର୍ଜା ଓ ସାଇନା ନେହ୍ୱାଲ ସେମାନଙ୍କ ଖେଳରେ ଶୀର୍ଷ ର୍ୟାଙ୍କ ହାସଲ।
- ୨୦୧୫ରେ ଭାରତୀୟ ବଂଶୋଦ୍ଭବ ସତ୍ୟ ନାଡେଲା ମାଇକ୍ରୋସଫ୍ଟ କମ୍ପନୀର ସିଇଓ ଏବଂ ଭାରତୀୟ ସୁନ୍ଦର ପିଚାଇ ଗୁଗଲର ସିଇଓ ହୋଇଥିଲେ।
- ୨୦୧୫ରେ ବିଶ୍ୱରେ ସର୍ବାଧିକ ଆୟକାରୀ ଖେଳାଳିଙ୍କ ମଧ୍ୟରେ ମହେନ୍ଦ୍ର ସିଂହ ଧୋନି ୨୩ତମ ସ୍ଥାନ ଏବଂ ସେଲିବ୍ରିଟିଙ୍କ ମଧ୍ୟରେ ଅମିତାଭ ବଚ୍ଚନ ୭୧ତମ ସ୍ଥାନରେ ରହିଥିଲେ।
- ୨୦୧୫ରେ ଏୟାରପୋର୍ଟ କାଉନ୍‌ସିଲ ଇଣ୍ଟର ନ୍ୟାଶନାଲ ଦ୍ୱାରା ଇନ୍ଦିରାଗାନ୍ଧୀ ଏୟାରପୋର୍ଟକୁ ଆୱାର୍ଡ ମିଳିଥିଲା।
- ୨୦୧୬ରେ ଭାରତୀୟ ବାୟୁସେନା ପକ୍ଷରୁ ପ୍ରଥମେ ମହିଳା ଫାଇଟର ପାଇଲଟଙ୍କୁ ପ୍ରଶିକ୍ଷଣ।
- ୨୦୧୭, ଜୁଲାଇ୧ରେ ଜିଏସ୍‌ଟି ଲାଗୁ ହୋଇଥିଲା।
- ୨୦୧୯ ବିଶ୍ୱ ଧନୀ ତାଲିକାରେ ଭାରତୀୟ ଶିଳ୍ପପତି ମୁକେଶ ଅମ୍ବାନୀ ୧୧ତମ ସ୍ଥାନରେ ରହିଛନ୍ତି।
- ୨୦୧୯ ଜୁଲାଇରେ ଚନ୍ଦ୍ରୟାନ-୨ ମହାକାଶକୁ ପ୍ରେରଣ ଓ ଏବେ ତାହା ଚନ୍ଦ୍ର ଅଭିମୁଖେ ଗତି କରୁଛି।
- ଜୁଲାଇ ୨୦୧୯ରେ ଐତିହାସିକ ତିନି ତଲାକ୍ ଅଇନ ପ୍ରଣୟନ ।
- ଅଗଷ୍ଟ ୨୦୧୯ରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଏବଂ ଜମ୍ମୁ-କଶ୍ମୀର ଓ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରାଗଲା।


## ଗାନ୍ଧୀବାଦର ପ୍ରତୀକ...

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରିୟ 'ଅରଟ'ର ସ୍ଥିତି ଏବେ ରାଜ୍ୟରେ ସଙ୍ଗିନ। ମିଳୁନି ଅରଟରେ ବ୍ୟବହୃତ କଞ୍ଚାମାଲ 'ବଳଣା'। ପୁଣି ଅରଟରେ ସୂତା କାଟିବା ଲାଗି ଯୁବପିଢି ଆଗ୍ରହୀ ହେଉନାହାନ୍ତି। ବର୍ଷରେ ୫ରୁ ୬ଜଣ ଛାତ୍ରୀଛାତ୍ର ଅରଟରେ ସୂତା କାଟିବା ଲାଗି ଇଚ୍ଛା ପ୍ରକାଶ କରୁଥିବା ବେଳେ ଭବିଷ୍ୟତରେ ଏହି ପରମ୍ପରା ଲୋପ ପାଇଯିବ ବୋଲି ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ କନ୍ୟା କୃଷ୍ଣା ମହାନ୍ତି କହିଛନ୍ତି। ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରବାସରେ ସେ ଶିକ୍ଷାଦାନ କରୁଥିବା ବେଳେ ୭୩ତମ ସ୍ୱାଧୀନତା ଦିବସ ଅବସରରେ ସେ କହିଛନ୍ତି, ରାଜ୍ୟରେ ଅରଟର ସ୍ଥିତି ସଙ୍ଗିନ ଅବସ୍ଥାରେ ଅଛି। ଅରଟରେ ବ୍ୟବହୃତ ବଳଣା ମିଳୁନାହିଁ କି ଏହାକୁ ଚଳାଇ ସୂତା କାଟିବା ଲାଗି ଆଉ ଯୁବପିଢିଙ୍କ ମଧ୍ୟରେ ଆଗ୍ରହ ନାହିଁ। ଅରଟ ଚଳାଇବା ଲାଗି କାହାକୁ ବାଧ୍ୟ କରିବା ଉଚିତ୍ ନୁହେଁ। ଯଦି ଇଚ୍ଛା ନ ଥିବ ତାହେଲେ ଦୁଇ ହାତ ଚାଲିବ ନାହିଁ। ଏବେ ଛାତ୍ରବାସରେ ରହୁଥିବା ବହୁତ୍ କମ୍ ପିଲା ଅରଟ ଚଳାଇବା ଲାଗି ଇଚ୍ଛା କରୁଛନ୍ତି। ଆଗକୁ ରାଜ୍ୟରେ ଅରଟ ଚଳାଇବା ଲାଗି କେହି ନ ଥିବେ। ପରିବର୍ତ୍ତନଶୀଳ ସମାଜରେ ଆଉ ଅରଟର ଲୋକପ୍ରିୟତା ବି ନାହିଁ ।



ପୁଣି ସେ କହିଛନ୍ତି, ଦୀର୍ଘ ଦିନ ଧରି ରାଜ୍ୟର ଖଦିବୋର୍ଡ ବଳଣା। ପ୍ରସ୍ତୁତ କରୁଥିଲା। ହେଲେ ପରେ ତାକୁ କେତେକ ଏନ୍‌ଜିଓ ହାତକୁ ଟେକି ଦେଇ ଖଦିବୋର୍ଡ ଏହାକୁ ବନ୍ଦ କରି ଦେଇଥିଲା। ଅଳ୍ପ କିଛି ଦିନ ଏନ୍‌ଜିଓ ଏହାକୁ ପ୍ରସ୍ତୁତ କଲେ କିନ୍ତୁ ଉପଯୁକ୍ତ ବ୍ୟବସାୟ ନ ହେବାରୁ ସେମାନେ ବି ଏହାକୁ ପ୍ରସ୍ତୁତ କରିବା ବନ୍ଦ କରିଦେଲେ। ଏବେ ନା ଏନ୍‌ଜିଓ ବଳଣା ପ୍ରସ୍ତୁତ କରୁଛି ନା ଖଦିବୋର୍ଡ। ରାଜ୍ୟରେ ଅରଟ ଚଳାଉଥିବା ବିଭିନ୍ନ କାରିଗର ସେମାନଙ୍କ ବ୍ୟବସାୟ ବନ୍ଦ କରିଦେଲେଣି। ଆଉ କିଛି ଲୋକ ଯିଏ ଅରଟ ଚଳାଇବାକୁ ଭଲପାଆନ୍ତି ସେମାନେ ନାହାନ୍ତି। ବଳଣା 'ୱାର୍ଦ୍ଧା' ନ ହେଲେ 'ଗୁଜୁରାଟ'ରେ ନିଶ୍ଚିତ ଭାବେ ମିଳୁଛି । କିନ୍ତୁ ଅଧିକ ଆବଶ୍ୟକ ନ ପଡ଼ିଲେ ଏତେ ଦୂର ଯିବାକୁ ପଡ଼ିବାରୁ ବଡ଼ ବ୍ୟବସାୟୀମାନେ ମଧ୍ୟ ସେମାନଙ୍କ ବ୍ୟବସାୟ ବନ୍ଦ କରିଦେଲେ। ଆଗକୁ ଅରଟ କେବଳ ଏକ ଉଦାହରଣ ହୋଇ ରହିଯିବ। ତାକୁ କେହି ବ୍ୟବହାର କରିବେ ନାହିଁ, ତାହା ଖାଲି ସଂଗ୍ରହାଳୟରେ ପ୍ରଦର୍ଶନ କରାଯିବ। ଉଲ୍ଲେଖଥାଉ କି, ସ୍ୱାଧୀନତା ସଂଗ୍ରାମ ଚାଲିଥିବା ବେଳେ କୃଷ୍ଣା ୮ବର୍ଷର ହୋଇଥିଲେ। ସେହି ସମୟରେ ଉକ୍ତ ଛାତ୍ରାବାସରେ ଥିଲେ । ଅଗଷ୍ଟ ୧୫ ତାରିଖରେ ସେଠାରେ ପତାକା ଉତ୍ତୋଳନ କରାଯାଇଥିଲା।

ରିପୋର୍ଟ-**ସ୍ଥିତପ୍ରଜ୍ଞ ମିଶ୍ର**




ପବିତ୍ର ସ୍ୱାଧୀନତା ଦିବସ - ୨୦୧୯ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇ-ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାପାଇଁ ସମସ୍ତେ ମିଳିମିଶି ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)

DADLS-16

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ଓଡ଼ିଶାବାସୀ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଏବଂ ସବୁ ବର୍ଗର କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଆପଣମାନଙ୍କର ସହଯୋଗ କାମନା କରୁଛି ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

15001/13/0025/1920

ବାର୍ତ୍ତା

୭୩ତମ ସ୍ୱାଧୀନତା ଦିବସ ପାଳନର ପବିତ୍ର ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଭାରତର ସ୍ୱାଧୀନତା ପ୍ରାପ୍ତି ବିଶ୍ୱ ଇତିହାସରେ ଏକ ଉଲ୍ଲେଖନୀୟ ଘଟଣା । ଲକ୍ଷ ଲକ୍ଷ ସଂଗ୍ରାମୀମାନଙ୍କର ଆତ୍ମୋତ୍ସର୍ଗ, ଦେଶପ୍ରେମ ଏବଂ ଅହିଂସା ଅସ୍ତ୍ରରେ ସମାହିତ ଏହି ସଂଗ୍ରାମ ବାସ୍ତବିକ ଅନନ୍ୟ । ସେମାନଙ୍କର ନୀତି, ଆଦର୍ଶ ଓ ମୂଲ୍ୟବୋଧକୁ ସ୍ମରଣ କରି ସମୃଦ୍ଧ ଓ ବିକଶିତ ଓଡ଼ିଶା ଏବଂ ମହାନ୍ ଭାରତ ଗଠନ ଦିଗରେ ସଂକଳ୍ପବଦ୍ଧ ହେବାକୁ ମୁଁ ସମସ୍ତଙ୍କୁ ଆହ୍ୱାନ ଜଣାଉଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

## ସଂକ୍ଷେପରେ

### ଗ୍ରୀଲ୍ ତାଡ଼ି ଚୋରି

ମାର୍ଶାଘାଇ,୧୪।୮(ଡି.ଏନ.ଏ.)

ମାର୍ଶାଘାଇ ବଜାର ସଂଲଗ୍ନ ତହସିଲ ରୋଡ ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ସୁବାଷ ବାରିକଙ୍କ ଘରୁ ଗତ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଯାଇଛି। କୌଣସି ଦୁବୃତ୍ତ ତାଙ୍କ ଦୁଇ ମହଲା ଘରର ଗ୍ରୀଲ୍ ତାଡି ପଶି ଏକ ଦାମୀ ମୋବାଇଲ ଫୋନ ,୧୦ ହଜାର ଟଙ୍କା ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଗତ କିଛି ଦିନ ହେବ ଏହି ଅଞ୍ଚଳରେ ଚୋରି ବୃଦ୍ଧି ପାଇଛି । ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି ।

■ ମହାନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ

# ୪୫ ପଞ୍ଚାୟତବାସୀଙ୍କୁ ବନ୍ୟା ଭୟ

କେନ୍ଦ୍ରାପଡା ଅଫିସ, ୧୪।୮

ମହାନଦୀରେ ବୁଧବାର ପ୍ରଥମ ବନ୍ୟା ଜଳ ପ୍ରବେଶ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଟକ ମୁଣ୍ଡଳୀଠାରେ ୧୧ ଘନ ଫୁଟ ଜଳ ପ୍ରତି ସେକେଣ୍ଡରେ ପ୍ରବାହିତ ହେବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହା ଜଣାପଡ଼ିବା ପରେ କେନ୍ଦ୍ରାପଡା ଜିଲାର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ୪୫ ପଞ୍ଚାୟତବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ବଶେଷ କରି ମହାନଦୀ ସିଷ୍ଟମରେ ଥିବା ପାଇକା, ଲୁଣା, ଚିତ୍ରୋତ୍ପଳା ଓ ମହାନଦୀ କୂଳ ଅଞ୍ଚଳରେ ବନ୍ୟା ଦ୍ୱାରା ବିଶେଷ କ୍ଷତି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଡେରାବିଶ, ଗରଦପୁର, ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ୪୭ ସ୍ଥାନରେ ନଦୀ ବନ୍ଧ ଦୁର୍ବଳ ଥିବା ଗତ ଜୁଲାଇରେ ଅନୁଷ୍ଠିତ ଜଳସମ୍ପଦ ବିଭାଗର ସମୀକ୍ଷା ବୈଠକରୁ ଜଣାପଡ଼ିଥିଲା। ଏହି ନଦୀବନ୍ଧ ତୁରନ୍ତ ମରାମତି ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ବି ଏହାର ସମ୍ପୂର୍ଣ୍ଣ ମରାମତି ସରିନାହିଁ। ସେହିପରି ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମରେ ଥିବା ନଦୀ ଓ ଶାଖା ନଦୀର ତଳ ମୁଣ୍ଡରେ ବନ୍ଧ ନ ଥିବାରୁ ବନ୍ୟାଜଳ ଧନ, ଜୀବନ ନଷ୍ଟ ସହ ଚାଷ କ୍ଷତି କରିବା ଆଶଙ୍କା ଦେଖାଦେଇଛି। ସମ୍ଭାବ୍ୟ ବନ୍ୟା ପ୍ରସ୍ତୁତି ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି ଯେ, ଜିଲା ପ୍ରଶାସନ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି। ଦୁର୍ବଳ ନଦୀବନ୍ଧ ମରାମତି ସହିତ ଆବଶ୍ୟକ ବାଲିବସ୍ତା ଗଚ୍ଛିତ ରହିଛି। ସେହିପରି ଜଳ ସମ୍ପଦ ବିଭାଗ ବନ୍ୟା ଜଳର ଗତି ନୀରିକ୍ଷଣ ସହ ଶ୍ରମିକ ଓ ଟ୍ରାକ୍ଟର ଯୋଗାଡ଼ କରିଛନ୍ତି। କୌଣସି ସ୍ଥାନରେ ବନ୍ଧ ଭାଙ୍ଗିବା ଅବସ୍ଥାରେ ନ ଥିବା ଜିଲାପାଳ ପ୍ରକାଶ କରିଛନ୍ତି। ଏଥିସହ ଆବଶ୍ୟ ମୁତାବକ ବନ୍ୟା ପ୍ଲାବିତ ଅଞ୍ଚଳରୁ ଅଧିବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ନେବା, ସ୍ୱାସ୍ଥ୍ୟ ସେବା ଓ ଖାଦ୍ୟ ସାମଗ୍ରୀ ଯୋଗାଇବା ପାଇଁ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜନମ, ମରଣ, ବରଷା;**
**ଏହା ନ ଜାଣେ ପୁରୁଷା ।**

ମଣିଷର ଜନ୍ମ, ମରଣ ଉପରେ କାହାର କର୍ତ୍ତୃତ୍ୱ ନ ଥାଏ। ବରଷା କେବେ ହେବ ସେ କଥା କହି ହୋଇ ନ ଥାଏ। ଏହି ତିନୋଟି ଅପ୍ରିୟ ସତ୍ୟର ଭବିଷ୍ୟବାଣୀ କରିବାକୁ ମଣିଷ ଅକ୍ଷମ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଳଜଳା କାଠ ଜଳଇ ନାହିଁ,**
**ଥରେ ଜଳିଲେ ସେ ଲିଭଇ ନାହିଁ ।**

ସାଧାରଣତଃ ଜଳଜଳା କାଠକୁ ଜୁଇକାଠ ବୋଲି କୁହାଯାଇଥାଏ। ଏହି କାଠ କେବଳ ଶବଦାହ ବେଳେ ଆବଶ୍ୟକ ହେଉଥିବା ବେଳେ ଅନ୍ୟ କୌଣସି କାର୍ଯ୍ୟ ପାଇଁ ଏହାକୁ ବ୍ୟବହାର କରାଯାଇ ନ ଥାଏ। ପରୋକ୍ଷରେ ନିର୍ଲଜ୍ଜ ବ୍ୟକ୍ତି ପ୍ରତି ଏଭଳି ଉପମା ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ନିର୍ମାଣାଧୀନ ମାତୃ ସଦନରେ କାର୍ଯ୍ୟରତ ଶ୍ରମିକଙ୍କୁ ମଜୁରି ମିଳୁନି

# ପ୍ରତିବାଦରେ ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କେନ୍ଦ୍ରାପଡା ଅଫିସ, ୧୪।୮



ନିର୍ମାଣାଧୀନ ମାତୃ ସଦନ ଆଗରେ ଶ୍ରମିକଙ୍କ ଆନ୍ଦୋଳନ।

ସହରର ଶାମଗୁଡିଆଠାରେ ମାତୃ ଓ ଶିଶୁ ମଙ୍ଗଳ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ମାତୃସଦନ ଗୃହ ନିର୍ମାଣ ହେଉଛି। ତେବେ ଏଥିରେ ନିଯୁକ୍ତ ଶ୍ରମିକମାନଙ୍କୁ ମଜୁରି ବାବଦ ଦେୟ ମିଳୁ ନଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବୁଧବାର ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଏ ସମ୍ପର୍କରେ ଓଡ଼ିଶା ଆଡଭାନ୍ସ ଟେଲିମେଟିକ ସିଷ୍ଟମ (ଓଏଟିଏସ)ର ପ୍ରକଳ୍ପ ପରିଚାଳକ ଅଶୋକ ଲେଙ୍କା କୁହନ୍ତି, ଜିଲା ପୂର୍ତ୍ତ ବିଭାଗ ପକ୍ଷରୁ ଛତିଶଗଡ଼ର ଇଞ୍ଜିନିଅରିଂ ପ୍ରୋଜେକ୍ଟସ ଇଣ୍ଡିଆ ଲିମିଟେଡ୍ (ଇପିଆଇଏଲ) ଟେଣ୍ଡର ନେଇ ଏହି ଗୃହ ନିର୍ମାଣ କରୁଛି। ୨୦୧୭ରୁ ଏହି ଗୃହ ନିର୍ମାଣ କାର୍ଯ୍ୟ ଓଏଟିଏସ କରୁଥିବା ବେଳେ ଗତ ୬ ମାସ ହେବ ଶ୍ରମିକଙ୍କୁ ଦରମା ପ୍ରଦାନ କରାଯାଉନାହିଁ। ଅପରପକ୍ଷରେ ଇପିଆଇଏଲ୍ ଅନ୍ୟ ଗୋଟିଏ ରାଜ୍ୟ ବାହାରର କନଷ୍ଟ୍ରକସନ କମ୍ପାନୀଙ୍କୁ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ନିଯୁକ୍ତି ଦେଇଛନ୍ତି। ତେବେ ଶ୍ରମିକଙ୍କ କାର୍ଯ୍ୟ ବନ୍ଦ ଫଳରେ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଶେଷ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କୁହନ୍ତି, ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନର ତଦନ୍ତ ପାଇଁ ଜିଲା ପ୍ରଶାସନର ୨ ଅଧିକାରୀଙ୍କୁ ପଠାଯାଇଛି। ସବିଶେଷ ତଥ୍ୟ ମିଳିଲେ, ଏ ନେଇ ପୂର୍ତ୍ତବିଭାଗ ଓ ଇପିଆଇଏଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ।

■ ବର୍ଷକ ପରେ ବସିଲା ଆଳି ପଞ୍ଚାୟତ ସମିତି ବୈଠକ

# ପାନୀୟଜଳ, ଶିକ୍ଷକ ନିଯୁକ୍ତିକୁ ଗୁରୁତ୍ୱ

ଆଳି, ୧୪।୮ (ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧିମାନେ।

ଏକ ବର୍ଷ ବ୍ୟବଧାନ ପରେ ଆଳି ପଞ୍ଚୟତ ସମିତିର ତୃତୀୟ ବୈଠକ ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ବିଡିଓ ଜୟନ୍ତ କୁମାର ପୃଷ୍ଟି, ଆଳି ମେଡିକାଲର ମୁଖ୍ୟ ଡାକ୍ତର ମନୋଜ ସେନାପତି, ସହକାରୀ ଯନ୍ତ୍ରୀ ଦୀପକ ବେହେରା, ଜିପିଓ କାଳିକିଙ୍କର ତରାଇ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦୀପକ ଭୂୟାଁ, ଜିଲାପରିଷଦ ସଭ୍ୟ ଧନରଞ୍ଜନ ବୋଷ, ସୁମନ୍ତ ରାଉତ, ସତ୍ୟଭାମା ମଲିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ବହୁ ସରପଞ୍ଚ, ସମିତିସଭ୍ୟ ଅଭିଯୋଗ ଆଣିଥିଲେ। ବିଧାୟକ ଏଥିରେ ହସ୍ତକ୍ଷେପ କରି ସମସ୍ୟା ସମାଧାନ କରିବାକୁ ଦାବି ହୋଇଥିଲା। ଜିଲାପରିଷଦ ସଦସ୍ୟ ଧନରଞ୍ଜନ ବୋଷ ବିଭିନ୍ନ ପଞ୍ଚାୟତରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ନିର୍ମାଣ କରାଯାଉଥିବା ପାଇଖାନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାର ସମାଧାନ ତୁରନ୍ତ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଦିଲ୍ଲୀପ କୁମାର ସାମନ୍ତରାୟ କହିଥିଲେ। ଏହାପରେ ସମ୍ଭାବ୍ୟ ମରୁଡି ପରିସ୍ଥିତି ନେଇ ଲୋକପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ତେବେ ଜୁଲାଇ ଓ ଅଗଷ୍ଟ ମାସ ବର୍ଷାର ବିବରଣୀ ସରକାରଙ୍କୁ ଦିଆଯାଇଥିବା କୃଷି ବିଭାଗର ସହକାରୀ ଅଧିକାରୀ ସତ୍ୟପ୍ରକାଶ ଦାସ କହିଥିଲେ।

ସେହିପରି ଆଳି ଅଞ୍ଚଳରେ ଅଚଳ ହୋଇ ପଡ଼ିଥିବା ଉଠା ଜଳସେଚନ ପ୍ରକଳ୍ପକୁ ସକ୍ଷମ କରିବାକୁ ଦାବି ହୋଇଥିଲା। ଆଗାମୀ ଦିନରେ 'ବସୁଧା' ଯୋଜନାରେ ଆଳି ଓ ରାଜକନିକାରେ ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯିବ। ଯେଉଁ ଅଞ୍ଚଳଗୁଡ଼ିକ ଜଳ ଯୋଗାଣରୁ ବଞ୍ଚିତ ହେଉଛନ୍ତି ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ବିଧାୟକ ଦେବ କହିଥିଲେ। କୃଷି ବୀମା ପାଇ ନ ଥିବା ପଞ୍ଚାୟତକୁ ତୁରନ୍ତ ବୀମା ରାଶି ପ୍ରଦାନ କରିବାକୁ ଦାବି ହୋଇଥିଲା। ଏଥିସହ ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରେ ଶିକ୍ଷକ ନିଯୁକ୍ତି ନେଇ ଲୋକ ପ୍ରତିନିଧିମାନେ ଦାବି କରିଥିଲେ। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

■ ପୁରୁଣା ବରଗଛ ଅଚାନକ ଭାଙ୍ଗି ପଡ଼ିଲା

# ବିଦ୍ୟୁତ୍ ଯୋଗାଣ ବ୍ୟାହତ, ଗାଡ଼ି ଚଳାଚଳ ବାଧାପ୍ରାପ୍ତ

ପଟ୍ଟାମୁଣ୍ଡାଇ, ୧୪।୮ (ସ୍ୱ.ପ୍ର.)



ଭାଙ୍ଗିଯାଇଥିବା ବରଗଛ।

ବୁଧବାର ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଥିବା ବହୁ ପୁରାତନ ଏକ ବରଗଛର ଅର୍ଦ୍ଧାଧିକ ଅଂଶ ମୂଳରୁ ହଠାତ୍ ଭାଙ୍ଗି ପଡିଛି । ଫଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଏଥିସହ ରାସ୍ତା ଉପରେ ବରଗଛ ଭାଙ୍ଗି ପଡିବା ଫଳରେ ଜଗନ୍ନାଥପୁର ଫେରି ଘାଟ ରାସ୍ତାରେ ଗାଡି ଚଳାଚଳ କିଛି ସମୟ ପାଇଁ ବନ୍ଦ ରହିଥିଲା। ଏଥିଯୋଗୁ ଅମୃତମଣୋହି, ଅଣ୍ଡରା ଓ ବଲୁରିଆ ପଞ୍ଚାୟତର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପୌରାଞ୍ଚଳ ଅଧୀନ ଷଣ୍ଢପଲ୍ଲୀ ନୋଡାଲ୍ ୟୁପି ସ୍କୁଲ ନିକଟ ରାସ୍ତା କଡରେ ଏହି ବରଗଛ ରହିଛି । ସ୍କୁଲକୁ ପିଲା ଆସିବା ପୂର୍ବରୁ ପ୍ରାୟ ସକାଳ ୮ଟାରେ ପ୍ରଚଣ୍ଡ ଶବ୍ଦ କରି ଗଛଟି ଭାଙ୍ଗି ଏହାର ଡାଳ ସ୍କୁଲ ଛାତ ଉପରେ ପଡିଥିଲା । ଉକ୍ତ ଗଛ ମୂଳରେ ଚା' ପାନ ଦୋକାନ ଥିବା ବେଳେ ସେଠାରେ ଗ୍ରାମ ଲୋକଙ୍କର ଭିଡ ଜମିଥାଏ । ସୌଭାଗ୍ୟବଶତଃ ସେତେବେଳେ ଦୋକାନରେ ଦୋକାନୀ ନ ଥିଲେ । ବରଗଛ ପଡିବା ଫଳରେ ତଳେ ଯାଇଥିବା ଗୋଟିଏ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ତାର ଛିଣ୍ଡି ଯାଇଛି ଓ ଏକ କ୍ୟାବିନ୍ ବରଗଛ ତଳେ ଚାପି ହୋଇ ରହିଛି । ଖବରପାଇ ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ । ବରଗଛ ଡାଳ କାଟିବା ପାଇଁ କଟର୍ ମେଶିନ୍ ନେଇଥିଲେ ମଧ୍ୟ ତାହା କାମରେ ଲାଗି ନ ଥିଲା । ତେଣୁ ଆଳି ଦମକଳବାହିନୀଙ୍କୁ ଖବର ଦିଆଯାଇଥିଲା। ପରେ ଗ୍ରାମବାସୀଙ୍କ ସହଯୋଗରେ ଡାଳ କାଟି ରାସ୍ତା ସଫା କରାଯିବା ସହିତ ସ୍କୁଲ ଉପରେ ପଡିଥିବା ବରଗଛ ଡାଳକୁ ବାହାର କରାଯାଇଥିଲା। ଡାଳ ପଡି ତାର ଛିଣ୍ଡି ଯିବାରୁ ଷଣ୍ଢପଲ୍ଲୀ, ନୀଳକଣ୍ଠପୁର ଗ୍ରାମରେ ଖବର ଲେଖା ହେବା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବ୍ୟାହତ ହୋଇଛି । ଭାଙ୍ଗି ପଡିଥିବା ବରଗଛ ୨ ଶହ ବର୍ଷର ପୁରୁଣା ବୋଲି ସ୍ଥାନୀୟ ପୁରୁଖା ଲୋକଙ୍କ ଠାରୁ ଶୁଣିବାକୁ ମିଳିଛି ।

# ଅଖଣ୍ଡ ଭାରତ ଦିବସ ପାଳିତ

ପଟ୍ଟାମୁଣ୍ଡାଇ,୧୪।୮(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମନ୍ଦିର ଠାରେ ବୁଧବାର ସନ୍ଧ୍ୟାରେ ଅଖଣ୍ଡ ଭାରତ ଦିବସ ପାଳିତ ହୋଇଥିଲା । ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଶ୍ୱହିନ୍ଦୁ ପରିଷଦ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ସମ୍ପାଦକ ପ୍ରତାପ ଚନ୍ଦ୍ର ପାତ୍ରୀ ସଭାପତିତ୍ୱ କରିଥିଲେ । ଅଖଣ୍ଡ ଭାରତ ବର୍ଷର ମର୍ଯ୍ୟାଦା ବଜାୟ ରଖିବା ପାଇଁ ବିଶ୍ୱହିନ୍ଦୁ ପରିଷଦ, ଧର୍ମ ରକ୍ଷା ସେନା ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଦସ୍ୟମାନେ ଯୋଗଦେଇ ଶପଥ ନେଇଥିଲେ । ସଭାରେ ବିନୋଦ କୁମାର ଦାସ ଅଖଣ୍ଡ ଭାରତବର୍ଷକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତେ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସନାତନ ମହାନ୍ତି, ରାଜେନ୍ଦ୍ର ଗିରି, ସୁଧାଂଶୁ ତ୍ରିପାଠୀ, ବସନ୍ତ ଜେନା, ଚନ୍ଦ୍ରକାନ୍ତ ଖଣ୍ଡାୟୀ, ଦେବାଶିଷ ପ୍ରଧାନ, ଅଜିତ୍ ମଲିକ, ନାରାୟଣ ସାହୁ, ଚନ୍ଦ୍ରଭାନୁ ମଲିକ, ନିର୍ମଳ ସାହୁ, ପ୍ରଭୁଦତ୍ତ ଦାଶ, ଅମ୍ବୁଜ ଭୂଷଣ ନାୟକ, ପ୍ରଶାନ୍ତ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଦେବାଶିଷ ପଣ୍ଡା ଧନ୍ୟବାଦ ଦେଇଥିଲେ ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍,ଓଷ୍ଟିଓ ଆର୍ଥ୍ରାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲ୍‌ଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ ପ୍ରପର୍ଟି
ଆଧାରକାର୍ଡ ପର୍ସନାଲ
ପଶୁପାଳନ ଗୃହ ଋଣ
ବ୍ୟବସାୟ ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ASTROLOGY ASTROLOGY


ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିବିଅଛି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର




### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।







# ଘରୋଇ ଯାତ୍ରୀବାହୀ ବସ୍ ଓଲଟି ୨୦ ଆହତ

**କୋରେଇ,୧୪।୮(ସ୍ୱ.ପ୍ର.)**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ଡାଇଭର୍ସନଠାରେ ବୁଧବାର ଏକ ଘରୋଇ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ଏକ ଟ୍ରକ୍‌କୁ ବାମ ପଟେ ଓଭରଟେକ କରୁଥିବା ବେଳେ ରାସ୍ତାକଡ଼କୁ ଖସି ପଡିଥିଲା। ଏଥିରେ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରୁ ବସ୍ କର୍ମଚାରୀମାନେ ଫେରାର ହୋଇଯାଇଛନ୍ତି। ଖବର ପାଇ ଯାଜପୁର ଏସ୍‌ଡିପିଓ


ସ୍ଥାନୀୟ ଲୋକମାନେ ଗୁରୁତରଙ୍କୁ ଉଦ୍ଧାର କରୁଛନ୍ତି ।

କେଦାରନାଥ ସାହୁ, ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନାଙ୍କ ସମେତ ଥାନାର ସମସ୍ତ କର୍ମଚାରୀ, କୁଆଖିଆ ଦମକଳ ବାହିନୀ, ରେଡ୍‌କ୍ରସ୍‌ର ସଦସ୍ୟ ତାରିଣୀ କୁମାର ପଟ୍ଟନାୟକ ଓ ଆମେ ବିପଦରେ ସାଥିର ସଦସ୍ୟ ଘଟଣା ସ୍ଥଳରେ ପହଞ୍ଚି ବସ୍ ଭିତରେ ଚାପିହୋଇଥିବା ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା କରାଯିବାପରେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।
ପ୍ରକାଶ ଯେ, ଅପରାହ୍ନ ପ୍ରାୟ ୪.୪୫ ମିନିଟରେ ଭୁବନେଶ୍ୱରରୁ ଯାତ୍ରୀଙ୍କୁ ନାୟକ ନାମକ ଉକ୍ତ ଘରୋଇ ବସ୍ ଠାକୁରମୁଣ୍ଡା ଯାଉଥିବାବେଳେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ତେବେ ୬ ଲେନ୍ କରାଯାଉଥିବା ଜାତୀୟ ରାଜପଥର କାମ ପାଇଁ ଠିକା ନେଇଥିବା ଦୀଲିପ ବିଲ୍ଡକନ କମ୍ପାନୀ ପକ୍ଷରୁ ଖୋଳାଯାଇଥିବା ରାସ୍ତା ନିକଟରେ ରେଡ଼ ରିବନ ଲଗାଯାଇ ନ ଥିବାରୁ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ବିଧାୟିକାଙ୍କୁ ସମ୍ବର୍ଦ୍ଧନା

**ବରୀ, ୧୪।୮(ସ୍ୱ.ପ୍ର.)**

ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ବୁଧବାର ସ୍ଥାନୀୟ ରାଜା ତୋଟାସ୍ଥିତ ଆମ୍ର କାନନ ଶିକ୍ଷା ନିକେତନ ଓ ଉଷାଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସଂଘମିତ୍ରା ସାମଲଙ୍କ ସଭାପତିତ୍ୱରେ ଏକ ସଭାରେ ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଦେବେନ୍ଦ୍ର ଦାସ, ବୃନ୍ଦାବନ ସାମଲଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହିଥିଲେ। ପରେ ବରୀର ସେବା ଘର ପରିଦର୍ଶନ କରି ଏହାର ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ୬୦୨ ରାଶନ କାର୍ଡ ହିତାଧିକାରୀ ପରିବାରଙ୍କୁ ଏଲ୍‌ଇଡି ବଲ୍‌ବ ବଣ୍ଟନ

**ବିଞ୍ଝାରପୁର,୧୪।୮(ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ମୋ ଏଲ୍‌ଇଡି ଗ୍ରାମ ଯୋଜନାରେ ବୁଧବାର ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଯାଜପୁର -୧ ବିଦ୍ୟୁତ୍ ଉପଖଣ୍ଡ ଅଧୀନ ଶାସନ୍ଦା ଗ୍ରାମରେ ନେସ୍କୋ ୟୁଟିଲିଟି ପକ୍ଷରୁ ମାଗଣା ଏଲ୍‌ଇଡି ବଲ୍‌ବ ଯୋଗାଇ ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟିକା ତଥା ଶାସକଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ମିଶ୍ର, ନେସ୍କୋର ଅଧୀକ୍ଷଣ ଯନ୍ତ୍ରୀ ଦେବବ୍ରତ ପଣ୍ଡା, ସହକାରୀ ଯନ୍ତ୍ରୀ ଅସିତ ପ୍ରଧାନ, ସରପଞ୍ଚ ରଶ୍ମିରେଖା ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶାସନ୍ଦା ଗ୍ରାମର ୬୦୨ ରାଶନକାର୍ଡ ହିତାଧିକାରୀ ପରିବାରଙ୍କୁ ୪ଟି ଲେଖାଏଁ ଏଲ୍‌ଇଡି ବଲବ୍ ବିଧାୟିକା ବଣ୍ଟନ କରିଥିଲେ। ପୂର୍ବତନ ସରପଞ୍ଚ କାମଦେବ ଧଳ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଅହଲ୍ୟା ସ୍ୱାଇଁ , ବିରେନ୍ଦ୍ର ପଣ୍ଡା, ଅଜୟ ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟା ସ୍ୱର୍ଣ୍ଣଲତା ସାମଲ, ମୁରଲୀଧର ବେହେରା, ସନ୍ତୋଷ ନାୟକ, ପ୍ରଫୁଲ୍ଲ ଦାସ, ଦର୍ପନାରାୟଣ ସ୍ୱାଇଁ ପ୍ରମୁଖଙ୍କ ସମେତ ନେସ୍କୋ ୟୁଟିଲିଟିର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।







# ୱାର୍ଡ ସଭ୍ୟାଙ୍କୁ ହତ୍ୟା ଧମକ, ଅଭିଯୁକ୍ତ ମା'ଝିଅ କୋର୍ଟ ଚାଲାଣ

**ଛତିଆ,୧୪।୮(ଡି.ଏନ୍.ଏ.)**

ବୈରୀ ଥାନା ଅନ୍ତର୍ଗତ ଛତିଆ ପଞ୍ଚାୟତ ଅଧୀନ ୪ ନଂ ୱାର୍ଡ ସଭ୍ୟା ସୁମତୀ ସାହୁଙ୍କୁ ମଙ୍ଗଳବାର ତାଙ୍କ ୱାର୍ଡର ଜଣେ ମହିଳା ଦୁର୍ବ୍ୟବହାର ଓ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନ.°୧୧୭/୧୯) ରୁଜୁକରି ଉକ୍ତ ମହିଳାଙ୍କୁ କୋର୍ଟ ଚାଲାଣ କରିଛି। ମହିଳା ଜଣଙ୍କ ହେଲେ ପୁଷ୍ପାଳି ପାତ୍ର। ପ୍ରକାଶ ଯେ, ୱାର୍ଡ ସଭ୍ୟା ଶ୍ରୀମତୀ ସାହୁ ରାସ୍ତାରେ ବ୍ଲିଚିଂ ପାଉଡର ପକାଇ ସଫା କରୁଥିବା ସମୟରେ ଉକ୍ତ ୱାର୍ଡର ରତ୍ନାକର ସାହୁଙ୍କ ଘର ସମ୍ମୁଖରେ ଥିବା ଏକ ମଟର ପାଇପ ଉପରେ ବ୍ଲିଚିଂ ପଡିଯାଇଥିଲା। ଏହାକୁ ନେଇ ରତ୍ନାକର ସାହୁଙ୍କ ସ୍ତ୍ରୀ ଓ ତାଙ୍କ ଝିଅ ପୁଷ୍ପାଳି ପାତ୍ର ମିଶି ୱାର୍ଡ ସଭ୍ୟାଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ପୁଷ୍ପାଳି ଏକ ପନିକିରେ ସାହୁଙ୍କୁ ମାରିବାକୁ ଧମକାଇ ଥିଲେ। ଏ ନେଇ ବୈରୀ ଥାନାରେ ସେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଉଭୟ ମା' ଓ ଝିଅଙ୍କୁ ଗିରଫ କରିଥିଲେ।




# ବିରିର ଅଭାବୀ ବିକ୍ରି: ବିଡ଼ିଓଙ୍କୁ ଘେରିଲେ ଚାଷୀ

**ବରୀ, ୧୪।୮(ସ୍ୱ.ପ୍ର.)**

ବରୀ ଅଞ୍ଚଳରେ ବିରିର ଅଭାବି ବିକ୍ରିକୁ ନେଇ ବୁଧବାର ବହୁ ଚାଷୀ ବରୀ ବିଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଉତ୍ପାଦିତ ବିରିକୁ ଧାରପୁର, ଅମଠପୁର ସେବା ସମବାୟ ସମିତିରେ ଚାଷୀଙ୍କଠାରୁ କ୍ରୟ କରାଯାଉ ନ ଥିବା ବିଡିଓ ପ୍ରଭାସ ବେହୁରାଙ୍କୁ ଭେଟି ଜଣାଇବା ସହ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏହାର ତୁରନ୍ତ ସମାଧାନ ପାଇଁ ଜିଲା ପ୍ରଶାସନକୁ ଜଣାଇବା ସହିତ ବିରିକୁ ମଣ୍ଡିରେ ବିକ୍ରି କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ପ୍ରକାଶ ଯେ, ଏହି ବ୍ଲକ ଅନ୍ତର୍ଗତ ଗୋଳକୁଣ୍ଡ, ବାଲିଆ, ଈଶାଣପୁର, ସ୍ୱାଇଁଖଣ୍ଡ, ସାହୁପଡ଼ା, ଚନ୍ଦନପୁର, ମିତ୍ର ଆଦି ଗ୍ରାମର ବହୁ ଚାଷୀ ଚଳିତ ବର୍ଷ ଭଲ ବିରି ଅମଳ କରିଥିଲେ। ଉତ୍ପାଦିତ ବିରିକୁ ବିରି ମୁଗ ମଣ୍ଡି ଧାରପୁର, ଅମଠପୁର ସେବା ସମବାୟ ସମିତିରେ ପ୍ରଦାନ କରିଥିଲେ। ହେଲେ ବିରି କ୍ରୟ ନ କରିବା ପାଇଁ ପ୍ରଶାସନ ମନା କରିଦେଇଥିବାରୁ ଚାଷୀଙ୍କଠାରୁ ମଣ୍ଡିରେ ମୁଗ କ୍ରୟ କରାଯାଇଥିଲା। କିନ୍ତୁ ବିରି କ୍ରୟ କରାଯାଇ ନ ଥିଲା। ଫଳରେ ଚାଷୀଙ୍କ ପାଖରେ ବିରି ଗଚ୍ଛିତ ହୋଇ ରହିଛି। କୃଷକନେତା ସରୋଜ କୁମାର ଜେନା, ଅନନ୍ତ ଚରଣ ଭୂୟାଁ, ଗଗନ ବିହାରୀ ଜେନା, ଗୁରୁ ଚରଣ ଜେନା, ଶମ୍ଭୁନାଥ ପରିଡା, ଅରୁଣ କୁମାର ଜେନା, ସନ୍ତୋଷ କୁମାର ଜେନା ପ୍ରମୁଖ ଘେରାଉରେ ସାମିଲ ହୋଇଥିଲେ।








ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ୨ ଦୁର୍ବୃତ୍ତଙ୍କୁ ପୋଲିସ ଜିମା ଦେଲେ ଲୋକେ

#### ପଲସର, ଦେଶୀ ବନ୍ଧୁକ ଜବତ




ଧର୍ମଶାଳା,୧୪।୮ (ଡି.ଏନ୍.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବୁଦ୍ଧ ଛକଠାରେ ବୁଧବାର ୨ଜଣ ଦୁର୍ବୃତ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ସେମାନଙ୍କଠାରୁ ଏକ ପଲସର ଓ ଦେଶୀ ବନ୍ଧୁକ ଜବତ କରିଛି। ତେବେ ଯୁବକଦ୍ୱୟ ସେମାନଙ୍କ ପରିଚୟ ଠିକ ଭାବେ କହୁ ନ ଥିବା ବେଳେ ରାହାଜାନି କିମ୍ବା ଡକାୟତି ଉଦ୍ଦେଶ୍ୟରେ ଏଠାକୁ ଆସିଥିବା ପୋଲିସ ଅନୁମାନ କରୁଛି। ଏ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ପୋଲିସ ୨ ଜଣଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଏହି ଦୁର୍ବୃତ୍ତ ଦ୍ୱୟ ପଲସର ବାଇକ୍‌ରେ ଆସୁଥିବାବେଳେ ଜାରକା ବୁଦ୍ଧ ଛକଠାରେ ଅପରାହ୍ଣ ପ୍ରାୟ ୪ଟାରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ସାଇଡ୍ ମାରିଥିଲେ। ଏହାକୁ ନେଇ ସେଠାରେ ମାରପିଟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଲୋକମାନେ ଦୁର୍ବୃତ୍ତ ଦ୍ୱୟଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପଲସର ଜବତ କରିବା ସହ ୨ ଦୁର୍ବୃତ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସମୟରେ ଜଣଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଜବତ କରିଥିଲା।

■ ମହଙ୍ଗା ପଡ଼ିଲା ଚାଷ ଜମିକୁ ବର୍ଜ୍ୟଜଳ ଛାଡ଼ିବା ଘଟଣା

# ଏନ୍‌ଜିଟି ଜାଲରେ ଭିସା ଷ୍ଟିଲ କାରଖାନା

ଯାଜପୁର ଅଫିସ,୧୪।୮



■ପରିବେଶ ପ୍ରଦୂଷଣ ନିୟନ୍ତ୍ରଣକୁ ମାନୁନି କାରଖାନା
■କଳିଙ୍ଗନଗର ପରିବେଶ ସମିତିର ଅଭିଯୋଗ

କଳିଙ୍ଗନଗର ଭିସା ଷ୍ଟିଲ୍ କାରଖାନାର ବିଷାକ୍ତ ପାଣି ପ୍ରତିବର୍ଷ ଚାଷ ଜମିକୁ ଛାଡ଼ିବା ମହଙ୍ଗା ପଡ଼ିଛି। କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଏନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଅଭିଯୋଗ ହେବା ପରେ ଗତ ୯ ତାରିଖରେ ଏହାର ଶୁଣାଣି ହୋଇଛି। ତେବେ ଶୁଣାଣିର ସବିଶେଷ ନିର୍ଦ୍ଦେଶ ଜଣା ପଡ଼ି ନ ଥିଲେ ହେଁ ତୁରନ୍ତ ସମସ୍ୟାର ସମାଧାନ କିମ୍ବା କ୍ଲୋଜର ନୋଟିସ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)କୁ ଏନ୍‌ଜିଟି ପରାମର୍ଶ ଦେଇଥିବା ବିଶେଷସୂତ୍ରରୁ ସୂଚନା ମିଳିଛି। ଏହାପୂର୍ବରୁ ଭିସା ଷ୍ଟିଲ୍‌କୁ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ କେତେକ ତ୍ରୁଟି ସୁଧାରିବା ସହ ଆବଶ୍ୟକ ଯନ୍ତ୍ରପାତି ନବୀକରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏନ୍‌ଜିଟିର ସ୍ପଷ୍ଟ ରାୟ ଏଯାବତ୍ ମିଳିପାରି ନ ଥିବାରୁ ଭିସା କାରଖାନା କର୍ତ୍ତୃପକ୍ଷ, ଏସ୍‌ପିସିବି ଓ ଆବେଦନକାରୀ ପ୍ରମୁଖଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଇଛି।

ଭିସା ଷ୍ଟିଲ୍ କାରଖାନାର ବିଷାକ୍ତ ପାଣି ପ୍ରତିବର୍ଷ ଚାଷ ଜମି ଦେଇ ପ୍ରବାହିତ ହୋଇ ଗଣ୍ଡନାଳା, ଖରସ୍ରୋତା ଓ ବ୍ରାହ୍ମଣୀ ନଦୀ ଜଳକୁ ଜହର କରୁଛି। ଅଞ୍ଚଳବାସୀ ଏହାର ପ୍ରତିକାର ପାଇଁ ଜିଲା ପ୍ରଶାସନ ଓ ଏସ୍‌ପିସିବିକୁ ଶତାଧିକ ଥର ଦୃଷ୍ଟି ଆକର୍ଷଣ କରୁଥିଲେ ବି କିଛି ସୁଫଳ ମିଳୁନାହିଁ। ଭିସା ଷ୍ଟିଲ୍ କବ୍‌ଜାରେ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ରହିଥିବାରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହୋଇ ଆସୁଛି। ଏପଟେ ବାୟୁ ଓ ଜଳ ପ୍ରଦୂଷଣ ଉତ୍କଟ ହୋଇ ସାଧାରଣ ଲୋକଙ୍କ ଜୀବନ ବିପଦାପନ୍ନ ହେଉଛି। ୨୦୧୫ ଜୁନ ୨୨ତାରିଖ ଅପରାହ୍ଣ ୨ଟା ସମୟରେ ଭିସା ଷ୍ଟିଲ୍ ପ୍ରଥମେ ବିଷାକ୍ତ ପାଉଁଶ ପାଣି ଛାଡ଼ି ଦେଇଥିବା ଲୋକଲୋଚନକୁ ଆସିଥିଲା। ଏହାପରେ ଏସ୍‌ପିସିବିର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଚାଷଜମିରୁ ଜଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲାବୋରେଟୋରୀକୁ ପଠାଯାଇଥିଲା। ସେହିବର୍ଷ ଜୁଲାଇ ୧୦ତାରିଖରେ ରାଜ୍ୟ ବିଶ୍ଳେଷକ ପରିଷଦ ପକ୍ଷରୁ ଜଳ ନମୁନାର ରିପୋର୍ଟ ପ୍ରକାଶ ପାଇଥିଲା। ସଂଗୃହିତ ଜଳ ନମୁନାରୁ ଫେନୋଲିକ କମ୍ପାଉଣ୍ଡ(ଟାର୍ ସମ୍ବନ୍ଧୀୟ), ସାଏନାଇଡ, କ୍ରୋମିୟମ ଆଦି ବିଷାକ୍ତ ଦ୍ରବ୍ୟ ପରମିସିବୁଲ ଲିମିଟଠାରୁ ଅଧିକ ରହିଥିବା ଜଣାପଡ଼ିଥିଲା। ଏଣୁ ତୁରନ୍ତ ଏହାର ପ୍ରତିକାର ପାଇଁ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ବୋର୍ଡ ନିର୍ଦ୍ଦେଶ ଦେଇଥିଲା। ୧୦ଦିନ ମଧ୍ୟରେ ଆକ୍ସନ ପ୍ଲାନ ଦାଖଲ ନ କଲେ ବିନା ନୋଟିସରେ କମ୍ପାନୀକୁ ସିଲ୍ କରି ଦିଆଯିବ ବୋଲି ବୋର୍ଡର ସଦସ୍ୟ ସଚିବ ନିର୍ଦ୍ଦେଶ ଦେଇଥିଲେ। ତେବେ ୧୮।୧୧।୨୦୧୬ ରେ ଜଳ ପ୍ରଦୂଷଣ ଯୋଗୁ ଏସ୍‌ପିସିବି କ୍ଲୋଜର ନୋଟିସ ଦେଇଥିଲା। ଏହାପରେ ୧୭।୧୨।୨୦୧୬ରେ ବ୍ୟାଙ୍କ ଗ୍ୟାରେଣ୍ଟି ନେଇ ଏସ୍‌ପିସିବି କ୍ଲୋଜର ନୋଟିସକୁ ବି ଖଣ୍ଡନ କରିଥିଲା। ଇତିମଧ୍ୟରେ ଭିସା ଷ୍ଟିଲ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ଏସ୍‌ପିସିବି ନିର୍ଦ୍ଦେଶର ୪ବର୍ଷ ବିତିଯାଇଥିଲେ ସୁଦ୍ଧା ଭିସା ପ୍ରତିଶ୍ରୁତି ଧୂଆଁବାଣ ହୋଇଛି। ଏହାବାଦ ଏସ୍‌ପିସିବି କର୍ତ୍ତୃପକ୍ଷଙ୍କୁ ଭିସା ନିଜ କବଜାରେ ରଖି ବର୍ଷବର୍ଷ ଧରି ବିଷାକ୍ତ ପାଣି ବାହାରକୁ ଛାଡୁଥିବାରୁ ଚାଷ ଜମି ସମେତ ପରିବେଶ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଶେଷରେ ସଂପୃକ୍ତ ଅଞ୍ଚଳବାସୀ ଅସହ୍ୟ ହୋଇ ଗତ ଜୁଲାଇ ମାସରେ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। କଳିଙ୍ଗନଗର ପରିବେଶ ସୁରକ୍ଷା ସମିତିର ସଭାପତି ଅଶ୍ୱିନୀ କୁମାର ଧଳ ଆବେଦନକାରୀ ହୋଇଥିବାବେଳେ ଏସ୍‌ପିସିବିର ସଦସ୍ୟ ସଚିବ, ଏସ୍‌ପିସିବିର ରାଜ୍ୟ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ଭିସା ଷ୍ଟିଲ କାରଖାନାର ପରିଚାଳନା ନିର୍ଦ୍ଦେଶକ, ସିପିସିବିର ସଦସ୍ୟ ସଚିବ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ତେବେ ଏହି ମାମଲା ପୂର୍ବରୁ ଏସ୍‌ପିସିବି ନିଜ ଦୋଷ ଛଡ଼ାଇବାକୁ କେତେକ ଜଳ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଭିସା କାରଖାନାର ସର୍ଫେସ ପାଣି ନମୁନା ସଂଗ୍ରହ କରି କେନ୍ଦ୍ରୀୟ ଲ୍ୟାବରେ ପରୀକ୍ଷା କରାଯାଇଥିଲା। ଏହାର ରିପୋର୍ଟ ଏସ୍‌ପିସିବିକୁ ପଠାଯାଇଛି। ଏହାସହ ସର୍ଫେସ ରନ୍ ଅପ ମ୍ୟାନେଜମେଣ୍ଟ ସିଷ୍ଟମ, ଏମିନେଣ୍ଟ ଏୟାର କ୍ୱାଲିଟି ସିଷ୍ଟମକୁ ନବୀକରଣ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ମଧ୍ୟ ପଦକ୍ଷେପ ନେବାକୁ କୁହାଯାଇଛି। ଭିସା ଷ୍ଟିଲ୍‌ର ମ୍ୟାନେଜିଂ ଡାଇରେକ୍ଟର ମନୋଜ କୁମାରଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରି ନାହିଁ। ତେବେ କାରଖାନାର ଲୋକ ସମ୍ପର୍କ ଅଧିକାରୀ ଚିରଞ୍ଜିବୀଙ୍କୁ ପଚାରିବାରେ ସେ କହିଛନ୍ତି ଯନ୍ତ୍ରପାତିର ନବୀକରଣ ସମ୍ପର୍କରେ ତାଙ୍କ ପାଖରେ ଖବର ନାହିଁ। ଦିନେ ଦୁଇଦିନ ମଧ୍ୟରେ ତଥ୍ୟ ଦିଆଯାଇ ପାରିବ ବୋଲି ସେ କହିଛନ୍ତି।

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପ୍ରଶାସନର ତତ୍ପରତା

## ମାପଚୁପ ପାଇଁ ନିରୀକ୍ଷଣ ଆରମ୍ଭ

ଯାଜପୁର ଅଫିସ,୧୪।୮

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡପୁର ପାହାଡ଼ରେ ଚାଲିଥିବା ବେଆଇନ ପଥର ଖାଦାନ ସଂକ୍ରାନ୍ତରେ ମାପଚୁପ ପାଇଁ ଅନୁଧ୍ୟାନ ଆରମ୍ଭ ହୋଇଛି। ବୁଧବାର ଖଣି ବିଭାଗ, ରାଜସ୍ୱ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀମାନେ ରାହାଡପୁର ପାହାଡ଼ ଅଞ୍ଚଳ ଗସ୍ତ କରିଥିଲେ। କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରାଣୀବନ୍ଧ, ପାଇକରାପୁର, ଜନବସତି ଅଞ୍ଚଳର ସଇରାତ ଠାରୁ ଦୂରତ୍ୱ ଉପରେ ନୀରିକ୍ଷଣ କରାଯାଇଥିଲା। ଏହି ସମୟରେ ରାହାଡପୁର ପାହାଡ଼ରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଜିଲା ଖଣି ଅଧିକାରୀ ଅସିତ କୁମାର ବେହେରା, ଏସପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଖୁବଶୀଘ୍ର ଏକ ବୈଷୟିକ ଟିମ୍ ଦ୍ୱାରା ମାପଚୁପ କରାଯିବ ବୋଲି ସୂଚନା ମିଳିଛି। ରାହାଡ଼ପୁର ପାହାଡ଼ରେ ବେଆଇନ ଖନନ ପ୍ରତିବାଦରେ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହି ମାମଲା ଉପରେ ହାଇକୋର୍ଟ ଯାଜପୁର ଜିଲାପାଳଙ୍କୁ ୬ସପ୍ତାହ ମଧ୍ୟରେ ଫଏସଲା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଧରିତ୍ରୀରେ ସବିଶେଷ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଛି।

■ ପଞ୍ଚାୟତ ସମିତି ସଭ୍ୟାସଭ୍ୟ ମହାସଙ୍ଘ କୋରେଇ ଶାଖା

# ସମସ୍ୟା ସମାଧାନ ନେଇ ଦାବିପତ୍ର

କୋରେଇ,୧୪।୮(ସ୍ୱ.ପ୍ର.)

ଓଡ଼ିଶା ରାଜ୍ୟ ପଞ୍ଚାୟତ ସମିତି ସଭ୍ୟାସଭ୍ୟ ମହାସଙ୍ଘ କୋରେଇ ଶାଖା ପକ୍ଷରୁ ବୁଧବାର ପଞ୍ଚାୟତ ସମିତିର ବିଭିନ୍ନ ସମସ୍ୟା ଓ ସଭ୍ୟାସଭ୍ୟଙ୍କୁ ଅଣଦେଖା ନେଇ କୋରେଇ ବିଡିଓଙ୍କୁ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ଆସନ୍ତା ୧୬ ତାରିଖରେ ଜିଲାପାଳ ଓ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଙ୍ଘ ସଭାପତି ପ୍ରମୋଦ କୁମାର ସାହୁ ସୂଚନା ଦେଇଛନ୍ତି। ପଞ୍ଚାୟତ ରାଜ ବିଧି ଅନୁଯାୟୀ ପ୍ରତି ୨ ମାସରେ ସମିତି ବୈଠକ ହେବା କଥା କିନ୍ତୁ କୋରାଇ ବ୍ଲକରେ ୧୦ ମାସ ହେବ ବୈଠକ ହୋଇ ନାହିଁ। ପଞ୍ଚାୟତ ସମିତିରେ ପାରିତ ସଙ୍କଳ୍ପର ନକଲ ପ୍ରତ୍ୟକ ସଭ୍ୟଙ୍କୁ ୧୫ ଦିନ ମଧ୍ୟରେ ଅବଗତ ଓ ସଂଶୋଧନ ନିମନ୍ତେ ପ୍ରେରଣ କରାଯାଉ ନାହିଁ। ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମଗୁଡିକ ସମ୍ପୃକ୍ତ ବିଭାଗର ଅଧିକାରୀ ପ୍ରଦାନ ନ କରିବା, ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ବୈଠକକୁ ଠିକଭାବେ ନ ଡାକିବା, ପଞ୍ଚାୟତ ସମିତି ଗଠନର ୨ ବର୍ଷ ୬ମାସ ବିତିଥିଲେ ମଧ ଅଦ୍ୟାବଧି ସ୍ଥାୟୀ କମିଟି ଗଠନ ହୋଇ ନାହିଁ। ଏପରିକି ପଞ୍ଚାୟତ ସମିତିର ବିନା ଅନୁମୋଦନ ଓ ଅଗୋଚରରେ ପଞ୍ଚାୟତ ସମିତିରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟହେବା, ୨୦୧୯-୨୦ ଫନୀ ବାତ୍ୟା ପ୍ରକଳ୍ପଗୁଡିକ ଚୟନ ସମିତିରେ ଆଲୋଚନା କରା ନ ଯାଇ ପାରିତ ହେବା, ବ୍ଲକ ପରିସରରେ କମନରୁମ ନ ହେବା ଆଦି ବିଭିନ୍ନ ଦାବି ସମ୍ବଳିତ ଦାବିପ୍ରତ ସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ସଭପତି ସାହୁଙ୍କ ସମତେ ଉପଦେଷ୍ଟା କୁଳମଣୀ ଦାସ, ଅନିଲ କୁମାର ମହାପାତ୍ର, ସେକ ଜହର ଅଲ୍ଲୀ, ଅଶୋକ ବାରିକ, ମନ୍ମଥ ଜେନା, ନୀଳମାଧବ ଚକ୍ର, ତିଳୋତମା ସେଠୀ, ନିଳାଦ୍ରୀ ଭୁଷର ସାହୁ, ଜୟନ୍ତୀ ସାହୁ, ମମତାରାଣୀ ଘଡାଇ, ଭାନୁପ୍ରଭା କରଣ, ମଧୁସୂଦନ ସାହୁ, କ୍ଷୀରୋଦ ଦାସ, ତିଳୋତମା ସାହୁ, ଗଭିନ ଦଳାଇ, ପ୍ରତିମା ରାଉତ, ସଞ୍ଜୁଲତା ଖଟୁଆ, ଉମାକାନ୍ତ ବେହେରା, ନିତ୍ୟାନନ୍ଦ ସାହୁ, ବଟକୃଷ୍ଣ ମଳିକ, ନିର୍ମଳା ବେହେରା, ମାଣିକ ଦାସ, ଅମିତା ସାହୁ, ରାଧାରାଣୀ ପାତ୍ର, ପାର୍ବତୀ ବେହେରା ପ୍ରମୁଖ ଆନ୍ଦୋଳନରେ ଯୋଗଦେଇଥିଲେ।

## ବର୍ଷକର ଶିଶୁପୁତ୍ର ଉଦ୍ଧାର, ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର

ଧର୍ମଶାଳା/ଜେନାପୁର,୧୪।୮ (ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜିରା ସ୍ଥିତ ରାସ୍ତା କଡରେ ପଡି କାନ୍ଦୁଥିବା ଜଣେ ଏକ ବର୍ଷର ଶିଶୁପୁତ୍ରକୁ ମଦନ ମଲିକ ଉଦ୍ଧାର କରି ଜେନାପୁର ପୋଲିସ ଜିମା ଦେଇଛନ୍ତି । ପୋଲିସ ଉକ୍ତ ଶିଶୁପୁତ୍ରକୁ ଯାଜପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି । ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଶିଶୁକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯିବା ପରେ ବାଳାଶ୍ରମରେ ରଖାଯାଇଛି। ଏ ବାବଦରେ ଯାଜପୁର ଜିଲାପାଳଙ୍କୁ ଅବଗତ କରାଯାଇଛି। ଉଦ୍ଧାର ଶିଶୁପୁତ୍ରର ସ୍ୱତ୍ୱାଧିକାରୀ ଦାବିଦାର ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ଯଦି କେହି ଶିଶୁଟିକୁ ନ ନିଅନ୍ତି ତେବେ ଯାଜପୁର ବାଳାଶ୍ରମରେ ରଖାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ସୂଚନା ଦେଇଛନ୍ତି।

# ବୀର ସଂଗ୍ରାମୀଙ୍କୁ ଝୁରୁଛି ବରୀ ମାଟି

ବରୀ/ରତ୍ନଗିରି,୧୪।୮ (ସ୍ୱ.ପ୍ର/ଡି.ଏନ୍.ଏ.)



■ସ୍ମୃତିପୀଠ, ସଂଗ୍ରାମୀ ଭବନର ପାଚେରି ନିର୍ମାଣ ଦାବି
■ସନ୍ଧ୍ୟାରେ ଅସାମାଜିକ ବ୍ୟକ୍ତି ବିଶେଷଙ୍କ ଜମୁଛି ଆଡ୍ଡା
■ଶହୀଦ ବୀର ପୁତ୍ରଙ୍କ ତୈଳଚିତ୍ର ନ ରହିବା ନେଇ ଅସନ୍ତୋଷ

ଆଜି ଭାରତବର୍ଷ ୭୩ ତମ ସ୍ୱାଧୀନତା ଦିବସ ପାଳନ ନେଇ ଉତ୍ସବମୁଖର ହୋଇଛି। ହେଲେ ଯାଜପୁର ଜିଲା ବୀରମାଟି ବରୀରେ ଚଳିତ ବର୍ଷ ଗୋଟିଏ ଦିନରେ ସ୍ୱାଧୀନତା ଦିବସ ଓ ଶହୀଦ ଦିବସ ପାଳନ ହେଉଛି। ୧୯୪୨ ଅଗଷ୍ଟ ଗହ୍ମା ପୂର୍ଣ୍ଣିମା ଦିନ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଥିବାବେଳେ କଳାମାଟିଆଠାରେ ବ୍ରିଟିଶ ଫଉଜଙ୍କ ଗୁଳିରେ ଟଳି ପଡ଼ିଥିଲେ ବରୀପୁତ୍ର ସାଉଁଟ ମଲ୍ଲିକ୍, ସାନନ୍ଦ ସ୍ୱାଇଁ, ହାଡ଼ିବନ୍ଧୁ ପଣ୍ଡା ଓ ମାୟାଧର ଭୂୟାଁ। ରକ୍ତ ରଞ୍ଜିତ ହୋଇଥିଲା କଳାମାଟିଆ ଗ୍ରାମ। ଇତିହାସର ଅମର ପୃଷ୍ଠାରେ ଏହି ମହାନ ବୀରପୁତ୍ରମାନେ ସଦା ସର୍ବଦା ସ୍ମରଣୀୟ ରହିଛନ୍ତି। ଏହି ମହାନ୍ ଦେଶପ୍ରେମୀଙ୍କୁ ସଦା ସ୍ମରଣୀୟ ପାଇଁ ସ୍ଥାନୀୟ ବରୀପାଳଠାରେ ମୁଖ୍ୟମନ୍ତ୍ରୀ ୧୨।୧୨।୨୦୦୬ରେ ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ସଂଗ୍ରାମୀ ଭବନର ଉଦ୍‌ଘାଟନ କରିଥିଲେ। ସେହିପରି ବୀରପୁତ୍ରଙ୍କ ମୃତ୍ୟୁ ସ୍ଥଳରେ ଶହୀଦ ସ୍ମୃତି ସ୍ତମ୍ଭ କରାଯାଇଛି। ହେଲେ ଉଭୟସ୍ଥାନର ସୁରକ୍ଷା ପାଇଁ ପାଚେରୀ ନିର୍ମାଣ କରାଯାଇ ନ ଥିବାରୁ ଗୋରୁ ଓ ଛେଳି ପଶୁଛନ୍ତି। ଏପରିକି ରାତ୍ରରେ ଅସାମାଜିକ ବ୍ୟକ୍ତି ବିଶେଙ୍କ ଆଡ୍ଡାସ୍ଥଳି ପାଲଟିଛି। ସେହିପରି ପିଣ୍ଡି ନିର୍ମାଣ ହୋଇଥିଲେ ବି ଶହୀଦ ବୀର ପୁତ୍ରଙ୍କ ତୈଳଚିତ୍ର ନ ରହିବା ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ବରୀରେ ବୀର ଗାଥା ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନେତୃତ୍ୱରେ ଶହୀଦ ସ୍ତମ୍ଭ ଜାଗାଟିକୁ ଏବେ ସରକାରୀ ରେକର୍ଡ଼ଭୁକ୍ତ କରାଯାଇଛି। ପୂର୍ବରୁ ଏହି ଜାଗାଟି ଘରୋଇ ମାଲିକାନାରେ ରହିଥିଲା। ଏ ନେଇ ଏକ ଟ୍ରଷ୍ଟ ଗଠନ କରାଯାଇଥିବା ଜଣାପଡ଼ିଛି। ବିଶ୍ୱ ମାନଚିତ୍ରରେ ଏହାକୁ ସ୍ଥାନ ଦେବା ପାଇଁ ଏଠାରେ ଶହୀଦ ଭବନ ନିର୍ମାଣ କରାଯିବା ସହିତ ଶହୀଦଙ୍କ ପ୍ରତିମୂର୍ତ୍ତି ଓ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିବା ବୀର ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ନିଷ୍ପତି ନିଆଯାଇଛି। ସ୍ୱାଧୀନତା ଦିବସ ଓ ଶହୀଦ ଦିବସ ପାଳନକୁ ନେଇ ଆଜି ବିଧାୟିକା ଦାସ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲାପାଳ ରଞ୍ଜନ କୁମାର ଦାସ ଉପସ୍ଥିତ ରହି ଶହୀଦଙ୍କ ସ୍ମୃତି ଚାରଣ କରିବେ। ଏ ନେଇ ଶହୀଦ୍ ପୀଠରେ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ପ୍ରକାଶ ଯେ, ଭାରତଛାଡ ଆନ୍ଦୋଳନକୁ ନେଇ ବରୀ ବ୍ଲକ କୃଷ୍ଣନଗରର ଧ୍ରୁବ ଭୂୟାଁଙ୍କ ନେତୃତ୍ୱରେ ବେସିକ ସ୍କୁଲ୍ ପାଖରେ (ବର୍ତ୍ତମାନର ୟୁପି ସ୍କୁଲ୍) ଗମ୍ଭୁଠାରୁ ହାଟ ସାହି ପର୍ଯ୍ୟନ୍ତ ଅନେକ କଂଗ୍ରେସ କର୍ମୀ ଯାଇ କାଇପଡ଼ାରେ ପହଞ୍ଚିଥିଲେ। ସେଠାରେ ପୂର୍ବ ରାତିରେ ପୋଷ୍ଟଅଫିସ୍ ପୋଡ଼ିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହା ଜାଣିବା ପରେ ବ୍ରିଟିଶ ଫଉଜ ମାଜିଷ୍ଟ୍ରେଟ୍ କଳାମାଟିଆ ନିକଟବର୍ତ୍ତୀ ଦୁଧେଇ ନାଲ ପାଖରେ ପହଞ୍ଚିଥିଲେ। ଦୁଧେଇ ନାଳରେ ବ୍ରିଟିଶ୍ ଫଉଜ ୨ଟି ଡ଼ଙ୍ଗାରେ କଳାମାଟିଆରୁ କାଇପଡ଼ାରେ ପହଞ୍ଚିଥିଲେ। ସଭାସ୍ଥଳରେ ପହଞ୍ଚି କେତେଜଣ ନେତାଙ୍କୁ ନେଇ ଏକ ମାଇଲ ଦୂର କଳାମାଟିଆ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଇଥିଲେ। ଏହାପରେ ଅନ୍ୟ କର୍ମୀମାନେ ସେମାନଙ୍କ ପଛେ ପଛେ ଆସିଥିଲେ। ଏତେ ଲୋକଙ୍କୁ ଦେଖି ବିଚଳିତ ହୋଇ ଡିଏସ୍‌ପି ଲକ୍ଷ୍ମଣ ମିଶ୍ର ଫାଙ୍କା ଗୁଳି ଚାଳନା କରିଥିଲେ। ଏହା ଦେଖି ହାଟ ସାହିର ମାୟାଧର ଭୂୟାଁ ଇଂରେଜ୍ ଫଉଜଙ୍କୁ ମାଡି ବସିଥିଲେ। ଏହାପରେ ପୋଲିସ୍ ତାଙ୍କୁ ବନ୍ଧୁକ ବାଇଓନେଟ୍‌ରେ ହତ୍ୟା କରିଥିଲେ। ଏହାକୁ ନେଇ ସେଠାରେ ରଣକ୍ଷେତ୍ର ପାଲଟିଥିଲା। ଇଂରେଜ ଫଉଜରଙ୍କ ଗୁଳିଚାଳନାରେ ଶ୍ରୀରାମପୁର ସାଉଁଟି ମଳିକ, କୃଷ୍ଣ ନଗରର ସାନନ୍ଦ ସ୍ୱାଇଁ ଓ ହାଡ଼ିବନ୍ଧୁ ପଣ୍ଡା ଟଳିପଡିଥିଲେ। ଏହିଭଳି ୪ଜଣ ଶହୀଦଙ୍କ ପବିତ୍ର ବଳିଦାନରେ କଳାମାଟିଆ ରକ୍ତରଞ୍ଜିତ ହୋଇଥିଲ। ସେବେଠାରୁ ଇତିହାସର ଅମର ପୃଷ୍ଠାରେ କଳାମାଟିଆ ଏକ ଅଲିଭା ପଂକ୍ତି ହୋଇ ରହିଯାଇଛି।

## କପିଳେଶ୍ୱର କଲେଜର ନୂତନ ଗୃହ ଉଦ୍‌ଘାଟିତ

କଳିଙ୍ଗନଗର,୧୪।୮(ଡି.ଏନ୍.ଏ.): ଡୁବୁରୀସ୍ଥିତ କପିଳେଶ୍ୱର ମହାବିଦ୍ୟାଳୟର ନୂତନ ଗୃହ ବୁଧବାର ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଟାଟା ଷ୍ଟିଲ କଳିଙ୍ଗନଗର କର୍ପୋରେଟ୍ ସର୍ଭିସେସ୍ ବିଭାଗ ମହା ପ୍ରବନ୍ଧକ ଆର୍.ଆର୍ ଶତପଥୀ ଉପସ୍ଥିତ ଥିଲେ। ଟାଟା ଷ୍ଟିଲ ପକ୍ଷରୁ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ଏହି ନୂତନ ଭବନର ନିର୍ମାଣ କରାଯାଇଛି। ୩୫୦୦ ବର୍ଗଫୁଟ୍‌ରେ ପରିବ୍ୟାପ୍ତ ଉକ୍ତ ମହଲାରେ ୨ଟି କୋଠରୀ ରହିଛି। ଗୋଟିଏ କୋଠରୀକୁ ପାଠାଗାର ତଥା ଅଧ୍ୟୟନ କକ୍ଷ ରୂପେ ବ୍ୟବହାର କରାଯିବ ଏବଂ ଅନ୍ୟଟିରେ ଛାତ୍ରଛାତ୍ରୀଙ୍କ ପାଇଁ ସମ୍ମିଳନୀ ଏବଂ ଅନୁଗ୍ରହଣ ଅଧିବେସନର ଆୟୋଜନ କରାଯିବ। ଏହି ନୂତନଗୃହ ଗୃହ ଉଦ୍‌ଘାଟନୁ ନେଇ ମହାବିଦ୍ୟାଳୟ ଅଧକ୍ଷ ଜତିନ କୁମାର ତ୍ରିପାଠୀ ଟାଟା ଷ୍ଟିଲକୁ ଧନ୍ୟବାଦ ଜଣାଇଛନ୍ତି। ଜିଲା ପରିଷଦ ସଦସ୍ୟା ଭାଗ୍ୟଲକ୍ଷ୍ମୀ ରାଉତ, ବିଶ୍ୱଜିତ ଦାସ, ଟାଟା ଷ୍ଟିଲ ଓଡ଼ିଶା ସିଏସ୍‌ଆର ବିଭାଗ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ଓ ଟାଟା ଷ୍ଟିଲ ଗ୍ରାମୀଣ ବିକାଶ ସଂସ୍ଥା (ଟିଏସ୍‌ଆରଡିଏସ୍) କଳିଙ୍ଗନଗର ଶାଖା ମୁଖ୍ୟ ଆଲେନ୍ ଜୋସେଫ୍ ପ୍ରମୁଖ ଉପସ୍ଥିତ ଥିଲେ।

ଗ୍ରାମ୍ୟ ଜଳଯୋଗାଣ, ପରିମଳ ବିଭାଗ

# ପାଇପ ଯୋଗାଣ ଅନୁମତିରେ ମୂଲଚାଲ

ଯାଜପୁର ଅଫିସ,୧୪।୮



■ନିମ୍ନମାନର ପାଇପ ଯୋଗୁ ଦୀର୍ଘସ୍ଥାୟୀ ହୋଇପାରୁନି ପ୍ରକଳ୍ପ
■ନିର୍ଦ୍ଧାରିତ ଜନବସତିକୁ ଜଳଯୋଗାଣ ବାଧାପ୍ରାପ୍ତ

ଯାଜପୁର ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପାଇପ୍ ଜଳଯୋଗାଣ ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି, ତୋଷାରପାତ ଓ ପିସି କାରବାର ଚାଲିଛି। ଏପରି କି ବିଭିନ୍ନ କମ୍ପାନୀର ପାଇପ ଯୋଗାଣ ପାଇଁ ମିଳୁଥିବା ବିଭାଗୀୟ ପ୍ରମାଣପତ୍ରରେ ମଧ୍ୟ ଏକ ବଡ଼ଧରଣର ମୂଲଚାଲ ହେଉଥିବା ସୂଚନା ମିଳିଛି। ଯାହାଫଳରେ ପ୍ଲାଷ୍ଟିକ ପାଇପ ତିଆରି କରୁଥିବା କମ୍ପାନୀମାନେ ନିମ୍ନମାନର ପାଇପ୍ ଯୋଗାଇ କୋଟିକୋଟି ଟଙ୍କାର ଲାଭବାନ ହେଉଛନ୍ତି। ନିମ୍ନମାନର ପାଇପ୍ ଲାଗୁଥିବାରୁ ପାଇପ ଜଳଯୋଗାଣ ପ୍ରକଳ୍ପଗୁଡିକ ଦୀର୍ଘସ୍ଥାୟୀ ହୋଇପାରୁ ନାହିଁ। ଜିଲାରେ ନିର୍ମାଣ ହୋଇଥିବା ପ୍ରାୟ ୩୦୦ପାଇପ ଜଳଯୋଗାଣ ପ୍ରକଳ୍ପରୁ ପ୍ରାୟ ୫୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଅଧିକାଂଶ ପାଇପ ଫାଟିବା କାରଣରୁ ନିର୍ଦ୍ଧାରିତ ଜନବସତିକୁ ଜଳଯୋଗାଣ ହୋଇପାରୁ ନ ଥିବା ଦେଖିବାକୁ ମିଳିଛି। ଇତିମଧ୍ୟରେ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠି ଓ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (ଆର୍‌ଆଇଡିଏଫ୍)ରୁ ସୁକିନ୍ଦା, ଧର୍ମଶାଳା ଓ ରସୁଲପୁର ବ୍ଲକରେ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ଓ ପ୍ରସ୍ତାବ ନିମନ୍ତେ ୨୬୬.୬୮କୋଟି ଟଙ୍କା ପ୍ରଶାସନିକ ମଞ୍ଜୁର ମିଳିଛି। ଏନେଇ ଆରଡବ୍ଲୁଏସ୍‌ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ ପତ୍ର ସଂଖ୍ୟା ୭୧୧୩/ ୧୪।୮।୨୦୧୯ରେ ପଞ୍ଚାୟତିରାଜ ଏବଂ ପାନୀୟଜଳ ଯୋଗାଣ ବିଭାଗର ପ୍ରିନ୍ସିପାଲ୍ ସେକ୍ରେଟାରୀଙ୍କୁ ଅବଗତ କରାଇଛନ୍ତି। ଏଥିରେ ବି ବ୍ୟାପକ ଅର୍ଥ କାରବାର କରାଯାଇ ନିମ୍ନମାନର ପାଇପ ଲଗାଇବାକୁ ମସୁଧା କରାଯାଇଥିବା ଅଭିଯୋଗ ହେଉଛି। ଏଭଳି ଅଭିଯୋଗ ଉପରେ ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ପାରନ୍ତା ବୋଲି ମତପ୍ରକାଶ ପାଉଛି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଆପେକ୍ସ ବଡି ମାଧ୍ୟମରେ ଗଠିତ ଡିଏମ୍‌ଏଫ୍ ଟ୍ରଷ୍ଟ ବୋର୍ଡ ଖଣି ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳ ସହ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ପ୍ରଚୁର ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ତେବେ ଉପଯୁକ୍ତ ଭିତ୍ତିଭୂମି, ପ୍ରକଳ୍ପ ଚୟନ ଓ ନିର୍ଦ୍ଦିଷ୍ଟ ସମୟ ସୀମାରେ ପ୍ରକଳ୍ପଗୁଡିକ ପୂର୍ଣ୍ଣାଙ୍ଗ ହୋଇ ପାରୁନାହିଁ। ଜିଲାରେ ୧୦ରୁ ଉର୍ଦ୍ଧ୍ୱ ଛୋଟବଡ଼ ନଦୀ ପ୍ରବାହିତ ହେଉଛି। ହେଲେ ମାତ୍ର ୬ଟି ନଦୀଜଳ ପ୍ରକଳ୍ପ ଏବେ କାର୍ଯ୍ୟକାରୀ ହେଉଛି। ଯାହାକି ଜିଲାବାସୀଙ୍କୁ ଜଳ ଯୋଗାଇବାରେ ସନ୍ତୁଷ୍ଟି କରିପାରୁ ନାହିଁ। ବଡ଼ଚଣା ବ୍ଲକର ୨୦୭ ଓ ଧର୍ମଶାଳା ବ୍ଲକର ୨୧ଗୋଟି ଗ୍ରାମକୁ ନେଇ ଗେଙ୍ଗୁଟି ନଦୀରୁ ଏବଂ ସୁକିନ୍ଦା ଖଣି ଅଞ୍ଚଳବାସୀଙ୍କ ପାଇଁ ବ୍ରାହ୍ମଣୀ ନଦୀଜଳକୁ ବ୍ୟବହାର କରି ବୃହତ୍ତ ପ୍ରକଳ୍ପ ନିର୍ମାଣର ସ୍ୱପ୍ନ କେବଳ କାଗଜକଲମରେ ସୀମିତ ରହିଛି। ସୁକିନ୍ଦା ପ୍ରକଳ୍ପ ମନ୍ଥର ଗତିରେ ଚାଲିଥିବା ସହ ନିମ୍ନମାନର ନିର୍ମାଣ ସାମଗ୍ରୀ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାର୍ଷିକ ଜଳଯୋଗାଣ ନାମରେ କୋଟି କୋଟି ଟଙ୍କା ଅନୁଦାନ ଆସୁଥିଲେ ହେଁ ଯାଜପୁର ଜିଲାର ମାତ୍ର ୫ପ୍ରତିଶତ ପରିବାରଙ୍କୁ ପାଇପ ଯୋଗେ ସ୍ୱଚ୍ଛ ପାଣି ଯୋଗାଇ ଦିଆଯାଉଛି। ଏନେଇ ଧରିତ୍ରୀରେ ପୂର୍ବରୁ ଏକାଧିକ ଥର ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି ଅଧିକ ପରିବାରଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ଆର୍‌ଆଇଡିଏଫ୍ ଜରିଆରେ ଜିଲାର ଧର୍ମଶାଳା ଓ ରସୁଲପୁର ବ୍ଲକ ପାଇଁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ଅଟକଳ ପ୍ରସ୍ତୁତ କରାଯାଇଛି। ଏଥିରେ ପମ୍ପହାଉସ ଆଣ୍ଡ ଷ୍ଟାପ ୮୯୩.୯୮ ଲକ୍ଷ, ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଓ ମେକାନିକାଲ ବ୍ୟବସ୍ଥା ୧୬୧୪.୯୯ ଲକ୍ଷ ଟଙ୍କା, ଯୋଗାଣ ବ୍ୟବସ୍ଥା ଓ ସହାୟତା ପାଇଁ ୧୩୩୬୪.୯୩ ଲକ୍ଷ ଟଙ୍କା, ଷ୍ଟୋରେଜ ରିର୍ଜଭୟର ୪୨୮୮.୦୮ ଲକ୍ଷ ଟଙ୍କା, ବାହ୍ୟ ବିଦ୍ୟୁତିକରଣ ୪୪୧.୭୮ ଲକ୍ଷ ଟଙ୍କା, ହାଉସ କନେକ୍ସନ ୯୭୮.୪୫ ଲକ୍ଷ ଟଙ୍କା, ସର୍ଭେ କାର୍ଯ୍ୟ ୨୨୭.୨୮ଲକ୍ଷ ଟଙ୍କା, ୫ବର୍ଷର ରକ୍ଷଣାବେକ୍ଷଣ ୧୦୯୯.୬୩ ଲକ୍ଷ ଟଙ୍କାର ଅଟକଳ ହୋଇଛି। ଏହାସହ ଜିଏସ୍‌ଟି, ଲେବର ସେସ୍, କଣ୍ଟିଜେନ୍ସି ପ୍ରଭୃତି ସହ ସମୁଦାୟ ୨୬୬.୬୮ କୋଟିର ପ୍ରକଳ୍ପ ଯୋଜନା ରହିଛି। ଏହି ଯୋଜନାରେ ପଶ୍ଚିମବଙ୍ଗ, ଭୁବନେଶ୍ୱର, ବାଲେଶ୍ୱର ପ୍ରଭୃତି ସ୍ଥାନରେ ଥିବା ପାଇପ୍ ନିର୍ମାଣ ସଂସ୍ଥା ସହ ଚୁକ୍ତି କରି ସଂପୃକ୍ତ ଠିକାଦାରମାନେ ପାଇପ କ୍ରୟ କରିଥାନ୍ତି। ତେବେ ସମ୍ପୃକ୍ତ ବିଭାଗର ଅଧିକାରୀ ପାଇପର ଗୁଣବତ୍ତା ଉପରେ ନିରୀକ୍ଷଣ କରି ପ୍ରମାଣପତ୍ର ଦେଇଥାନ୍ତି। ମାତ୍ର ବିଭାଗୀୟ ଅଧିକାରୀଙ୍କୁ ହାତକରି ଠିକାଦାର ମାନେ ପ୍ରମାଣପତ୍ର ହାସଲ କରୁଥିବାରୁ ପାଇପ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଚଣ୍ଡିଖୋଲ ଆରଡବ୍ଲୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ପଚାରିବାରୁ ସେ କହିଛନ୍ତି ପାଇପ ଜଳଯୋଗାଣ ପ୍ରକଳ୍ପ ପାଇଁ ଆସୁଥିବା ପାଇପ୍‌ଗୁଡିକ ପରୀକ୍ଷା କରି ଆବଶ୍ୟକ ଯାଞ୍ଚ ହୋଇଥାଏ। ଏହାପରେ ପ୍ରମାଣପତ୍ର ଦିଆଯାଏ। ଏଥିରେ କୌଣସି ଚଞ୍ଚକତା କରାଯିବାର ସମ୍ଭାବନା ନାହିଁ।

# ନଦୀ କୂଳରେ ଗୋମାଂସ ପକାଇବାକୁ ନେଇ ଉତ୍ତେଜନା

ଯାଜପୁର ଟାଉନ ୧୪।୮ (ଡି.ଏନ୍.ଏ.)

ଯାଜପୁର ସହର ନିକଟସ୍ଥ ବୈତରଣୀ ନଦୀ କୂଳରେ ଗୋମାଂସ ପକାଇବାକୁ ନେଇ ବୁଧବାର ପ୍ରବଳ ଉତ୍ତେଜନା ଦେଖାଦେଇଛି। ଏହି ଘଟଣାକୁ କେନ୍ଦ୍ରକରି ଯାଜପୁରର ମୁଖ୍ୟରାସ୍ତା ଗାନ୍ଧୀଛକଠାରେ ଦୀର୍ଘସମୟ ଧରି ରାସ୍ତାରୋକୋ କରାଯାଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲୋକମାନେ ଜିଦ୍ ଧରି ବସିଥିଲେ। ପରେ ଏସ୍‌ପି ଓ ଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବାକୁ ପୋଲିସ ଫୋର୍ସ ଉପସ୍ଥିତିରେ ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧୀଛକ ନିକଟରେ ଥିବା କଂସେଇ ଖାନାକୁ ସିଲ୍ କରାଯାଇଛି। ଏହି ଘଟଣାରେ ପୋଲିସ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ମିଳିଥିବା ସୂଚନା ଅନୁସାରେ ଯାଜପୁର ସହରର ବିଶ୍ୱହିନ୍ଦୁପରିଷଦ ପକ୍ଷରୁ ବୁଧବାର ସଫେଇ କାର୍ଯ୍ୟକ୍ରମ କରାଯାଉଥିବାବେଳେ ବୈତରଣୀ ନଦୀ କିଲ୍ଲାଘାଟ ନିକଟ ରିଂରୋଡରେ ବସ୍ତାରେ ବନ୍ଧାହୋଇ ଗୋମାଂସ, ହାଡ଼, ମୁଣ୍ଡ ପଡ଼ି ରହିଥିବା ଦେଖିବାକୁ



ଘଟଣା ସ୍ଥଳରେ ପୋଲିସ ଓ ଜିଲା ପ୍ରଶାସନ ଅଧିକାରୀମାନେ।

ପାଇଥଲେ। ଏହି ଘଟଣା ପ୍ରଚାରିତ ହେବାପରେ ବଜରଙ୍ଗ ଦଳର ଶତାଧିକ କର୍ମୀ ଯାଜପୁର ସହରର ମୁଖ୍ୟ ରାସ୍ତା(ଗାନ୍ଧୀଛକ)ଠାରେ ଦୀର୍ଘ ସମୟ ଧରି ରାସ୍ତାରୋକୋ କରିଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଯାଜପୁର ଜିଲାପାଳ ଓ ଏସ୍‌ପି ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକୋ ହଟିଥିଲା। ପରେ ବିଶ୍ୱହିନ୍ଦୁ ପରିଷଦ ଜିଲା ସୁରକ୍ଷା ପ୍ରମୁଖ ବାଦଲ ନାୟକ ଥାନାରେ ଏକ ଲିଖିତ ଏତଲା ଦାଏର କରିଥିଲେ। ଯେଉଁଥିରେ ସେକ୍ ରଫିକ୍, ସେକ୍ କାଲା, ସେକ୍ ଗୋଲାମ, ରେକ୍ ରାଜୁ, ସେକ୍ କାଡି, ସେକ୍ ବସିର୍ ଓ ସେକ୍ ଗୋରା ପ୍ରମୁଖ ଏକ ବେଆଇନ କଂସେଇଖାନା ଚଳାଇ ଆସୁଛନ୍ତି ଓ ସେମାନେ ଗୋରୁମାଂସଗୁଡ଼ିକୁ ସର୍ବସାଧାରଣ ବ୍ୟବହାର ସ୍ଥାନରେ ବାରମ୍ବାର ପକାଇ ଆସୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏପରି କି ଏହି ବେଆଇନ କଂସେଇଖାନାରେ ପ୍ରତ୍ୟେକ ଦିନ ବହୁ ସଂଖ୍ୟାର ଗୋରୁଙ୍କୁ

**ଯାଜପୁର ସହର**

- ଥାନାରେ ଏତଲା, ଦୀର୍ଘ ସମୟ ଧରି ରାସ୍ତାରୋକୋ
- ଏସ୍‌ପି,ଜିଲାପାଳଙ୍କ ହସ୍ତକ୍ଷେପ ପରେ ଶାନ୍ତ ପଡ଼ିଲେ ଲୋକେ
- କଂସେଇଖାନାକୁ ସିଲ୍ କଲା ଜିଲା ପ୍ରଶାସନ
- ୬ ଅଭିଯୁକ୍ତ କୋର୍ଟ ଚାଲାଣ

ହତ୍ୟା କରାଯାଉଛି। ବୈତରଣୀରେ ଶ୍ରାବଣୀଙ୍କ ଭିଡ଼ ଓ ଧର୍ମୀୟ ଭାବନାକୁ ନଷ୍ଟ କରିବା ନିମନ୍ତେ ଏକ ପ୍ରକାର ହୀନ ଚକ୍ରାନ୍ତ କରିବାକୁ ଚେଷ୍ଟା କରାଯାଉଛି। ଏଣୁ ବେଆଇନ ଭାବେ ଚାଲିଥିବା କଂସେଇଖାନାକୁ ତୁରନ୍ତ ବନ୍ଦ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ବଜରଙ୍ଗ ଦଳ ସଂଯୋଜକ ସମୀର ନାୟକ, ଅରବିନ୍ଦ ଦାସ, ମଣ୍ଟୁ ପଟ୍ଟନାୟକ, ଲିପୁନ୍ ପାତ୍ର, ରଂଜନ ମହାନ୍ତି, ହରିଶଙ୍କର ପାଣି, ମନ୍ମଥ ବରାଳ, ସୁଦୀପ୍ତ କୁମାର ପଣ୍ଡା, ସତ୍ୟଜିତ୍ ସ୍ୱାଇଁଙ୍କ ସମେତ ଶତାଧିକ ବଜରଙ୍ଗ ଦଳର କର୍ମୀ ଯାଜପୁର ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କୁ ଲିଖିତ ଏତଲା ପ୍ରଦାନ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରୀ ଏକ ମାମଲା(ନଂ.୨୨୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଅପରାହ୍ନରେ ଯାଜପୁର ତହସିଲଦାର ସୁନୀଲ କୁମାର ମେହେର, ଥାନା ଅଧିକାରୀ ଆଶିଷ କୁମାର ସାହୁ, ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ଖୁଣ୍ଟିଆ ପ୍ରମୁଖ ଗାନ୍ଧୀଛକ ନିକଟରେ ଥିବା କଂସେଇଖାନାକୁ ଯାଇ ଗୋମାଂସ ସମେତ କଟାଯାଉଥିବା ଯନ୍ତ୍ରକୁ ଜବତ କରିବା ସହ ଏହାକୁ ସିଲ୍ କରିଛନ୍ତି। ଏଥିସହ ବେଆଇନ କଂସେଇଖାନାକୁ ଚଳାଉଥିବା ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ବର୍ଷବର୍ଷ ଧରି ଏଠାରେ ବେଆଇନ କଂସେଇଖାନା ଚାଲୁଛି। ଏହାକୁ ବନ୍ଦ କରିବା ନିମନ୍ତେ ସ୍ଥାନୀୟ ବସ୍ତି ଲୋକମାନେ ବିଭିନ୍ନ ସମୟରେ ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲା। ବେଆଇନ କଂସେଇଖାନା ଚାଲିବା ଫଳରେ ସ୍ଥାନୀୟ ଅଞ୍ଚଳର ପରିବେଶ ଦୂଷିତ ହେବା ସହ ଦୁର୍ଗନ୍ଧରେ ସ୍ଥାନୀୟ ଲୋକମାନେ ଅତିଷ୍ଠ ହୋଇପଡୁଛନ୍ତି। ଯାଜପୁର ସହରରେ କୌଣସି ଅପରିସ୍ଥିତି ଘଟଣା ନ ଘଟିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

# ଇତିହାସର ଗାଥା ଗାଉଛି ସ୍ମାରକୀ ସ୍ତମ୍ଭ

ଚଣ୍ଡିଖୋଲ,୧୪।୮ (ଡି.ଏନ.ଏ)

ଭାରତର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ବହୁ ସଂଗ୍ରାମୀ ଶହୀଦ ହୋଇଥିଲେ। ଏପରି କି ବହୁ ସଂଖ୍ୟାରେ ବନ୍ଦୀଜୀବନ ଯାପନ କରିଥିଲେ। ସେମାନଙ୍କ ଜୀବନ ବ୍ୟାପୀ ଅବଦାନ ଯୋଗୁ ଆମେ ସ୍ୱାଧୀନତାର ସ୍ୱାଦ ଚାଖିଲୁ। ସେହି ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ବଡ଼ଚଣା ବ୍ଲକ ସମ୍ମୁଖରେ ନିର୍ମାଣ କରାଯାଇଛି ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀସ୍ତମ୍ଭ। ଯାହାକି ଇତିହାସର ଗାଥାକୁ ରୋମନ୍ଥନ କରିବା ସହ ଏହାକୁ ସବୁଦିନ ପାଇଁ ଉଜ୍ଜିବିତ କରି ରଖିବ। ସ୍ୱାଧୀନତା ଆନ୍ଦୋଳନରେ ଯାଜପୁର ଜିଲା ବଡ଼ଚଣା ମାଟିର ସଂଗ୍ରାମୀଙ୍କ ଅବଦାନ କିଛି କମ୍ ନୁହେଁ। ଏହି ବ୍ଲକରୁ ୮୫ଜଣ ସଂଗ୍ରାମୀ କାରାବରଣ କରିଥିଲେ। ସେମାନଙ୍କ ମଧ୍ୟରେ କୃଷ୍ଣ ମୋହନ ରାଉତରାୟ, ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ, ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ଡାକ୍ତର ଜଗନ୍ନାଥ ଦାସ, ଗୋବିନ୍ଦ ମିଶ୍ର, ରଙ୍କନିଧି ମହାପାତ୍ର, ଦୁର୍ଯ୍ୟୋଧନ ମହାପାତ୍ର, ରତ୍ନାକର ମଲ୍ଲିକ, ହଳଧର ମହାପାତ୍ର, ରତ୍ନାକର ରାଉତରାୟ, ବିଶ୍ୱନାଥ ପଣ୍ଡା, ଚିତ୍ରାନନ୍ଦ ରାୟ, ଜଗନ୍ନାଥ ମାନ୍ଧାତା, ମାଗୁଣି ସେନାପତି, ଦୈତାରୀ ସାମଲ, ପ୍ରହଲ୍ଲାଦ ସ୍ୱାଇଁ, ଫକିର ଚରଣ ରାଉତ, ବସନ୍ତ କୁମାର ପରିଡ଼ା, ବୃନ୍ଦାବନ ଷଡ଼ଙ୍ଗୀ, ଈଶ୍ୱର ଚନ୍ଦ୍ର ଜେନା, ରସାନନ୍ଦ ଶାନ୍ତି ପ୍ରମୁଖ ବହୁ ସଂଗ୍ରାମୀଙ୍କ ଅବଦାନ ଅବିସ୍ମରଣୀୟ। ୮୫ ଜଣଙ୍କ ମଧ୍ୟରୁ କେବଳ ନୀଳମଣି ସାମଲ ଜୀବିତ ରହିଥିବାବେଳେ ଅନ୍ୟମାନେ ଇହଧାମ ତ୍ୟାଗ କଲେଣି। ଇଂରେଜ ସରକାରଙ୍କୁ ଦେଶରୁ ବିତାଡ଼ିତ କରିବା ପାଇଁ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଡାକରାରେ ଏମାନେ ଲଢେଇ କରିଥିଲେ। ୧୯୪୨ମସିହା ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ଏକ ସଙ୍ଗେ ଗିରଫ ହୋଇଥିଲେ। ପରାଧୀନ ଭାରତ ବର୍ଷରେ ଇଂରେଜ ସରକାରଙ୍କ ଦ୍ୱାରା ବିକ୍ରୟ ହେଉଥିବା ସମସ୍ତ ଜିନିଷକୁ ବର୍ଜନ କରିବା ସହ କୁଟି ଖାଅ, କାଟି ପିନ୍ଧ ନୀତିକୁ ଆପଣାଇବାକୁ ଘରେ ଘରେ ପ୍ରଚାର କରିଥିଲେ। ରେଳ ଲାଇନ କାଟିବା, ପୋଷ୍ଟଅଫିସ ପୋଡ଼ିବା, ଅବକାରୀ ଦୋକାନ ଲୁଟ କରିବା, ପୋଲିସକୁ ମାଡ଼ ମାରିବା ଆଦି ବିଭିନ୍ନ ଅଭିଯୋଗରେ ବିଚାର କରାଯାଇ ସେମାନଙ୍କୁ ଜେଲ ପଠାଇ ଦିଆଯାଇଥିଲା। ଏପରିକି ସେମାନଙ୍କ ମଧ୍ୟରୁ ଯାଜପୁର ବାଘ କୁହାଯାଉଥିବା କୃଷ୍ଣ ମୋହନ ରାଉତରାୟଙ୍କୁ ସର୍ବାଧିକ ୨୨ ବର୍ଷ ୬ ମାସ ଜେଲ ଦଣ୍ଡ ଦିଆଯାଇଥିଲା। ଏହି ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ବଡ଼ଚଣା ବିଧାୟକ ଅମର



ପ୍ରସାଦ ଶତପଥୀଙ୍କ ଉଦ୍ୟମ କ୍ରମେ ୨୦୧୮ ଅଗଷ୍ଟ ୧୪ରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକଙ୍କ କର କମଳରେ ଶୁଭ ଦିଆଯାଇଥିଲା। ଏହାକୁ ଗତ ମାର୍ଚ୍ଚ ୨ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଡ଼ଚଣାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ଏସମ୍ପର୍କରେ ବିଧାୟକ ଶତପଥୀ ପଚାରିବାରେ ସେ କୁହନ୍ତି ସ୍ୱାଧୀନତା ସଂଗ୍ରାମର ଇତିହାସକୁ ଉଜ୍ଜିବିତ ରଖିବା ପାଇଁ ଏହା ଏକ ନମ୍ରପ୍ରୟାସ। ଦେଶ ଏହା ମଧ୍ୟରେ ସ୍ୱାଧୀନ ହେବା ପରେ ବିକାଶ କ୍ଷେତ୍ରରେ ବହୁ ଆଗକୁ ଯାଇଛି। ପରାଧୀନତାର ଇତିହାସକୁ କେହି ଭୁଲି ପାରିବେ ନାହିଁ। ଏହି ସ୍ମୃତିସ୍ତମ୍ଭ ଇତିହାସର ଗାଥା ଗାଉଛି। କାରଣ ସ୍ୱାଧୀନତା ସଂଗ୍ରାମରେ ବଡ଼ଚଣା ମାଟି ପାଇଁ ଏହି ସଂଗ୍ରାମୀଙ୍କ ଅବଦାନ କିଛି କମ୍ ନୁହେଁ। ସେମାନଙ୍କ ଅବଦାନକୁ ସ୍ମରଣ କରିବା ପାଇଁ ଆଗାମୀ ପିଢୀଙ୍କ ପାଇଁ ଏହି ସ୍ତମ୍ଭ ତିଆରି ହୋଇଛି। ଏହା ସ୍ମୃତି ସ୍ତମ୍ଭ ନୁହେଁ ସବୁଦିନପାଇଁପ୍ରେରଣାରସ୍ତମ୍ଭହୋଇରହିବ।

# ମଧୁପୁର କଲେଜରେ ଚାରାରୋପଣ



ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଚାରାରୋପଣ କରୁଛନ୍ତି।

ରସୁଲପୁର,୧୪।୮ (ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁପୁର କଲେଜ, କଲଣରେ ବୁଧବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଧାୟକ କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ ଭାବରେ ବୈଠକରେ ଯୋଗଦେଇଥିଲେ। ବୈଠକରେ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଅଧ୍ୟକ୍ଷ କୁଶଧର ପଣ୍ଡା କଲେଜର ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ଏଥିସହ କଲେଜର ଉନ୍ନୟନ ସମ୍ପର୍କିତ ଆଲୋଚନା ବୈଠକରେ ସ୍ଥାନ ପାଇଥିଲା। ବିଧାୟକଙ୍କ ସହମତି କ୍ରମେ ଅନେକ ସମସ୍ୟାର ସମାଧାନ ବାଟ ପରିଷ୍କାର ହୋଇପାରିଥିଲା। ଶେଷରେ ବିଧାୟକ କଲେଜ ପରିସରରେ ବୃକ୍ଷରୋପଣ କରିବା ସହ ତାର ରକ୍ଷଣାବେକ୍ଷଣ ଦିଗରେ କଲେଜ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ପିଲା ନିଜ ନିଜ ନାଁରେ କେଲଜ କ୍ୟାମ୍ପସରେ ଗୋଟିଏ ଲେଖାଏ ଗଛ ଲଗାଇବା ସହ ତାକୁ ବଡ କରିବାର ଦାୟିତ୍ୱ ନେବାକୁ ପରାମର୍ଶ ଦେଇଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ

କଳିଙ୍ଗନଗର,୧୪।୮ (ଡି.ଏନ୍.ଏ.)

ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଜୋସ୍ନାମୟୀ ନାୟକଙ୍କ ସଭାପତିତ୍ୱରେ ସୁକିନ୍ଦା ବିଧାୟକ ପ୍ରୀତୀରଞ୍ଜନ ଘଡ଼ାଇ ଯୋଗଦେଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ଠିକ୍ ଭାବେ ଉପଯୋଗ କରିବାକୁ ପରାମର୍ଶ ଦେବା ସହ ଡିଏମ୍ଏଫ୍ ଫଣ୍ଡରେ ଯୋଗାଇ ଦିଆଯାଇଥିବା ୬ କୋଟି ଟଙ୍କାରେ ଏକ ଶିଶୁ ସୁରକ୍ଷା ୟୁନିଟ୍‌ର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁଯାଉଛି ବୋଲି ବିଧାୟକ କହିଥିଲେ। ଡାକ୍ତର ଖାନାରେ ସୁନ୍ଦର ପାର୍କ ନିର୍ମାଣ କରିବା ପାଇଁ ଟାଟା ଷ୍ଟିଲ କାରଖାନାକୁ ଦାୟୀତ୍ୱ ଦିଆଯାଇଛି। ଏଥିସହ ଡାକ୍ତର ଖାନାରେ ବିଭିନ୍ନ ଅବ୍ୟବସ୍ଥା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିମଳେସ ଓଝା, ବିଡିଓ ମଣିପ୍ରସାଦ ମିଶ୍ର, ସୁଧାଂଶୁ ଭଞ୍ଜ, ଲୋକନାଥ ଧୀର, ଡା. ଚନ୍ଦ୍ରକାନ୍ତି ସାହୁଙ୍କ ସମେତ ଆରକେସ୍ କମିଟିର କର୍ମକର୍ତ୍ତା ଯୋଗଦେଇଥିଲେ।

# ଚାଷଜମି ଉପରେ ରାସ୍ତା ନିର୍ମାଣକୁ ବିରୋଧ

ଦଶରଥପୁର, ୧୪।୮ (ଡି.ଏନ୍.ଏ.)

ଦଶରଥପୁର ବ୍ଲକ ଦେଇଯାଇଥିବା ଯାଜପୁର-କର୍ୟାଁଗୋଲା ୨୦ ନଂ ଜାତୀୟ ରାଜପଥର ଲାଲବାଗ ଛକଠାରୁ ନୂଆପାଟଣା ରାମପୁର-କେଶପୁର ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ବର୍ତ୍ତମାନ ନିର୍ମାଣାଧୀନ ରହିଛି। କିନ୍ତୁ ଲାଲବାଗ ଛକରୁ ନୂଆପାଟଣା ଗ୍ରାମ ପର୍ଯ୍ୟନ୍ତ ଢଳେଇ ରାସ୍ତା ସମ୍ପୂର୍ଣ୍ଣ ହୋଇସାରିଛି। ନୂଆପାଟଣାଠାରୁ ଦୁବକଣ ମଲ୍ଲିକ ସାହି ଓ ରାମପୁର କେଶପୁର ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣହେବାକୁଥିବାବେଳେ ତାହା ଦୁବକଣ ମଲ୍ଲିକ ସାହି ଗ୍ରାମ ମୁଣ୍ଡଠାରୁ ଅଟକି ରହିଛି। ଅପରପକ୍ଷେ ସରକାରଙ୍କର କୌଣସି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପୂର୍ବରୁ ପ୍ରକଳ୍ପ ନିର୍ମାଣ ହେବାକୁଥିବା ସ୍ଥାନ ସମ୍ବନ୍ଧେ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ତନଖି କରାଯିବାକଥା ତେବେ ଲାଲବାଗ ନୂଆପାଟଣା ରାସ୍ତା ନିର୍ମାଣ ପୂର୍ବରୁ ବିଭାଗ ପକ୍ଷରୁ ଠିକ୍‌ଭାବେ ସର୍ଭେ କରା ନ ଯାଇ ରାସ୍ତା ନିର୍ମାଣ ଚାଲିଥିବାବେଳେ ନିର୍ମାଣହେଉଥିବା ରାସ୍ତାରେ ବ୍ୟକ୍ତିଗତ ଜାଗା ପଡୁଥିବାନେଇ ଦୁବକଣ ଗ୍ରାମର ରମେଶ ଚନ୍ଦ୍ର ନାୟକଙ୍କ ବିଭାଗୀୟ ଏସ୍‌ଡିପିଓ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

**କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ., କେନ୍ଦ୍ରାପଡ଼ା**

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅବିଭକ୍ତ କଟକ ଜିଲା ଯଥା–କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ Daily Balance ଉପରେ ଦିଆଯାଏ।
- ସ୍ଥାୟୀ ଜମା (Fixed Deposit)ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ୍ୱ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧିନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen)ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟଆରମ୍ଭ।
- ଗ୍ରାହକମାନଙ୍କ ପାଇଁ ସମିତିରେ ଟଙ୍କା ଦେଣନେଣ କାରବାର ସମ୍ପୂର୍ଣ୍ଣ କରମୁକ୍ତ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ସୂଚାରୁରୂପେ କାର୍ଯ୍ୟ କରୁଅଛି।

ପ୍ରହ୍ଲାଦ ସାହୁ, ସମ୍ପାଦକ, ମୋ.- ୯୪୩୯୪୩୭୫୦୬
ପ୍ରମୋଦ ସାହୁ, ସଭାପତି, ମୋ.- ୯୪୩୭୧୮୩୧୯୯

**ଜିଲ୍ଲା ମାଜିଷ୍ଟ୍ରେଟ୍-ତଥା-ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ଅଦାଲତରେ**

ବ୍ୟାଙ୍କ ମାମଲା ନଂ. ୭୭/୨୦୧୭
ଆଇଆଇଆଇଏଫ୍ଏଲ୍ ହୋମ୍ ଫାଇନାନ୍ସ ଲିଃ ... ବାଦୀ
-ବନାମ-
ରାଖେଲ କୁମାର ଚିନାରାୟ ... ପ୍ରତିବାଦୀ
ପ୍ରାପ୍ତେଷୁ,
ରାଖେଲ କୁମାର ଚିନାରାୟ
ଆପଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ, ଉପର ନାମିତ ବାଦୀ ସରଫେସି ଅଧିନିୟମର ଧାରା ୧୪ ଅଧୀନରେ ବ୍ୟାଙ୍କ ମାମଲା ନଂ.୭୭/୨୦୧୭ ମାଧ୍ୟମରେ ବନ୍ଧକ ପରିସମ୍ପତ୍ତିର କ୍ଷେତ୍ର ଅଧିକାର କରିବା ଉଦ୍ଦେଶ୍ୟରେ ଆବେଦନ ଦାଏର କରିଛନ୍ତି। ଉପରୋକ୍ତ ନୋଟିସ ଆପଣଙ୍କୁ ପଞ୍ଜୀକୃତ ଡାକ ଯୋଗେ ପଠାଯାଇଥିଲା, କିନ୍ତୁ ତାହା ଫେରିଆସିଥିଲା। ଆପଣଙ୍କୁ ଏତଦ୍ୱାରା ଦାବିର ଉତ୍ତର ଦେବା ଲାଗି ଅଦାଲତରେ ତା୧୬।୦୮।୨୦୧୯ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ବ୍ୟକ୍ତିଗତ ଭାବେ କିମ୍ବା ନିଜର ଓକିଲଙ୍କ ଜରିଆରେ ଉପସ୍ଥିତ ହେବା ଲାଗି ସୂଚିତ କରାଯାଉଛି, ଅନ୍ୟଥା ଉପରୋକ୍ତ ମାମଲାର ବିଚାର ଆପଣଙ୍କ ଅନୁପସ୍ଥିତିରେ କରାଯିବ।
ଡିଏମ୍ ଓ ଜିଲ୍ଲାପାଳ (ଖୋର୍ଦ୍ଧା)ଙ୍କ ଆଦେଶକ୍ରମେ

**ପୂର୍ବ ତଟ ରେଳପଥ**
**ବୈଦ୍ୟୁତିକ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. BBS-EL-C-T-316E, ତା: 07.08.2019
କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଲେଭେଲ କ୍ରସିଙ୍ଗ୍ ନଂ.JT-1, JT-2, JT-25, JT-26 ଏବଂ JT-60 ପରିବର୍ତ୍ତେ ରୋଡ୍ ଓଭର ବ୍ରିଜ୍ (ROB)ର ପ୍ରଚଳନ ସମ୍ବନ୍ଧୀୟ ରୂପାନ୍ତରଣ କାର୍ଯ୍ୟ ସହିତ 25KV OHE ର ଡିଜାଇନ୍, ଯୋଗାଣ, ଉତ୍ଥାପନ (Erection), ପରୀକ୍ଷଣ ଏବଂ ସମ୍ପାଦନ (Commissioning) ।"
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): ₹ 77.77 ଲକ୍ଷ, EMD (ଟଙ୍କାରେ) : ₹ 1,55,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06(ଛଅ)ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.08.2019ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର
PR-36/CC/19-20

**ପୂର୍ବ ତଟ ରେଳପଥ**
**ରିସର୍ଚ୍ଚ ଡିଜାଇନ୍ ଆଣ୍ଡ ଷ୍ଟାଣ୍ଡାର୍ଡ଼ ଅର୍ଗାନାଇଜେସନ୍(RDSO)/ ଲକ୍ଷ୍ନୌ ଠାରେ ତା.23.08.2019ରିଖରେ ବିକ୍ରେତା ସମ୍ମିଳନୀ ନିମନ୍ତେ ବିଜ୍ଞପ୍ତି**

ସଂ.:MM/ECoR/Dy.CMM-II/Misc/02 ତା.08.08.2019
ରିସର୍ଚ୍ଚ ଡିଜାଇନ୍ ଆଣ୍ଡ ଷ୍ଟାଣ୍ଡାର୍ଡ଼ ଅର୍ଗାନାଇଜେସନ୍(RDSO) ତରଫରୁ ତିନି ଜଣ ବିକ୍ରେତାଙ୍କ ଠାରୁ କମ୍ ସାମଗ୍ରୀଗୁଡ଼ିକ ଉପରେ କେନ୍ଦ୍ରୀତ ଏକ ବିକ୍ରେତା ସମ୍ମିଳନୀ ଆୟୋଜନ କରାଯିବ। ସେହିସବୁ ସାମଗ୍ରୀଗୁଡ଼ିକୁ ବିକଶିତ କରିବା/ରେଳବାଇକୁ ଯୋଗାଣ କରିବା ନିମନ୍ତେ ଇଚ୍ଛୁକ ଆଶାୟୀ ଫାର୍ମ/ ବିକ୍ରେତାମାନେ ନିମ୍ନବର୍ଣ୍ଣିତ ସମ୍ପୂର୍ଣ୍ଣ ବିବରଣୀ ସହିତ ବିକ୍ରେତା ସମ୍ମିଳନୀରେ ଯୋଗଦେଇ ପାରିବେ।
ସ୍ଥାନ : ନୂଆ ଅଡ଼ିଟୋରିୟମ୍, ରିସର୍ଚ୍ଚ ଡିଜାଇନ୍ ଆଣ୍ଡ ଷ୍ଟାଣ୍ଡାର୍ଡ଼ ଅର୍ଗାନାଇଜେସନ୍(RDSO), ଲକ୍ଷ୍ନୌ-226 001, ତାରିଖ : 23 ଅଗଷ୍ଟ 2019, ସମୟ : 1100 ଘଟିକା
ଅଂଶଗ୍ରହଣଜନିତ ଶୁଳ୍କ : ଶୂନ୍ୟ
242 ଗୋଟି ସାମଗ୍ରୀଗୁଡ଼ିକ ନିମନ୍ତେ ଲିଙ୍କ୍ :
https://rdso.indianrailways.gov.in/works/uploads/File/items%20with%20less%20than%203%20sources(1).pdf
ପରବର୍ତ୍ତୀ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଯୋଗାଯୋଗ କରନ୍ତୁ :
ଶ୍ରୀ ସଞ୍ଜୀବ ଗର୍ଗ, ନିର୍ଦ୍ଦେଶକ, QA/ଆରଡ଼ିଏସ୍‌ଓ/ଲକ୍ଷ୍ନୌ
ମୋବାଇଲ : 9794863225, ମେଲ୍ : edqamech2017@gmail.com
ନୂଆଦିଲ୍ଲୀ, ମୁମ୍ବାଇ, କୋଲକାତା, ଜୟପୁର, ହାଇଦ୍ରାବାଦ, ଭୋପାଳ ଏବଂ ବେଙ୍ଗାଲୁରୁ ସ୍ଥିତ ଆରଡିଏସ୍‌ଓ (ଆଇ ଆଣ୍ଡ ଏଲ୍) ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକ ସହିତ ଯୋଗାଯୋଗ କରାଯାଇପାରେ।
PR-292/K/19-20 ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ-II, ଭୁବନେଶ୍ୱର

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଭଣ୍ଡାର ବିଭାଗ**
**ଖବରକାଗଜଗୁଡ଼ିକରେ ଭଣ୍ଡାର ସାମଗ୍ରୀ ଟେଣ୍ଡର ବିଜ୍ଞପ୍ତିର ସମାପ୍ତି**

ପ୍ରିନ୍ସିପାଲ ଚିଫ୍ ମ୍ୟାଟେରିଆଲ୍ସ ମ୍ୟାନେଜର (ପିସିଏମ୍ଏମ୍), ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଳାସପୁର ଏବଂ ଭଣ୍ଡାର ଡିପୋଙ୍କ କାର୍ଯ୍ୟାଳୟ ତଥା ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜରଙ୍କ କାର୍ଯ୍ୟାଳୟରୁ ଜାରି ଭଣ୍ଡାର ଟେଣ୍ଡରଗୁଡ଼ିକର ବିବରଣୀ ଭାରତୀୟ ରେଳପଥ ଇ-ସଂଗ୍ରହଣ ପ୍ରଣାଳୀ (ଆଇଆର୍‌ଇପିଏସ୍) ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି। ଏହି ଭଣ୍ଡାର ସାମଗ୍ରୀଗୁଡ଼ିକ ଲାଗି ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତିଗୁଡ଼ିକ ଆଉ ଖବରକାଗଜଗୁଡ଼ିକରେ ପ୍ରକାଶିତ ହେବନାହିଁ।
ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ସମସ୍ତ ଆଗ୍ରହୀ ସଂସ୍ଥା/ ସଂଗଠନଗୁଡ଼ିକ ନିୟମିତ ଭାବେ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ (www.ireps.gov.in) ଦେଖିପାରନ୍ତି ଏବଂ ଦୟାପୂର୍ବକ ଆଇଆର୍‌ଇପିଏସ୍‌ରେ ପଞ୍ଜୀକରଣ କରି ଅଂଶଗ୍ରହଣ କରିପାରନ୍ତି।
ପ୍ରିନ୍ସିପାଲ ଚିଫ୍ ମ୍ୟାଟେରିଆଲ୍ସ ମ୍ୟାନେଜର, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଳାସପୁର
CPR/10/208
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

No.: 39-L

**କାଳିଆ** କୃଷି କଲେ ଉନ୍ନତ ସକଳ ଉନ୍ନତି

# କାଳିଆ
## ଗ୍ରାମ ପଞ୍ଚାୟତ ସ୍ତରରେ କାଳିଆ ହିତାଧିକାରୀ ତାଲିକା ଯାଞ୍ଚ ପ୍ରକ୍ରିୟା

**୨୭ ଅଗଷ୍ଟ, ୨୦୧୯ ପର୍ଯ୍ୟନ୍ତ ବଳବତ୍ତର ରହିବ**

- କାଳିଆ ଯୋଜନାରେ ସହାୟତା ରାଶି ପାଇଥିବା କିମ୍ବା ଦରଖାସ୍ତ କରି ଚୟନ ହୋଇନଥିବା ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକ ହିତାଧିକାରୀଙ୍କ ତାଲିକା ପ୍ରତି ପଞ୍ଚାୟତର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟରେ ୨୭ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ପଞ୍ଚାୟତ ସ୍ତରୀୟ କମିଟି ଦ୍ୱାରା ଯାଞ୍ଚ କାର୍ଯ୍ୟ ଚାଲୁରହିବ।
- ଏହି ଯାଞ୍ଚରେ କାଳିଆ ସହାୟତା ପାଇଥିବା ତାଲିକାରୁ କାଳିଆ ମାନଦଣ୍ଡ ବ୍ୟବହାର କରି ଯୋଗ୍ୟ ଅଯୋଗ୍ୟ ହିତାଧିକାରୀ ଚୟନ ଓ ବାଦ୍ ଦିଆଯିବ।
- କମ୍ ହିତାଧିକାରୀ ଥିବା ନିର୍ଦ୍ଦିଷ୍ଟ ପଞ୍ଚାୟତରେ କାଳିଆ ଦରଖାସ୍ତ ଫର୍ମ ଗ୍ରହଣ ଓ ଅନ୍ୟ ସମସ୍ତ ପଞ୍ଚାୟତରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବାର ବ୍ୟବସ୍ଥା ଏହି ସମୟ ମଧ୍ୟରେ ଚାଲୁ ରହିବ।

ଏ ସମ୍ବନ୍ଧୀୟ କୌଣସି ପ୍ରକାର ପ୍ରଶ୍ନର ଉତ୍ତର ପାଇବା ପାଇଁ ଚାଷୀଭାଇମାନେ ନିମ୍ନୋକ୍ତ ସଂଯୋଗ ହେଲ୍ପ ଲାଇନ୍ ଟୋଲ୍ ଫ୍ରି ନମ୍ବର ବ୍ୟବହାର କରନ୍ତୁ।

ଜୀବିକା ଓ ଆୟ ବୃଦ୍ଧି ନିମିତ୍ତ କୃଷକଙ୍କୁ ସହାୟତା — କୃଷକ ସଶକ୍ତିକରଣ ଦିଗରେ ଏକ ଅଭିନବ ପଦକ୍ଷେପ

www.kalia.co.in
କାଳିଆ ହେଲ୍ପ ଲାଇନ୍
୧୮୦୦ ୩୪୫୬ ୭୭୦ / ୧୫୫୩୩୫ (ସମୟ ସକାଳ ୬ ଘଣ୍ଟାରୁ ରାତ୍ର ୧୦ ଘଣ୍ଟା ପର୍ଯ୍ୟନ୍ତ)
01034/11/0012/1920

## କଳପଡ଼ା ପୋଲ ଉପରେ ଗୁଳିମାଡ଼: ୨ ଆହତ

**କେନ୍ଦ୍ରାପଡ଼ା ଅଫିସ,୧୪।୮**-ସଦର ଥାନା ଅଧୀନ କଳପଡ଼ା ପୋଲ ଉପରେ ବୁଧବାର ରାତି ପ୍ରାୟ ୧୧ଟା ବେଳେ ଗୁଳିମାଡ଼ ହୋଇଛି। ଏଥିରେ ଲିଟୁ ଦାସ ଗ୍ୟାଙ୍ଗର ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ମାର୍ଶାଘାଇ ଥାନା ଅଧୀନ ବଛରାଇ ଗ୍ରାମର ରାଜେଶ ମୁଦୁଲି ଓ ଅଙ୍ଗୁଳେଇ ବରେଇ ଗ୍ରାମର ବିନୋଦ ସାହୁ ଓରଫ୍ ଭୋଲି। ରାଜାଙ୍କ ପିଠିରେ ଗୁଳି ବାଜି ଥିବା ବେଳେ ଭୋଲିଙ୍କ ହାତରେ ଗୁଳି ବାଜିଛି। ପ୍ରାଥମିକ ସୂଚନା ଅନୁଯାୟୀ, ରାଜେଶ, ଭୋଲି ଓ ସଦର ଥାନା କଜଳା ଗ୍ରାମର ରଞ୍ଜନ ଭୂୟାଁ ଏକ ଆପାଚିରେ ମାର୍ଶାଘାଇ ଥାନା ଛଅଘରିଆ ପଟୁ କଳପଡ଼ା ପୋଲ ଆଡକୁ ଯାଉଥିଲେ। ଏହି ସମୟରେ ପଛପଟୁ ଅନ୍ୟ ଏକ ବାଇକରେ ଆସୁଥିବା ୨ ଜଣ ଦୁର୍ବୃତ୍ତ ସେମାନଙ୍କ ଉପରେ ୪ ରାଉଣ୍ଡ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଏହା ଏକ ଗ୍ୟାଙ୍ଗୱାର ବୋଲି ଜିଲା ପୋଲିସ ସ୍ପେଶାଲ ସ୍କ୍ୱାଡ ଏସ୍ଆଇ ପି.କେ. କାନୁନ୍‌ଗୋ କହିଛନ୍ତି। ଗୁରୁତର ୨ ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ■ ବଙ୍ଗୋପସାଗର ଉପକୂଳ ମୁକୁଳା

# ଆତଙ୍କବାଦୀ ମୁକାବିଲାରେ କେତେ ସକ୍ଷମ ସାମୁଦ୍ରିକ ଥାନା

**ରାଜନଗର,୧୪।୮(ଡି.ଏନ.ଏ.)**

ଗୁରୁବାର ଅଗଷ୍ଟ ୧୫। ଦେଶ ୭୩ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ଜାତୀୟତା ବୋଧ, ଅଖଣ୍ଡତା ଓ ଦେଶର ସଂହତିକୁ ବଜାୟ ରଖିବାର ବାର୍ତ୍ତା ନେଇ ସାରା ଭାରତବର୍ଷର କୋଣ ଅନୁକୋଣରେ ତ୍ରିରଙ୍ଗା ଉଡିବ। ନିକଟରେ କେନ୍ଦ୍ର ସରକାର ସମ୍ବିଧାନ ଅନୁଚ୍ଛେଦର ୩୭୦ ଧାରାକୁ ଉଚ୍ଛେଦ କରି ଜମ୍ମୁ-କଶ୍ମୀର ଓ ଲଦାଖକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଛନ୍ତି । ଏହି ଘଟଣାକୁ ସହଜରେ ଗ୍ରହଣ କରିପାରୁ ନାହିଁ ପାକିସ୍ତାନ। ଯେ କୌଣସି ମୁହୂର୍ତ୍ତରେ ଓଡିଶା ଉପକୂଳରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ରହିଛି ବୋଲି କୋଷ୍ଟାଲ ସିକ୍ୟୁରିଟି ଏଡିଜି ପ୍ରାଣବିନ୍ଦୁ ଆଚାର୍ଯ୍ୟ ସୂଚନା ଦେବା ପରେ ଉପକୂଳ ଅଞ୍ଚଳବାସୀଙ୍କ ମନରେ ଭୟ ଓ ଆଶଙ୍କା ସୃଷ୍ଟି ହୋଇଛି। ବଙ୍ଗୋପସାଗର ତଟବର୍ତ୍ତୀ କେନ୍ଦ୍ରାପଡା ଜିଲାର ସବୁଠୁ ସମ୍ବେଦନଶୀଳ ରାଜନଗର ବ୍ଲକର ସମୁଦ୍ରକୂଳିଆ ୪୬ଟି ଗାଁର ଲୋକଙ୍କ ମଧ୍ୟରେ ଏ ନେଇ ଛନକା ପଶିଛି। କୋଷ୍ଟାଲ ସିକ୍ୟୁରିଟି ଏଡିଜି ଆଚାର୍ଯ୍ୟଙ୍କ ସୂଚନା ପରେ ଧାମରା ଠାରୁ ଦେବୀ ମୁହାଣ ପର୍ଯ୍ୟନ୍ତ ସମୁଦ୍ର ତଟରେ ତଟରକ୍ଷୀବାହିନୀ ପକ୍ଷରୁ ପାଟ୍ରୋଲିଂ କଡାକଡି କରାଯାଇଛି। ଏହାଛଡା ରାଜନଗର ବ୍ଲକର ଏକମାତ୍ର ସାମୁଦ୍ରିକ ଥାନା ତାଳଚୁଆର ପୋଲିସ କର୍ମଚାରୀଙ୍କୁ ମଧ୍ୟ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସାମୁଦ୍ରିକ ଥାନାରେ ଆବଶ୍ୟକ ପୋଲିସ ବାହିନୀ ଓ ଆବଶ୍ୟକ ଅସ୍ତ୍ରଶସ୍ତ୍ର, ପାଟ୍ରୋଲିଂ ବୋଟ ନ ଥିବାରୁ ଆତଙ୍କବାଦୀଙ୍କୁ ମୁକାବିଲା କରିବାରେ ଏହା କେତେଦୂର ସକ୍ଷମ ହେବ ଉପକୂଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କେନ୍ଦ୍ରାପଡା ଜିଲାରେ ୩ଟି ସାମୁଦ୍ରିକ ଥାନା ରହିଛି। ରାଜନଗରର ତାଳଚୁଆ ଓ ଏବଂ ମହାକାଳପଡାର ଜମ୍ବୁ ଓ ତନ୍ତିଆପାଳ ଠାରେ ଏହି ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଛି। ରାଜନଗର ବ୍ଲକର ତାଳଚୁଆ ସାମୁଦ୍ରିକ ଥାନା ଜଣେ ଇନ୍ସପେକ୍ଟର, ଜଣେ ଏଏସ୍ଆଇ, ୩ ଜଣ ହାବଲଦାର ଓ ୫ଜଣ କନେଷ୍ଟବଲଙ୍କୁ ନେଇ ଚାଲିଛି। ଥାନା ପ୍ରତିଷ୍ଠା ହେବାର ୫ ବର୍ଷ ବିତିଯାଇଥିଲେ ହେଁ ଏହି ଥାନାକୁ ଆଜିଯାଏଁ ବୋଟ୍ ଯୋଗାଇ ଦିଆଯାଇନାହିଁ। ଏହି ଥାନା ଅଧୀନରେ ୯୦ ଭାଗ ବଙ୍ଗୀୟ ଭାଷାଭାଷୀ ଲୋକ ବସବାସ କରୁଥିବା ବେଳେ ସେମାନେ ପ୍ରାୟତଃ ଜଳପଥରେ ଯା'ଆସ କରିଥାନ୍ତି । ଏହି ଅଞ୍ଚଳରେ ୧ ହଜାରରୁ ଊର୍ଦ୍ଧ୍ୱ ମାଛଧରା ଟ୍ରଲର ଓ ବୋଟ ରହିଛି। ଏଣୁ ସାମୁଦ୍ରିକ ଥାନା ଖୋଲିବା ବେଳେ ଏହା ଜଳପଥରେ ଅନୁପ୍ରବେଶକାରୀଙ୍କୁ ରୋକିବା ସହ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବ ବୋଲି କୁହାଯାଇଥିଲା। ସାମୁଦ୍ରିକ ଥାନା ଜଳପଥରେ ୧୨ ନଟିକାଲ୍ ମାଇଲ ଯାଏଁ ନଜର ରଖିବ ବୋଲି ସ୍ଥିର କରାଯାଇଥିଲା। ତେବେ ଆବଶ୍ୟକ କର୍ମଚାରୀ ଓ ବୋଟ୍ ନ ଥିବା ସାମୁଦ୍ରିକ ଥାନା ଜଳପଥରେ ଆତଙ୍କବାଦୀ ଓ ଅନୁପ୍ରବେଶ ଉପରେ କିପରି ନଜର ରଖିବ ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ସବୁଠୁ ବଡକଥା ହେଲା କେନ୍ଦ୍ରାପଡା ଜିଲାରେ ୩ଟି ସାମୁଦ୍ରିକ ଥାନା ଖୋଲାଯାଇଥିଲେ ମଧ୍ୟ କୌଣସି ଥାନାରେ ଅନୁପ୍ରବେଶ ନେଇ ଗୋଟିଏ ମାମଲା ରୁଜୁ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସମୁଦ୍ରକୁ ମାଛ ମାରିବାକୁ ଯାଉଥିବା ସ୍ଥାନୀୟ ମତ୍ସ୍ୟଜୀବୀଙ୍କ କହିବା ମୁତାବକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଓ ଓଡିଶା ଉପକୂଳରେ ବାଲାଂଦେଶରୁ ବୋଟ୍ ଆସି ମାଛ ମାରୁଛି। ଜଳପଥରେ ଏମାନେ ଆସି ମାଛ ମାରିବା ସହିତ ସେମାନଙ୍କ ଟ୍ରଲରରେ ଟଙ୍କିକିଆ ଚାଉଳ, ଧାନ ଓ ଜଙ୍ଗଲଜାତ ସାମଗ୍ରୀ ନେଉଥିବା ନେଇ ସୂଚନା ଦେଇଛନ୍ତି। ଏପରି ଏକ ସମ୍ବେଦନଶୀଳ ଅଞ୍ଚଳରେ ସାମୁଦ୍ରିକ ଥାନା ଖୋଲାଯାଇଥିଲେ ହେଁ ଆବଶ୍ୟକ ସଂଖ୍ୟକ ଷ୍ଟାଫ୍, ବୋଟ୍ ଯୋଗାଇ ଦିଆଯାଇନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସତୁରୀ ଦଶକ ପରଠାରୁ ବଙ୍ଗୋପସାଗର ଦେଇ ବାଲାଂ ଅନୁପ୍ରବେଶକାରୀମାନେ ଅତି ସହଜରେ ରାଜନଗର ବ୍ଲକର ଉପାନ୍ତ ବଙ୍ଗଭାଷୀ ଅଞ୍ଚଳରେ ପ୍ରବେଶ କରି ଭାରତୀୟ ନାଗରିକ ହେବାର ଅନେକ ନଜିର ରହିଛି। ଉପକୂଳ ସମ୍ପୂର୍ଣ୍ଣ ମୁକୁଳା ପଡିଥିବାରୁ ଯେ କୌଣସି ମୁହୂର୍ତ୍ତରେ ଆତଙ୍କବାଦୀମାନେ ଏଠାରେ ପ୍ରବେଶ କରିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି। ୨୦୦୮ରେ ମୁମ୍ବାଇ ଆକ୍ରମଣ ପରେ କେନ୍ଦ୍ର ସରକାରଙ୍କ ଚେତା ପଶିଥିଲା। ଜଳପଥରେ ଅନୁପ୍ରବେଶ ରୋକିବା ପାଇଁ କେନ୍ଦ୍ରୀୟ ଅନୁଦାନରେ ୨୦୦୯ରେ ରାଜ୍ୟର ୫ଟି ସ୍ଥାନରେ ସାମୁଦ୍ରିକ ଥାନା ଖୋଲାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଏହି ସଂଖ୍ୟା୧୮କୁ ବୃଦ୍ଧି ପାଇଛି।

## ରାଜକନିକାରେ ଜଳଶକ୍ତି ଅଭିଯାନ ମେଳା

**ରାଜକନିକା, ୧୪।୮ (ଡି.ଏନ.ଏ)**

କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆୟୋଜିତ ଜଳ ଶକ୍ତି ଅଭିଯାନ ମେଳା ବୁଧବାର ରାଜକନିକା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୃଷି ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡା. ମନୋରଞ୍ଜନ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ କନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଗୋକୁଳବିହାରୀ ଦାସ, ଆର୍.କେ. ପଣ୍ଡା, କଟକ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡା. ଶ୍ରୀକାନ୍ତ ଲେଙ୍କା, କେନ୍ଦ୍ରାପଡ଼ା ଖୋଟ ଗବେଷଣା କେନ୍ଦ୍ରର ଫସଲ ସଂରକ୍ଷକ ଡା. ମନୋଜ କୁମାର ରାଉତ, ସାରିକା




ବ୍ଲକ ପରିସରରେ ଅନୁଷ୍ଠିତ ଜଳ ଶକ୍ତି ଅଭିଯାନ ମେଳା।

ଯେନା ପ୍ରମୁଖ ଯୋଗଦେଇ ଜଳକୁ କିପରି ସଂରକ୍ଷିତ କରି ରଖିହେବ ଏବଂ ଏହାର ସୁବିନିଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ଷ୍ଟଲ କରାଯାଇ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବୈଜ୍ଞାନିକ ତାପସ ରଞ୍ଜନ ସାହୁ, ପ୍ରଭଞ୍ଜନ ମିଶ୍ର, ନମିତା ମହାପାତ୍ର ପମୁଖ ପରିଚାଳନା କରିଥିଲେ। ଏଥିରେ ରାଜକନିକା ଏବଂ ଆଳି ବ୍ଲକର କୃଷକମାନେ ଯୋଗ ଦେଇଥିଲେ।

## ସ୍କୁଟିକୁ ଧକ୍କା ଦେଲା ଟ୍ରକ୍: ଜଣେ ଛାତ୍ର ମୃତ, ଜଣେ ଗୁରୁତର

**ଡେରାବିଶ, ୧୪।୮ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ବ୍ଲକ ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଜମଧର ଛକଠାରେ ବୁଧବାର ଅପରାହ୍ନରେ ଟ୍ରକ ଧକ୍କାରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କେନ୍ଦ୍ରାପଡା ବ୍ଲକ ଅଧୀନ ପଟକୁରା ଗ୍ରାମର ଗୌତମ ସାହୁ(୧୮) ଓ ଗୁରୁତର ହେଲେ ସେହି ଗ୍ରାମର ଦେବଦତ୍ତ ଦାସ(୧୮)। ଦେବଦତ୍ତଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଘଟଣାସ୍ଥଳରେ କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି।

ପ୍ରକାଶ ଯେ, କେନ୍ଦ୍ରାପଡ଼ାସ୍ଥିତ ଏକ ଘରୋଇ କଲେଜର ଛାତ୍ର ଗୌତମ ଓ ଦେବଦତ୍ତ ଏକ ସ୍କୁଟି (ନଂ.-ଓଆର୍-୨୯-୮୦୭୧)ରେ କଲେଜରୁ ଘରକୁ ଫେରୁଥିଲେ। ଏହି ସମୟରେ କଟକ-ଚାନ୍ଦବାଲି ରାସ୍ତାର ଜମଧର ଛକଠାରେ କଟକରୁ କେନ୍ଦ୍ରାପଡ଼ା ଆଡକୁ ଆସୁଥିବା ଏକ ୧୦ ଚକିଆ ଟ୍ରକ (ନଂ.- ଓଆର୍-୦୫-ଏଏ-୧୮୧୫) ସେମାନଙ୍କୁ ସାମ୍ନା ପଟୁ ଧକ୍କା ଦେଇଥିଲା। ଫଳରେ ଉଭୟେ ବହୁ ଦୂରକୁ ଛିଟକି ପଡ଼ିଥିଲେ। କିନ୍ତୁ ସ୍କୁଟିଟି ଟ୍ରକ ଚକା ତଳେ ରହିଯାଇଥିଲା। ଘଟଣାସ୍ଥଳରେ ଗୌତମଙ୍କର ମୃତ୍ୟୁ ଘଟିଥିବା ବେଳେ ଦେବଦତ୍ତଙ୍କୁ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଘଟଣାସ୍ଥଳରେ ଉତ୍ତେଜନା, ରାସ୍ତାରୋକୋ

ଏହି ଘଟଣାକୁ ନେଇ ଘଟଣାସ୍ଥଳରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିବା ସହ ଖବର ସଂଗ୍ରହ ପାଇଁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଠେଲାପେଲା କରିଥିଲେ। ଖବରପାଇ ସଦର ଥାନା ଅଧିକାରୀ ମହେଶ୍ୱର ସେଠୀ ଓ ଯୁବ ନେତା ସୁଧୀର ରଞ୍ଜନ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପ୍ରାୟ ୨ ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ଏହାପରେ ଉଭୟ ପଟେ ଅଟକି ରହିଥିବା ଗାଡ଼ିମୋଟର ଚଳାଚଳ ସ୍ୱଭାବିକ ହୋଇଥିଲା। ପୋଲିସ ଘଟଣାସ୍ଥଳରୁ ଟ୍ରକ ଓ ସ୍କୁଟି ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ସୂଚନାଥାଉ କି, ଦୁର୍ଘଟଣାଗ୍ରସ୍ତ ଟ୍ରକ ଡ୍ରାଇଭର ହରେକୃଷ୍ଣ ରାୟ(୫୨) ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରକଟି କଟକ ସହରର ବୋଲି ଜଣାପଡ଼ିଛି।

ଗଢ଼ିବା ନୂଆ ଓଡ଼ିଶା

ଆମେ କେବଳ ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ଫନୀ ମହାବାତ୍ୟାର ସଫଳ ମୁକାବିଲା କରି ପାରିଲୁ ।

ଆମେ ଉତ୍ସର୍ଗୀକୃତ ମନୋଭାବ ସହିତ ସମୟସୀମା ପ୍ରତି ଆମର ପ୍ରତିବଦ୍ଧତା ଯୋଗୁଁ ୯୦ ଦିନ ମଧ୍ୟରେ ଏସିଆନ୍ ଆଥଲେଟିକ୍ସ ଚମ୍ପିଆନସିପ୍ ଆୟୋଜନ କରିପାରିଲୁ ।

ଆମେ ଅଧିକ ୩୦ ଲକ୍ଷ ମହିଳାଙ୍କୁ ମିଶନ ଶକ୍ତିରେ ସାମିଲ କରିଛୁ ।

ମାତ୍ର ୩୦ ଦିନ ମଧ୍ୟରେ **ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା** କାର୍ଯ୍ୟକାରୀ କରି ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ପାରିଛୁ ।

ଲୋକଙ୍କ କଲ୍ୟାଣ ପାଇଁ 5T ର ସମୟୋପଯୋଗୀ ପ୍ରୟୋଗ ଆମକୁ ଏହି ସଫଳତା ଆଣିଦେଇଛି । ଲୋକ ସେବାରେ ଏହିଭଳି ଗତିଶୀଳତା ଜରୁରୀ । ଜନସାଧାରଣଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଦ୍ରୁତ ସେବା ପ୍ରଦାନ ପୂର୍ବକ ନୂଆ ଓଡ଼ିଶା ଗଢ଼ିବା ପାଇଁ ଆମର ଏହି ପ୍ରୟାସ ଆଗାମୀ ଦିନରେ ଜାରି ରଖିବା ପାଇଁ ଆମେ ଆଜି ଦୃଢ଼ ସଂକଳ୍ପବଦ୍ଧ ।

ଓଡ଼ିଶା ସରକାର
ସୂଚନା ଓ ଲୋକସମ୍ପର୍କ ବିଭାଗ

DADLS-18

15001/13/0027/1920





## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୨ ଗିରଫ

ବାଲିକୁଦା,୧୪।୮(ସ୍ୱ.ପ୍ର.): ବାଲିକୁଦା ଅବକାରୀ ବିଭାଗ ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୭୭ ବୋତଲ ଦେଶୀ ମଦ(ଆସ୍କାଫଂଟି) ଜବତ କରାଯାଇଛି। ଏଥିସହିତ ଦୁଇ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନାଲୋ ଗ୍ରାମର ପ୍ରଦୀପ ସାହୁ ଓ କୃଷ୍ଣଦାସପୁର ଗାଁର ଧନେଶ୍ୱର ବେହେରା। ଜିଲା ଅବକାରୀ ଏସ୍‌ପି ରତିକାନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବାଲିକୁଦା ଅବକାରୀ ବିଭାଗ ଏସଆଇ କୁଳମଣି ନାୟକଙ୍କ ନେତୃତ୍ୱରେ ଏଏସ୍‌ଆଇ କୈଳାସ ଦାସ, କନଷ୍ଟେବଳ ହିମାଂଶୁ ନାୟକ ଓ ଚିତ୍ତରଞ୍ଜନ ଦାଶ ପ୍ରମୁଖ ପ୍ରଥମେ ପ୍ରଦୀପଙ୍କ ଘରେ ଚଢାଉ କରିଥିଲ। ଏହି ସମୟରେ ପ୍ରଦୀପଙ୍କଠାରୁ ୬୦ ବୋତଲ ଦେଶୀ ମଦ ଜବତ କରାଯାଇଥିଲା। ସେହିପରି ଧନେଶ୍ୱରଙ୍କ ଘରେ ଚଢ଼ାଉ ବେଳେ ୧୭ ବୋତଲ ଦେଶୀ ମଦ ମିଳିଥିଲା। ବେଆଇନ ମଦ କାରବାର ଅଭିଯୋଗରେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### କଲେଜ ଛାତ୍ରୀଛାତ୍ରଙ୍କୁ ଯକ୍ଷ୍ମା ସମ୍ପର୍କରେ ସଚେତନତା

ରଘୁନାଥପୁର, ୧୪।୮ (ଡି.ଏନ.ଏ.): ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ ଛାତ୍ରୀଛାତ୍ରଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଯାଇଛି। ଜଗତ୍‌ସିଂହପୁର ଜିଲା ଯକ୍ଷ୍ମା କେନ୍ଦ୍ର ପକ୍ଷରୁ ପିପିଏମ୍ କୋ ଅଡିନେଟର ମହମ୍ମଦ ଓ୍ୱାକର ଅଲ୍ଲି ଉପସ୍ଥିତ ରହି ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଶେଖ ସହାୟକ ଅଲ୍ଲି ଯେ କି ଯକ୍ଷ୍ମାରୋଗରୁ ଆରୋଗ୍ୟ ଲାଭ କରି ସୁସ୍ଥ ଜୀବନ ବିତାଉଛନ୍ତି ସେ ନିଜର ଅନୁଭୂତି ପ୍ରକାଶ କରିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ପରିବାର, ପଡୋଶୀ ତଥା ସମାଜରେ କୌଣସି ରୋଗୀଙ୍କ କ୍ଷେତ୍ରରେ ଯକ୍ଷ୍ମା ରୋଗର ଲକ୍ଷଣ ଦେଖିଲେ ତୁରନ୍ତ ଆଶା କର୍ମୀ, ଏଏନଏମ୍ କିମ୍ବା ନିଜେ ସେହି ବ୍ୟକ୍ତିଙ୍କ ସମ୍ପର୍କରେ ଆସି ତାଙ୍କୁ ଡାକ୍ତରଖାନା ନେଇ କଫ ପରୀକ୍ଷା କରାଇ ନେବାକୁ କୁହନ୍ତୁ ବୋଲି କୁହାଯାଇଥିଲା। ୨୦୨୫ ସୁଦ୍ଧା ଭାରତବର୍ଷରୁ ଯକ୍ଷ୍ମା ରୋଗ ମୂଳପୋଛ କରିବାକୁ କେନ୍ଦ୍ର ସରକାରଙ୍କ ଅଭିଯାନରେ ସାମିଲ ହେବାକୁ ଛାତ୍ରୀଛାତ୍ରଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏସ୍‌ଟିଏସ୍ ଶ୍ରାବଣୀ ନାୟକ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ଅଧିକ ତଥ୍ୟ ପରାରି ବୁଝିଥିଲେ। ଯକ୍ଷ୍ମା ଆକ୍ରାନ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଛୋଟ ଛୁଆଙ୍କୁ ନ ଛାଡିବା ଏବଂ ଡଟ୍ ସେବନ କଲେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିପାରିବ ବୋଲି ଉପସ୍ଥିତ ଅଧିକାରୀମାନେ ଗୁରୁତ୍ୱ ଦେଇଥିଲେ। ଅଧକ୍ଷ ସୁକାନ୍ତ କୁମାର ମହାନ୍ତି ଏହି ମହତ କାର୍ଯ୍ୟ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଅମୁରକାର୍ପ ମାଛ ଚାଷ ଉପରେ କର୍ମଶାଳା


ଏରସମା,୧୪।୮(ସ୍ୱ.ପ୍ର.): ଚଳିତ ବର୍ଷା ଋତୁରେ ଗଡ଼ିଆପୋଖରୀ ଜଳପୂର୍ଣ୍ଣ ହୋଇଯାଇଛି। ଯଦ୍ଦ୍ୱାରା ମାଛ ଯାଁଳ ଛାଡିବାର ଅନୁକୂଳ ସମୟ ଆସିଛି। ଚାଷୀଙ୍କୁ ଉପଯୁକ୍ତ ଜ୍ଞାନ କୌଶଳ ପ୍ରଦାନ କରିବା ପାଇଁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କୌଶଲ୍ୟାଗଙ୍ଗର ଜାତୀୟ ମଧୁର ଜଳ ମତ୍ସ୍ୟ ବ୍ରୁଡ ବ୍ୟାଙ୍କ ଓ ଜାତୀୟ ମତ୍ସ୍ୟ ଉନ୍ନୟନ ବିକାଶ ବୋର୍ଡର ମିଳିତ ଆନୁକୂଲ୍ୟରେ ଏରସମା ବ୍ଲକ ସଭାଗୃହରେ ଅମୁରକାର୍ପ ମାଛ ଚାଷ ଉପରେ ଏକ ମେଗା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ମତ୍ସ୍ୟ ଅଧିକାରୀ ସୁବ୍ରତ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଅନ୍ୟ ଚାଷ ଅପେକ୍ଷା ମାଛ ଚାଷ ଏକ ଲାଭ ଜନକ ବ୍ୟବସାୟ। ଜ୍ଞାନ କୌଶଳର ବିକାଶ ଘଟିଥିବାରୁ ସାମୁଦ୍ରିକ ତଳିଆ ଅଞ୍ଚଳ ପାଇଁ ଏହି ଚାଷକୁ ଆପଣେଇବା ନିହାତି ଆବଶ୍ୟକ। ଏଥିରେ ଫିସ ବ୍ରୁଡ ବ୍ୟାଙ୍କ ଅଧୀକାରୀ ଡା. ମାନସ କୁମାର ସିହ୍ନା ମୁଖ୍ୟବକ୍ତା, କେନ୍ଦ୍ରାପଡ଼ାର ମା' ବୁଢୀ ଜାଗୁଲାଇ ଫିସ୍ ସିଡ୍ ହାଚେରିର ପରିଚାଳନା ସହଯୋଗୀ ଝିନାରାଣୀ ପରିଡା, ଏରସମାର ସହକାରୀ ମତ୍ସ୍ୟ ଅଧିକାରୀ ପ୍ରିତିଶ କୁମାର ନାୟକ, ରାଜ୍ୟ ପ୍ରକଳ୍ପ ସଂଯୋଜିକା ଶିବାନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ୨୦ ଶତକଡା ରିହାତି ଦରରେ ମାଛ ଜାଆଁଳ ଯୋଗାଇବା ସହିତ ବିନାମୂଲ୍ୟରେ ମାଛ ଜୀବନ ରକ୍ଷାକାରୀ ଔଷଧ ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କଟକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ଶତାଧିକ ମାଛ ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଏଏସ୍‌ଆଇ ଅଧୀନକୁ ଯିବ ଶାରଳା ମନ୍ଦିର

**ଜଗତ୍‌ସିଂହପୁର ଅଫିସ,୧୪।୮**

ଜଗତ୍‌ସିଂହପୁରର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳାଙ୍କ ପୀଠ ସଙ୍କଟରେ। ଏହି ପରିସରରେ ଥିବା ଭୋଗ, ଦୀପ ଦୋକାନ ସାଙ୍ଗକୁ ପାର୍କିଂ ଦାୟିତ୍ୱ ନେଇ ଆସୁଥିବା ବ୍ୟକ୍ତିମାନେ ରାଜସ୍ୱ ଲୁଟୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏ ସମ୍ପର୍କିତ ଖବର ପ୍ରଥମେ 'ଧରିତ୍ରୀ'ରେ ପ୍ରକାଶ ପାଇଲା ପରେ ଜିଲାପାଳ ମନ୍ଦିର ସଂସ୍କାର ପାଇଁ ପଦକ୍ଷେପ ନେଇ ଚାଲିଛନ୍ତି। ସବୁଠାରୁ ବଡ଼ କଥା ହେଲା ମନ୍ଦିର କିପରି ଏଏସ୍‌ଆଇ (ଆର୍ଚିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ)ଅଧୀନକୁ ଯିବ ସେନେଇ ରାଜ୍ୟ ସରକାରଙ୍କୁ ଜିଲାପାଳ ନିକଟରେ ପ୍ରସ୍ତାବ ଦେଇଛନ୍ତି। ଏ ସମ୍ପର୍କରେ ସରକାରୀସ୍ତରରେ ଆଲୋଚନା ଆଗେଇଛି ଏବଂ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ତେଣୁ ମନ୍ଦିର ଏଏସ୍‌ଆଇ ଅଧୀନକୁ ଯିବାରେ କୌଣସି ବାଧା ନ ଥିବା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି। କେବଳ ଚୂଡାନ୍ତ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି। ଏହି ଖବର ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। କାରଣ ମନ୍ଦିର ଏଏସ୍‌ଆଇ ଅଧୀନକୁ ଗଲେ କେନ୍ଦ୍ରୀୟ ଅନୁଦାନ ଆସିବା ସାଙ୍ଗକୁ ପରିଚାଳନାରେ ସୁଧାର ଆସିପାରିବ। ମନ୍ଦିର ପରିସରରେ ବ୍ୟାପକ ଉନ୍ନତି ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ବୁଧବାର ମନ୍ଦିର ପରିସର ଓ ବାହାରେ ୧୨ ସିସିଟିଭି (କ୍ଲୋଜ୍ ସର୍କିଟ୍ ଟେଲିଭିଜନ) କ୍ୟାମେରା ଲଗାଯାଇଛି। ଆଗକୁ ଆଉ ୨୦ଟି କ୍ୟାମେରା ଲଗାଯିବ। ଫଳରେ ସେଠାରେ କ'ଣସବୁ ହେଉଛି ତା'ର ଭିଡିଓ ରେକର୍ଡିଂ କ୍ୟାମେରାରେ କଏଦ୍ ହୋଇପାରିବ। ଏହାଦ୍ୱାରା ଶ୍ରଦ୍ଧାଳୁମାନେ ଠିକ ଭାବେ ମା'ଙ୍କ ଦର୍ଶନ କରିପାରୁଛନ୍ତି କି ନାହିଁ ତାହା ଜଣାପଡିବା ସାଙ୍ଗକୁ ବିଶୃଙ୍ଖଳାକାରୀଙ୍କୁ ଚିହ୍ନଟ କରିହେବ। ପରେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।

ପ୍ରତିବର୍ଷ ଶାରଳା ମନ୍ଦିର ପାର୍କିଂ, ଭୋଗ ଓ ଦୀପ ଦୋକାନ ପାଇଁ ଟେଣ୍ଡର ହୁଏ। ଟେଣ୍ଡର ପାଇଥିବା ବ୍ୟକ୍ତିଙ୍କୁ କିସ୍ତି ଅନୁଯାୟୀ ଅର୍ଥ ରାଶି ପୈଠ କରିବାକୁ ସର୍ତ୍ତ ରଖାଯାଏ। କିନ୍ତୁ ମନ୍ଦିର ଦେବୋତ୍ତର ବିଭାଗର ନୀରବତା ଓ ମନ୍ଦିର ନିର୍ବାହୀ ଅଧିକାରୀଙ୍କ ମନ୍ଦ ଲକ୍ଷ୍ୟ ଯୋଗୁ ରାଜସ୍ୱ ଆଦାୟରେ ବାଧା ସୃଷ୍ଟି ହୋଇଛି। ନିର୍ବାହୀ ଅଧିକାରୀ, ପାର୍କିଂ, ଭୋଗ ଓ ଦୀପ ଦୋକାନୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳସ୍ୱରୂପ ଗତବର୍ଷ ଉପରୋକ୍ତ ଦୋକାନୀ ଓ ପାର୍କିଂ ନେଇଥିବା ବ୍ୟକ୍ତିମାନେ ଅଦ୍ୟାବଧି ରାଜସ୍ୱ ଦେଉନାହାନ୍ତି। କେବଳ ଗତବର୍ଷ ନୁହେଁ, ଚଳିତବର୍ଷ ଏହି ଦାୟିତ୍ୱ ନେଇଥିବା ବ୍ୟକ୍ତିମାନେ ମଧ୍ୟ ସେମାନଙ୍କ କିସ୍ତି ଟଙ୍କା ଦେବାରେ ଜାଣିଶୁଣି କୋହଳ କରୁଛନ୍ତି। ଏବେସୁଦ୍ଧା ପାର୍କିଂ, ଭୋଗ ଓ ଦୀପ ଦୋକାନୀମାନଙ୍କ ଉପରେ ପାଖାପାଖି ୩୪ ଲକ୍ଷ ଟଙ୍କା ବକେୟା ଥିଲେ ସୁଦ୍ଧା ସେମାନେ ଏହା ଦେବାର ନାଁ ଧରୁନାହାନ୍ତି। ଆସନ୍ତା ୧୭ ତାରିଖରେ ସେମାନେ ୩ଟି କିସ୍ତି ଦେବା କଥା। କିନ୍ତୁ ଦେବୋତ୍ତର ବିଭାଗ ଏଯାଏ ନୀରବ ରହିଛି। ପାର୍କିଂ ଦାୟିତ୍ୱ ନେଇଥିବା ବ୍ୟକ୍ତି ବକେୟା ପୈଠ ନ କରି ମନ୍ଦିର ପ୍ରଶାସନକୁ ଦାୟିତ୍ୱ ହସ୍ତାନ୍ତର କରି ଖସି ଯିବାକୁ ଚେଷ୍ଟା କରିଛି। ଦୀପ ଦୋକାନୀ ଓ ଭୋଗ ଦୋକାନୀ ବକେୟା ରାଶି ଦେବା ତ ଦୂରର କଥା ପୂର୍ବପରି ମନମାନି କରି ଚାଲିଛନ୍ତି। ନିର୍ବାହୀ ଅଧିକାରୀ କେବଳ ନୋଟିସ୍ କରି ନିଜ ଉପରୁ ଦୋଷ ଛଡାଇବା ପାଇଁ ଉଦ୍ୟମ କରିଛନ୍ତି। ତେବେ ମନ୍ଦିର ପ୍ରସଙ୍ଗରେ ଜିଲାପାଳ ଆନ୍ତରିକତା ପ୍ରକାଶ କରି ସୁଧାର ଆଣିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ବଡ ପଣ୍ଡା ବିବାଦ ଉପରେ ହସ୍ତକ୍ଷେପ କରି କେଉଁ ପର୍ବରେ କିଏ ବଡ ପଣ୍ଡା ହେବେ ତାହା ପୂର୍ବରୁ ଜଣାଇ ଦିଆଯିବ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହାସତ୍ତ୍ୱେ କିଛି ବିବାଦ ହେଲେ ବଡ ପଣ୍ଡା ପଦବୀ ହଟାଇ ଦିଆଯିବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି। ଚନ୍ଦନ ପୋଖରୀ ପୁନରୁଦ୍ଧାର ସହ ମାର୍କେଟ୍ କାର୍ଯ୍ୟକ୍ଷମ ହେବ। ପରିବେଶ ଯେପରି ଅପରିଷ୍କାର ନ ହେବ ତା' ଉପରେ ଗୁରୁତ୍ୱ ଦେଇଛନ୍ତି। ମନ୍ଦିର ପରିସରରେ ଥିବା ଏକାଧିକ ହୁଣ୍ଡି ହଟାଇ ଦିଆଯାଇଛି। ଏହାବାଦ୍ ଅନ୍ୟାନ୍ୟ ଦିଗରେ ଧ୍ୟାନ ଦିଆଯାଇ ସଂସ୍କାର ଅଣାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।



- ଲାଗିଲା ୧୨ ସିସିଟିଭି କ୍ୟାମେରା, ଆଉ ୨୦ଟି ଲାଗିବ
- ବିଶୃଙ୍ଖଳାକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ବିବାଦ ହେଲେ ବଡ଼ ପଣ୍ଡା ପଦବୀ ହଟିବ

### ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମତ୍ସ୍ୟଚାଷ ପ୍ରଶିକ୍ଷଣ

**ତିର୍ତ୍ତୋଲ,୧୪।୮(ଡି.ଏନ.ଏ.)**

ତିର୍ତ୍ତୋଲର ୭ ଏବଂ କୁଜଙ୍ଗ ବ୍ଲକର ୬ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୩୦ ସଦସ୍ୟାଙ୍କୁ ନେଇ ଚାଲିଥିବା ଦୁଇ ଦିନିଆ ବ୍ଲକସ୍ତରୀୟ ମତ୍ସ୍ୟଚାଷ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ସାଇଲୋ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗାମୀ ଦାସ, ଜିଲା ମତ୍ସ୍ୟ ଅଧିକାରୀ ସୁବ୍ରତ ଦାଶ, ତିର୍ତ୍ତୋଲ ବ୍ଲକ ମତ୍ସ୍ୟ ଅଧିକାରୀ ଅତନୁ ସ୍ୱାଇଁ, ୱାଲର୍ଡ ଫିସର ସହକାରୀ ମତ୍ସ୍ୟ ଅଧିକାରୀ ନିବେଦିତା ପାଲିତା ଓ ଦୁଇ ବ୍ଲକର ମିଶନ ଶକ୍ତି ପରିଚାଳକ ଯୋଗ ଦେଇଥିଲେ। ପଞ୍ଚାୟତ ପୋଖରୀରେ ଉନ୍ନତ ମତ୍ସ୍ୟଚାଷ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ ସହିତ ମତ୍ସ୍ୟଚାଷ କରି ମହିଳା କିପରି ସ୍ୱାବଲମ୍ବୀ ହୋଇ ପାରିବେ ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଣୁଜୀବ ନେଟ୍ ଓ ପିଏଚ କିଟ୍ ପ୍ରଦାନ କରାଯାଇଥିଲା। ସହକାରୀ ମତ୍ସ୍ୟ ଅଧିକାରୀ ବାବାଶିଷ ପରିଜା, କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ବିକାଶ ଚନ୍ଦ୍ର ସ୍ୱାଇଁ, ବିଧାନ ଚନ୍ଦ୍ର ଦାସ ଓ ଖଗେନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ କୌଶଲ୍ୟାଗଙ୍ଗ ସ୍ଥିତ ରାଜ୍ୟ ମତ୍ସ୍ୟ ଫାର୍ମକୁ କ୍ଷେତ୍ର ପରିଦର୍ଶନ କରିଥିଲେ।

## ଇଫ୍‌କୋ ପରିସରରେ ବନୀକରଣ ଆରମ୍ଭ




ବନୀକରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଇଫ୍‌କୋ କର୍ମଚାରୀ ଓ ଅନ୍ୟମାନେ।

**ପାରାଦୀପ,୧୪।୮(ସ୍ୱ.ପ୍ର.)**

ପାରାଦୀପରେ ଥିବା ଇଫ୍‌କୋ ସାର କାରଖାନା ପକ୍ଷରୁ ବୁଧବାର ମେଗା ବନୀକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୨୨ ଶହ ଚାରାରୋପଣ କରାଯାଇଛି। ଏହି ମାସରେ ୩୦ ହଜାର ଚାରା କମ୍ପାନୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସ୍ଥାନରେ ଲଗାଇବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ କାରଖାନା ଓ ବାସ୍ତିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ, ଇଫ୍‌କୋ ୟୁନିଟ୍ ମୁଖ୍ୟ କେ.ଜେ.ପଟେଲ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବରିଷ୍ଠ ଅଧିକାରୀ ଜ୍ଞାନଚାନ୍ଦ ଆଚାର୍ଯ୍ୟ, ଟି.ଏନ୍.ଖାନ୍, ଏ.କେ.ମଲ୍ଲ ପ୍ରମଖ ଉପସ୍ଥିତ ଥିଲେ।

### କେନାଲରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ବାଲିକୁଦା,୧୪।୮(ସ୍ୱ.ପ୍ର.)**

ବାଲିକୁଦା ଥାନା ଅଧୀନ ଗରାମ ପଞ୍ଚାୟତ ଚଅଁରପୁର ଗାଁର ସ୍ୱର୍ଗତ ସାଧୁ ସେଠୀଙ୍କ ପୁଅ ବଗୁଲାଙ୍କ ମୃତଦେହ ବୁଧବାର ସକାଳେ ମାଛଗାଁ ମୁଖ୍ୟ କେନାଲରୁ ଉଦ୍ଧାର କରାଯାଇଛି। ବଗୁଲା ମଙ୍ଗଳବାର ବିଲକୁ ଯାଇ ମଧ୍ୟାହ୍ନରେ ଘରକୁ ଫେରିଥିଲେ। ଘରେ କୋଡି କୋଦାଳ ରଖି ଘର ସମ୍ମୁଖରେ ଥିବା ମାଛଗାଁ କେନାଲକୁ ଗାଧୋଇବାକୁ ଯାଇଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ଫେରିବା ବିଳମ୍ବ ହେବା ଦେଖି ପରିବାର ଲୋକେ ତାଙ୍କୁ ଏଣେତେଣେ ଖୋଜାଖୋଜି କରିଥିଲେ। ମାତ୍ର ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ସେ କେନାଲରେ ବୁଡିଯାଇଥିବା ବା କିମ୍ବା ଭାସି ଯାଇଥିବା ଭାବି ଗାଁ ଲୋକେ କେନାଲ ଭିତରେ ଖୋଜାଖୋଜି କରିଥିଲେ ବି ପାଇ ନ ଥିଲେ। ରାତି ୮ଟା ବେଳକୁ ବାଲିକୁଦା ଅଗ୍ନିଶମ କେନ୍ଦ୍ରକୁ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଖବର ପାଇ ଅଗ୍ନିଶମ କେନ୍ଦ୍ର ଭାରାପ୍ରାପ୍ତ ଅଧିକାରୀ ନବଘନ ମଲ୍ଲିକ ଟିମ ସହ ପହଞ୍ଚି କେନାଲ ଭିତରେ ଖୋଜାଖୋଜି କରିଥିଲେ। ମାତ୍ର ବଗୁଲାଙ୍କ ଟେର୍ ପାଇ ନ ଥିଲେ। ସକାଳେ ତାଙ୍କ ମୃତଦେହ କେନାଲରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବାଲିକୁଦା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ–୧୩/୧୯ରୁଜୁ ହୋଇଛି।

## ଧାରା ୩୭୦ ଉଚ୍ଛେଦ ସପକ୍ଷରେ ପ୍ରଗତିଶୀଳ ମଞ୍ଚର ଶୋଭାଯାତ୍ରା

**ପାରାଦୀପ,୧୪।୮(ସ୍ୱ.ପ୍ର.)**

କେନ୍ଦ୍ର ସରକାର ଗତ ୫ତାରିଖରେ ଜମ୍ମୁ–କଶ୍ମୀର ଉପରୁ ଧାରା ୩୭୦ ଓ ଅନୁଚ୍ଛେଦ ୩୫(ଏ)କୁ ଉଚ୍ଛେଦ କରିଛନ୍ତି। ଏଥିସହ ଜମ୍ମୁ–କଶ୍ମୀରୀକୁ ସ୍ୱତନ୍ତ୍ର କେନ୍ଦ୍ରଶାସିତ ରାଜ୍ୟ ଭାବେ ମାନ୍ୟତା ଦେଇଛନ୍ତି। ଏପରି ପରିବର୍ତ୍ତନ ସପକ୍ଷରେ ପାରାଦୀପ ଯୁବ ପ୍ରଗତିଶୀଳ ମଞ୍ଚ ବୁଧବାର ଶୋଭାଯାତ୍ରା କରାଯାଇଛି। ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଏହି ମଞ୍ଚ ସଦସ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀରଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ଏହି ପରିବର୍ତ୍ତନରେ ଏବେ ଏକ ଓ ଅଖଣ୍ଡ ଭାରତ ହୋଇଛି। ପ୍ରତିପକ୍ଷ ଦେଶ ପାକିସ୍ତାନ ଯେଉଁଭଳି ସେହି ରାଜ୍ୟରେ ଆତଙ୍କବାଦ କାର୍ଯ୍ୟକଳାପ ଚଳାଇ ଥିଲା ତାହା ହ୍ରାସ ପାଇବ। ଏବେ ପାକିସ୍ତାନ ପ୍ରତିହିଂସା ପରାୟଣ ହୋଇ ସୀମାରେ ଯେଉଁଭଳି ଯୁଦ୍ଧ ପରିବେଶ ସୃଷ୍ଟି କରିଛି ତାଙ୍କୁ ଆମ ଦେଶ ଉଚିତ୍ ଜବାବ ଦେବ। ଦେଶର ଏକତା ଓ ଅଖଣ୍ଡତା ପାଇଁ ସରକାର ଯେଉଁ ପଦକ୍ଷେପ ନେବେ ତାକୁ ଏହି ପ୍ରଗତିଶୀଳ ମେଣ୍ଟ ସମର୍ଥନ ଦେବ। ଏହି ମଞ୍ଚର ପ୍ରତିଷ୍ଠାତା ସଦସ୍ୟ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତ ଶ୍ରୀକାନ୍ତ ପରିଡ଼ାଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ମାଉସୀ ମା' ମନ୍ଦିରଠାରୁ ଏଡିଏମ୍ ଅଫିସ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ପ୍ରମୁଖ ସଦସ୍ୟ ପ୍ରଦୀପ୍ତ ବିଶ୍ୱାଳ, ରଣଜିତ୍ କୁମାର ପଡିହାରୀ, ପ୍ରହ୍ଲାଦ ବିଶ୍ୱାଳ, ଦୁଷ୍ମନ୍ତ ସାହୁ, କମଳଜ୍ୟୋତି ଦାସ, ବିଭୂତିଭୂଷଣ ପଣ୍ଡା, ଅଶୋକ ପରିଡ଼ା, ଯୀଶୁ ମହାନ୍ତି ପ୍ରମୁଖ ସାମିଲ ଥିଲେ।




ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଶୋଭାଯାତ୍ରାରେ ଆସିଥିବା ମଞ୍ଚ ସଦସ୍ୟ।

### ବ୍ଲକସ୍ତରୀୟ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା କାର୍ଯ୍ୟକ୍ରମ

## ନାମ ପଞ୍ଜୀକରଣ କଲେ ୬୦୮ ଯୁବତୀଯୁବକ

**ତିର୍ତ୍ତୋଲ,୧୪।୮(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ଦୀନ ଦୟାଲ ଉପାଧ୍ୟୟ ଗ୍ରାମୀଣ କୌଶଳ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୮ରୁ ୩୫ ବର୍ଷର ବେକାର ଯୁବତୀଯୁବକଙ୍କୁ କାଉନସେଲିଂ କରାଯାଇ ନାମ ପଞ୍ଜୀକରଣ କରାଯାଇଥିଲା। ମୋଟ୍ ୬୦୮ ଯୁବତୀଯୁବକ ବିଭିନ୍ନ ଟ୍ରେଡ ପାଇଁ ନାମ ପଞ୍ଜୀକରଣ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ଆଶିଷ ସେଠୀ, ବିଡିଓ ରଞ୍ଜନ ପରିଡା, ଓରମାସ ଜିଲା ମୁଖ୍ୟ ସତ୍ୟସୁନ୍ଦର ଶିବମ ପାଟିଲ, ପ୍ରଭାତ ରଞ୍ଜନ ଦାସ, ଜିଲା ଦକ୍ଷତା ବିକାଶ ସହକାରୀ ସଂଯୋଜକ ପବିତ୍ର ମୋହନ ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଏପିଡି(ପ୍ରଶିକ୍ଷଣ) ପ୍ରସନ୍ନ ସାହୁ ପ୍ରମୁଖ ଯୋଗଦେଇ ଯୁବତୀଯୁବକ କିପରି ସହଜରେ ନିଯୁକ୍ତି ପାଇ ପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ସରକାରଙ୍କ ସହ ଅନୁବନ୍ଧିତ ନିଯୁକ୍ତି ସଂସ୍ଥାର ପ୍ରତିନଧି ବିଭିନ୍ନ ଟ୍ରେଡରେ ପ୍ରଶିକ୍ଷଣ ପାଇଁ ଆବେଦନ କରିବାକୁ ଆସିଥିବା ଯୁବତୀଯୁବକଙ୍କୁ କାଉନସେଲିଂ କରିଥିଲେ। ଓଡିଶା ଜୀବିକା ମିଶନ ବିପିଏମ ଲିପିକା ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଂଯୋଜକ ରଶ୍ମିରଞ୍ଜନ ବେହେରା, କାର୍ଯ୍ୟକ୍ରମ ସହାୟିକା ଲୋପାମୁଦ୍ରା ନାୟକ, ରଶ୍ମିରଞ୍ଜନ ସ୍ୱାଇଁ, ସରୋଜୀନୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।

### ଗୋରେଖନାଥ ପୀଠ

## ଟ୍ରଷ୍ଟ ବୋର୍ଡ ନିଷ୍ପତ୍ତି ଉପରେ ରୋକ ଲଗାଇଲେ ଜିଲାପାଳ

**ଜଗତ୍‌ସିଂହପୁର ଅଫିସ, ୧୪।୮**

ଜଗତ୍‌ସିଂପହୁର ଜିଲାର ରଘୁନାଥପୁର ଗୋରେଖନାଥ ପୀଠରେ ପ୍ରତ୍ୟହ ଶହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳେ। ଲୋକଙ୍କ ଭିଡକୁ ଦେଖି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନେ ଏ ବାବଦ ଦେୟ ପୈଠ କରି ମିଲ୍ କ୍ରୟ କରିପାରୁଛନ୍ତି। ଏହା ବହୁ ଦିନ ହେଲା ଚାଲିଆସିଛି। କିନ୍ତୁ ଏଣିକି ମିଲ ପିଛା ପ୍ରସାଦ ପ୍ରସ୍ତୁତକାରୀମାନେ ୫୦ ଟଙ୍କା ହିସାବରେ ମନ୍ଦିର ଟ୍ରଷ୍ଟ ବୋର୍ଡରେ ଜମା କରିବା ପାଇଁ ନିର୍ଦ୍ଦେଶ ହୋଇଛି। ଟ୍ରଷ୍ଟ ବୋର୍ଡ ନିର୍ଦ୍ଦେଶ ପାଇଲା ପରେ ପ୍ରସାଦ ପ୍ରସ୍ତୁତକାରୀମାନେ ଚିନ୍ତାରେ ପଡିଛନ୍ତି। ଫଳରେ ସେମାନେ ଜିଲାପାଳଙ୍କ ନିକଟରେ ଗୁହାରୀ କରି ହସ୍ତକ୍ଷେପ ଲୋଡିଛନ୍ତି। ଜିଲାପାଳ ସେମାନଙ୍କ ଗୁହାରୀ ଶୁଣି ତତ୍କାଳ ମନ୍ଦିର ଟ୍ରଷ୍ଟ ବୋର୍ଡ ନିର୍ଦ୍ଦେଶ ଉପରେ ଅଙ୍କୁଶ ଲଗାଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ପ୍ରସାଦ ପ୍ରସ୍ତୁତକାରୀଙ୍କ ଶହ ବହୁ ସଂଖ୍ୟକ ଲୋକ ତାଙ୍କ ନିକଟରେ ପହଞ୍ଚି ନ୍ୟାୟଭିକ୍ଷା କରିଥିଲେ। ସେମାନେ କହିଥିଲେ, ଏବେ ମିଲ୍ ପିଛା ୫୦ ଟଙ୍କା ଟ୍ରଷ୍ଟ ବୋର୍ଡକୁ ଦେଲେ ଲାଭ ତ ଦୂରର କଥା ମୂଳଧନ ମିଳିବା କଷ୍ଟକର। ଟ୍ରଷ୍ଟ ବୋର୍ଡ ସେମାନଙ୍କ ଉପରୁ ପ୍ରସାଦ ପ୍ରସ୍ତୁତ ଦାୟିତ୍ୱ ଛଡାଇ ନେବା ପାଇଁ ଏଭଳି ନିର୍ଦ୍ଦେଶ ଦେଇଛି। ଏହାଦ୍ୱାରା ସେମାନଙ୍କ ପ୍ରତି ଅନ୍ୟାୟ କରାଯାଉଛି। ତେଣୁ ଟ୍ରଷ୍ଟ ବୋର୍ଡର ଏହି ନିର୍ଦ୍ଦେଶ ଉପରେ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ରୋକ୍ ଲଗାଯାଇଛି। ଏହାବାଦ୍ ମନ୍ଦିର ପାଣ୍ଠିରେ ପାଖାପାଖି ୫/୬ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡିରହିଛି। ଏହାର କିପରି ଠିକ ବିନିଯୋଗ ହେବ ତା'ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ମନ୍ଦିର ହେଉଛି ଧାର୍ମିକ ପୀଠ। ଭକ୍ତମାନେ ଈଶ୍ୱରଙ୍କ ନିକଟକୁ ଗଲାବେଳେ କୌଣସି ପ୍ରକାର ପ୍ରତିକୂଳ ପରିବେଶ ସୃଷ୍ଟିହେବା ଉଚିତ ନୁହେଁ। ତେଣୁ ମନ୍ଦିରଗୁଡିକୁ ଅର୍ଥ ରୋଜଗାରର ମାଧ୍ୟମ କରା ନ ଯାଉ ବୋଲି ସେ ଆହ୍ୱାନ ଦେଇଛନ୍ତି।

### ବନୀପାଟ ରଞ୍ଜନ ପରିଡ଼ା ହତ୍ୟା ମାମଲା

## ସାଙ୍ଗ ଲୁଚାଇ ରଖିଥିବା ଜେସିବି ଜବତ କଲା ପୋଲିସ

**କୁଜଙ୍ଗ,୧୪।୭(ସ୍ୱ.ପ୍ର.)**

କୁଜଙ୍ଗ ଥାନା ଅଧୀନ ବନୀପାଟ ଗ୍ରାମର ରମେଶ ପରିଡ଼ାଙ୍କ ପୁଅ ରଞ୍ଜନଙ୍କୁ ୨୦୧୮ ଜାନୁୟାରୀ ୩ରେ ହତ୍ୟା କରାଯାଇଥିଲା। ଏହି ମାମଲରେ ଦୁଇ ଅଭିଯୁକ୍ତ ହିରଣ୍ୟ ରାଉତ ଓ ଜିତୁ ରାଉତ ଗିରଫ ହୋଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ପୁରସ୍ତମ ରାଉତ ଏବେବି ଫେରାର ଅଛନ୍ତି। ରଞ୍ଜନଙ୍କ ସହ ପାର୍ଟନର ହୋଇ ତାଙ୍କ ସାଙ୍ଗ କୃଷ୍ଣଚନ୍ଦ୍ର ରାଉତରାୟ ବ୍ୟବସାୟ କରୁଥିଲେ। କୃଷ୍ଣଚନ୍ଦ୍ରଙ୍କ କାର୍ଯ୍ୟ କଳାପରେ ସନ୍ଦେହ କରି ତାଙ୍କ ବିରୋଧରେ ରଞ୍ଜନଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। କୃଷ୍ଣଚନ୍ଦ୍ର ରଞ୍ଜନଙ୍କ ନାମରେ ଥିବା ଏକ ଜେସିବି ମେଶିନକୁ ଲୁଚାଇ ରଖି ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି ବୋଲି ରଞ୍ଜନଙ୍କ ଅଭିଯୋଗରେ ଦର୍ଶାଇଥିଲେ। ହେଲେ କୃଷ୍ଣଚନ୍ଦ୍ରଙ୍କ ବିରୋଧରେ ମାମଲା ରୁଜୁ ହୋଇ ନ ଥିଲା। ଫଳରେ ରଞ୍ଜନଙ୍କ ବାପା କୁଜଙ୍ଗ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଗତ ୧୧ ତାରିଖରେ ମାମଲା ରୁଜୁ କରିଥିଲା। ମଙ୍ଗଳବାର ଉକ୍ତ ମେଶିନକୁ କେନ୍ଦ୍ରାପଡ଼ାରୁ ଜବତ କରିଛି।

### ଦଳେଇଘାଇଠାରେ ବିପଦ ସଙ୍କେତ ତଳେ ବନ୍ୟାଜଳ ପ୍ରବାହିତ

## ସ୍ଥିତି ଅନୁଧ୍ୟାନ କଲେ ଅଧୀକ୍ଷଣ ଯନ୍ତ୍ରୀ

**ବିରିଡ଼ି,୧୪।୮(ଡି.ଏନ.ଏ.)**

ଦଳେଇଘାଇଠାରେ ବୁଧବାର ବନ୍ୟାଜଳ ବିପଦ ସଙ୍କେତଠାରୁ ୪ଫୁଟ୍ ୯ଇଞ୍ଚ୍ ତଳେ ପ୍ରବାହିତ ହେଉଛି। ଅର୍ଥାତ୍ ସନ୍ଧ୍ୟାରେ ୫୨ ଫୁଟ୍ ୩ ଇଞ୍ଚ ରହିଛି। ଏଣୁ ଆଗକୁ ବନ୍ୟାଜଳ ବଢ଼ିବା ଆଶଙ୍କା କରାଯାଉଛି। ଏଥିପାଇଁ ଜଳସମ୍ପଦ ବିଭାଗ ଅଭିଜ୍ଞ ଅଧୀକ୍ଷଣଯନ୍ତ୍ରୀ ବିଜୟ କୁମାର ସାମଲଙ୍କୁ ଜଳସମ୍ପଦ ବିଭାଗ ଦଳେଇଘାଇ ସମେତ ଜଗତ୍‌ସିଂହପୁର ଡିଭିଜନରେ ଯେପରି ବନ୍ୟା ନ ହେବ ସେଥିପ୍ରତି ନଜର ରଖିବାକୁ ପଠାଇଛନ୍ତି। ଅଧୀକ୍ଷଣ ଯନ୍ତ୍ରୀ ସାମଲ ଦଳେଇ ଘାଇ ଗେଜ ପାଖରେ ପହଞ୍ଚି ବନ୍ୟାଜଳକୁ ଅନୁଧ୍ୟାନ କରିଥିଲେ। ଏଥିସହିତ ସେ ଜଗତ୍‌ସିଂହପୁର ନିର୍ବାହୀଯନ୍ତ୍ରୀ ଉମାକାନ୍ତ ମହାନ୍ତି ଓ ବିଲୁଆଖାଇ କେନାଲ ସବ୍‌ଡିଭିଜନର ସହକାରୀ ନିର୍ବାହୀଯନ୍ତ୍ରୀ ଦଳପତି ମଣ୍ଡଳଙ୍କୁ ସଜାଗ ରହିବା ପାଇଁ କହିଛନ୍ତି। ଦଳେଇଘାଇଠାରେ ବିପଦ ସଙ୍କେତ ୫୭ଫୁଟ ରହିଛି। ଏହି ଘାଇ ୧୯୫୫ ଓ ୧୯୮୨ ମସିହାରେ ବନ୍ଧ ଭାଙ୍ଗି ସାରା ଜିଲାକୁ ବନ୍ୟା ପ୍ଲାବିତ କରିଥିଲା। ଯଦି ପୁନର୍ବାର ବନ୍ୟାହୁଏ ତେବେ ସାରାଜିଲା ବନ୍ୟା ପ୍ଲାବିତ ହୋଇଯିବ। ଏଥିପାଇଁ ବୁଧବାର ରାତିରେ ଦଳେଇଘାଇ ନଦୀବନ୍ଧରେ ପହରା ବ୍ୟବସ୍ଥା କରାଯାଇଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ମଣ୍ଡଳ କହିଛନ୍ତି। ତେବେ ଦଳେଇଘାଇ ସେକ୍‌ଶନ୍‌ରେ ୧୫ ହଜାର, ବାଲିଆରେ ୧୫ ହଜାର ଓ ୨୨ ମୌଜାରେ ୧୦ ହଜାର ଖାଲି ବସ୍ତା ରଖାଯିବା ସହ କେବଳ ୧ ହଜାର ୭୫ ଘନମିଟର ବାଲି ମହଜୁଦ ଥିବା ଯନ୍ତ୍ରୀ ମଣ୍ଡଳ ସୂଚନା ଦେଇଛନ୍ତି।



ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦଳେଇଘାଇ ବୁଲି ଦେଖୁଛନ୍ତି।

## ସଂକ୍ଷେପରେ

### ଚାନ୍ଦିନୀ ସହ ୧୦ ଫୁଟ ଦବିଗଲା କୂଅ



ତାଳଚେର,୧୪।୮(ନି.ପ୍ର.): ଅନୁଗୋଳ ଜିଲା ତାଳଚେର ପୌରାଞ୍ଚଳ ୧୩ ନମ୍ବର ୱାର୍ଡର ଗରୁବକ୍ସ ସିଂଙ୍କ ଘର ଅଗଣାରେ ଥିବା କୂଅ ମଙ୍ଗଳବାର ରାତିରେ ଚାନ୍ଦିନୀ ସହ ୧୦ ଫୁଟ ଦବି ଯାଇଛି। ଏହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡିଛନ୍ତି। ବାରମ୍ବାର ତାଳଚେର ଅଞ୍ଚଳରେ ମାଟି ଦବିବା ପରି ଘଟଣା ଘଟୁଥିବାରୁ ସହରବାସୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦେଉଳବେଡା ଭୂଗର୍ଭ କୋଇଲା ଖଣି ଯୋଗୁ କୂଅ ଦବି ଯାଇଥିବା ଘର ମାଲିକ ଗୁରୁବକ୍ସ ଉପଜିଲାପାଳଙ୍କ ଠାରେ ଅଭିଯୋଗ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି।

ପ୍ରାୟ ୨୦ ବର୍ଷ ତଳେ ଖୋଳାଯାଇଥିବା ଏହି କୂଅ ଗୁରୁବକ୍ସଙ୍କ ଘର ଅଗଣାରେ ଥିଲା। ମଙ୍ଗଳବାର ରାତି ପ୍ରାୟ ୯ଟାରେ ଏକ ଜୋରଦାର ଶବ୍ଦ ହୋଇଥିଲା। ଗୁରୁବକ୍ସଙ୍କ ପରିବାର ଲୋକେ ଅଗଣାକୁ ଆସିବା ପରେ କୂଅ ପ୍ରାୟ ୧୦ ଫୁଟ ଦବି ଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ସେଠାରେ ସ୍ଥାନୀୟ ଲୋକଙ୍କ ଭିଡ ଜମିଥିଲା। ଖବରପାଇ ବୁଧବାର ସହକାରୀ ଜିଲାପାଳ ସୁବାସ ଚନ୍ଦ୍ର ପ୍ରଧାନ, ଗୌରୀ ନାଏକ ଘଟଣାସ୍ଥଳ ପରିଦର୍ଶନ କରି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ କହିଛନ୍ତି, କୂଅ ଦବିବା ଘଟଣାର ତଦନ୍ତ ପାଇଁ ତାଳଚେର ଏରିଆ ଜେନେରାଲ ମ୍ୟାନେଜରଙ୍କୁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତାଙ୍କର ଏକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଏହା ଏକ ପୁରୁଣା କୂଅ ଓ ନନ୍ଦଗୁଡିକ ମଧରେ ଫାଙ୍କ ଥିବାରୁ ଦବି ଯାଇଛି ବୋଲି ଖଣି କର୍ତ୍ତୃପକ୍ଷ କହିଥିବା ଉପଜିଲାପାଳ ପ୍ରକାଶ କରିଛନ୍ତି।

### ଆଜି ଶ୍ରୀମନ୍ଦିରରେ ବଳଭଦ୍ରଙ୍କ ଜନ୍ମନୀତି

ପୁରୀ ଅଫିସ, ୧୪।୮: ଗୁରୁବାର ଗହ୍ମାପୂର୍ଣ୍ଣିମା। ଏହି ପବିତ୍ର ତିଥିରେ ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ଓ ବଳଭଦ୍ରଙ୍କ ଜନ୍ମ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡଠାକୁର ୨ଟି ଲେଖାଏ ରାଖୀ ଓ ୨ଟି ଲେଖାଏ ଗୁଆମାଳ ପରିଧାନ କରିବେ। ପାଟରା ବିଶୋଇ ସେବକ ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳ ପ୍ରସ୍ତୁତ କରିଛନ୍ତି। ମହାପ୍ରଭୁ ଜଗନ୍ନାଥ ହଳଦିଆ ଓ ନାଲିରଙ୍ଗର ଗୁଆମାଳ ଏବଂ ବଳଭଦ୍ର ବାଇଗଣି ଓ ନୀଳରଙ୍ଗର ଗୁଆମାଳ ପରିଧାନ କରିବେ। ସେହିପରି ବଳଭଦ୍ରଙ୍କ ଜନ୍ମନୀତି ମଧ ଅନୁଷ୍ଠିତ ହେବ।

# ହୀରାକୁଦ ଡ୍ୟାମ୍‌ର ୭ନଂ. ଗେଟ୍ ଖୋଲିଲା



- ତଳମୁଣ୍ଡରେ ବନ୍ୟା ପରିସ୍ଥିତି
- ୩ ଘଣ୍ଟା ପରେ ଜଳ ନିଷ୍କାସନ ବନ୍ଦ

ସମ୍ବଲପୁର,୧୪।୮(ବ୍ୟୁରୋ)

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ରୁ ବୁଧବାର ଚଳିତ ବର୍ଷ ପ୍ରଥମ ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟା ଆରମ୍ଭ ହୋଇଛି । ଧାର୍ଯ୍ୟଲଗ୍ନ ଅନୁସାରେ ଅପରାହ୍ନ ୧୧ଟା ୨ରେ ୭ ନମ୍ବର ସ୍ଲୁଇସ ଗେଟ୍ ଦେଇ ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ହେଲେ ତଳମୁଣ୍ଡରେ ବନ୍ୟା ପରିସ୍ଥିତି ଲାଗି ରହିଥିବାରୁ ଅପରାହ୍ନ ୨ଟାରେ ଗେଟ୍ ବନ୍ଦ କରି ଦିଆଯାଇଛି।

ଜିଲାପାଳ ଶୁଭମ୍ ସକ୍‌ସେନା ନଡିଆ ଭାଙ୍ଗି ସୁଇଚ୍ ଟିପିବା ପରେ କ୍ରେନ୍ ଅପରେଟର ସନତ ପଟ୍ଟନାୟକ ଗେଟ୍ ଖୋଲିଥିଲେ। ଡ୍ୟାମ୍‌ରୁ ପ୍ରତି ସେକେଣ୍ଡରେ ପ୍ରାୟ ୧୫ହଜାର ୫ଶହ କ୍ୟୁସେକ ଜଳ ନିଷ୍କାସିତ ହୋଇଥିଲା। ଡ୍ୟାମ୍‌ରୁ ଗେଟ୍ ଖୋଲିବା ପୂର୍ବରୁ ତଳମୁଣ୍ଡ ଲୋକଙ୍କୁ ସତର୍କ କରିବା ପାଇଁ ୩ ଥର ସାଇରନ୍ ବାଜିଥିଲା। ଡିଏଫ୍‌ଓ ଡ. ସଞ୍ଜିତ କୁମାର ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ ସହ ବିଶ୍ୱକର୍ମାଙ୍କ ପୂଜା କରାଯାଇଥିଲା। ଡ୍ୟାମ ମୁଖ୍ୟଯନ୍ତ୍ରୀ ସୁନୀଲ କୁମାର ନାୟକ, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଭକ୍ତଚରଣ ମହାନ୍ତି, ନିର୍ବାହୀ ଯନ୍ତ୍ରୀ ନିରାକାର ବିଶି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଯନ୍ତ୍ରୀ ସେଠୀ କହିଛନ୍ତି, ହୀରାକୁଦ ଡ୍ୟାମ୍‌ରେ ଏବେ ଆହୁରି ଅଧିକ ଜଳଧାରଣ କ୍ଷମତା ରହିଛି । ଉପରମୁଣ୍ଡରୁ ଜଳ ପ୍ରବେଶ କରୁଥିଲେ ମଧ ଏବେ କୌଣସି ସମସ୍ୟା ନାହିଁ । ଡ୍ୟାମ୍ ତଳମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ବନ୍ୟା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଗୋଟିଏ ଗେଟ୍ ସାଂକେତିକ ଭାବେ ଖୋଲା ଯାଇଥିଲା। ହେଲେ ଅପରାହ୍ନ ୨ଟାରେ ଏହାକୁ ବନ୍ଦ କରି ଦିଆ ଯାଇଛି। ଜଳସ୍ତର ବୃଦ୍ଧିକୁ ଦେଖି ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ପୁଣି ଗେଟ୍ ଖୋଲାଯିବା ଉପରେ ନିଷ୍ପତ୍ତି ନିଆଯିବ। ଡ୍ୟାମ୍‌ରୁ ଚଳିତବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସନ ଦେଖିବା ପାଇଁ ଲୋକଙ୍କ ଭିଡ ଜମିଥିଲା। ମାଛ ମାରିବା ପାଇଁ ତଳମୁଣ୍ଡରେ ମାଛ ଧରାଳିଙ୍କୁ ଦେଖିବାକୁ ମିଳିଥିଲା। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## ବିପଦରେ ହୀରାକୁଦ | ଜଳଧାରଣ କ୍ଷମତା କମୁଛି

ଭୁବନେଶ୍ୱର,୧୪।୮(ବ୍ୟୁରୋ)

ହୀରାକୁଦ ବନ୍ଧ ଦିନକୁ ଦିନ ଦୁର୍ବଳ ହୋଇପଡିଛି । ଡ୍ୟାମ୍‌ର ଜଳଧାରଣ କ୍ଷମତା କମିବା ସହ ଜଳବିଦ୍ୟୁତ୍ ଉତ୍ପାଦନ ମଧ୍ୟ କମିବାର ଆଶଙ୍କା ପ୍ରକାଶ ପାଇଛି। ଡ୍ୟାମରେ ପଟୁମାଟି ଜମା ହେବାରେ ଲାଗିଛି । ରକ୍ଷଣାବେକ୍ଷଣ ଅଭାବ ଓ ପଟୁମାଟି ମାଡିଥିବା ସ୍ଥାନକୁ ପରିଷ୍କାର ନ କରିବା ଯୋଗୁ ଜଳଧାରଣ କ୍ଷମତା କମିବାରେ ଲାଗିଛି। ଏବେ ବନ୍ଧରେ ବଡ ବଡ ଫାଟ ସୃଷ୍ଟି ହେଲାଣି। ଏଥିପାଇଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଯେଉଁ ୬ଶହ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି ସେଥିରେ ତୁରନ୍ତ ମରାମତି ଓ ରକ୍ଷଣାବେକ୍ଷଣ ନ ହେଲେ ଆଗକୁ ବିପଦ ମାଡି ଆସୁଛି ବୋଲି ସମ୍ବଲପୁର ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି ।

ପୂଜାରୀ କହିଛନ୍ତି , ୧୯୪୮ରେ ହୀରାକୁଦ ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୯୫୬ରେ ଶେଷ ହୋଇଥିଲା। ଯାହାର ଆୟୁ ୧୦୦ ବର୍ଷ ଥିଲା। ଏବେ ହୀରାକୁଦକୁ ୭୫ବର୍ଷ ହୋଇ ସାରିଥିବାବେଳେ ବାଲି ଏବଂ ପ୍ରେସର ପାଇଁ ଏଥିରେ ବଡ ବଡ ଫାଟ ଦେଖାଗଲାଣି । ଯଦି ଡ୍ୟାମ୍ ଭୁଶୁଡିଯାଏ ତେବେ ସମ୍ବଲପୁର ଏବଂ ବରଗଡ଼ ସହର ଧ୍ୱଂସ ହୋଇଯିବ । ଡ୍ୟାମ୍‌ରେ ସ୍ଲୁଇସ୍ ଗେଟ୍‌ଗୁଡିକ ବହୁ ପୁରୁଣା ହେବା ଯୋଗୁ ତାକୁ ମାନୁଆଲି ତଳ ଉପର କରି ଖୋଲାଯାଉଛି ଏବଂ ବନ୍ଦ କରାଯାଉଛି । ସେଥିରେ କଳଙ୍କି ଲାଗିବା ଯୋଗୁ ଠିକ୍ ଭାବେ କାମ କରୁନାହିଁ। ୧୯୯୫ରେ କେନ୍ଦ୍ରୀୟ ଜଳ କମିଶନଙ୍କ ଅନୁସନ୍ଧାନ ଅନୁଯାୟୀ ହୀରାକୁଦ ବନ୍ଧରେ ୩୭.୩୫ ପ୍ରତିଶତ ବାଲିଜମି ରହିଥିଲା। ବର୍ତ୍ତମାନ ଏହା ବୃଦ୍ଧି ପାଇ ୪୦ ପ୍ରତିଶତରୁ ଅଧିକ ହୋଇସାରିଥିବ। ଯାହାଫଳରେ ଏକ ତୃତୀୟାଂଶ ଜଳଧାରଣ କ୍ଷମତା କମିଯାଇଛି। ବର୍ତ୍ତମାନଠାରୁ ଏହାର ସ୍ଥିତିକୁ ନ ସୁଧାରିଲେ ଆଗାମୀ ୨୫ରୁ ୩୦ବର୍ଷ ପରେ ହୀରାକୁଦରେ ଜଳଧାରଣ କ୍ଷମତା ଏବଂ ଜଳସେଚନ କମ୍ ହୋଇଯିବ। ଯେଉଁ ଉଦ୍ଦେଶ୍ୟରେ ଏହି ଡ୍ୟାମ୍‌କୁ ନିର୍ମାଣ କରାଯାଇଥିଲା ଥିଲା ତାହା ସମ୍ପୂର୍ଣ୍ଣ ଭାବେ ଅକାମୀ ହୋଇଯିବ । ରାଜ୍ୟ ସରକାର ତୁରନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରନ୍ତୁ ବୋଲି ପୂଜାରୀ ଦାବି କରିଛନ୍ତି ।

## ଗାୟକ ମିକା ସିଂ ବାସନ୍ଦ



ମୁମ୍ବାଇ,୧୪।୮ (ଆଇଏଏନ୍‌ଏସ୍): ଦେଶବିରୋଧୀ କାର୍ଯ୍ୟ ପାଇଁ ଗାୟକ ମିକା ସିଂଙ୍କୁ ଭାରତରେ କୌଣସି କାର୍ଯ୍ୟକ୍ରମ ପ୍ରଦର୍ଶନ, ରେକର୍ଡିଂ, ପ୍ରଚ୍ଛଦପଟ ଗାୟନ ଏବଂ ଅଭିନୟ ଆଦି କରିବାକୁ ବାସନ୍ଦ କରାଯାଇଛି। ଦି ଫେଡେରେଶନ୍ ଅଫ୍ ୱେଷ୍ଟର୍ନ ଇଣ୍ଡିଆ ସିନେ ଏମ୍ପ୍ଲଇଜ (ଏଫ୍‌ଡବ୍ଲୁଆଇସିଇ) ପକ୍ଷରୁ ମିକାଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଉପରେ କଟକଣା ଜାରି କରାଯାଇଛି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦କୁ ହଟାଇ ନିଆଯିବା ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ଅସ୍ଥିରତା ଲାଗିରହିଛି। ଏହି ସମୟରେ ପାକିସ୍ତାନରେ ଏକ କାର୍ଯ୍ୟକ୍ରମରେ ମିକା ସଂଗୀତ ପରିବେଷଣ କରିଥିଲେ। ପାକିସ୍ତାନର ଜଣେ ଖବରଦାତା ୩୦ ସେକେଣ୍ଡର ଏକ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଟୁଇଟ୍ କରିବା ପରେ ମିକାଙ୍କ ଦେଶବିରୋଧୀ କାର୍ଯ୍ୟ ପଦାରେ ପଡ଼ିଯାଇଛି। ଅଗଷ୍ଟ ୫ପରେ ପାକିସ୍ତାନ ସହ ବିଭିନ୍ନ କଳାତ୍ମକ ଏବଂ ସାମାଜିକ ସମ୍ପର୍କ ଛିନ୍ନ କରିବାକୁ ଭାରତ କଠୋର ହୋଇଥିବା ସତ୍ତ୍ୱେ ମିକାଙ୍କର ସଂଗୀତ କାର୍ଯ୍ୟକ୍ରମ ପ୍ରଦର୍ଶନକୁ ଭାରତର କଳାକାର ଗୋଷ୍ଠୀ ପକ୍ଷରୁ ବିରୋଧ କରାଯାଇଛି। ଏ ସମ୍ପର୍କରେ ଏଫ୍‌ଡବ୍ଲୁଆଇସିଇ ପକ୍ଷରୁ ବୁଧବାର ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି, 'ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁଶରଫ୍‌ଙ୍କର ଜଣେ ସମ୍ପର୍କୀୟ ଝିଅଙ୍କ ବାହାଘର ଉତ୍ସବରେ ମିକା ସିଂଙ୍କ ସଂଗୀତ ପରିବେଷଣ କରିବା ଦ୍ୱାରା ଆମେ ଗଭୀର ଦୁଃଖିତ ଏବଂ ମର୍ମାହତ। ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିବା ସହ ଦୁଇଦେଶର ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବାବେଳେ ମିକାଙ୍କ ଏଭଳି କାର୍ଯ୍ୟକ୍ରମ ଆଘାତସୃଷ୍ଟିକାରୀ ଏବଂ ଲଜ୍ଜାଜନକ।'

## ଓଡ଼ିଶା ପୋଲିସର ୩୬ ଜଣ ସମ୍ମାନିତ ହେବେ

**କଟକ ଅଫିସ, ୧୪।୮:** ଓଡ଼ିଶା ପୋଲିସର ୩୬ଜଣ ଅଧିକାରୀ ରାଷ୍ଟ୍ରପତି ପଦକ ପାଇବା ପାଇଁ ମନୋନୀତ ହୋଇଛନ୍ତି। ସ୍ୱାଧୀନତା ଦିବସ ଉପଲକ୍ଷେ ଏହି ଅଧିକାରୀଙ୍କୁ ମନୋନୀତ କରାଯାଇଥିବାବେଳେ ଆସନ୍ତା ୨୦୨୦ ସାଧାରଣତନ୍ତ୍ର ଦିବସରେ ଓଡ଼ିଶାର ରାଜ୍ୟପାଳ ସେମାନଙ୍କୁ ସମ୍ମାନିତ କରିବେ। ସେମାନଙ୍କ ମଧ୍ୟରୁ ୨୩ଜଣ ସାହସିକତା ଲାଗି ପୋଲିସ ମେଡ଼ାଲ ଓ ୨ଜଣ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ମେଡ଼ାଲ ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ୧୧ଜଣ ଅଧିକାରୀ ପ୍ରଶଂସନୀୟ ସେବାଲାଗି ପୋଲିସ ମେଡ଼ାଲ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସାହସିକତା ଲାଗି ପୋଲିସ ମେଡ଼ାଲ ପାଇବାକୁ ମନୋନୀତ ହୋଇଥିବା ଅଧିକାରୀମାନେ ହେଲେ ଇନ୍ସପେକ୍ଟର ପ୍ରକାଶ କୁମାର କର୍ଣ୍ଣ, ଜ୍ୟୋତିରଞ୍ଜନ ପତି, ସବ୍‌ଇନ୍ସପେକ୍ଟର ସଚ୍ଚିଦାନନ୍ଦ ବରିହା, କନଷ୍ଟେବଳ ସୁଶିଲ ଦାଶ, ଆକାଶ ମହାପାତ୍ର, ଚନ୍ଦ୍ରମଣି ଭୋଇ, ସାମା ଧଙ୍ଗଡ଼ା ମାଝୀ, ଦିଲୀପ କୁମାର ଦନ୍ତ, ପ୍ରଶାନ୍ତ କୁମାର ବାରିକ, ଭୁବନ ସେଲମା, ସତ୍ୟନାରାୟଣ କଥର, ଚୈତନ୍ୟ କିର୍ସାଣୀ, ଘେନୁ ହନ୍ତାଳ, ସୁଧାଂଶୁ ଭୂପତି, ରୁକଧର ନେଗୀ, ହାବିଲଦାର ପ୍ରମୋଦ ବାର୍ଲା, ମିଥୁନ ପ୍ରଧାନ, ସନ୍ତୋଷ ଜୁଆଙ୍ଗ, ସୁବେଦାର ଆଶିଷ କୁମାର ସର୍କାର, ଲାନ୍ସନାୟକ ଶିବଶଙ୍କର ନାୟକ, ପବିତ୍ର ମୋହନ ନାୟକ, ପୋଲିସ ଅଧୀକ୍ଷକ କେ. ଶିବ ସୁବରମଣି ଓ ଜଗମୋହନ ମୀନା। ସେହିପରି ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ମେଡ଼ାଲ ପାଇବାକୁ ଥିବା ଅଧିକାରୀମାନେ ହେଲେ ଡିଏସ୍‌ପି ପ୍ରମୋଦ କୁମାର ରଥ ଓ ସହକାରୀ ସବ୍‌ଇନ୍ସପେକ୍ଟର ଶିବ ନାରାୟଣ ରଥ। ପ୍ରଶଂସନୀୟ ସେବାଲାଗି ପୋଲିସ ମେଡ଼ାଲ ପାଇବାକୁ ଥିବା ଅଧିକାରୀମାନେ ହେଲେ କନଷ୍ଟେବଳ ସନାତନ ସାହୁ, ପ୍ରଶାନ୍ତ କୁମାର ସାହୁ, ଦୁର୍ଗାପ୍ରସାଦ ହୋତା, ସବ୍‌ଇନ୍ସପେକ୍ଟର ସନ୍ତୋଷ କୁମାର ବାହିନୀପତି, ନିରଞ୍ଜନ ତ୍ରିପାଠୀ, ଇନ୍ସପେକ୍ଟର ସ୍ମିତାରାଣୀ ମହାନ୍ତି, ଭରତ ଚରଣ ସାହୁ, ରଜନୀକାନ୍ତ ସାମଲ, ଡିଏସ୍‌ପି ଇତି ଦାସ, ଏସିପି ମାନସ ରଞ୍ଜନ ଗଡ଼ନାୟକ ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଜିତ କୁମାର ଦଳାଇ।

- ବନ୍ଦ ଘରୁ ଦମ୍ପତିଙ୍କ ମୃତଦେହ ଉଦ୍ଧାର

## ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

ଚନ୍ଦ୍ରଗିରି,୧୪।୮(ଡି.ଏନ.ଏ.)

ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରିର ଚନ୍ଦନପୁର ବସ୍ତିରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ପରେ ସ୍ୱାମୀ ଗଳାରେ ଶାଢି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ବୁଧବାର ଦମ୍ପତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସ୍ତ୍ରୀ ସୁମିତ୍ରାଙ୍କ କ୍ଷତବିକ୍ଷତ ମୃତଦେହ ବିଛଣାରେ ପଡିଥିବାବେଳେ ସ୍ୱାମୀ ବଛନଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ଏନେଇ ମୋହନା ଥାନାରେ ଏକ ମାମଲା(ନଂ.୧୩୯/୧୯) ରୁଜୁ କରି ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଚନ୍ଦନପୁର ବସ୍ତିର ବଛନ ଉଠାଣସିଂ କିଛିବର୍ଷ ତଳେ ସୁମିତ୍ରାଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କ ଗୋଟିଏ ଝିଅ ଅଛି। ବଛନ ମଜୁରି ଲାଗି ପରିବାର ଚଳାଉଥିଲେ। ସ୍ତ୍ରୀଙ୍କ ସହ କୌଣସି ବିବାଦ ନ ଥିଲା। ମଙ୍ଗଳବାର ରାତିରେ ଏହି ଦମ୍ପତି ଖାଇପିଇ ଗୋଟିଏ ଘରେ ଶୋଇଥିଲେ। ଝିଅ ଜେଜେ ମା'ଙ୍କ ପାଖରେ ଶୋଇଥିଲେ। ବୁଧବାର ସକାଳେ ପୁଅବୋହୂ ନ ଉଠିବାରୁ ମା' ବାସନ୍ତୀ ନାୟକ ତାଙ୍କ ଘରର କବାଟ ବାଡେଇ ଡାକିଥିଲେ। ତଥାପି କେହି ନ ଶୁଣିବାରୁ ସେ କବାଟ ଫାଙ୍କରେ ହାତ ଗଳାଇ ହୁକ୍ ଖୋଲି ଭିତରକୁ ଯାଇଥିଲେ। ହେଲେ ଘର ଭିତର ଦୃଶ୍ୟ ଦେଖି ସେ ନିଜକୁ ବିଶ୍ୱାସ କରିପାରି ନ ଥିଲେ । ପୁଅ ବଛନ ଶାଢ଼ିରେ ଫାଶ ଲଗାଇ ଝୁଲୁଥିବା ବେଳେ ବୋହୂଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ବିଛଣାରେ ପଡ଼ିଥିଲା। ଏନେଇ ବାସନ୍ତୀ ପାଟିକରି ପଡ଼ିଶାଙ୍କୁ ଡାକିଥିଲେ। ଖବର ପାଇ ଆର.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ଓ ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଦୁଇଟିକୁ ଜବତ କରିଥିଲେ। ମୃତଦେହ ନିକଟରୁ ପୋଲିସ ୨ଟି ମଲା କୁକୁଡା ଓ ଏକ ଟାଙ୍ଗିଆ ଜବତ କରିଛି। ଘରେ କୌଣସି ଅଶାନ୍ତି ନ ଥିବାବେଳେ ପୁଅ ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ଏପରି କରିଛନ୍ତି ବୋଲି ବଛନଙ୍କ ମା' ବାସନ୍ତୀ କହିଛନ୍ତି।

ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ହୋଇ ନ ଥିବା ବେଳେ ବଛନ ଜଣେ ମାନସିକ ବିକାରଗ୍ରସ୍ତ ଓ ସେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟାକରିବା ପରେ ନିଜେ ଫାଶ ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି । ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ତଦନ୍ତ ଚଳାଇଛି। ସମ୍ପୂର୍ଣ୍ଣ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଏସ୍‌ଡିପିଓ ମହାନ୍ତି କହିଛନ୍ତି ।

### ଚିକିତ୍ସା ନାଁରେ ଶରୀରକୁ କାମୁଡ଼ିଥିବା ଗୁଣିଆ ଗିରଫ

କାଲିମେଲା,୧୪।୮(ଡି.ଏନ.ଏ.)

ଶରୀରକୁ କାମୁଡି ରୋଗ ଭଲ କରୁଥିବା ନେଇ ଦାବି କରୁଥିବା ଗୁଣିଆ କସା ବେଟୀ ବୁଧବାର ଗିରଫ ହୋଇଛନ୍ତି। ମାଲକାନଗିରି ଜିଲା କାଲିମେଲା ବ୍ଲକ ତେଲରାଇ ପଞ୍ଚାୟତର ଉର୍ମାଗୁଡା ଗ୍ରାମର ଜଣେ ମହିଳାଙ୍କ ଜ୍ୱର ଭଲ କରିବା ଲାଗି କସା ତାଙ୍କୁ ଝଡାଫୁଙ୍କା କରିବା ସହ ତାଙ୍କ ଶରୀରର ମୁହଁ, ବେକ, ପେଟ ପିଠିକୁ କାମୁଡିଥିଲେ। ସେଠାରେ ପରିବାର ଲୋକେ ଉପସ୍ଥିତ ଥିଲେ ମଧ ମହିଳା ଜଣକ ଭଲ ହୋଇଯାନ୍ତୁ ବୋଲି ଭାବି କିଛି କହି ନ ଥିଲେ। ପରେ ମଙ୍ଗଳବାର ଏମଭି-୭୯ ଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହା ଜାଣିବା ପରେ କସା ଫେରାର ହୋଇଯାଇଥିଲେ। ଫଳରେ ପୋଲିସ କସାଙ୍କୁ ନ ପାଇ ଫେରି ଆସିଥିଲା। ତେବେ ବୁଧବାର ସକାଳେ ସେ ଘରେ ଥିବା ସମୟରେ ତାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ବିରୋଧରେ ଆଇପିସି ଦଫା ୩୪୨,୩୫୪ ଏବଂ ଗୁଣିଗାରେଡି ଆଇନ ଧାରା ୪ ଅନୁଯାୟୀ ୫୬/୧୯ ନଂରେ ଏକ ମାମଲା ରୁଜୁ ହୋଇଛି।

### ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲା

## ଶୁଣାଣି ଶେଷ, ରାୟ ସଂରକ୍ଷିତ

**କଟକ ଅଫିସ, ୧୪।୮:** ପାରାଦୀପ ସିୱେଜ୍ ସିପିଂ କମ୍ପାନୀ ପରିଚାଳକ ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ଜାମିନ ଆବେଦନର ଶୁଣାଣି ବୁଧବାର ହାଇକୋର୍ଟରେ ଶେଷ ହୋଇଛି। ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଏହି ମାମଲାରେ ଅଭିଯୁକ୍ତ ମିଶ୍ରଙ୍କ ପକ୍ଷରୁ ୧୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ଼ କରାଯାଇଥିଲା। ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ଶିଳ୍ପପତି ମିଶ୍ରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଏହି ମାମଲାରେ ଜାମିନ ପାଇଁ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୭ ମେ ୧୬ରେ ହାଇକୋର୍ଟ ମିଶ୍ରଙ୍କୁ ଜାମିନ ମଞ୍ଜୁର କରିଥିଲେ। ମାତ୍ର ହାଇକୋର୍ଟଙ୍କ ଜାମିନ ଆଦେଶ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟକୁ ଯାଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟ ଦେଇଥିବା ଜାମିନକୁ ଖାରଜ କରି ଦେଇଥିଲେ। ପରେ ମିଶ୍ର ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମହେନ୍ଦ୍ର ସ୍ୱାଇଁ ହତ୍ୟା ଘଟଣାରେ ମିଶ୍ରଙ୍କୁ ୨୦୧୬ ଡିସେମ୍ବରରେ ପୋଲିସ ବ୍ୟାଙ୍କକ୍‌ରୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ୨୦୧୬ ଅକ୍ଟୋବର ୨୬ରେ ମହେନ୍ଦ୍ରଙ୍କୁ ଦୁର୍ବୃତ୍ତମାନେ ଗୁଳିକରି ହତ୍ୟା କରିଥିଲେ। ଏ ନେଇ ମହେନ୍ଦ୍ରଙ୍କ ବଡ଼ଭାଇ ରାଜକିଶୋର ପାରାଦୀପ ଥାନାରେ ଅଭିଯୋଗ କରିଥିବାବେଳେ ମିଶ୍ରଙ୍କ ସମେତ ଓଡିଶା ଷ୍ଟିଭେଡର୍ସ ଲିମିଟେଡ୍(ଓଏସ୍‌ଏଲ୍)ର ଅନ୍ୟ ଅଧିକାରୀଙ୍କ ନାମରେ ଲୁକ୍‌ଆଉଟ୍ ସର୍କୁଲାର ଜାରି ହୋଇଥିଲା। ଏହି ମାମଲାରେ ପୋଲିସ ୧୬ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିବାବେଳେ ଏମାନଙ୍କ ମଧ୍ୟରୁ ୪ଜଣ ଏବେ ବି ଫେରାର ରହିଛନ୍ତି। ମିଶ୍ରଙ୍କ ପକ୍ଷରୁ ଜୟଦୀପ ପାଲ ମାମଲା ପରିଚାଳନା କରୁଛନ୍ତି।

## ସ୍କୁଲରେ ମାଓବାଦୀ ବ୍ୟାନର

**୧୫ ଅଗଷ୍ଟକୁ କଳା ଦିବସ ଭାବେ ପାଳନ କର**

ନବରଙ୍ଗପୁର /ଝରିଗାଁ, ୧୪।୮ (ବି.ପ୍ର/ସ୍ୱ.ପ୍ର)

ସ୍ୱାଧୀନତା ଦିବସର ଦିନକ ପୂର୍ବରୁ ନବରଙ୍ଗପୁର ଜିଲା ଝରିଗାଁ ଥାନା ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ କର୍ଲାପଡା ନୂତନ ପ୍ରାଥମିକ ବିଦ୍ୟାଳୟରେ ମାଓବାଦୀମାନେ ବ୍ୟାନର ଓ ପୋଷ୍ଟର ଲଗାଇଛନ୍ତି। ଅଗଷ୍ଟ ୧୫କୁ କଳା ଦିବସ ଭାବେ ପାଳନ କରିବାକୁ ଏଥିରେ ଉଲ୍ଲେଖ ରହିଛି। ସେହିପରି ପୋଷ୍ଟରରେ ଉଲ୍ଲେଖ ରହିଛି ଯେ ଗାଁ ଓ ସ୍କୁଲକୁ ଯିବା ପାଇଁ ରାସ୍ତା ନାହିଁ। ଫଳରେ ଆମ୍ବୁଲାନ୍ସ ଯାତାୟାତ କରି ପାରୁ ନାହିଁ। ଆଦିବାସୀଙ୍କୁ ସରକାର ଠକି ଚାଲିଛନ୍ତି । ଆଦିବାସୀଙ୍କ ପାଇଁ ଆମେ ଲଢିବୁ । ବ୍ୟାନର ଏବଂ ପୋଷ୍ଟରରେ ସିପିଆଇ ମାଓବାଦୀ, ମେନ୍‌ପୁର ଡିଭିଜନ୍ ଲେଖା ହୋଇଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍କୁଲ ବନ୍ଦ କରି ତାଙ୍କ ସହଯୋଗୀଙ୍କ ସହ ଉମରକୋଟ ଯାଇଥିଲେ। ସେ ରାତି ପ୍ରାୟ ୧୦ଟା୨୦ରେ ସ୍କୁଲକୁ ଫେରିଥିଲେ। ସ୍କୁଲରେ କଳା ବ୍ୟାନର ଓ ପୋଷ୍ଟର ଲଗାଯାଇଥିବା ଦେଖି ପ୍ରଥମେ ଗ୍ରାମବାସୀଙ୍କୁ ଜଣାଇଥିଲେ। ସକାଳୁ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ସ୍କୁଲରେ ଲଗାଯାଇଥିବା ବ୍ୟାନରକୁ ଜବତ କରିଥିଲା। ଝରିଗାଁ ଥାନା ଅଞ୍ଚଳରେ ୧୫ ଅଗଷ୍ଟକୁ କଳା ଦିବସ ଭାବେ ପାଳନ କରିବା ନେଇ ବ୍ୟାନର ଲଗାଯାଇଥିବା ଘଟଣା ପ୍ରଥମ ହୋଇଥିବାରୁ ଦୁର୍ଗମ ଅଞ୍ଚଳରେ ରହିଥିବା ବିଦ୍ୟାଳୟର ଶିକ୍ଷକମାନେ ଭୟଭୀତ ହୋଇ ପଡିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ବିଏସ୍‌ଏଫ୍ ତରଫରୁ ଜଙ୍ଗଲରେ ସର୍ଚ୍ଚ ଅପରେଶନ୍ ଜୋରଦାର କରାଯାଇଛି।




ସ୍କୁଲରେ ମାଓବାଦୀମାନେ ଲଗାଇଥିବା ବ୍ୟାନର।

## ଛୁଟିରେ ୨ ଅଧିକାରୀ

### ୩ ଓଏଏସ୍ ଅଧିକାରୀଙ୍କୁ ପଦୋନ୍ନତି

**ଭୁବନେଶ୍ୱର,୧୪।୮(ବ୍ୟୁରୋ)**-ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ମୋନା ଶର୍ମା ଛୁଟିରେ ଯାଇଛନ୍ତି। ପୂର୍ତ୍ତ ବିଭାଗ ସଚିବ ତଥା କମିଶନର କ୍ରିଷ୍ଣନ କୁମାରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ପ୍ରମୁଖ ଶାସନ ସଚିବ ତଥା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଓଏସ୍‌ଡି ନିଯୁକ୍ତ ହୋଇଥିବା ନୀତେନ ଚନ୍ଦ୍ର ମଧ ଛୁଟିରେ ଯାଇଥିବା ଜଣାପଡିଛି। ଅପରପକ୍ଷରେ ୩ ଓଏଏସ୍ ଅଧିକାରୀଙ୍କ ସୁପରଟାଇମ୍ ସ୍କେଲକୁ ପଦୋନ୍ନତି କରାଯାଇଛି। ଏହି ଅଧିକାରୀମାନେ ହେଉଛନ୍ତି ବିବେକାନନ୍ଦ ସାହୁ, ରୁଦ୍ର ନାରାୟଣ ମହାନ୍ତି ଏବଂ ଦିଲ୍ଲୀପ କୁମାର ବଳ।

## ଝାରସୁଗୁଡ଼ା ଜିଲାପାଳଙ୍କୁ ନିଲମ୍ବିତ କଲେ ସରକାର

- ପ୍ରଦୀପ ସାହୁଙ୍କୁ ଝାରସୁଗୁଡ଼ା ଜିଲାପାଳ ଦାୟିତ୍ୱ
- ହାଇକୋର୍ଟ ନିର୍ଦ୍ଦେଶକୁ ବେଖାତିର ପାଇଁ ଦଣ୍ଡ

ଭୁବନେଶ୍ୱର,୧୪।୮(ବ୍ୟୁରୋ)

ଝାରସୁଗୁଡ଼ା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ନିଲମ୍ବନ କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ହାଇକୋର୍ଟ ଆଦେଶକୁ ପାଳନ ନ କରିବା ନେଇ ଏହି ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ବୁଧବାର ପାଳନ କରିବା ସହ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ନିଲମ୍ବିତ କରିଛନ୍ତି। ତାଙ୍କ ସ୍ଥାନରେ ଏଡିଏମ୍ ପ୍ରଦୀପ ସାହୁଙ୍କୁ ଝାରସୁଗୁଡ଼ା ଜିଲାପାଳ ଭାବେ ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଦାୟିତ୍ୱ ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ, ଝାରସୁଗୁଡ଼ାର ବ୍ରଜରାଜନଗରଠାରେ ଏକ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ବୀଣା ପଟ୍ଟନାୟକ ଲାଇସେନ୍ସ ପାଇଥିଲେ। ମାତ୍ର ସେଠାକାର ସ୍ଥାନୀୟ ଲୋକମାନେ ବିରୋଧ କରିବା କାରଣରୁ ଏହା ସମ୍ଭବ ହୋଇପାରି ନ ଥିଲା। ହେଲେ ଅବକାରୀ ବିଭାଗ ତାଙ୍କଠାରୁ କର ଦାବି କରିବା ପରେ ସେ ଏକ ମାମଲା ହାଇକୋର୍ଟରେ ଦାଏର କରିଥିଲେ। ଗତ ମାର୍ଚ୍ଚ ୨୯ ତାରିଖରେ ହାଇକୋର୍ଟ ପଟ୍ଟନାୟକଙ୍କ ବିରୋଧରେ ସରକାର ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ ବୋଲି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେତେବେଳେ ଜିଲାପାଳ ଜ୍ୟୋତିରଞ୍ଜନ ହାଇକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା କରି ଏପ୍ରିଲ ୨୫ ତାରିଖରେ ଆବେଦନକାରୀଙ୍କ ଲାଇସେନ୍ସ ରଦ୍ଦ କରିଥିଲେ। ଯେଉଁଥିଲାଗି ହାଇକୋର୍ଟ ଏଭଳି ନିଷ୍ପତ୍ତି ଶୁଣାଇଛନ୍ତି। ଅନ୍ୟପଟେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ ତାରିଖରେ ହେବ ବୋଲି ଜଣାପଡିଛି।

## ସଂକ୍ଷେପରେ

### ଶ୍ରୀମନ୍ଦିର ସୁରକ୍ଷା ଏମିତି
### ବୁଟ୍ ପିନ୍ଧି ଭଅଣ୍ଡ ଘର ଦୁଆରେ ପହଞ୍ଚିଲେ ଭକ୍ତ

**ପୁରୀ ଅଫିସ,୧୪।୮:** ଆତଙ୍କବାଦୀଙ୍କ ଟାର୍ଗେଟରେ ଶ୍ରୀମନ୍ଦିର ରହିଥିବା ନିକଟରେ କେନ୍ଦ୍ର ଗୋଇନ୍ଦା ବିଭାଗ ରିପୋର୍ଟ ଦେବା ପରେ ଅଧିକ ତତ୍ପର ହୋଇଉଠିଛି ଜିଲା ପ୍ରଶାସନ। ଶ୍ରୀମନ୍ଦିର ସୁରକ୍ଷାକୁ କଡ଼ାକଡ଼ି କରିଛି। ହେଲେ ଭକ୍ତ ବୁଟ୍ ପିନ୍ଧି ଭଅଣ୍ଡ ଘର ଦୁଆର ପର୍ଯ୍ୟନ୍ତ ଚାଲିଯାଉଛନ୍ତି। ବୁଧବାର ସକାଳ ପ୍ରାୟ ୭ଟା। ଭଅଣ୍ଡ ଘର ଦୁଆର ମୁହଁରେ ଜଣେ ଭକ୍ତ ବୁଟ୍ ପିନ୍ଧି ପହଞ୍ଚି ଯାଇଥିଲେ। କୀର୍ତ୍ତନ ଚକଡ଼ା ଦେଇ ଭିତରକୁ ଯିବାକୁ ଆଗଉଥିଲେ। ଜଣେ ସେବକ ଏହା ଦେଖି ପାଟି କରିଥିଲେ। ଫଳରେ ସମ୍ପୃକ୍ତ ଭକ୍ତ ଆଉ ଆଗକୁ ନ ଯାଇ ସିଂହଦ୍ୱାର ଦେଇ ଦୌଡ଼ି ବାହାରକୁ ପଳାଇଥିଲେ। ସମ୍ପୃକ୍ତ ଭକ୍ତଙ୍କ ପରିଚୟ ଜଣାପଡ଼ିନାହିଁ। ବ୍ୟାରିକେଡ଼ ମଧରେ ଭକ୍ତଙ୍କୁ କଡ଼ାକଡ଼ି ଯାଞ୍ଚ କରାଯାଉଛି। ପୁଣି ଶ୍ରୀମନ୍ଦିର ଚାରିଦ୍ୱାରରେ ଏକାଧିକ ସୁରକ୍ଷା କର୍ମୀ ମୁତୟନ ରହୁଛନ୍ତି। ଏହାସତ୍ତ୍ୱେ ସମ୍ପୃକ୍ତ ଭକ୍ତ କିପରି ବୁଟ୍ ପିନ୍ଧି ମନ୍ଦିର ଭିତରକୁ ପ୍ରବେଶ କଲେ ଏବଂ ସୁରକ୍ଷା କର୍ମୀ ଜାଣିପାରିଲେ ନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମୁକ୍ତ ହେବ ମେଘନାଦ ପାଚେରି ଚତୁଃପାର୍ଶ୍ୱ

ପୁରୀ ଅଫିସ, ୧୪।୮



- ୧୯ରେ ବେଆଇନ କୋଠା ଭାଙ୍ଗିବ ପ୍ରଶାସନ
- ମୁଖ୍ୟ ମନ୍ଦିର ସହିତ ସମ୍ପର୍କ ନ ଥିବା ସବୁ ନିର୍ମାଣ ଉଚ୍ଛେଦ ହେବ

ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ କେନ୍ଦ୍ର ଗୋଇନ୍ଦା ବିଭାଗର ଏହି ରିପୋର୍ଟ ପ୍ରଶାସନ ଆଖିରୁ ନିଦ ହଜାଇ ଦେଇଛି। ଜିଲା ପ୍ରଶାସନ ଓ ପୋଲିସକୁ ଘାରିଛି ବଡ଼ଦେଉଳର ସୁରକ୍ଷା ଚିନ୍ତା। ତେଣୁ ଏ ଦିଗରେ ସଜାଗ ଆଉ ସତର୍କ ହୋଇପଡ଼ିଛି ପ୍ରଶାସନ। ମେଘନାଦ ପାଚେରି ଚତୁଃପାର୍ଶ୍ୱକୁ ମୁକ୍ତ ରଖିବା ଲାଗି ନିଷ୍ପତ୍ତି ନେଇଛି। ମେଘନାଦ ପାଚେରିକୁ ଲାଗି ରହିଥିବା ବେଆଇନ କୋଠା ଆସନ୍ତା ୧୯ତାରିଖରେ ଭଙ୍ଗାଯିବ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ମୁଖ୍ୟ ମନ୍ଦିର ସହିତ ସମ୍ପର୍କ ନ ଥିବା ସବୁ ନିର୍ମାଣକୁ ଉଚ୍ଛେଦ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, ଶ୍ରୀମନ୍ଦିରର ସୁରକ୍ଷାକୁ ନେଇ ପୂର୍ବରୁ ହାଇକୋର୍ଟଙ୍କ କିଛି ନିର୍ଦ୍ଦେଶ ଅଛି। ଏଥିରେ ଏଏସଆଇର ମଧ ସହମତି ରହିଛି। ମେଘନାଦ ପାଚେରି ଚତୁଃପାର୍ଶ୍ୱକୁ ମୁକ୍ତ ରଖାଯିବ। ମୁଖ୍ୟ ମନ୍ଦିର ସହିତ ସମ୍ପର୍କ ନ ଥିବା ସବୁ ନିର୍ମାଣକୁ ଆସନ୍ତା ୧୯ ତାରିଖରେ ଉଚ୍ଛେଦ କରାଯିବ। ଏଥିରେ କେତେକ ସରକାରୀ ନିର୍ମାଣ ଯଥା ସିଂହଦ୍ୱାର ଫାଣ୍ଡି, ସୂଚନାକେନ୍ଦ୍ର ଏବଂ ଏହା ନିକଟସ୍ଥ ଏକ ନୂଆ କୋଠା ମଧ ରହିଛି। ପଶ୍ଚିମ ଦ୍ୱାର ନିକଟରେ ସେସୁର ଫ୍ୟୁଜକଲ୍ କେନ୍ଦ୍ର, ଦକ୍ଷିଣ ଦ୍ୱାର ପାଖରେ ଶୌଚାଳୟ ସମେତ ମେଘନାଦ ପାଚେରିକୁ ଲାଗି ଜୋତାଷ୍ଟାଣ୍ଡ ଏବଂ କେତେକ ଦୋକାନ ରହିଛି। ଏ ସବୁକୁ ହଟାଇ ଦିଆଯିବ। ଶ୍ରୀମନ୍ଦିରର ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ମେଘନାଦ ପାଚେରି କଡ଼ରେ କୌଣସି ସରକାରୀ କିମ୍ବା ବେସରକାରୀ ନିର୍ମାଣ ରହିବ ନାହିଁ। ବେସରକାରୀ ନିର୍ମାଣକୁ ନେଇ ଯଦି କିଛି କୋର୍ଟ କେସ୍ ଥାଏ ତେବେ ତାହାର ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ। ମେଘନାଦ ପାଚେରି ଚତୁଃପାର୍ଶ୍ୱକୁ ସମ୍ପୂର୍ଣ୍ଣ ଭାବେ ଅବରୋଧମୁକ୍ତ କରାଯିବ। ଅନ୍ୟ ପକ୍ଷରେ ସିଂହଦ୍ୱାର ନିକଟସ୍ଥ ୨ଟି ମଠ (ଛାଉଣୀ ଓ ବଡ଼ଛତା) ସମ୍ପର୍କରେ ଜିଲାପାଳ କହିଥିଲେ, ଏହି ମଠଦ୍ୱୟ ହେଉଛି ଐତିହ୍ୟର ଅଂଶ। ଶ୍ରୀମନ୍ଦିର ସେବାପୂଜା, ରୀତିନୀତି ସହ ମଠଦ୍ୱୟ ସମ୍ପୃକ୍ତ ଥିବାରୁ ସେଗୁଡ଼ିକୁ ସୁରକ୍ଷିତ ରଖାଯିବ। ଆବଶ୍ୟକ ପଡ଼ିଲେ ପ୍ରଶାସନ ତାହାର ସୌନ୍ଦର୍ଯ୍ୟକରଣ ଦାୟିତ୍ୱ ନେବ। ସୂଚନାକେନ୍ଦ୍ର ଉପରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିକୁ ସମ୍ମାନର ସହ ସ୍ଥାନାନ୍ତର କରାଯିବ। କିନ୍ତୁ ଏ ନେଇ ବର୍ତ୍ତମାନ କୌଣସି ନିଷ୍ପତ୍ତି ହୋଇନାହିଁ। ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିକୋଣରୁ ମେଘନାଦ ପାଚେରି ଚତୁଃପାର୍ଶ୍ୱରେ କୌଣସି ପ୍ରକାର ନିର୍ମାଣ ରଖାଯିବ ନାହିଁ ବୋଲି ଜିଲାପାଳ ସିଂ କହିଛନ୍ତି।

ଶ୍ରୀମନ୍ଦିର ନିକଟରେ ଜବରଦଖଲ ଓ ବେଆଇନ ନିର୍ମାଣ ବୃଦ୍ଧି ପାଉଥିବାରୁ ସୁରକ୍ଷା ବ୍ୟବସ୍ଥା ପ୍ରତି ତାହା ବଡ଼ ଚ୍ୟାଲେଞ୍ଜ ହୋଇଛି। ପଞ୍ଜାବର ଅମୃତସରସ୍ଥିତ ସ୍ୱର୍ଣ୍ଣ ମନ୍ଦିର ଭଳି ଶ୍ରୀମନ୍ଦିର ଚାରିପଟେ ପରିକ୍ରମା ମାର୍ଗ ନିର୍ମାଣ କରିବାକୁ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଏଥିପାଇଁ ମନ୍ଦିର ଚତୁଃପାର୍ଶ୍ୱକୁ 'ନୋ ପାର୍କିଂ ଓ ନୋ ଭେଣ୍ଡିଂ ଜୋନ୍' କରାଯାଇଥିବାବେଳେ ଏକ ବୈଷୟିକ ସଂସ୍ଥା ଦ୍ୱାରା ଡିଜାଇନ ପ୍ରସ୍ତୁତ କରାଯାଉଛି। ମେଘନାଦ ପାଚେରିକୁ ଲାଗି ବିଭିନ୍ନ ପ୍ରକାର ନିର୍ମାଣ ରହିଥିବାରୁ ବିଗତ ଦିନରେ ଶ୍ରୀମନ୍ଦିର ଭିତରେ ଏକାଧିକ ଲୁଟ୍ ହୋଇଛି। ଲୁଟେରା ଏହି ନିର୍ମାଣକୁ ସାହାରା କରି ରାତିରେ ମନ୍ଦିର ଭିତରକୁ ଯାଇ ଲୁଟ୍ କରିଥିବା ପୋଲିସ ଆଗରେ ବୟାନ ଦେଇଥିଲେ। ତେଣୁ ମେଘନାଦ ଚତୁଃପାର୍ଶ୍ୱକୁ ଅବରୋଧମୁକ୍ତ କରାଗଲେ ଏହିଭଳି ଘଟଣାର ପୁନରାବୃତ୍ତି ହେବନାହିଁ ବୋଲି ପ୍ରଶାସନ ଚିନ୍ତା କରିଛି। ସେହିପରି ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହ ମେଘନାଦ ପାଚେରିକୁ ଭକ୍ତମାନେ ଅବାଧରେ ମଧ ଦେଖିପାରିବେ।

# ଖରସ୍ରୋତାରେ ଡଙ୍ଗା ବୁଡ଼ି

ଆଳି, ୧୪।୮ (ଡି.ଏନ୍.ଏ.)

### ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର

କେନ୍ଦ୍ରାପଡା ଜିଲା ଆଳି ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ଖରସ୍ରୋତା ନଦୀର ଜରି-ମଧୁବନ ଘାଟରେ ବୁଧବାର ଏକ ଡଙ୍ଗା ବୁଡ଼ି ଯାଇଛି। କୂଳଠାରୁ ମାତ୍ର ଅଳ୍ପ ଦୂରରେ ଡଙ୍ଗାଟି ବୁଡ଼ି ଥିବା ବେଳେ ଏଥିରେ ଥିବା ୩୦ରୁ ଊର୍ଦ୍ଧ୍ୱ ସ୍କୁଲ ଛାତ୍ରୀଛାତ୍ର ଓ ଅନ୍ୟ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

ପ୍ରକାଶ ଯେ, ଡିମିରିପାଳ ପଞ୍ଚାୟତ ମଧୁବନ ଗ୍ରାମସ୍ଥିତ ମାହାରାକୂଳ ହାଇସ୍କୁଲରେ ଶିକ୍ଷକ ଅଭାବରୁ ସ୍ଥାନୀୟ ଛାତ୍ରୀଛାତ୍ରମାନେ ନଦୀପାର ହୋଇ ଯାଜପୁର ଜିଲା ଜରି ବିଜେ ସ୍କୁଲକୁ ପଢ଼ିବାକୁ ଯାଇଥାନ୍ତି। ପ୍ରାୟ ସବୁଦିନ ପିଲାମାନେ ବିପଦସଙ୍କୁଳ ଭାବେ ଡଙ୍ଗାରେ ନଦୀ ପାର ହୁଅନ୍ତି। ବୁଧବାର ଉକ୍ତ ଡଙ୍ଗାରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସମେତ କେତେଜଣ ଲୋକ ନଦୀ ପାର ହେଉଥିଲେ। କୂଳଠାରୁ କିଛି ଦୂର ଯିବା ପରେ ଡଙ୍ଗାରେ ପାଣି ପଶିଯାଇଥିଲା। ପିଲାମାନେ ଚିତ୍କାର କରି ଏପଟ ସେପଟ ହେବା ଯୋଗୁ ଡଙ୍ଗାଟି ଓଲଟି ପଡ଼ିଥିଲା। ତେବେ ପିଲାମାନଙ୍କ ପାଟି ଶୁଣି ଆଖପାଖ ଅଞ୍ଚଳର ଲୋକେ ସେଠାରେ ପହଞ୍ଚି କେତେଜଣ ପିଲାଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ଅନ୍ୟମାନେ ପହଁରି ପହଁରି କୂଳକୁ ଚାଲି ଆସିଥିଲେ।

ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଆଳି ତହସିଲଦାର ଜୟନ୍ତ ପୃଷ୍ଟି ଘଟଣାସ୍ଥଳକୁ ଯାଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସ୍କୁଲ ପିଲାଙ୍କ ସୁବିଧା ପାଇଁ ତୁରନ୍ତ ସେତୁ ନିର୍ମାଣ ସହ ମାହାରାକୂଳ ହାଇସ୍କୁଲରେ ଶିକ୍ଷକ ପଦବୀ ପୂରଣ ପାଇଁ ପଦକ୍ଷେପ ନେବେ ବୋଲି ତହସିଲଦାର ପୃଷ୍ଟି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


**ODISHA HYDRO POWER CORPORATION LTD.,**
OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in

No. HHEP/Tech-W-126(2019-20)/ 5951 Date : 09.08.2019
No.CAD-290
**TENDER NOTICE NO. HHEP-43/2019**

Unit Head, HHEP, Burla invites percentage basis tender from the firm / agency / eligible class of contractor, registered with the Govt. of Odisha and contractor of equivalent grade / class registered with Central Govt./ MES / Railway for the following work.

| Sl. No | Name of work | Approx. tender value (in Rs.) | Cost of tender (Non-Refundable) | EMD in Rs. |
|---|---|---|---|---|
| 1 | Up-keeping and maintenance of Erectors' Hostel and Jala Bidyut Colony Garden under HHEP, Burla | 132654/- | Rs. 708/- (Rs. 600/- + GST 18%) | 1400/- |

- Availability of bids online : **29.08.2019 to 12.09.2019 upto 05.00 PM**
- Last date and time of receipt of bid online :**13.09.2019 upto 01.00 PM**
- Date & time of opening of tender :**13.09.2019 at 03.30 PM**

Further details of the tender documents, terms and condition etc. obtain from our website **www.ohpcltd.com**

Sd/-
C&P Head, HHEP, Burla
04007/11/0018/1920


### ବର୍ଷା ହେବାରୁ ଆଶ୍ରୟ ନେଇଥିଲେ

# ମାଟିଖୋଲ ଧସି ୨ ମୃତ

କୋରାପୁଟ,୧୪।୮(ସ୍ୱ.ପ୍ର.)



ମାଟି ଧସିଥିବା ସ୍ଥାନରୁ ମୃତ ଦେହ ଉଦ୍ଧାର କରାଯାଉଛି।

କୋରାପୁଟ ଜିଲା ବନ୍ଧୁଗାଁ ଅଞ୍ଚଳର ଝଞ୍ଜାବତୀ ନଦୀ ନିକଟସ୍ଥ ମାଟି ପାହାଡ଼କୁ ମାଟି ଉଠେଇବା ପାଇଁ ଯାଇଥିବା କେତେଜଣ ଶ୍ରମିକ ବର୍ଷା ଆସିବାରୁ ଏକ ମାଟିଖୋଲରେ ଆଶ୍ରୟ ନେଇଥିଲେ। କିନ୍ତୁ ବର୍ଷାରେ ସେହି ମାଟିଖୋଲ ଧସିଯାଇ ୨ ଜଣଙ୍କ ମୃତ୍ୟୁ ହୋଇଛି।

ସୂଚନା ଅନୁଯାୟୀ, ବନ୍ଧୁଗାଁ ବ୍ଲକ ବଡ଼ସୋରପୋଲି ପଞ୍ଚାୟତ ମେକୋଡ଼ା ଗାଁ ଯିବା ରାସ୍ତା ଗୋଡାନି ନିକଟରେ ରହିଛି ଝଞ୍ଜାବତୀ ନଦୀ। ଏହା ନିକଟସ୍ଥ ଏକ ମାଟି ପାହାଡ଼ରୁ ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୫ଟା ବେଳେ ଟ୍ରାକ୍ଟରରେ ମାଟି ଲୋଡ୍ କରୁଥିଲେ ୩ ଜଣ ଶ୍ରମିକ। ସେହି ସମୟରେ ବର୍ଷା ହେବାରୁ ସେମାନେ ମାଟିଖୋଲ ଥିବା ସ୍ଥାନକୁ ପଶିଯାଇଥିଲେ। କିନ୍ତୁ ତାହା ଧସିଯିବା ଯୋଗୁ ରବୀନ୍ଦ୍ର କାଶି (୩୦) ଓ କିଶୋର ୱାଟାକା (୨୩)ଙ୍କ ମୃତ୍ୟୁ ହୋଇଥିଲା। ସେମାନେ ନୀଳାବାଡ଼ି ଗ୍ରାମର ବାସିନ୍ଦା। କ୍ରିଷ୍ଣା ୱାଟାକା (୨୩) ଏଥିରୁ ବର୍ତ୍ତିଯାଇଥିଲେ। ଟ୍ରାକ୍ଟର ଚାଳକଙ୍କ ସହ ୫ ଜଣ ସେଠାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ୪ ଜଣ ଆଗ୍ନିକ ଆସି ମୃତ ଶ୍ରମିକଙ୍କୁ ମାଟି ଭିତରୁ ବାହାର କରିଥିଲେ। ଟ୍ରାକ୍ଟର ମାଲିକ ବୋଡି ବଂଶୀ କୃଷ୍ଣ ବନ୍ଧୁଗାଁ ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ୨ଦିନିଆ ଓଡ଼ିଶା ଗସ୍ତରେ ଏନ୍ଏଚ୍ଏଆଇ ପ୍ରତିନିଧି ଦଳ

**ଭୁବନେଶ୍ୱର,୧୪।୮(ବ୍ୟୁରୋ):** ଜାତୀୟ ରାଜପଥ ପ୍ରାଧିକରଣ(ଏନ୍ଏଚ୍ଏଆଇ)ର ଏକ ପ୍ରତିନିଧି ଦଳ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ପ୍ରତିନିଧି ଦଳ ଚଳିତ ମାସ ୧୬ ଏବଂ ୧୭ରେ ରାଜ୍ୟରେ ବିଭିନ୍ନ ଜାତୀୟ ରାଜପଥ ସମ୍ବନ୍ଧୀୟ ସମୀକ୍ଷା କାର୍ଯ୍ୟ କରିବେ। ଏଥିରେ ରାଜ୍ୟ ସରକାରଙ୍କ ରାଜସ୍ୱ, ଜଙ୍ଗଲ ଓ ପରିବେଶ, ଶକ୍ତି ଏବଂ ନିର୍ମାଣ ବିଭାଗ ଅଧିକାରୀମାନେ ମଧ ଉପସ୍ଥିତ ରହିବେ ବୋଲି ଜଣାପଡିଛି। ଏହି ସମୀକ୍ଷା ବୈଠକରେ ଚାଲୁଥିବା ପ୍ରକଳ୍ପ, ରାଜପଥର ମରାମତି, ଅନୁଦାନ ଇତ୍ୟାଦି ପ୍ରସଙ୍ଗରେ ଆଲୋଚନା ହେବ।


**OFFICE OF THE PRINCIPAL**
**TENTULIA SASANDEBASTHAN COLLEGE**
At/PO: Bijaya Dhanurjayapur, Dist.: Ganjam, Odisha, PIN: 761120
**Tender Notice No. TSD/OHEPEE/2019/IDP-2** **Date: 13.08.2019**
**QUOTATION/TENDER CALL NOTICE**

Sealed quotations are invited from reputed Manufacturers / Authorized Distributors / Dealers for procurements of laboratory equipment / books / water purifier with RO for IDP (World Bank Funding under OHEPEE, Govt. of Odisha). Detailed specifications, terms and conditions. Tender paper are available in the OHEPEE link of college website: tsdcollege.in. Last date for submission of Quotations / tenders is 15 days from the date of publication of the notice.

*Sd./- Principal*



**କେନ୍ଦୁଝରଗଡ଼ ପୌରପରିଷଦ କାର୍ଯ୍ୟାଳୟ, କେନ୍ଦୁଝରଗଡ଼**
ପତ୍ରସଂଖ୍ୟା.୪୩୩୯ ତା.୧୪।୦୮।୨୦୧୯

**ନୋଟିସ୍**

ଏତଦ୍ୱାରା କେନ୍ଦୁଝରଗଡ଼ ପୌରାଞ୍ଚଳର ସମସ୍ତ ଅଧିବାସୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ବଡହଳ/ଡି.ଡି.କଲେଜ ନିକଟରେ ଭେଣ୍ଡିଂ ଜୋନ/ଧାଙ୍ଗଡପଡା ସ୍ଥିତ ମାଛ/ମାଂସ ଦୋକାନ ଗୃହ/ଧାଙ୍ଗପଡା ଗୋଦାମ ଗୃହ/ଷ୍ଟେଟ ବ୍ୟାଙ୍କ ପଛପାଖ ଓ ଗାନ୍ଧୀ ମାର୍କେଟ ଦୋକାନ ଘର ଆବଣ୍ଟନ କରି ଭଡା ସୂତ୍ରରେ ଦିଆଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଅଛି। ଏଣୁ ଇଚ୍ଛୁକ ବ୍ୟକ୍ତିମାନେ ତା.୧୬।୦୮।୨୦୧୯ରିଖଠାରୁ ତା.୨୨।୦୮।୨୦୧୯ରିଖ (୫.୦୦ଟିକା) ମଧ୍ୟରେ ପୌର କାର୍ଯ୍ୟାଳୟରେ ଟ.୧୦୦.୦୦ (ଏକଶହ) ଟଙ୍କା ଅଣ ଫେରସ୍ତ ଦାଖଲକରି ନିର୍ଦ୍ଧାରିତ ଫର୍ମ ସଂଗ୍ରହକରି ତା୨୨।୦୮।୨୦୧୯ରିଖ (୫.୦୦ଟିକା) ସୁଦ୍ଧା ପୌର କାର୍ଯ୍ୟାଳୟରେ ଦାଖଲ କରନ୍ତୁ। ଯେଉଁ ବ୍ୟବସାୟୀମାନେ ପୂର୍ବରୁ ସେଠାରେ ବସି ବ୍ୟବସାୟ କରୁଥିଲେ ସେମାନଙ୍କୁ ଆବଣ୍ଟନ ନିମନ୍ତେ ଅଗ୍ରାଧିକାର ଦିଆଯିବ।

ସ୍ୱା./- ନିର୍ବାହୀ ଅଧିକାରୀ
କେନ୍ଦୁଝରଗଡ଼ ପୌରପାଳିକା



**GOVERNMENT OF ODISHA** No. 261-O:-
**OFFICE OF THE EXECUTIVE ENGINEER**
**RURAL WORKS DIVISION, SUNABEDA**
No. 2814 Date: 31.07.19

**OFFICE ORDER**

InpursuancetoonlineTenderCallNoticeNo.01EERWDSBD/2019-20 is hereby cancelled due to technical problem.

*Sd./- Executive Engineer*
*R.W. Division, Sunabeda*
25059/11/0002/1920



**ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ**
ନଂ. ୮୮୩୨ ତା୧୩।୦୮।୧୯

**ବିଜ୍ଞାପନ**

ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧୀନରେ ବିଭିନ୍ନ ଜିଲ୍ଲାରେ ଥିବା ଜମିବାଡ଼ି ବାବଦୀୟ କାର୍ଯ୍ୟ ପରିଚାଳନା କରିବା ନିମନ୍ତେ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ କିମ୍ବା ଓଡ଼ିଶା ରାଜସ୍ୱ ସେବା ଅଧିକାରୀ, ଅମିନ, ନାଏବ ତହସିଲଦାର ଓ ରାଜସ୍ୱ ପରିଦର୍ଶକଙ୍କର ଆବଶ୍ୟକତା ହେଉଅଛି। ଇଚ୍ଛୁକ ପ୍ରାର୍ଥୀମାନଙ୍କ ନିମନ୍ତେ ଆବେଦନର ଶେଷ ତାରିଖ ୨୬।୦୮।୨୦୧୯ ଅଟେ। ସବିଶେଷ ତଥ୍ୟ ଶ୍ରୀମନ୍ଦିର ୱେବ୍ସାଇଟ୍ **http://jagannath.nic.in**ରେ ଉପଲବ୍ଧ ଅଟେ।

ସ୍ୱା./- ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨ଲ ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍ସାଇଟ୍ www.oshb.org
ପତ୍ର ସଂଖ୍ୟା. 23 **ବିଜ୍ଞାପନ** ତା 6-8-19

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ ଏମ୍ଆଇଜି-୧୧୦ (MIG-110) କପିଳ ପ୍ରସାଦ, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ରାମ ଗୋପାଳ ଅଗ୍ରୱାଲ, ପିତା-ସ୍ୱ ସୂରଜମଲ୍ଲ ଅଗ୍ରୱାଲ, ସା-ବାଖରାବାଦ, ପୋ-କଟକ-୨, ଥାନା-ଲାଲବାଗ, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ରାମ ଗୋପାଳ ଅଗ୍ରୱାଲ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ରାଜକିଶୋର ପାତ୍ର, ପିତା-ସ୍ୱ କାଶୀନାଥ ପାତ୍ର, ସା/ପୋ-କଲ୍ୟାଣପୁର, ଥାନା-ଶରଣକୁଳ, ଜିଲ୍ଲା-ନୟାଗଡ଼ଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ /ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା-ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**KASTURABA GANDHI BALIKA VIDYALAYA, S.CHACHINA, BLOCK-BEGUNIAPADA**

TENDER CALL NOTICE

Sealed Tenders are invited from the registered/reputed firms and manufacturer for supply of the following items like Grocery, Night Dress/Sports Dress materials and Bedding Items, Cosmetic & Toilet items, Office /student/computer stationaries, Non-Veg, 8. Bakery items to the Kasturba Gandhi Balika Vidyalaya S.CHACHINA Block BEGUNIAPADA, District GANJAM for the Year-2019-20. The Tender form with other particulars and list of items can be obtained from the Office of the KGBV S.CHACHINA from 10:00 a.m. to 4:00 p.m. in all working day w.e.f.16.08.2019 to 26.08.2019 on payment of 200/- (Two' hundred only) non refundable in cash or Bank draft payable in the State Bank of India, Kodala Branch. The tenders completed in all respect along with requisite documents and Earnest Money in shape of Bank Draft in favour of the Head Master/Mistress and SMC Chairperson, KGBV S.CHACHINA payable at State Bank of India, Kodala Branch would only be deposited in this KGBV upto 4:00 P.M. of dt 26.08.2019.

The KGBV Level Purchase Committee meeting will be held on dt 27.08.2019 for tender opening 2 P.M. in the School Permises. The Chairman of the Purchase Committee reserves the right to accept or reject the tender in whole or in part without assigning any reason thereof.

**Sd./- Smt. Muna Mahapatra**
**Head Master / Mitre**



**କେନ୍ଦ୍ରାପଡ଼ା ପୌରପରିଷଦ, କେନ୍ଦ୍ରାପଡ଼ା**
**(ଓଡ଼ିଶାର ସର୍ବ ପୁରାତନ ତଥା ଐତିହାସିକ ପୌରସଂସ୍ଥା ଆପଣମାନଙ୍କୁ ପବିତ୍ର ସ୍ୱାଧିନତା ଦିବସ-୨୦୧୯ ଉପଲକ୍ଷେ ଅଭିନନ୍ଦନ ଜଣାଉଅଛି।)**

**ଆମର ସଫଳତା**

୧. ପୌରପାଳିକାର ଗୃହ ଓ ଆଲୋକ ଟିକସ ତଥା ବ୍ୟବସାୟିକ ଟିକସ ପ୍ରତ୍ୟେକ ବର୍ଷ ଠିକ୍ ସମୟରେ ପଇଠ କରନ୍ତୁ।
୨. ଗାଈଗୋରୁ ଗୃହପାଳିତ ଜୀବଜନ୍ତୁମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।
୩. ପୌରପାଳିକା ଦ୍ୱାରା ନିର୍ମିତ ଟାଉନହଲ, କଲ୍ୟାଣ ମଣ୍ଡପ ଏବଂ କମ୍ୟୁନିଟିହଲରେ ସଭା କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ନିମନ୍ତେ ସୁଯୋଗ ନିଅନ୍ତୁ।
୪. ୨୦ଲକ୍ଷ ଟଙ୍କା ବ୍ୟୟରେ ୪୩ଗୋଟି ଭେଣ୍ଡିଂଜୋନ ନିର୍ମାଣ କରାଯାଇଅଛି ଏବଂ ୨୦ଲକ୍ଷ ଟଙ୍କା ବିନିମୟରେ ଭେଣ୍ଡିଂଜୋନ ନିର୍ମାଣ ପାଇଁ କାର୍ଯ୍ୟ ଚାଲୁଅଛି।
୫. ୩୫ଲକ୍ଷ ଟଙ୍କା ବ୍ୟୟରେ ୨ଗୋଟି ନୂତନ ପାର୍କ ନିର୍ମାଣ ଓ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ନିକଟସ୍ଥ ବିଜୁପଟ୍ଟନାୟକ ପାର୍କର ନିର୍ମାଣ କାର୍ଯ୍ୟ ଚାଲୁଅଛି।
୬. ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ୧୭୦୦ ଜଣ ହିତାଧିକାରୀଙ୍କର ଗୃହନିର୍ମାଣ କାର୍ଯ୍ୟ ଚାଲୁଅଛି।
୭. ୨କୋଟି ୭୨ଲକ୍ଷ୍ୟ ଟଙ୍କା ବ୍ୟୟରେ ମହାଭୋଇ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଟେଣ୍ଡର ଆହ୍ୱାନ କରାଯାଇଅଛି।

ଶ୍ରୀଯୁକ୍ତ ଦେବ ପ୍ରସାଦ ବଳ, ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ଜ୍ୟୋତିଶଙ୍କର ମହାପାତ୍ର, ଓ.ପ୍ର.ସେ (ଏସ୍‌ବ), ପ୍ରଶାସକ, ଉପଜିଲ୍ଲାପାଳ, କେନ୍ଦ୍ରାପଡ଼ା



See Career Appointment on every **Wednesday & Saturday**



**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.CAD-293 **REQUEST FOR PROPOSAL No. 02/OMC/Civil/2019-20**

The OMC Ltd., a Gold Category State PSU of Odisha, intends to engage one Consultant for development of a 9mtr width new four lane concrete road & preparation of DPR with estimate of the same road from Danla security gate to Jagar in Suakati, Gandhamardan Iron Ore Mines in the dist. of Keonjhar.

Interested consultant/consulting firm having experience in similar type of work may participate in the REQUEST FOR PROPOSAL. The RFP document comprising scope of work, terms of conditions and other shall be available at OMC website www.omcltd.in from 22.08.2019. The RFP shall be received by the under signed up to at 1.00PM on 27.08.2019. The RFP shall be opened at 3.00PM on the same day.

The RFP can also be submitted through speed post/registered post but the authority shall not be responsible for any postal delay or non-receipt of RFP within time period.

The OMC Ltd. reserves the right to reject any or all RFPs without assigning any reasons thereof.

*Sd/- 14.08.2019*
Sr. Manager (C)
30005/11/0042/1920



OFFICE OF THE
**MUNICIPALITY, BASUDEVPUR**
**At/PO: Basudevpur, Dist: Bhadrak, Odisha, Pin-756125**
**Phone/Fax: (06784) 271252, E-mail: Basudevpurn.hud@nic.in**
**Letter No. 3024** **Date: 14.08.19**

**Notice Inviting Expression of Interest**

Expression of Interest (EOI) on percentage rate basis are invited from reputed Firms/ Technical Institutions/ Specialized Experts for field survey. Suitable Feasibility test, Soil bearing capacity test, Study of required data as per OPWD and related guidelines governing stipulations for preparation of Detailed Project Report (DPR) including plan, site map, detailed drawing, structural design and estimate in respect of following projects to be executated in Basudevpur Municipality, Dist- Bhadrak-756125, Odisha through Registered Post/ Speed Post only (not through courier service) on or before 26.08.2019 by 5.30 PM. The intending firms/ technical institutions and specialized experts are required to submit the copies of their GST Registration, PAN card and registration certificate if any, etc. alongwith the Security Deposit in shape of DD/ BC in favour of Executive Officer, Basudevpur Municipality payable at Basudevpur without which the quotation will not be taken into consideration.

| Sl. No. | Title of the Project | Security Deposit (in Rs.) (to accompany quotation) | Time for Submission of DPR |
|---|---|---|---|
| 1 | Construction of Bus Stand at Bali Nagar | Rs. 10,000.00 | 1 Month |
| 2 | Construction of Executive Officer Quarter | Rs. 5,000.00 | |
| 3 | Construction of Staff Quarter | Rs. 10,000.00 | |
| 4 | Construction of Public Toilet | Rs. 5,000.00 | |
| 5 | Construction of Library near Tahasil Campus | Rs. 10,000.00 | |
| 6 | Construction of Smart Park | Rs. 10,000.00 | |
| 7 | Construction of Crematorium | Rs. 10,000.00 | |

The details are available in the official website of Basudevpur Municipality i.e. **www.basudevpurmunicipality.in** from dt. 16.08.2019 to 26.08.2019 upto 5.30 PM.
The Bids shall be opened in presence of bidders or available authorized representatives of those bidders on dt. 27.08.2019 at 11 AM.

1. The firm should have adequate no. of qualified engineers under it's to take up such work.
2. The authority reserves the right to accept or reject any or all tender without assign any reason thereof.

**Sd./- Executive Officer,**
**Municipality, Basudevpur**



GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS CIRCLE, CUTTACK
No.260-O email :- serw_ctc@yahoo.com

**No. Tender Online RWC 08-19** e-Procurement NOTICE **Date................**

**1. Name of the work:- Construction of Building works.**
**2. Class of contractor**

| | |
|---|---|
| a) Estimated cost more than Rs.3.00 Crores & upto Rs.6.00 Crores | a) A Class & Special Class(of Odisha PWD) relevant class of other licensing authorities |
| b) Estimated cost more than Rs. 40.00 Lakhs & up to Rs. 3.00 Crores | b) B class & A Class (of Odisha PWD) relevant class of other licensing authority. |
| 3. Time for completion | Noted against the work as per Annexure |

4. Summary for key dates is provided below :

| Procurement Officer | Bid Identification No. | Availability of Tender on-line for bidding: From | Availability of Tender on-line for bidding: To | Last date & time of seeking tender clarification | Date & Time of opening of tender: Technical Bid | Date & Time of opening of tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Cuttack. | Tender Online RWC 08-19 | 20.08.2019 at 11 A.M. | 05.09.2019 up to 5.00 P.M | 04.09.2019 up to 5.00 P.M. | 07.09.2019 at 11.00 A.M. | Will be intimated later. |

Further details can be seen from the website **www.tendersorissa.gov.in**

**Sd./- Superintending Engineer**
**Rural Works Circle, Cuttack**
25097/11/0005/1920



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁଡାରୀ, ରାୟଗଡ଼ା**
**ବିଜ୍ଞାପନ ସଂଖ୍ୟା.୧୧୫୯** **ତା.୦୮।୦୮।୨୦୧୯**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୨୦୧୮-୧୯ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ସାମାଜିକ ସମୀକ୍ଷା ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ କରାଯିବ। ଏହି ଗ୍ରାମସଭା ମାଧ୍ୟମରେ ନିମ୍ନସୂଚୀମତେ ସମ୍ପାଦନ କରିବା ପାଇଁ ସ୍ଥିର ହୋଇଛି। ଏଥି ନିମନ୍ତେ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚମାନଙ୍କୁ ନୋଟିସ୍, ଡେଙ୍ଗୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ବହୁଳ ପ୍ରଚାର କରିବା ପାଇଁ ପରାମର୍ଶ ଦିଆଗଲା। ଏଥିରେ ସମସ୍ତ ଅଣକୁଶଳୀ ଶ୍ରମିକମାନେ ନିଜ ନିଜର ଜବ୍‌କାର୍ଡ ସାଥିରେଧରି ନିମ୍ନ କାର୍ଯ୍ୟସୂଚୀମତେ ପଞ୍ଚାୟତରେ ଉପସ୍ଥିତ ରହି ସାମାଜିକ ସମୀକ୍ଷାରେ ଭାଗନେବେ। ପଞ୍ଚାୟତରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମଷ୍ଟରରୋଲ୍ କାର୍ଯ୍ୟର ଗୁଣବତ୍ତା ଇତ୍ୟାଦି ବିଷୟରେ ଆଲୋଚନା ହେବ।

**ଗ୍ରାମ ସଭାର ଆଲୋଚ୍ୟ ବିଷୟ :-**

୧. ମଷ୍ଟରରୋଲ୍ କ୍ରମିକ ସଂଖ୍ୟା ଓ ପ୍ରୋଗ୍ରାମ୍ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା କ୍ରମିକ ସଂଖ୍ୟା ସହ ସମାନ କି ନାହିଁ। ୨. ମଷ୍ଟରରୋଲ୍‌ରେ ଦର୍ଶିତ ଜବ୍‌କାର୍ଡ୍ ନମ୍ବରଟି ଅଣକୁଶଳୀ ବା କୁଶଳୀ ଶ୍ରମିକର କି ନୁହେଁ। ୩. ମଷ୍ଟରରୋଲ୍‌ରେ ପ୍ରଦର୍ଶିତ କାର୍ଯ୍ୟଦିବସ ଅନୁଯାୟୀ ମାପ ହେଉଥିବା କାର୍ଯ୍ୟର ପରିମାଣ ଓ ପ୍ରାପ୍ତ ଠିକ୍ କି ନାହିଁ। ୪. ମଷ୍ଟରରୋଲ୍‌ରେ ଦର୍ଶାଯାଇଥିବା ବିବରଣୀ ଜବ୍‌କାର୍ଡ୍‌ଗୁଡିକରେ ମଷ୍ଟରରୋଲ୍ ମୁତାବକ ଦରଜ କରାହୋଇଛି କି ନାହିଁ। ୫. ମଷ୍ଟରରୋଲ୍ ଅନୁଯାୟୀ ମାପ ବହିର ପରିମାଣ ସହ ସାମଞ୍ଜସ୍ୟ ଅଛି କି ନାହିଁ। ୬. ମଷ୍ଟରରୋଲ୍ ଅନୁଯାୟୀ ଅଣକୁଶଳୀ ଶ୍ରମିକମାନଙ୍କର ନାମ ଠିକ୍ ଅଛି କି ନାହିଁ।

| କ୍ର. ନଂ | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ସାମାଜିକ ସମୀକ୍ଷା ଗ୍ରାମ ସଭା ତାରିଖ ଓ ସମୟ | ବ୍ଲକ୍ ସ୍ତରୀୟ ଜନ ଶୁଣାଣି ଦିବସ | ଗ୍ରାମ ସଭା ଦିନ ଉପସ୍ଥିତ ରହିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀ |
|---|---|---|---|---|---|---|
| ୧ | କର୍ଲାଘାଟି | ୧୭।୦୮।୧୯ | ୨୯।୦୮।୧୯ | ୩୦।୦୮।୧୯ | ୧୪।୧୦।୨୦୧୯ | ବିଶିକେଶନ ଲିମା, A.P.O |
| ୨ | ପେଣ୍ଡିଲି | ୧୭।୦୮।୧୯ | ୨୮।୦୮।୧୯ | ୩୦।୦୮।୧୯ | | ଦଣ୍ଡାସୀ ମାଣ୍ଡାଙ୍ଗି, G.P.E.O |
| ୩ | ଖାରିଗୁଡା | ୧୭।୦୮।୧୯ | ୨୮।୦୮।୧୯ | ୩୦।୦୮।୧୯ | | ମାନସ ରଞ୍ଜନ ବାରିକ, B.P.M |
| ୪ | ମଧୁବନ | ୧୦।୦୯।୧୯ | ୨୦।୦୯।୧୯ | ୨୧।୦୯।୧୯ | | ବିଶିକେଶନ ଲିମା, A.P.O |
| ୫ | ଅସଡା | ୧୦।୦୯।୧୯ | ୧୬।୦୯।୧୯ | ୧୭।୦୯।୧୯ | | ମାନସ ରଞ୍ଜନ ବାରିକ, B.P.M |
| ୬ | ଶିରିଗୁଡା | ୧୦।୦୯।୧୯ | ୨୦।୦୯।୧୯ | ୨୧।୦୯।୧୯ | | ଦଣ୍ଡାସୀ ମାଣ୍ଡାଙ୍ଗି, G.P.E.O |
| ୭ | କଦମା | ୩୦।୦୯।୧୯ | ୧୨।୧୦।୧୯ | ୧୪।୧୦।୧୯ | | ମାନସ ରଞ୍ଜନ ବାରିକ, B.P.M |
| ୮ | ଏମ୍.କେ.ରାଇ | ୩୦।୦୯।୧୯ | ୧୨।୧୦।୧୯ | ୧୪।୧୦।୧୯ | | ବିଶିକେଶନ ଲିମା, A.P.O |
| ୯ | ସାନହୁମା | ୩୦।୦୯।୧୯ | ୧୨।୧୦।୧୯ | ୧୪।୧୦।୧୯ | | ଦଣ୍ଡାସୀ ମାଣ୍ଡାଙ୍ଗି, G.P.E.O |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୁଡାରୀ

# ବଡ଼ ପରଦାରେ ଦେଶପ୍ରେମ



ଚଳଚ୍ଚିତ୍ର ଏଲ୍‌ଓସି କାର୍ଗିଲ୍


ଚଳଚ୍ଚିତ୍ର 'ମଦର ଇଣ୍ଡିଆ'ରେ ନର୍ଗିସ୍

ଦେଶପ୍ରେମକୁ ନେଇ କେବଳ ପ୍ରାନ୍ତୀୟ ଭାଷାରେ ନୁହେଁ, ବଲିଉଡ୍‌ରେ ଅନେକ ସିନେମା ନିର୍ମିତ ହୋଇଛି। ଉପଯୁକ୍ତ କାହାଣୀ ଚୟନ, ମନକୁ ଛୁଇଁଲା ଭଳି ଉପସ୍ଥାପନା ଶୈଳୀ ଏହି ଚଳଚ୍ଚିତ୍ରଗୁଡ଼ିକୁ ହିଟ୍ ପର୍ଯ୍ୟାୟଭୁକ୍ତ କରିବାରେ ସହାୟକ ହୋଇଛି। ଭିନ୍ନ ଭିନ୍ନ ସମୟରେ ଚର୍ଚ୍ଚିତ ଦେଶପ୍ରେମ ବିଷୟବସ୍ତୁକୁ ଆଧାର କରି ପ୍ରସ୍ତୁତ ସିନେମା ସାଉଁଟିଛି ଅନେକ ପ୍ରଶଂସା। ହିନ୍ଦୀ ସିନେମା ଜଗତରେ ଏହି ତାଲିକା ବେଶ୍ ଲମ୍ବା। ତନ୍ମଧ୍ୟରୁ କେତେକ ହିଟ୍ ଚଳଚ୍ଚିତ୍ର ସମ୍ପର୍କରେ ସୂଚନା...

## ଉରି : ଦ ସର୍ଜିକାଲ ଷ୍ଟ୍ରାଇକ୍

ଚଳିତ ବର୍ଷ ରିଲିଜ ହୋଇଥିବା ଏହି ଦେଶାତ୍ମବୋଧ ଫିଲ୍ମଟି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଆଦିତ୍ୟ ଧରଙ୍କ ନିର୍ଦ୍ଦେଶନାରେ ଫିଲ୍ମଟିକୁ ମିଳିଛି ଆଶାତୀତ ସଫଳତା। ଉକ୍ତ ସିନେମାଟି ୩୦୦କୋଟି କ୍ଲବ୍‌ରେ ସାମିଲ ହେବା ସହ ୪ଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର (ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତା) ପାଇବାରେ ସକ୍ଷମ ହୋଇଛି। ଏଥିରେ ନବାଗତ ଭିକି କୌଶଲ ଏବଂ ପରେଶ ରାଓ୍ୱଲଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି।


ଆମୀର ଖାନ

## ଏଲ୍‌ଓସି କାର୍ଗିଲ

ଜେ. ପି. ଦତ୍ତାଙ୍କ ନିର୍ଦ୍ଦେଶନାରେ 'ଏଲଓସି କାରଗିଲ୍' ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲା। ଦେଶାତ୍ମବୋଧକୁ ବେଶ୍ ସୁନ୍ଦର ଭାବରେ ଏଥିରେ ଅବତାରଣା କରାଯାଇଥିଲା। ଫିଲ୍ମର ବିଭିନ୍ନ ଭୂମିକାରେ ସଞ୍ଜୟ ଦତ୍ତ, ସୁନୀଲ ସେଟ୍ଟି, ଅଭିଷେକ ବଚ୍ଚନ, ସୈଫ ଅଲ୍ଲୀ ଖାଁ ଏବଂ ଅକ୍ଷୟ ଖାନ୍ନା ଅଭିନୟ କରିଥିଲେ।

## ବର୍ଡର

ଥରେ ମନେ ପକାନ୍ତୁ ନା ସେହି ସୁପରହିଟ୍ ଗୀତ 'ସନ୍ଦେସେ ଆତା ହୈ'କୁ। ହିନ୍ଦୀ ସିନେମା 'ବର୍ଡର'ରେ ସ୍ଥାନୀତ ଏହି ଗୀତ କେବଳ ସେ ସମୟରେ ନୁହେଁ ଏବେ ମଧ୍ୟ ସିନେପ୍ରେମୀଙ୍କ ମନରେ ସତେଜ ହୋଇରହିଛି। ଜେ.ପି. ଦତ୍ତାଙ୍କ ଏହି ମଲଟି ଷ୍ଟାରର ଫିଲ୍ମରେ ସନି ଦେଓଲ, ସୁନୀଲ ସେଟ୍ଟି, ଅକ୍ଷୟ ଖାନ୍ନା, ଜ୍ୟାକି ଶ୍ରଫଙ୍କ ପରି ଅଭିନେତାଙ୍କ ଜୀବନ୍ତ ଅଭିନୟ ସ୍ମରଣୀୟ ହୋଇରହିଛି। ୧୯୭୧ରେ ସଂଘଟିତ ଭାରତ-ପାକିସ୍ତାନ ଯୁଦ୍ଧକୁ ଏହି ସୁପରହିଟ୍ ଫିଲ୍ମରେ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଥିଲା।


'ଉରି : ଦ ସର୍ଜିକାଲ ଷ୍ଟ୍ରାଇକ୍ ଚଳଚ୍ଚିତ୍ର'ରେ ଭିକି କୌଶଲ

## ଦ ଲିଜେଣ୍ଡ ଅଫ୍ ଭଗତ ସିଂ

ଭାରତର ସ୍ୱାଧୀନତା ସଂଗ୍ରାମକୁ ଆଗେଇ ନେଇଥିବା ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ଭଗତ ସିଂ ଅନ୍ୟତମ। ତାଙ୍କର ଜୀବନୀକୁ ନେଇ ଆଗଧାଡ଼ିର ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀ ନିର୍ମାଣ କରିଥିଲେ ଦେଶାତ୍ମବୋଧକ ସିନେମା 'ଦ ଲିଜେଣ୍ଡ ଅଫ ଭଗତ ସିଂ'। ଫିଲ୍ମର ଟାଇଟଲ ଭୂମିକାରେ ଅଜୟ ଦେବଗନଙ୍କ ଅଭିନୟକୁ ଦର୍ଶକେ ଢେର ପ୍ରଶଂସା କରିଥିଲେ।

## ଲଗାନ୍

ବ୍ରିଟିଶ ଶାସନ ସମୟରେ ଭାରତର କୃଷକମାନେ ମଧ୍ୟ ନିର୍ଯାତିତ ହୋଇଥିଲେ। ଅଯଥା କର ଭାରରେ ସେମାନଙ୍କ ବଞ୍ଚିବାର ମେରୁଦଣ୍ଡ ଭାଙ୍ଗିଯାଇଥିଲା। ଏପରି ଏକ ବିଷୟ ବସ୍ତୁରେ କ୍ରିକେଟ୍ ଖେଳକୁ ପଞ୍ଝ କରି ବେଶ୍ ସୁନ୍ଦର ସିନେମାଟିଏ ନିର୍ମାଣ କରିଥିଲେ ନିର୍ଦ୍ଦେଶକ ଆଶୁତୋଷ ଗୋଓ୍ୱାରିକର। ବ୍ରିଟିଶ ଶାସନକୁ ଚ୍ୟାଲେଞ୍ଜ ଦେଇ ଭାରତୀୟ କୃଷକମାନେ ଏକ କ୍ରିକେଟ ମ୍ୟାଚ୍ ଆୟୋଜନ କରିଥିଲେ ଏବଂ ସେଥିରେ ନିଜର ଦକ୍ଷତା ଦେଖାଇ ବିଜୟୀ ହୋଇଥିଲେ। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଆମୀର ଖାଁ।

## ମଙ୍ଗଲ ପାଣ୍ଡେ : ଦ ରାଇଜିଂ

ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ମଙ୍ଗଲ ପାଣ୍ଡେ ନିଜର ଦେଶଭକ୍ତିର ପରିଚୟ ଦେଇ ନିଜକୁ ଜଣେ ଆଗଧାଡ଼ିର ସ୍ୱାଧୀନତା ସଂଗ୍ରାମୀ ଭାବରେ ପରିଚିତ କରାଇପାରିଥିଲେ। ତାଙ୍କର ଜୀବନୀକୁ ନେଇ ନିର୍ମିତ ହୋଇଥିଲା ହିନ୍ଦୀ ସିନେମା 'ମଙ୍ଗଲ ପାଣ୍ଡେ : ଦ ରାଇଜିଙ୍ଗ'। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଆମୀର ଖାଁ। ଏଥିରେ ଆମୀରଙ୍କ ହେୟାର ଷ୍ଟାଇଲ୍ ଯୁବପିଢ଼ିଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ୧୮୫୭ର ପାଇକ ବିଦ୍ରୋହକୁ ଏହି ଫିଲ୍ମରେ ବେଶ୍ ସୁନ୍ଦର ଭାବରେ ଅବତାରଣା କରାଯାଇଥିଲା। ୨୦୦୫ରେ ନିର୍ମିତ ଏହି ଦେଶାତ୍ମବୋଧକ ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ କେତନ ମେହେଟ୍ଟା।

## ଗଦ୍ଦର : ଏକ ପ୍ରେମ କଥା

୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେବା ପରେ ଦେଶ ବିଭାଜନ ଘଟଣାକୁ ନେଇ ନିର୍ମିତ ହୋଇଥିଲା ହିନ୍ଦୀ ସିନେମା 'ଗଦ୍ଦର : ଏକ ପ୍ରେମ କଥା'। ଭାରତ-ପାକିସ୍ତାନ ବିଭାଜନ ସମୟରେ ଘଟଣାକୁ ବେଶ୍ ସୁନ୍ଦର ଭାବରେ ଅବତାରଣା କରିଥିଲେ ନିର୍ଦ୍ଦେଶକ ଅନିଲ ଶର୍ମା। ଏଥିରେ ସନି ଦେଓଲଙ୍କ ଭୂମିକା ସେ ସମୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା। ବିଦେଶ ମାଟିରେ ଦେଶବିରୋଧୀ ସ୍ଲୋଗାନ ଦେବାକୁ ତାଙ୍କୁ ଯେତେବେଳେ ବାଧ୍ୟ କରାଗଲା ସେ କ୍ରୋଧାନ୍ୱିତ ହୋଇ ଏକ ନଳକୂଅକୁ ଓପାଡ଼ି ଦେଇଥିଲେ। ଏହି ଦୃଶ୍ୟ ଏବେ ମଧ୍ୟ ଚଳଚ୍ଚିତ୍ରପ୍ରେମୀଙ୍କ ମନରେ ଅପାସୋରା ହୋଇ ରହିଛି।

**ସ୍ୱଦେଶ :** ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା'ରେ ଜଣେ ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକ ଭାବରେ କାର୍ଯ୍ୟରତ। କାର୍ଯ୍ୟ ଭିତରେ ସେ ଅଳ୍ପ ଦିନ ପାଇଁ ଭାରତକୁ ଆସନ୍ତି। ଆଉ ସେଠାରେ ତାଙ୍କର ପିଲାଦିନର ସ୍ମୃତି ତାଙ୍କୁ ବିମୋହିତ କରିଦିଏ। ତାଙ୍କର ଦେଶାତ୍ମବୋଧକୁ ନେଇ ପ୍ରସ୍ତୁତ ହୋଇଥିଲା ଏକ ହୃଦୟସ୍ପର୍ଶୀ ହିନ୍ଦୀ ସିନେମା 'ସ୍ୱଦେଶ'। ଏଥିରେ ଶାହରୁଖଙ୍କ ଅଭିନୟକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ଆଶୁତୋଷ ଗୋଓ୍ୱାରିକର।

## କ୍ରାନ୍ତିବୀର

ଦେଶାତ୍ମବୋଧ ହିନ୍ଦୀ ସିନେମା ବିଷୟରେ ଆଲୋଚନା କରିବା ସମୟରେ ସ୍ୱତଃ ଆଖି ସାମ୍ନାକୁ ଚାଲିଆସେ ନାନା ପାଟେକରଙ୍କ ଛାତିଥରା ଡାଏଲଗ୍। ୧୯୯୪ରେ ପରଦା ଉପରକୁ ଆସିଥିବା 'କ୍ରାନ୍ତିବୀର' ସିନେମାରେ ତାଙ୍କର ଅଭିନୟ ବିଶେଷ ଭାବରେ କ୍ଲାଇମାକ୍ସରେ ତାଙ୍କର ଡାଏଲଗ୍ ଏ ପର୍ଯ୍ୟନ୍ତ ଅନେକଙ୍କ ମନରେ ବେଶ୍ ସତେଜ ହୋଇ ରହିଛି। ଜଣେ ଭାରତୀୟ କେତେ ଦେଶପ୍ରେମୀ ହୋଇପାରେ ତାହାର ଜ୍ୱଳନ୍ତ ଉଦାହରଣ ଥିଲା 'କ୍ରାନ୍ତିବୀର' ସିନେମାରେ ନାନା ପାଟେକରଙ୍କ ଭୂମିକା। ମେହୁଲ କୁମାରଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ସିନେମାଟିର ବଜେଟ ଥିଲା ମାତ୍ର ଦୁଇ କୋଟି ଏବଂ ବକ୍ସ ଅଫିସରେ ଏହା ୧୫କୋଟି ଆୟ କରିଥିଲା।

## ମଦର ଇଣ୍ଡିଆ

ବଲିଉଡ୍‌ରେ ନିର୍ମିତ ଦେଶାତ୍ମବୋଧ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରୁ 'ମଦର ଇଣ୍ଡିଆ'କୁ ଏକ ମାଇଲଷ୍ଟୋନ୍ ଭାବରେ ଗ୍ରହଣ କରାଯାଇଥାଏ। ଏଥିରେ ନର୍ଗିସ ଦତ୍ତଙ୍କ 'ରାଧା' ଭୂମିକାକୁ ଅନେକ ଅଭିନେତ୍ରୀ ନିଜ ଚରିତ୍ରର ଆଦର୍ଶ ଭାବରେ ଗ୍ରହଣ କରିଥିବାର ନଜୀର ରହିଛି। ନର୍ଗିସଙ୍କ ବ୍ୟତୀତ ଏହି ଫିଲ୍ମରେ ସୁନୀଲ ଦତ୍ତ, ରାଜ କୁମାର, ରାଜେନ୍ଦ୍ର କୁମାର ମଧ୍ୟ ଅଭିନୟ କରିଥିଲେ। ୧୯୫୭ରେ ପରଦା ଉପରକୁ ଆସିଥିବା ଏହି ସୁପରହିଟ୍ ଦେଶାତ୍ମବୋଧକ ଫିଲ୍ମର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଇଥିଲେ ମେହେବୁବ ଖାଁ। ଜଣେ ଗାଉଁଲି ନାରୀ ରାଧା କିପରି ଅଭାବ ଅନଟନ ସତ୍ତ୍ୱେ ନିଜର ଦେଶପ୍ରେମକୁ ଜାହିର କରିପାରୁଛି ତାହା ଏହି ସିନେମାରେ ଦେଖିବାକୁ ମିଳିଥିଲା।

## ୧୯୪୨ : ଏକ ଲଭ୍ ଷ୍ଟୋରି

ଭାରତର ପ୍ରାକ୍ ସ୍ୱାଧୀନତା ସଂଗ୍ରାମର ଏକ ହୃଦୟସ୍ପର୍ଶୀ ପ୍ରେମ କାହାଣୀକୁ ଏକ ସୁନ୍ଦର ଚଳଚ୍ଚିତ୍ରର ରୂପ ଦେଇଥିଲେ ବିଧୁଭୂଷଣ ଚୋପ୍ରା। ଲୋକପ୍ରିୟ ସ୍ୱର ସଂଯୋଜକ ଆର.ଡି. ବର୍ମନଙ୍କ ସୁମଧୁର ସଙ୍ଗୀତ ଫିଲ୍ମଟିକୁ ହିଟ୍ ପର୍ଯ୍ୟାୟଭୁକ୍ତ କରିବାରେ ଯଥେଷ୍ଟ ସହାୟକ ହୋଇଥିଲା। ଫିଲ୍ମର ମୁଖ୍ୟ ଭୂମିକାରେ ଅନିଲ କପୁର ଏବଂ ମନୀଷା କୋଇରାଲା ଅଭିନୟ କରିଥିଲେ।

## ସାତ ହିନ୍ଦୁସ୍ଥାନୀ

ପର୍ତ୍ତୁଗୀଜଙ୍କ ଅଧୀନରୁ ଗୋଆକୁ ସ୍ୱାଧୀନ କରିବା ପଛରେ ସାତ ଜଣ ଭାରତୀୟଙ୍କ ଭୂମିକାକୁ ବେଶ୍ ଜୀବନ୍ତ ଭାବରେ ଏହି ଫିଲ୍ମରେ ଉପସ୍ଥାପନା କରାଯାଇଥିଲା। ଖାସ୍ କଥା ହେଲା, ମିଲେନିୟମ ଷ୍ଟାର ଅମିତାଭ ବଚ୍ଚନ ଏହି ଫିଲ୍ମରୁ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏଥିରେ ଜଣେ ଦେଶପ୍ରେମୀ ଭାରତୀୟ ଭୂମିକାରେ ଅମିତାଭ ଅଭିନୟ କରିଥିଲେ।

## ଓଡ଼ିଆ ସିନେମାରେ ଦେଶପ୍ରେମ

'ବହି ଯାଏରେ ଗଙ୍ଗା ଉଡେ ତ୍ରିରଙ୍ଗା' ଗୀତଟି ସଂଯୋଜିତ ହୋଇଥିଲା ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ 'ବଳିଦାନ'ରେ। ଏକ ସ୍କୁଲରେ ଜାତୀୟ ପତାକାର ଉତ୍ତୋଳନ ସମୟରେ ଏହି ଗୀତଟିର ଦୃଶ୍ୟାୟନ ଦର୍ଶକଙ୍କୁ ପ୍ରଭାବିତ କରିଥିଲା। ଉକ୍ତ ଗୀତରେ ସ୍କୁଲ ପିଲାଙ୍କ ସହ ମହମ୍ମଦ ମହସୀନଙ୍କ ଅଭିନୟକୁ ସେ ସମୟରେ ବେଶ୍ ପ୍ରଭାବିତ କରିଥିଲା। ଓଡ଼ିଆ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କରଙ୍କ ସ୍ୱର ସଂଯୋଜନାରେ ପ୍ରସ୍ତୁତ ଏହି ଗୀତଟିକୁ ଏବେ ମଧ୍ୟ ଅନେକ ଗୁଣୁଗୁଣେଇ ଥାଆନ୍ତି। ସଂଗ୍ରାମ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ୨୦୦୬ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର 'ଆଇ ଲଭ୍ ମାଇଁ ଇଣ୍ଡିଆ'। ଦେଶପ୍ରେମ କାହାଣୀ ଉପରେ ଆଧାରିତ ଏହି ଚିତ୍ରରେ ବୁଦ୍ଧାଦିତ୍ୟ ମହାନ୍ତିଙ୍କ ଭୂମିକା ବେଶ୍ ପ୍ରଶଂସା ସାଉଁଟିଥିଲା।

## ଚର୍ଚ୍ଚିତ ଦେଶପ୍ରେମ ଗୀତ

ଥରେ ମନେପକାନ୍ତୁ ନା ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସ୍‌କରଙ୍କର ସେହି କାଳଜୟୀ ଗୀତ 'ୟେ ମେରେ ଓ୍ୱତନ କି ଲୋଗୋଁ'କୁ। କବି ପ୍ରଦୀପଙ୍କ ଦ୍ୱାରା ରଚିତ ଏହି ଦେଶାତ୍ମବୋଧ ଗୀତ କେବଳ ସେ ସମୟରେ ନୁହେଁ ଏବେ ମଧ୍ୟ ଜନାଦୃତ ହୋଇ ରହିଛି। କେବଳ ଦେଶାତ୍ମବୋଧ ଚଳଚ୍ଚିତ୍ର ନୁହେଁ, ଏଗୁଡ଼ିକରେ ସଂଯୋଜିତ ଗୀତଗୁଡ଼ିକ ମଧ୍ୟ ବେଶ୍ ଶ୍ରୁତିମଧୁର। ମନରେ ଦେଶାତ୍ମବୋଧ ଭାବନା ଜାଗ୍ରତ କରୁଥିବା ସୁପରହିଟ୍ ଗୀତଗୁଡ଼ିକ ମଧ୍ୟରେ ରହିଛି-ୟେ ଦେଶ ହେ ବୀର ଜଓ୍ୱାନ କା (ନୟା ଦୌର), ମେରେ ଦେଶ କି ଧରତୀ ( ଉପକାର), ମା ତୁଝେ ସଲାମ (ବନ୍ଦେ ମାତରମ୍), ସନ୍ଦେସେ ଆତା ହୈ (ବର୍ଡର), ୟେ ଓ୍ୱତନ ତେରେ ଲିୟେ (କର୍ମା), ମେରେ ମୁଲ୍‌କ ମେରା ଦେଶ (ଦିଲ୍‌ଜଲେ), ୟେ ଓ୍ୱତନ (ରାଜି), ମେରେ ରଙ୍ଗ ଦେ ବସନ୍ତୀ ଚୋଲା (ରଙ୍ଗ ଦେ ବସନ୍ତୀ), ଆଇ ଲଭ୍ ମାଇଁ ଇଣ୍ଡିଆ (ପରଦେଶ୍), ଦେ ଦି ହେ ଆଜାଦି ହମେ ଖଡଗ ବିନା ଢାଲ (ଜାଗ୍ରିତି), ସୁନୋ ଗୌର ସେ ଦୁନିଆଓ୍ୱାଲୋଁ (ଦଶ୍), କନ୍ଧୋ ସେ ମିଲତେ ହୈ କନ୍ଧେ (ଲକ୍ଷ୍ୟ), ଏ ଜୋ ଦେଶ୍ ହୈ ତେରା (ସ୍ୱଦେଶ), ଛଲା (ଉରି : ଦ ସର୍ଜିକାଲ ଷ୍ଟ୍ରାଇକ୍) ଏବଂ ଚଲ୍ ଚଲୋ (ଲଗାନ୍)।


'ସ୍ୱଦେଶ' ଚଳଚ୍ଚିତ୍ରରେ ଶାହରୁଖ

# ସିନେମାରେ ରାଖୀ

ଦେବ ଆନନ୍ଦଙ୍କ ଅଭିନୀତ 'ହରେ ରାମା ହରେ କ୍ରିଷ୍ଣା' ସେ ସମୟରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଭାଇ-ଭଉଣୀ ସମ୍ପର୍କକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ ନିର୍ଦ୍ଦେଶକ ଦେବ ଆନନ୍ଦ। ସେଥିରେ ରାଖୀକୁ ନେଇ ଏକ ହୃଦୟସ୍ପର୍ଶୀ ଗୀତ ଦୃଶ୍ୟାୟିତ ହୋଇଥିଲା। ତାହା ଥିଲା 'ଫୁଲୋଁ କା ତାରୋଁ କା କ୍ୟା କହେନା ହୈ, ଲାଖୋଁ ହଜାରୋ ମେଁ ମେରା ବହନା ହୈ'। ଏହି ଗୀତର ତାଳେ ତାଳେ ଦେବ ଆନନ୍ଦ ଏବଂ ଜୀନତ ଅମନଙ୍କ ଅଭିନୟ କେତେ ଜୀବନ୍ତ ଥିଲା ତାହା କହିବା ବାହୁଲ୍ୟ। ଆନନ୍ଦ ବକ୍ସିଙ୍କ ରଚିତ ଉକ୍ତ ଗୀତଟିକୁ ଆର.ଡି.ବର୍ମନ ସ୍ୱର ଦେଇଥିବା ବେଳେ କଣ୍ଠଦାନ କରିଥିଲେ କିଶୋର କୁମାର ଏବଂ ଲତା ମଙ୍ଗେସକର। ଲତାଙ୍କ କଣ୍ଠରେ ଆଉ ଏକ ରାଖୀ ଗୀତକୁ ମଧ୍ୟ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଗୀତଟି ହେଲା-'ଭୈୟା ମେରି ରାଖୀ କେ ବନ୍ଧନ କୋ ନିଭାନା' ଆଉ ଫିଲ୍ମଟି ଥିଲା 'ଛୋଟା ବହନ୍'। ବଲରାଜ ସାହାଣୀ ଏବଂ ରେହମନଙ୍କୁ ନେଇ ଏଥିରେ ଏକ ରାଖୀ ଗୀତ ସଂଯୋଜିତ ହୋଇଥିଲା, ଯାହା ପାଇଁ କଣ୍ଠଦାନ କରିଥିଲେ ଲତା। ଶୈଳେନ୍ଦ୍ରଙ୍କ ରଚିତ ଏହି ଗୀତକୁ ସ୍ୱର ଦେଇଥିଲେ ଶଙ୍କର-ଜୟକିଶନ। ୧୯୭୪ରେ ନିର୍ମିତ ହୋଇଥିଲା ହିନ୍ଦୀ ସିନେମା 'ରେଶମ କି ଡୋରି'। ଭାଇ-ଭଉଣୀ ସମ୍ପର୍କକୁ ଆଧାର କରି ପ୍ରସ୍ତୁତ ଏହି ଚଳଚ୍ଚିତ୍ରଟିର ରାଖୀ ଗୀତ 'ବହନା ନେ ଭାଇ କା କଲାଇ ସେ ରାଖୀ ବାନ୍ଧା ହୈ'। ଧର୍ମେନ୍ଦ୍ର ଏବଂ ସାଇରାବାନନୋଙ୍କୁ ନେଇ ଏହି ଗୀତଟିର ଦୃଶ୍ୟାୟନ କରାଯାଇଥିଲା। ଗୀତଟି ପାଇଁ କଣ୍ଠଦାନ କରିଥିଲେ ସୁମନ କଲ୍ୟାନପୁର।


'ରେଶମ କି ଡୋରି' ଚଳଚ୍ଚିତ୍ରରେ ଧର୍ମେନ୍ଦ୍ର-ସାଇରା ବାନୋ

## ରାଖୀ ବାନ୍ଧିଲି ମୋ ରଖିବ ମାନ

'ଭାଇ ମୋର ତୋତେ ରହିଲା ରାଣ କହିବୁନି କଥା ପଦିଏ ଟାଣ, ତୋ ଆଖିରେ କେବେ ଦେବିନି ମୁଁ ଲୁହ ହସାଇବି ତୋତେ ସାରା ଜୀବନ.. ରାଖୀ ବାନ୍ଧିଲି ମୋ ରଖିବ ମାନ' ରାଖୀକୁ ନେଇ ଦୃଶ୍ୟାୟିତ ଏହି ଗୀତଟି କେତେ ଶ୍ରୋତାଦୃତ ତାହା କହିବା ବାହୁଲ୍ୟ। ଶିବାନୀ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ପ୍ରଥମ ସିନେମାର ଟାଇଟଲ ଥିଲା 'ରାଖୀ ବାନ୍ଧିଲି ମୋ ରଖିବ ମାନ'। ରତିକାନ୍ତ କାନୁନଗୋଙ୍କ ପ୍ରଯୋଜନାରେ ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ସଞ୍ଜୟ ନାୟକ। କେବଳ ସେତିକି ନୁହେଁ, ମଳୟ ମିଶ୍ରଙ୍କ ସ୍ୱର ସଂଯୋଜନାରେ ଏହି ଫିଲ୍ମଟି ମ୍ୟୁଜିକାଲ ହିଟ୍ ସାବ୍ୟସ୍ତ ହୋଇଥିଲା। ଏଥିରେ ଭାଇ ଭୂମିକାରେ ମିହିର ଦାସ ଓ ଭଉଣୀ ରୋଲ୍‌ରେ ଅନୁ ଚୌଧୁରୀଙ୍କ ଭୂମିକା ଏବଂ ପ୍ରୀତିନନ୍ଦା ରାଉତରାୟଙ୍କ କଣ୍ଠରେ ଏହି ଟାଇଟଲ ଗୀତ ସେ ସମୟରେ ବେଶ୍ ଦର୍ଶକାଦୃତ ହୋଇଥିଲା। ରାଖୀକୁ ନେଇ ଦୃଶ୍ୟାୟିତ ଅନ୍ୟତମ ଲୋକପ୍ରିୟ ଗୀତ ଥିଲା 'ରାଖୀରେ ରାଖୀ ତୁ ରହିଲୁ ସାକ୍ଷୀ'। 'ଚକା ଆଖି ସବୁ ଦେଖୁଛି' ଚଳଚ୍ଚିତ୍ରରେ ସଂଯୋଜିତ ଏହି ଗୀତରେ ଉତ୍ତମ ମହାନ୍ତି ଏବଂ ପ୍ରତିଭା ସାହୁ ଅଭିନୟ କରିଥିଲେ। ୧୯୮୯ରେ ରାଜୁ ମିଶ୍ରଙ୍କ ନିର୍ଦ୍ଦେଶନାରେ ମୁକ୍ତିଲାଭ କରିଥିବା ଏହି ସିନେମାର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଅକ୍ଷୟ ମହାନ୍ତି। ୧୯୯୭ରେ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା 'ରାଖୀ ଭିଜିଗଲା ଆଖି ଲୁହରେ'। ଏଥିରେ ବିଜୟ ମହାନ୍ତି ଭାଇ ଏବଂ ରଚନା ବାନାର୍ଜୀ ଭଉଣୀ ଭୂମିକାରେ ଅଭିନୟ କରିଥିଲେ। ଦୁହିଁଙ୍କୁ ନେଇ ଦୃଶ୍ୟାୟିତ 'ସୁନା ରୁପା ଗଉଣୀ' ଗୀତଟି ବେଶ୍ ଲୋକପ୍ରିୟ ହୋଇଥିଲା। ସଂଗ୍ରାମ ବିଶ୍ୱାଳ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଏବଂ ସ୍ୱର ସଂଯୋଜନା କରିଥିଲେ ଅରୁଣ ମହାନ୍ତି। ବିଜୟ, ରଚନାଙ୍କ ବ୍ୟତୀତ ସିଦ୍ଧାନ୍ତ ମହାପାତ୍ର, ଦେବୁ ବୋଷଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ଓଡ଼ିଆ ସିନେମା 'ସମୟ ହାତରେ ଡୋରି'ରେ 'ମୋ ହାତରେ ବାନ୍ଧି ଦେଲୁ ରାଖୀ' ଦୃଶ୍ୟାୟିତ ହୋଇଥିଲା। ଭାଇ-ଭଉଣୀ ସମ୍ପର୍କକୁ ନେଇ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଫେରିଆ ମୋ ସୁନା ଭଉଣୀ'। ରଣଜିତ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଚିତ୍ରରେ ମିହିର ଦାସ, ଅପରାଜିତା ମହାନ୍ତି, ବବି ମିଶ୍ର ଏବଂ ଜିନା ଅଭିନୟ କରିଥିଲେ।


'ରାଖୀ ବାନ୍ଧିଲି ମୋ ରଖିବ ମାନ' ଚଳଚ୍ଚିତ୍ରରେ ଅନୁ-ମିହିର।

“ ଦୁଇଟି ଏନ୍‌ପିଏ ଆକାଉଣ୍ଟ ପାଇଁ ଆଇଡିବିଆଇ ବ୍ୟାଙ୍କର ଜୁନ୍ ତ୍ରୈମାସ କ୍ଷତି ୩୮୦୧ କୋଟି ଟଙ୍କାରେ ପହଞ୍ଚିଛି। ଆର୍‌ବିଆଇ ନିର୍ଦ୍ଦେଶ ପାଳନ କରିବା ଯୋଗୁ ଏହି କ୍ଷତି ହୋଇଛି।
– ରାକେଶ ଶର୍ମା, ଆଇଡିବିଆଇ ବ୍ୟାଙ୍କ ଏମ୍‌ଡି ତଥା ସିଇଓ



“ ଦେଶର ଅର୍ଥନୀତି ଏବେ ଚକ୍ରୀୟ ଏବଂ ଢାଞ୍ଚାଗତ ମାନ୍ଦାବସ୍ଥା ଦେଇ ଗତିକରୁଛି। ଫଳରେ ଦେଶର ଅର୍ଥନୀତି ଆଶାନୁରୂପେ ବୃଦ୍ଧି ପାଉନାହିଁ। ଏହି କାରଣରୁ ଓମାକ୍ସର ଲାଭ ସେଭଳି ବଢୁନି।
– ରୋହଟାସ ଗୋୟଲ, ଓମାକ୍ସ ସିଏମ୍‌ଡି



## ସଂକ୍ଷେପରେ

### ୨୫ ମାସର ସର୍ବନିମ୍ନ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି



ନୂଆଦିଲ୍ଲୀ,୧୪-୮: ଖୁଚୁରା ମୁଦ୍ରାସ୍ଫୀତି ପରେ ପାଇକାରୀ ମୁଦ୍ରାସ୍ଫୀତି କ୍ଷେତ୍ରରେ ମୋଦି ସରକାର ଆଶ୍ୱସ୍ତ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଜୁଲାଇରେ ପାଇକାରୀ ମୁଦ୍ରାସ୍ଫୀତି ୧.୦୮ ପ୍ରତିଶତକୁ ହ୍ରାସ ପାଇଛି। ଏହା ଗତ ୨୩ ମାସରେ ସର୍ବନିମ୍ନ ସ୍ତର କୁହାଯାଉଛି। ଜୁନ୍‌ରେ ଏହା ୨.୦୨% ରହିଥିବା ବେଳେ ଗତବର୍ଷ ଜୁଲାଇରେ ଏହା ୫.୨୭ ପ୍ରତିଶତ ରହିଥିଲା। ଏଥିପୂର୍ବରୁ ୨୦୧୭ ଜୁନ୍‌ରେ ପାଇକାରୀ ମୁଦ୍ରାସ୍ଫୀତି ୦.୯୦ ପ୍ରତିଶତ ରହିଥିଲା। ଜୁଲାଇରେ ଖାଦ୍ୟପଦାର୍ଥର ପାଇକାରୀ ମୁଦ୍ରାସ୍ଫୀତି ହାର ୫.୦୪ ପ୍ରତିଶତରୁ ହ୍ରାସ ପାଇ ୪.୫୪ ପ୍ରତିଶତ ହୋଇଛି। ସେହିପରି ପ୍ରାଇମେରି ଆର୍ଟିକିଲ୍ସର ମୁଦ୍ରାସ୍ଫୀତି ହାର ୬.୭୨ ପ୍ରତିଶତରୁ ୫.୦୩ ପ୍ରତିଶତକୁ କମିଛି। ଇନ୍ଧନ ଓ ବିଜୁଳି କ୍ଷେତ୍ରରେ ପାଇକାରୀ ମୁଦ୍ରାସ୍ଫୀତି ହାର ଜୁଲାଇରେ -୩.୬୪ ପ୍ରତିଶତକୁ ଖସିଆସିଥିବା ବେଳେ ଜୁନ୍‌ରେ ଏହା -୨.୨% ରହିଥିଲା। ସୂଚନାଥାଉ କି, ଜୁଲାଇର ଖୁଚୁରା ମୁଦ୍ରାସ୍ଫୀତି ୩.୧୫ ପ୍ରତିଶତକୁ ଖସିଆସିଛି, ଯାହା କି ଜୁନ୍‌ରେ ୩.୧୮ ପ୍ରତିଶତ ରହିଥିଲା।

# ରେଳଯାତ୍ରୀଙ୍କୁ ସୁରକ୍ଷା ଦେବେ କୋରସ୍ କମାଣ୍ଡୋ

- ରେଳମନ୍ତ୍ରୀଙ୍କ ଉପସ୍ଥିତିରେ ପ୍ରଥମ ବ୍ୟାଚ୍ ସାମିଲ
- ହରିୟାଣାରେ ପ୍ରତିଷ୍ଠା ହେବ କମାଣ୍ଡୋ ପ୍ରଶିକ୍ଷଣ କେନ୍ଦ୍ର
- ୧୮ଜୋନ୍‌ରୁ ବଛାଯାଇଥିବା ଆର୍‌ପିଏଫ୍ ଯବାନଙ୍କୁ ନେଇ ଗଠନ ହୋଇଛି କମାଣ୍ଡୋ ବାହିନୀ



ନୂଆଦିଲ୍ଲୀ,୧୪-୮

ଭାରତୀୟ ରେଲୱେ ପକ୍ଷରୁ ପ୍ରଥମଥର କମାଣ୍ଡୋ ୟୁନିଟ ତିଆରି କରାଯାଇଛି। ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ କମାଣ୍ଡୋଜ ଫର୍ ରେଲୱେ ସେଫ୍‌ଟି ଅର୍ଥାତ୍ 'କୋରସ୍' କମାଣ୍ଡୋମାନେ ଜମ୍ମୁ-କଶ୍ମୀର, ନକ୍ସଲ ପ୍ରବଣ ତଥା ଉତ୍ତର-ପୂର୍ବ ଭାରତର ରେଳଯାତ୍ରୀ ଓ ରେଳ ଟ୍ରାକ୍‌କୁ ସୁରକ୍ଷା ଦେବେ। ବୁଧବାର ରେଳମନ୍ତ୍ରୀ ପୀୟୂଷ ଗୋୟଲ ଏଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ପ୍ରଶିକ୍ଷଣପ୍ରାପ୍ତ କୋରସ୍ କମାଣ୍ଡୋଙ୍କ ପ୍ରଥମ ବ୍ୟାଚ୍‌କୁ ରେଲୱେରେ ସାମିଲ କରିଛନ୍ତି। ଏଥିରେ ରେଳ ରାଷ୍ଟ୍ରମନ୍ତ୍ରୀ ସୁରେଶ ଅଙ୍ଗଦୀ ଉପସ୍ଥିତ ଥିଲେ। ଆର୍‌ପିଏଫ୍‌ର କମାଣ୍ଡୋ ମାନଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଦେବା ଲାଗି ହରିୟାଣାର ଜଗଧ୍ରୀରେ ଏକ କମାଣ୍ଡୋ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ଗୋୟଲ କହିଛନ୍ତି।

କୋରସ୍ କମାଣ୍ଡୋମାନେ ରେଲୱେରେ ସାମିଲ ହେବା ପୂର୍ବରୁ ନୂଆଦିଲ୍ଲୀ ଷ୍ଟେଶନରେ ଆୟୋଜିତ ସମାରୋହରେ ସେମାନେ ନେଇଥିବା ପ୍ରଶିକ୍ଷଣ ସମ୍ପର୍କରେ ପ୍ରଦର୍ଶନ କରିଥିଲେ। ରେଲୱେ ଟ୍ରାକ୍‌କୁ କିଭଳି ସୁରକ୍ଷା ଦିଆଯିବ ଏବଂ ଟ୍ରେନରେ ପଣବନ୍ଦୀ ଥିବା ଯାତ୍ରୀଙ୍କୁ କିଭଳି ମୁକୁଳାଯିବ ସେସମ୍ପର୍କରେ କମାଣ୍ଡୋମାନେ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଗୋୟଲ କହିଛନ୍ତି ଯେ, ଆର୍‌ପିଏଫ୍‌ର ୧୨୦୦ କ୍ରାକ୍ କମାଣ୍ଡୋଙ୍କୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରଦାନ କରାଯିବା ସହ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସେମାନେ ପରବର୍ତ୍ତୀ ପର୍ଯ୍ୟାୟରେ ୬୦ରୁ ୬୫ ହଜାର କମାଣ୍ଡୋଙ୍କୁ ପ୍ରଶିକ୍ଷଣ ଦେବେ। ପ୍ରତ୍ୟେକ ଷ୍ଟେଶନରେ ସିସିଟିଭି ଲଗାଯିବ ଏବଂ ଏହାକୁ ସ୍ଥାନୀୟ ଷ୍ଟେଶନ, ଜିଆରପି, ଆର୍‌ପିଏଫ୍, ଡିଭିଜନାଲ ଅଫିସ୍ ଏବଂ ମନ୍ତ୍ରୀଙ୍କ ଅଫିସ୍‌ଙ୍କ ସହ ଯୋଡାଯିବ।

ସୂଚନାଥାଉ କି, ଆର୍‌ପିଏଫ୍‌ର ନିଜସ୍ୱ କମାଣ୍ଡୋ ୟୁନିଟ ରହିବା ଆବଶ୍ୟକ ବୋଲି ଏହାର ମହାନିର୍ଦ୍ଦେଶକ ଅରୁଣ କୁମାର ବିଚାର କରିଥିଲେ। ସେ ଦାୟିତ୍ୱ ଗ୍ରହଣ କରିବା ମାତ୍ରେ ଏ ଦିଗରେ କାର୍ଯ୍ୟାରମ୍ଭ କରିଥିଲେ। ରେଳ ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ, ବର୍ତ୍ତମାନ କୋରସ୍‌ର ପ୍ରଥମ ବାଟାଲିୟନରେ ଶାରୀରିକ ତଥା ମାନସିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଫିଟ୍ ଥିବା ଆର୍‌ପିଏଫ୍ ଯବାନଙ୍କୁ ସାମିଲ କରାଯାଇଛି। ରେଲୱେର ସମସ୍ତ ୧୮ ଜୋନ୍‌ରେ ମୁତୟନ ହୋଇଥିବା ଯବାନଙ୍କ ମଧ୍ୟରୁ ସେମାନଙ୍କୁ ବଛାଯାଇଛି। ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏନ୍‌ଏସ୍‌ଜିର ମାନେସର ସ୍ଥିତ ମୁଖ୍ୟାଳୟ ବ୍ୟତୀତ ନକ୍ସଲ ଅପରେଶନ ଲାଗି ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ପୋଲିସ ଦ୍ୱାରା ପ୍ରଶିକ୍ଷଣପ୍ରାପ୍ତ ଗ୍ରେ ହାଉଣ୍ଡ୍ସ ଫୋର୍ସର ଟ୍ରେନିଂ ସେଣ୍ଟରରେ ୪ ପର୍ଯ୍ୟାୟରେ କୋରସ୍ ଟିମ୍‌କୁ ପ୍ରଶିକ୍ଷଣ ଦିଆଯାଇଛି।

# ପୂର୍ବତଟ ରେଳପଥର ୧୯୧.୭୪ ନିୟୁତ ଟନ୍ ମାଲ ପରିବହନ

## ସ୍ୱାଧୀନତା ଦିବସ ଅବସରରେ ମହାପ୍ରବନ୍ଧକଙ୍କ ବାର୍ତ୍ତା

ଭୁବନେଶ୍ୱର, ୧୩-୮

୭୩ତମ ସ୍ୱାଧୀନତା ଦିବସ ଅବସରରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣ ରେଳପଥ ପରିବାରର ସମସ୍ତ ସଦସ୍ୟ ତଥା ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦେଶର ଲୋକମାନଙ୍କର ବିକାଶ, ସୁଖ ଓ ସମୃଦ୍ଧି ଉଦ୍ଦେଶ୍ୟରେ ରାଷ୍ଟ୍ରକୁ ଏକ ନମ୍ବର ଭାବେ ଗଢି ତୋଳିବା ଲାଗି କଠିନ ପରିଶ୍ରମ, ନିଷ୍ଠା, ମାନବବାଦ, ମହତ୍ୱ ଆଂକାକ୍ଷା ରଖିବା ନେଇ ସେ ଆହ୍ୱାନ ଜଣାଇଛନ୍ତି। ଦେଶର ରାଜନୈତିକ ଆର୍ଥିକ ଏବଂ ସାମାଜିକ ସ୍ୱତନ୍ତ୍ରତାକୁ ବଜାୟ ରଖିବା ଲାଗି ଆମକୁ ପୁନଃ ସମର୍ପିତ କରିବାର ସମୟ ଆସିଛି। ଏହି ପ୍ରସଙ୍ଗଗୁଡିକୁ ମାର୍ଗଦର୍ଶକ ଭାବେ ବିଚାର କରି ପୂର୍ବତଟ ରେଳପଥ ଅଗ୍ରସର ହେଉଛି। ୨୦୧୮-୧୯ରେ ପୂର୍ବତଟ ରେଳପଥ ୧୯୧.୭୪ ନିୟୁତ ଟନ୍ ମାଲ ପରିବହନ କରିବା ସହ ବିଭିନ୍ନ ରେଳ ଜୋନଗୁଡିକଠାରୁ ଆଗରେ ରହିଛି। ସେହିଭଳି ସମୟାନୁବର୍ତ୍ତିତାରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି। ଏହାର ପରିଚାଳନା ଅନୁପାତ ୫୩% ରହିଥିବା ବିଦ୍ୟାଭୂଷଣ କହିଛନ୍ତି।



ବିଦ୍ୟାଭୂଷଣ

ସେ ଆହୁରି ମଧ୍ୟ କହିଛନ୍ତି ଯେ, ବାତ୍ୟା ଫନୀ ଦ୍ୱାରା ରେଲୱେକୁ ଅନେକ କ୍ଷତି ହୋଇଥିବା ବେଳେ ମାତ୍ର ୩ ଦିନରେ ଟ୍ରେନ ସେବା ସ୍ୱାଭାବିକ କରିବାକୁ ସକ୍ଷମ ହୋଇଥିଲୁ। ପୂର୍ବତଟ ରେଳପଥର ଏଭଳି ଉଲ୍ଲେଖନୀୟ କାର୍ଯ୍ୟ ଲାଗି ରେଳବୋର୍ଡ ପକ୍ଷରୁ ପ୍ରଶଂସା କରାଯାଇଛି। ବିଭିନ୍ନ କ୍ଷେତ୍ରରେ ଯୋଗଦାନ ଲାଗି ପୂର୍ବତଟ ରେଳପଥ 'ଜାତୀୟ ରେଳପଥ ପୁରସ୍କାର' ଲାଭ କରିଛି। ୨୦୦ ମିଲିୟନ ଟନ୍ ମାଲ ପରିବହନ କ୍ଲବର ଉଦ୍‌ଘାଟନ କରିବାକୁ ସଂକଳ୍ପ ନିଆଯାଇଛି। ସେହିଭଳି ୮୦%ରୁ ଅଧିକ ସମୟାନୁବର୍ତ୍ତିତା, ୫୦%ରୁ କମ୍ ପରିଚାଳନା ଅନୁପାତ ନେଇ ଯୋଜନା ରହିଛି। ଯାତ୍ରୀ ସୁବିଧାର ଉନ୍ନତିକରଣ, ଦିବ୍ୟାଙ୍ଗଙ୍କ ପାଇଁ ୩୩ ଶୌଚାଳୟ, ୩ ପ୍ଲାଟଫର୍ମ ସେଡ୍, ୭ ଷ୍ଟେଶନ ଅଞ୍ଚଳର ବିକାଶ, ଟିଟିଆଇଙ୍କ ଲାଗି ହସ୍ତଚାଳିତ ଟିକେଟିଂ ମେଶିନ, ମୋବାଇଲରେ ଅଣ ସଂରକ୍ଷିତ ଟିକେଟିଂ ବ୍ୟବସ୍ଥା, ଦୁର୍ଗନ୍ଧମୁକ୍ତ ଟ୍ରେନ ଶୌଚାଳୟ, ଲିଫ୍ଟ, ଏସ୍କାଲେଟର ଏବଂ ଷ୍ଟେଶନ ବିଲଡିଂର ଆଲୋକୀକରଣ ବ୍ୟବସ୍ଥା ଭଳି ଅନ୍ୟ କ୍ଷେତ୍ରରେ ମଧ୍ୟ ବିଭିନ୍ନ କାର୍ଯ୍ୟ ହୋଇଛି।

ଏହାବାଦ, ନିରାପତ୍ତା ବୃଦ୍ଧି ନେଇ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ଏହି ସମୟରେ ପୂର୍ବତଟ ରେଳପଥ ୨୧୨ ଟ୍ରାକ କିଲୋମିଟର, ୫୧ ବ୍ରିଜ, ୭ ରୋଡ ଓଭର ବ୍ରିଜ, ସମ୍ବଲପୁର ରେଳମଣ୍ଡଳର ସମ୍ପୂର୍ଣ୍ଣ ଟ୍ରାକ ବିଦ୍ୟୁତୀକରଣ କରିଥିବା ସେ ପ୍ରକାଶ କରିଛନ୍ତି। ପୂର୍ବତଟ ରେଳପଥ ଏହାର ଉପଭୋକ୍ତା, ଯାତ୍ରୀ, କର୍ମଚାରୀ ଏବଂ ଅଂଶୀଦାରଙ୍କ ଅଭିଳାଷ ପୂରଣ ଦିଗରେ କାର୍ଯ୍ୟରତ। ସେହିଭଳି ଉତ୍କର୍ଷତାର ଅଗ୍ରଗତି ଲାଗି ପୂର୍ବତଟ ରେଳପଥ ଏହାର ପ୍ରୟାସ ଜାରି ରଖିବ ବୋଲି ବିଦ୍ୟାଭୂଷଣ କହିଛନ୍ତି।

# ପାନାସୋନିକ ପକ୍ଷରୁ କାରାଭାନ

ଭୁବନେଶ୍ୱର, ୧୪-୮



ପାର୍ବଣକୁ ଧ୍ୟାନରେ ରଖି ପାନାସୋନିକ ପକ୍ଷରୁ ନୂଆ କାରାଭାନର ଶୁଭାରମ୍ଭ ଘୋଷଣା କରାଯାଇଛି। କମ୍ପାନୀ ନୂଆ ମାର୍କେଟିଂ କ୍ୟାମ୍ପେନ ଅନ୍ତର୍ଗତ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ଶହିଦ ନଗରଠାରେ ଏକ କାର୍ଯ୍ୟକ୍ରମରେ ଏହାକୁ ଆରମ୍ଭ କରାଯାଇଛି। କମ୍ପାନୀର ଡିସପ୍ଲେ କାରାଭାନ ଆକ୍ଟିଭିଟି ଦ୍ୱାରା ଭିନ୍ନ ଭିନ୍ନ ସହରରେ ଏହାର ପ୍ରଡକ୍ଟକୁ ନେଇ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ। କାରାଭାନ ରାଜ୍ୟର ବିଭିନ୍ନ ସହର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। କାରାଭାନରେ କମ୍ପାନୀର ବିଭିନ୍ନ ପ୍ରଡକ୍ଟ ଯଥା-ଏଲ୍‌ଇଡି, ରେଫ୍ରିଜରେଟର, ୱାଶିଂମେଶିନ, ମାଇକ୍ରୋଓଭନ, ଭାକ୍ୟୁମକ୍ଲିନର,ୱାଟର - ଏୟାର ପ୍ୟୁରିଫାୟର, ବିୟୁଟି କେୟାର ପ୍ରଡକ୍ଟ, କ୍ୟାମେରା, ସ୍ମଲ ହୋମ୍ ଆପ୍ଲାଏନ୍ସ ଭଳି ପ୍ରଡକ୍ଟ ସାମିଲ ରହିଛି। କାର୍ଯ୍ୟକ୍ରମ ଅବସରରେ ପୂର୍ବାଞ୍ଚଳ-୨ ବାଣିଜ୍ୟ ମୁଖ୍ୟ ସନ୍ତୋଷ କୁମାର ସାମନ୍ତରାୟ, ଓଡ଼ିଶା ବାଣିଜ୍ୟ ମୁଖ୍ୟ ଦୁର୍ଗେସ ଶୁକ୍ଳା, ରାଜ ଇଲେକଟ୍ରୋନିକ୍ସ ସ୍ୱତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ, ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଓନର ରାଜେଶ ଗୁପ୍ତା, ମହାବୀର ଏଜେନ୍ସି ମୁଖ୍ୟ ମନମୋହନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ସମର୍ଥ ଯୋଜନାରେ ୪ ଲକ୍ଷ ଲୋକଙ୍କୁ ମିଳିବ ପ୍ରଶିକ୍ଷଣ

ନୂଆଦିଲ୍ଲୀ,୧୪-୮: ବୟନଶିଳ୍ପ କ୍ଷେତ୍ରରେ ଯୁବତୀଯୁବକଙ୍କୁ ଦକ୍ଷ କରିବା ଲାଗି କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଏକ 'ସମର୍ଥ ଯୋଜନା' ହାତକୁ ନିଆଯାଇଛି। ଏହି ଯୋଜନା ଅଧୀନରେ ଦେଶର ୪ ଲକ୍ଷ ଯୁବତୀଯୁବତୀଙ୍କ ଦକ୍ଷତା ବୃଦ୍ଧି ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ଓଡ଼ିଶା ସମେତ ୧୮ ରାଜ୍ୟ ସହ କେନ୍ଦ୍ର ସରକାର ଚୁକ୍ତିସ୍ୱାକ୍ଷର କରିଛନ୍ତି। କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ଉପସ୍ଥିତିରେ ବୁଧବାର ଏହି ଚୁକ୍ତି ସ୍ୱାକ୍ଷର ହୋଇଛି। ବୟନଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ କୁଶଳ କାରିଗର ଭାବେ ଗଢ଼ିତୋଳିବା ଏହି ଯୋଜନାର ଲକ୍ଷ୍ୟ ବୋଲି କୁହାଯାଉଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଇରାନୀ କହିଛନ୍ତି ଯେ, ରାଜ୍ୟ ସରକାରଗୁଡ଼ିକର ପ୍ରତିନିଧି ଏଠାରେ ଉପସ୍ଥିତ ହୋଇ ନିଜର ତତ୍ପରତା ଦର୍ଶାଇଛନ୍ତି। କେନ୍ଦ୍ର ସରକାର ସମେତ ସମସ୍ତ ୧୮ ରାଜ୍ୟ ସରକାର ଗୋଟିଏ ଛାତ ତଳେ ରହି ୪ ଲକ୍ଷ ଲୋକଙ୍କୁ ଦକ୍ଷ କରିବା ଲାଗି ସଙ୍କଳ୍ପ ନେଇଛନ୍ତି। ତାଙ୍କ ମତରେ ଏହା ଦେଶର ଇତିହାସରେ ଅବ୍ୟାବଧି ନିଆଯାଇଥିବା ସବୁଠୁ ବଡ଼ ପଦକ୍ଷେପ। ସ୍ୱାକ୍ଷର କରିଥିବା ରାଜ୍ୟଗୁଡ଼ିକ ହେଲେ ଓଡ଼ିଶା, ଅରୁଣାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, କେରଳ, ମିଜୋରାମ, ତାମିଲନାଡୁ, ତେଲେଙ୍ଗାନା, ଉତ୍ତର ପ୍ରଦେଶ, ଆନ୍ଧ୍ରପ୍ରଦେଶ, ଆସାମ, ମଧ୍ୟପ୍ରଦେଶ,ତ୍ରିପୁରା, କର୍ଣ୍ଣାଟକ, ମଣିପୁର,ହରିୟାଣା, ମେଘାଳୟ, ଝାଡ଼ଖଣ୍ଡ ଓ ଉତ୍ତରାଖଣ୍ଡ। ବୟନଶିଳ୍ପ କ୍ଷେତ୍ରରେ ଜଡିତ ଶ୍ରମିକଙ୍କୁ ବସ୍ତ୍ର ନିର୍ମାଣ, ବୁଣା ହୋଇଥିବା ବସ୍ତ୍ର, ଧାତୁ ହସ୍ତକଳା, ହସ୍ତତନ୍ତ, ହସ୍ତକଳା ଓ କାର୍ପେଟ ଆଦି ନିର୍ମାଣ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ।

# ଏସ୍ପ୍ଲାନେଡରେ ମିଡ୍ ନାଇଟ ସେଲ୍ ଆଜି

ଭୁବନେଶ୍ୱର,୧୪-୮ (ବ୍ୟୁରୋ)

ସ୍ୱାଧିନତା ଦିବସ ଅବସରରେ ଏସ୍ପ୍ଲାନେଡ ୱାନ ମଲ୍‌ରେ ମିଡ୍ ନାଇଟ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡ ଉପରେ ଗ୍ରାହକମାନେ ରିହାତି ଲାଭ କରିପାରିବେ। ଅଗଷ୍ଟ ୧୫ ଦିନ କ୍ରୟ ଉପରେ ଫ୍ଲାଟ ୫୦% ରିହାତି ଉପଲବ୍ଧ ହେବ। ଗୋଟିଏ ଛାତ ତଳେ ଗ୍ରାହକ ବିଭିନ୍ନ ବ୍ରାଣ୍ଡ ଲାଭ କରିପାରିବେ। ସମାନ ଦିନରେ ରାକ୍ଷୀ ପୂର୍ଣ୍ଣିମା ପଡୁଥିବାରୁ ଗ୍ରାହକ ଏଠାରେ ଆକର୍ଷଣୀୟ ଡିଲ ଲାଭ କରିପାରିବେ ବୋଲି ଏସ୍ପ୍ଲାନେଡ ୱାନ୍ ମଲର ସେଣ୍ଟର ଡାଇରେକ୍ଟର ପାର୍ଥ ନାୟକ କହିଛନ୍ତି।


ଆଲ୍ଲାହାବାଦ ବ୍ୟାଙ୍କ
ମଣ୍ଡଳ କାର୍ଯ୍ୟାଳୟ, ଭୁବନେଶ୍ୱର
ଫୋନ୍- (୦୬୭୪) ୨୩୭୨୩୪୨, ୨୩୭୦୪୩୩
ଭ୍ରମ ସଂଶୋଧନ
ତା୧୨.୦୮.୨୦୧୯ ରିଖରେ ଦୈନିକ ଖବରକାଗଜ ଓଡିଶା ପୋଷ୍ଟ(ଇଂରାଜୀ)ଓ ଧରିତ୍ରୀ(ଓଡିଆ)ରେ ପ୍ରକାଶିତ ଇ-ନିଲାମ ବିକ୍ରୟ ବଜ୍ଞପ୍ତିରେ **ଓଲ୍ଡ ଷ୍ଟେସନ ସ୍କୋୟାର ଶାଖାର** ଆକାଉଣ୍ଟ:ମେସର୍ସ ମେରୀ ରଙ୍ଗୋଲୀର ସମ୍ପତ୍ତିର ବିବରଣୀ ସ୍ତମ୍ଭରେ ବର୍ଣ୍ଣିତ ହୋଇଥିବା ଏକର୧.୨୦୦ ଡିସିମିଲି ମଧ୍ୟରୁ ପରିବର୍ତ୍ତେ **ଏକର ୧.୨୨୦** ମଧ୍ୟରୁ ପଢିବାକୁ ହେବ। ଏହା ବ୍ୟତିତ ଅନ୍ୟାନ୍ୟ ସମସ୍ତ ବିଷୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ। ସ୍ୱା/-
ତା.୧୪.୦୮.୨୦୧୯ କ୍ଷମତାପ୍ରାପ୍ତ ଅଧିକାରୀ



PARADIP PORT TRUST
e-TENDERING NOTICE
Online tenders in three bid system i.e (1) EMD Bid (2) Technical Bid (3) Price Bid are invited from manufacturers / authorized dealers of manufacturers/stockist or supplier for supply of **Street Light pole Junction box.** The last date & time of submission of the tender is **17.15 Hours** on**Dt.29/08/2019.** For details, log on to website **https://eprocure.gov.in/eprocure/app**
Sr. Dy. Materials Manager
PPT/PR/264/19-20, Dt.14/08/2019


# ବିନା ବଜେଟରେ ଆର୍ଥିକ ଲକ୍ଷ୍ୟ ହାସଲ କଷ୍ଟକର

## ଅର୍ଥର ଅର୍ଥ




Rupkumar Pradhan
CERTIFIED FINANCIAL PLANNER[CM] ,CHARTERED WEALTH MANAGER
"Director, SmartFin Wealth Management Pvt. Ltd."


'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

| ସ୍ୱାସ୍ଥ୍ୟବୀମା ପଲିସିରେ ଆୟକର ଛାଡ ୟୁ/ଏସ୍ ୮୦ଡି – ଆର୍ଥିକ ବର୍ଷ ୨୦୧୯-୨୦ | | | |
|---|---|---|---|
| ପରିସ୍ଥିତି ବା ରୂପରେଖା | ପ୍ରିମିୟମ ପଇଠ (ଟଙ୍କା) | | ସର୍ବାଧିକ ଆୟକର ଛାଡ ୟୁ/ଏସ୍ ୮୦ଡି |
| | ଜଣେ ବ୍ୟକ୍ତି (ନିଜେ) ସ୍ତ୍ରୀ କିମ୍ବା ସ୍ୱାମୀ ଓ ପୁଅଝିଅ | ବାପା ମା | |
| ଜଣେ ବ୍ୟକ୍ତି, ପରିବାର ଓ ବାପାମାଙ୍କର ବୟସ ୬୦ ବର୍ଷ ତଳେ | ୨୫,୦୦୦ | ୨୫,୦୦୦ | ୫୦,୦୦୦ |
| ଜଣେ ବ୍ୟକ୍ତି (ନିଜେ) ପରିବାର ଓ ବାପା ମାଆଙ୍କର ବୟସ ୬୦ ବର୍ଷ ତଳକୁ ଅଛି ଓ ବାପା ମା ଯାହାଙ୍କର ବୟସ ୬୦ ବର୍ଷରୁ ଅଧିକ | ୨୫,୦୦୦ | ୫୦,୦୦୦ | ୭୫,୦୦୦ |
| ଜଣେ ବ୍ୟକ୍ତି (ନିଜେ) ପରିବାର ଓ ବାପା ମା ଯାହାଙ୍କର ବୟସ ୬୦ ବର୍ଷରୁ ଅଧିକ | ୫୦,୦୦୦ | ୫୦,୦୦୦ | ୧୦୦,୦୦୦ |

▶ **ପରିବାରର ମାସିକ ଖର୍ଚ୍ଚ ବଢ଼ିଯାଇଛି। ଆୟବ୍ୟୟ ହିସାବ କିଛି ରଖି ହେଉନାହିଁ। ମାସିକ ଖର୍ଚ୍ଚ ପାଇଁ ବଜେଟ୍ କରିବା ଆବଶ୍ୟକ କି? ମାସିକ ଭଲ ଦରମା ମୋ ସ୍ୱାମୀ ପାଇବା ପରେ ଅଭାବ ଲାଗି ରହୁଛି। ଘରର ଦୈନନ୍ଦିନ ଖର୍ଚ୍ଚ ସବୁ ଚାଲିବା ପାଇଁ କ'ଣ କରିବା ଉଚିତ ହେବ?**

**– ମାନସୀ ମିଶ୍ର, କଟକ**

▶▶ ଆପଣଙ୍କ କ୍ଷେତ୍ରରେ କିମ୍ବା ଯେକୌଣସି ପରିବାରର ମାସିକ ଘରର ଦୈନନ୍ଦିନ ଜୀବନଶୈଳୀ ଖର୍ଚ୍ଚ ପାଇଁ ଏକ ବଜେଟ୍ ନିହାତି ଆବଶ୍ୟକ। ମାସିକ ବଜେଟ୍ କରିବା ଓ ଏହାକୁ ଅନୁସରଣ କରିବା ବୁଦ୍ଧିମାନର କାର୍ଯ୍ୟ। ଏହା ଏକ ସାଧାରଣ ଅଭ୍ୟାସ ଯାହାକି ଆପଣଙ୍କୁ ଅଧିକ ଖର୍ଚ୍ଚ କରିବାରେ ଦୂରରେ ରହିବେ ଏବଂ ଅଧିକ ସମ୍ପତ୍ତି ସୃଷ୍ଟି କରିବାରେ ନିଜର କାର୍ଯ୍ୟକୁ କେନ୍ଦ୍ରିତ କରି ପାରିବେ। ଆପଣ ଘରେ ବସି ଘରର ମାସିକ ଖର୍ଚ୍ଚକୁ ଏକ ତାଲିକାରେ ଲେଖନ୍ତୁ। ଆୟ-ବ୍ୟୟର ହିସାବକୁ ବିଶ୍ଳେଷଣ କରନ୍ତୁ। ବଜେଟ୍ ଅନୁଯାୟୀ ଖର୍ଚ୍ଚ କରନ୍ତୁ ଓ କୁଶଳ ଉପାୟରେ ଖର୍ଚ୍ଚ କରନ୍ତୁ । ପ୍ରାୟତଃ ଅଧିକାଂଶ କ୍ଷେତ୍ରରେ ଘରର ମାସିକ ବଜେଟ ହେଉଛି ସମସ୍ତ ଆର୍ଥିକ ଖର୍ଚ୍ଚ ସବୁକୁ ବ୍ୟବସ୍ଥିତ କରିବାର ଏକ ଆଦର୍ଶ ଓ ସହଜ ମାର୍ଗ। ବିନା ବଜେଟ୍‌ରେ ଆପଣ ନିଜର ଆର୍ଥିକ ଲକ୍ଷ୍ୟ ସବୁ ଓ ସମ୍ପତ୍ତି ସୃଷ୍ଟି କରିବା କ୍ଷେତ୍ରରେ ଅସୁବିଧା ହେବ।

**ସମ୍ପତ୍ତି ସୃଷ୍ଟି କରିବାର ଉପାୟ:**

→ଆପଣଙ୍କ ମାସିକ ଦରମା ବା ରୋଜଗାରକୁ କିପରି ଭାବେ ଖର୍ଚ୍ଚ କରିବେ ଏହା ଉପରେ ଏକ ଲିଖିତ ବିବରଣୀ ପ୍ରସ୍ତୁତ କରନ୍ତୁ।

→ପ୍ରତ୍ୟେକ ମାସରେ ଏକ ନିର୍ଦ୍ଦିଷ୍ଟ ରାଶି ଏକ ଭଲ ସ୍କିମରେ ନିବେଶ କରନ୍ତୁ।

→ନିଜକୁ ପ୍ରତିଶ୍ରୁତିବଦ୍ଧ କରନ୍ତୁ ଯେ ଅତ୍ୟଧିକ ଖର୍ଚ୍ଚ କରିବେ ନାହିଁ।

→ନିଜର ଅନାବଶ୍ୟକ ଖର୍ଚ୍ଚ କରିବାର ଇଚ୍ଛାକୁ ନିୟନ୍ତ୍ରଣ କରନ୍ତୁ।

→ମଧ୍ୟକାଳୀନ କିମ୍ବା ଦୀର୍ଘକାଳୀନ ହିସାବରେ ଏକ ନିବେଶ ପୋର୍ଟଫୋଲିଓରେ ନିବେଶ କରନ୍ତୁ ଯାହାଦ୍ୱାରା ଆପଣ ସମ୍ପତ୍ତି ସୃଷ୍ଟି କରିପାରିବେ।

→ଆପଣଙ୍କ ମାସିକ ଆୟ ବା ରୋଜଗାରର ୬୦-୬୫% ରୁ ଅଧିକ ଖର୍ଚ୍ଚ କରନ୍ତୁ ନାହିଁ।

ଆମର ପରାମର୍ଶ ଆପଣ ପରିବାରର ଆର୍ଥିକ ସୁରକ୍ଷା ଓ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବା ସହିତ କିପରି ଖର୍ଚ୍ଚ କରିବେ ଏବିଷୟରେ ଜଣେ ଚାର୍ଟାର୍ଡ ୱେଲଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ୍ ଫାଇନାସିଆଲ ପ୍ଲାନରଙ୍କ ସହିତ ପରାମର୍ଶ କରି ଏକ ବ୍ୟାପକ ଆର୍ଥିକ ଯୋଜନା (ଯାହାକି ୬୦-୭୦ ପୃଷ୍ଠାର ଲିଖିତ ରିପୋର୍ଟ) ଅନୁଯାୟୀ ଓ ନିବେଶ କରନ୍ତୁ ।

▶ **ବରିଷ୍ଠ ନାଗରିକ ସଞ୍ଚୟ ସ୍କିମ୍‌ରେ ମିଳୁଥିବା ସୁଧରାଶି ୫୦,୦୦୦ ଟଙ୍କା ଭିତରେ ଆୟକର ଛାଡ ସୁବିଧା ମିଳିବ କି ? କିମ୍ବା ଏହି ଆୟ ଉପରେ ପୈଠ କରିବାକୁ ପଡ଼ିବ କି?**

– ସାଧୁ ଚରଣ ସାହୁ, ବାଲୁଗାଁ

▶▶ ୨୦୧୮ ବଜେଟରେ ଆୟକର ନିୟମରେ ଏକ ନୂତନ ପରିଚ୍ଛେଦ ୮୦ ଟିଟିବି ଆରମ୍ଭ କରାଯାଇଛି। ଏହି ନିୟମ ଅନୁଯାୟୀ ବରିଷ୍ଠ ନାଗରିକମାନେ ସୁଧରାଶି ଆୟ ସର୍ବାଧିକ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ ପାଇପାରିବେ। ଆପଣ କରିଥିବା ବରିଷ୍ଠ ନାଗରିକ ସଞ୍ଚୟ ସ୍କିମ (ଏସ୍‌ସିଏସ୍‌ଏସ୍)ର ସୁଧରାଶି ଏହି ସୁବିଧା ଅନ୍ତର୍ଭୁକ୍ତ ଅଛି।

▶ **ମୋ ବୟସ ୪୨ ବର୍ଷ ଓ ବିବାହିତ। ୮ବର୍ଷ ଓ ୧୧ ବର୍ଷ ୨ ଝିଅ, ମୋ ବାପା ମା'ଙ୍କ ସହିତ ରହୁଛି। ପରିବାରର ଚିକିତ୍ସା ଖର୍ଚ୍ଚ ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ବୀମା ପଲିସି କିଣିବାକୁ ଚାହୁଁଛି। ଏକ ଘରୋଇ କମ୍ପାନୀରେ କାମ କରୁଛି। ବାପା ମାଙ୍କର ଓ ମୋ ପରିବାରର ଯଦି ସ୍ୱାସ୍ଥ୍ୟବୀମା ପଲିସି କିଣିନିଏ, ତେବେ ଆୟକର ଦୃଷ୍ଟିରୁ କ'ଣ ଛାଡ ପାଇବି । ବାପାଙ୍କ ବୟସ ୬୫ ବର୍ଷ ଓ ମା'ଙ୍କର ବୟସ ୬୩ ବର୍ଷ ?**

**– ବାନାମ୍ବର ସ୍ୱାଇଁ , ଅନୁଗୋଳ**

▶▶ ଏ କ୍ଷେତ୍ରରେ ଆପଣ ୨ଟି ଅଲଗା ପଲିସି କରିବା ଉଚିତ ହେବ। ପ୍ରଥମ ସ୍ୱାସ୍ଥ୍ୟବୀମା ପଲିସିରେ ଆପଣ, ଆପଣଙ୍କ ସ୍ତ୍ରୀ ଓ ୨ଝିଅଙ୍କର ସ୍ୱାସ୍ଥ୍ୟ ବୀମା ସୁରକ୍ଷା କରିପାରିବେ। ଦ୍ୱିତୀୟ ସ୍ୱାସ୍ଥ୍ୟବୀମା ପଲିସିରେ ବାପା ମାଙ୍କର ସ୍ୱାସ୍ଥିବୀମା କରିପାରିବେ । ଏହି ୨ଟି ସ୍ୱାସ୍ଥ୍ୟ ବୀମା ପଲିସି ଆପଣ ଫ୍ଲୋଟର ପଲିସି କିଣିପାରିବେ। ଅଧିକନ୍ତୁ ଜଣେ ବ୍ୟକ୍ତି ୨ଟି ପଲିସି କିଣି ଆୟକର ନିୟମ ୟୁ/ଏସ୍ ୮୦ଡି ଅଧିନରେ ସର୍ବାଧିକ ଆୟକର ସୁବିଧା ବା ଛାଡ ପାଇପାଇପାରିବେ। ଉପରୋକ୍ତ ଟେବୁଲକୁ ଦୃଷ୍ଟି ଦେଲେ ବୁଝିପାରିବେ।

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ
ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ୭୩ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କୁ ନେଇ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ ''ଭାରତୀୟମ୍'' ଯାହା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ।
ତାରିଖ: ୧୫।୦୮।୨୦୧୯ ସନ୍ଧ୍ୟା ଘ.୬.୩୦ମିନିଟ୍
ସ୍ଥାନ: ରବୀନ୍ଦ୍ରମଣ୍ଡପ, ଭୁବନେଶ୍ୱର
ମୁଖ୍ୟଅତିଥି:
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ସମ୍ମାନନୀୟ ଅତିଥି:
ଶ୍ରୀ ବିଜୟ କୁମାର ନାୟକ, ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଡଃ. ରାମକୃଷ୍ଣ ସାହୁ, ସ୍ୱତନ୍ତ୍ର ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ସଭାପତି, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର
ଶ୍ରୀମତୀ ସଂଘମିତ୍ରା ଶତପଥୀ, ଯୁଗ୍ମ ନିର୍ଦ୍ଦେଶିକା ତଥା ଯୁଗ୍ମ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଶ୍ରୀମତୀ ଲିପ୍‌ସା ଦାସ, ଯୁଗ୍ମ ନିର୍ଦ୍ଦେଶିକା
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଶ୍ରୀମତୀ ମନସ୍ୱିନୀ ସାହୁ, ଯୁଗ୍ମ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଏହି କାର୍ଯ୍ୟକ୍ରମରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ସାଦର ନିମନ୍ତ୍ରଣ।
ଡ. ବିଜୟ କୁମାର ଜେନା
ସଚିବ
ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ

## ସଂକ୍ଷେପରେ

### କୋହଲିଙ୍କୁ କ୍ଷମା ମାଗିଲେ ଷ୍ଟେନ୍

ଜୋହାନ୍ସବର୍ଗ,୧୪।୮- ଆହତ ସମସ୍ୟା ଯୋଗୁ ପେସର ଡେଲ ଷ୍ଟେନଙ୍କ ଅନ୍ତର୍ଜାତୀୟ କ୍ୟାରିୟର ବହୁ ମାତ୍ରାରେ ବାଧାପ୍ରାପ୍ତ ହୋଇଛି। ଏବେ ସମ୍ପୂର୍ଣ୍ଣ ଫିଟ୍ ଓ ଉପଲବ୍ଧ ଥିଲେ ମଧ ତାଙ୍କୁ ଭାରତ ବିପକ୍ଷ ଟି୨୦ ସିରିଜ୍ ଲାଗି ଘୋଷିତ ଦକ୍ଷିଣ ଆଫ୍ରିକା ଦଳରେ ସ୍ଥାନ ଦିଆଯାଇନାହିଁ। କେବଳ ଏତିକି ନୁହେଁ, ଚୟନକର୍ତ୍ତା ଭେଟେରାନ ପେସରଙ୍କୁ ଦଳରେ ସ୍ଥାନ ନ ଦେବାର କାରଣ ମଧ ସ୍ପଷ୍ଟ କରି ନାହାନ୍ତି। ଏଥିନେଇ ବୁଧବାର ଷ୍ଟେନ ଟୁଇଟ୍ କରି ଦୁଃଖ ପ୍ରକାଶ କରିଛନ୍ତି। ଦଳରୁ ବାଦ୍ ପଡ଼ିବାରୁ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ବିରାଟ ଓ ଭାରତର କୋଟି କୋଟି ପ୍ରଶଂସକ ମୁଁ ସେଠାରେ ଖେଳିବି ବୋଲି ଆଶା କରିଥିଲେ। ହେଲେ ମୋତେ ସୁଯୋଗ ମିଳି ନାହିଁ ବୋଲି ଷ୍ଟେନ କହିଛନ୍ତି। ସେ ଏବେ ୟୁରୋ ଟି୨୦ ସ୍ଲାମ ଖେଳିବେ। ୩୬ ବର୍ଷୀୟ ପେସର ୪୪ ଅନ୍ତର୍ଜାତୀୟ ଟି୨୦ ଖେଳି ୬୧ ଉଇକେଟ ନେଇଛନ୍ତି। ବିଭିନ୍ନ ଦେଶରେ ଖେଳାଯାଉଥିବା ଲିଗ୍‌କୁ ମିଶାଇଲେ ୨୦୧ ମ୍ୟାଚ୍ ଖେଳି ମୋଟ ୨୩୧ ଉଇକେଟ ହାସଲ କରିଛନ୍ତି।

### ଭେଗାନ ବଲ ବ୍ୟବହାର କଲା ଇଝ୍ୟର୍ଲି କ୍ରିକେଟ କ୍ଲବ

ଲଣ୍ଡନ,୧୪।୮(ଏଏଫ୍‌ପି)- ଇଂଲିଶ୍ କ୍ରିକେଟ କ୍ଲବ ଇୟର୍ଲି ଏବେ ଏକ ନୂଆ ପ୍ରକାର ବଲ୍ ବ୍ୟବହାର କରି ଖବର ସୃଷ୍ଟି କରିଛି। ପାରମ୍ପରିକ ଚମଡ଼ା ବଲ୍ ବଦଳରେ ଏହି କ୍ଲବ ଭେଗାନ ବଲ ବ୍ୟବହାର କରିଛି। ଲଣ୍ଡନଠାରୁ ୬୪ କି.ମି. ପଶ୍ଚିମରେ ଅବସ୍ଥିତ ଏହି କ୍ଲବ ପୂର୍ବରୁ ତା'ର ଖେଳାଳିଙ୍କ ପାଇଁ ଭେଗାନ ଟି ବା ଚା ସାମିଲ ଚର୍ଚ୍ଚା ସୃଷ୍ଟି କରିଥିଲା। ଚମଡ଼ା ବଦଳରେ ଭେଗାନ ବଲ୍ ରବର ବ୍ୟବହୃତ ହୋଇଥାଏ। ଚମଡା ବା ଲେଦର ବଲ୍ ଭଳି ମଧ ଏହା ବ୍ୟବହାର କରିଥାଏ। ତେବେ ଏହି ବଲ୍ ଅପେକ୍ଷାକୃତ ଅଧିକ ବାଉନ୍ସ କରିଥାଏ ଫଳରେ ଏହାକୁ ଧରିବା ସାମାନ୍ୟ କଷ୍ଟକର ହୋଇଥାଏ। ବର୍ତ୍ତମାନ ଏହି ବଲ୍‌କୁ ବ୍ୟବହାର କରିବା ଜାରି ରଖିବୁ ବୋଲି କ୍ଲବର ପ୍ରତିଷ୍ଠାତା ତଥା ଅଧକ୍ଷ ଗ୍ୟାରୀ ଶାକଲେଡି କହିଛନ୍ତି। ଖୁବ୍‌ଶୀଘ୍ର ଏହି ବଲ୍‌ର ଏକ ଅପେକ୍ଷାକୃତ ଉନ୍ନତ ସଂସ୍କରଣ ଆମେ କ୍ରିକେଟରେ ସାମିଲ କରିବୁ ବୋଲି ସେ କହିଛନ୍ତି।



"ପ୍ରତ୍ୟେକ ଦିନ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଥାଏ। ତେଣୁ ଉଭୟ କ୍ରିକେଟର୍ ଓ ଜଣେ ବ୍ୟକ୍ତିଭାବେ ଉନ୍ନତି କରିବାକୁ ଚାହିଁଥାଏ ।"

–ରିଷଭ ପନ୍ତ, ଭାରତୀୟ କ୍ରିକେଟର୍



"ଆଗାମୀ ଅଲିମ୍ପିକ ଟେଷ୍ଟ ଇଭେଣ୍ଟରେ ମାଲେସିଆ, ଜାପାନ ଓ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ଆମ ଯୁବ ଖେଳାଳିଙ୍କ ପରୀକ୍ଷା ପାଇଁ ଏକ ଭଲ ସୁଯୋଗ ।"

–ହର୍‌ମନପ୍ରୀତ୍ ସିଂ, ଭାରତୀୟ ପୁରୁଷ ହକି ଅଧିନାୟକ

# କ୍ରିସ୍ ଗେଲଙ୍କ ଅର୍ଦ୍ଧଶତକ

ପୋର୍ଟ ଅଫ୍ ସ୍ପେନ, ୧୪।୮– ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ କୁଇନ୍ସପାର୍କ ଓଭାଲ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। ଦ୍ୱିତୀୟ ଥରପାଇଁ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବା ବେଳକୁ ୱେଷ୍ଟଇଣ୍ଡିଜ ୨୨ ଓଭରରେ ୨ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଛି। ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ଅର୍ଦ୍ଧଶତକ ହାସଲ କରି ଆଉଟ ହୋଇଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ୱେଷ୍ଟଇଣ୍ଡିଜ ୧.୩ ଓଭର ଖେଳିଥିବାବେଳେ ବର୍ଷା ହୋଇଥିଲା। କିଛିସମୟ ଖେଳ ବନ୍ଦ ହେବାପରେ ପୁଣି ଆରମ୍ଭ ହୋଇଥିଲା। ଭୁବନେଶ୍ୱର କୁମାରଙ୍କ ପ୍ରଥମ ଓଭରରୁ ରନ ସଂଗୃହୀତ ହୋଇ ନ ଥିଲେ ହେଁ ଆକ୍ରମଣାତ୍ମକ ଆଭିମୁଖ୍ୟ ନେଇ ଖେଳିଥିଲା ୱେଷ୍ଟଇଣ୍ଡିଜ। ଭାରତର ୩ ଜଣ ଯାକ ଦ୍ରୁତ ବୋଲରଙ୍କୁ ଧୂଳେଇ କରି ଦ୍ରୁତ ହାରରେ ରନ ସଂଗ୍ରହ ସହ ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ିଥିଲେ ଦୁଇ ଓପନର। ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ୧୧ତମ ଓଭରରେ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କୁ ବୋଲିଂଭାର ଦେବାପରେ ଯାଇ ବ୍ରେକ୍ ଥ୍ରୁ ମିଳିଥିଲା। ମାତ୍ର ୨୯ ବଲ୍‌ରୁ ୫ ଚୌକା ଓ ୩ ଛକା ସହ ୪୩ ରନ କରି ସାରିଥିବା ଲିୱିସଙ୍କୁ ନିଜ ପ୍ରଥମ ଓଭରର ୫ମ ବଲ୍‌ରେ ଆଉଟ କରି ଭାରତକୁ ପ୍ରତୀକ୍ଷିତ ସଫଳତା ଦେଇଥିଲେ ଚହଲ। ଗେଲ୍ କିନ୍ତୁ ଧୂଆଁଧାର ବ୍ୟାଟିଂ ଜାରି ରଖିଥିଲେ। ୪୧ ବଲ୍‌ରୁ ୮ ଚୌକା ଓ ୫ ଛକା ସହ ୭୨ ରନ କରିବାପରେ ସେ ଖଲିଲ ଅହମ୍ମଦଙ୍କ ବଲ୍‌ରେ ବିରାଟ କୋହଲିଙ୍କ ଏକ ଚିତାକର୍ଷକ କ୍ୟାଚଦ୍ୱାରା ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। କ୍ୟାରିୟରର ୩୦୧ତମ ଏକଦିବସୀୟ ମ୍ୟାଚ ଖେଳିଥିବା ଗେଲ୍‌ଙ୍କର ଏହାଥିଲା ୫୪ତମ ଅର୍ଦ୍ଧଶତକ। ଏହି ଦୁଇ ବ୍ୟାଟ୍ସମ୍ୟାନ ଆଉଟ ହେବାପରେ ୱେଷ୍ଟଇଣ୍ଡିଜର ରନ ହାରରେ ଅଙ୍କୁଶ ଲାଗିଥିଲା। ଚହଲଙ୍କ ପରି କେଦାର ଯାଦବ ମଧ ପ୍ରଭାବୀ ବୋଲିଂ କରିଥିଲେ। ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବା ବେଳକୁ ଶାଇ ହୋପ୍ ୪୦ ବଲ୍‌ରୁ ୧୯ ଏବଂ ଶିମରନ ହେଟମେର ୨୩ ବଲ୍‌ରୁ ୧୮ ରନକରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଚହଲ ଓ ଖଲିଲ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ପ୍ରଥମ ଦିନିକିଆ ବର୍ଷାଯୋଗୁ ବାତିଲ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ବିଜୟୀ ହୋଇ ଭାରତ ସିରିଜରେ ୧–୦ରେ ଅଗ୍ରଣୀଲାଭ କରିଛି।

### ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଛକା

- ୫୮: ଏବି ଡିଭିଲର୍ସ(୨୦୧୫)
- ୫୬: କ୍ରିସ୍ ଗେଲ୍(୨୦୧୯)
- ୪୮: ଶାହିଦ ଆଫ୍ରିଦୀ(୨୦୦୨)
- ୪୬: ରୋହିତ ଶର୍ମା(୨୦୧୭)





ଅର୍ଦ୍ଧଶତକ ହାସଲ କରି ଆଉଟ ହେବାପରେ ବ୍ୟାଟ୍ ଉପରେ ହେଲ୍‌ମେଟ ରଖି ପଡ଼ିଆ ଛାଡ଼ୁଛନ୍ତି କ୍ରିସ୍ ଗେଲ୍। ନିଜର ୩୦୧ତମ ଦିନିକିଆରେ ସମାନ ସଂଖ୍ୟା ଲେଖାଥିବା ଜର୍ସି ପରିଧାନ କରିଛନ୍ତି ଏହି ୱେଷ୍ଟଇଣ୍ଡିଜ ଓପନର।

# ୩୦୧ ନମ୍ବର ଜର୍ସି ପିନ୍ଧିଲେ ଗେଲ୍

ପୋର୍ଟ ଅଫ୍ ସ୍ପେନ, ୧୪।୮(ପି.ଟି.)

ବୁଧବାର ଏଠାରେ ଅନୁଷ୍ଠିତ ଭାରତ ବିପକ୍ଷ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ କ୍ୟାରିୟର ୩୦୧ତମ ଏକଦିବସୀୟ ଖେଳିଥିଲେ ୱେଷ୍ଟଇଣ୍ଡିଜ ଦୁର୍ଦ୍ଧର୍ଷ ଓପନର କ୍ରିସ୍ ଗେଲ୍। ତେଣୁ ମ୍ୟାଚରେ ସେ ୩୦୧ ନମ୍ବର ଜର୍ସି ପରିଧାନ କରି ଖେଳିଥିଲେ। ଏହା ଗେଲ୍‌ଙ୍କ କ୍ୟାରିୟରର ସମ୍ଭାବ୍ୟ ଅନ୍ତିମ ଦିନିକିଆ ହୋଇଥିବାରୁ ସେ ୪୧ ବଲ୍‌ରୁ ୭୨ ରନ କରି ଆଉଟ ହେବାପରେ ଭାରତୀୟ ଖେଳାଳିମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଡ୍ରେସିଂ ରୁମ୍‌ରେ ୱେଷ୍ଟଇଣ୍ଡିଜ ଖେଳାଳିମାନେ ମଧ ଛିଡ଼ା ହୋଇ ତାଙ୍କୁ ଅଭିବାଦନ ଜଣାଇଥିଲେ। ଆଉଟ ହେବାପରେ ଗେଲ୍ ନିଜ ବ୍ୟାଟ୍‌କୁ ଉପରକୁ ଫୋପାଡ଼ି ଦେଇଥିଲେ। ଏହାପରେ ବ୍ୟାଟ୍ ଉପରେ ହେଲ୍‌ମେଟ ରଖି ପଡ଼ିଆ ଛାଡ଼ିଥିଲେ। ୩୦୧ ମ୍ୟାଚରେ ଗେଲ୍ ୨୫ ଶତକ ଓ ୫୪ ଅର୍ଦ୍ଧଶତକ ସହାୟତାରେ ୧୦୪୮୦ ରନ ସଂଗ୍ରହ କରିଥିଲେ। ସେହିପରି ସେ ୧୦୩ଟି ଟେଷ୍ଟ ଖେଳି ୧୫ ଶତକ ସହ ୭୨୧୪ ରନ ସ୍କୋର କରିଥିଲେ। ଗେଲ୍ ଦୀର୍ଘବର୍ଷ ଧରି ଟେଷ୍ଟ ମ୍ୟାଚ ଖେଳି ନାହାନ୍ତି। ଭାରତ ବିପକ୍ଷରେ ଗୋଟିଏ ଟେଷ୍ଟ ଖେଳି ଅବସର ନେବାକୁ ଇଚ୍ଛା ପ୍ରକାଶ କରିଥିଲେ। ମାତ୍ର ଚୟନକର୍ତ୍ତାମାନେ ଟେଷ୍ଟ ସିରିଜ ପାଇଁ ତାଙ୍କୁ ଚୟନ କରି ନ ଥିଲେ। ଭାରତ ବିପକ୍ଷ ଟି୨୦ ସିରିଜରେ ମଧ ସେ ଖେଳି ନ ଥିଲେ। ଭାରତ ବିପକ୍ଷ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ ଖେଳି ସେ ଏକ ରେକର୍ଡର ଅଧିକାରୀ ହୋଇଥିଲେ। ୱେଷ୍ଟଇଣ୍ଡିଜର ସର୍ବାଧିକ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାରେ ସେ ବ୍ରାଏନ ଲାରା(୨୯୯ ମ୍ୟାଚ)ଙ୍କ ରେକର୍ଡ ଭାଙ୍ଗିଥିଲେ।

# ଆଶେସ ଲଞ୍ଚ୍ ମେନ୍ୟୁ

ଲଣ୍ଡନ, ୧୪।୮

କ୍ରିକେଟ୍‌ର ମକ୍କା ଭାବେ ପରିଚିତ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ବୁଧବାରଠାରୁ ଘରୋଇ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆଶେସ ସିରିଜର ୨ୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। କିନ୍ତୁ ଶେଷ ଖବର ସୁଦ୍ଧା ଲଗାଣ ବର୍ଷା ଯୋଗୁ ଟସ୍ ପଡ଼ିବାରେ ବହୁ ବିଳମ୍ବ ହୋଇଛି। ଏହି ଅବସରରେ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡ୍ ଅଫିସିଆଲ୍ ଟୁଇଟର୍‌ରେ ଏକ ରୋଚକ ତଥ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ମ୍ୟାଚ୍ ହେଉଥିବାବେଳେ ଉଭୟ ଦଳର ଖେଳାଳି କ'ଣ ସବୁ ଖାଦ୍ୟ ଲଞ୍ଚ୍‌ରେ ଖାଇଥାନ୍ତି। ତାହା ଜାଣିବା ପାଇଁ କ୍ରିକେଟ୍‌ପ୍ରେମୀ ସର୍ବଦା ଆଗ୍ରହ ରଖୁଥିବାବେଳେ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡ୍ ଅଫିସିଆଲ୍ ଟୁଇଟର୍‌ରେ ଖେଳାଳିଙ୍କ ଲଞ୍ଚ୍ ମେନ୍ୟୁ ତାଲିକା ପ୍ରଦାନ କରାଯାଇଛି। ଯଦି କୌଣସି ଖେଳାଳି ହାଲ୍‌କା ଖାଦ୍ୟ ଗ୍ରହଣ କରିବାକୁ ଚାହୁଁଥାନ୍ତି ତେବେ ସୁପ୍ ଓ ଫଳ ସାଲାଡ୍ ବ୍ୟବସ୍ଥା ରହିଛି। ସେହିଭଳି କୌଣସି ଖେଳାଳି ଅଧିକ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବାକୁ ଚାହିଁବେ ତେବେ ଏଥିଲାଗି ମେନ୍ୟୁରେ ଶତାଧିକ ତାଲିକା ରହିଛି। ଯେଉଁଥିରେ ସ୍ପେନର ପ୍ରସିଦ୍ଧ ପାଏଲା (ଚାଉଳରୁ ପ୍ରସ୍ତୁତ ଏକ ଖାଦ୍ୟ) ରହିଛି। ଏହାବାଦ୍ ଏହି ମେନ୍ୟୁରେ ଆହୁରି ଅନେକ ପ୍ରକାର ଖାଦ୍ୟର ତାଲିକା ରହିଛି। 'ଏହି ଭଳି ଏକ ସୁନ୍ଦର ଖାଦ୍ୟ ତାଲିକା ଲଞ୍ଚ୍‌ରେ ରହିଥିଲେ ମଧ ଯଦି କିଛି ଘଣ୍ଟା ଖେଳ ଅନୁଷ୍ଠିତ ହୋଇଥାନ୍ତା ତେବେ ଖାଇବାକୁ ଭଲ ଲାଗିଥାନ୍ତା' ବୋଲି କେତେକ ଖେଳାଳି ନିରାଶବ୍ୟକ୍ତ କରି କହିଛନ୍ତି।

# ବିଶ୍ୱ ଭିନ୍ନକ୍ଷମ ଟି୨୦ ସିରିଜ୍ ଜିତିଲା ଭାରତ

ମୁମ୍ବାଇ,୧୪।୮(ପିଟି)

ବିଶ୍ୱ ଶାରୀରିକ ଭିନ୍ନକ୍ଷମ ଟି୨୦ ସିରିଜ୍‌ର ପ୍ରଥମ ସଂସ୍କରଣରେ ଫେଭରାଇଟ୍ ଭାରତୀୟ ଦଳ ଚାମ୍ପିୟନ ହୋଇଛି। ବୁଧବାର ଖେଳାଯାଇଥିବା ଫାଇନାଲରେ ଭାରତୀୟ ଦଳ ୩୬ ରନ୍‌ରେ ଆୟୋଜକ ଇଂଲଣ୍ଡକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୦ ରନ୍ କରିଥିଲା। ଦଳ ପାଇଁ ଆର. ଜି. ସାଣ୍ଟେ ସର୍ବାଧିକ ୫୩ ରନ୍ କରିଥିଲେ। ତାଙ୍କ ଇନିଂସରେ ୪ ଲେଖାଏ ଚୌକା ଓ ଛକା ସାମିଲ ଥିଲା। ତାଙ୍କ ବ୍ୟତୀତ କେ. ଡି. ଫାନସେ ୩୬, ଏସ. ମହେନ୍ଦ୍ରନ ୩୩ ଓ ବିକ୍ରାନ୍ତ କେନି ୨୯ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ଏହାପରେ ଭାରତୀୟ ବୋଲରମାନେ ଆୟୋଜକ ଦଳର ସ୍କୋରକୁ ୧୪୪/୯ ସୀମିତ ରଖିଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭିନ୍ନକ୍ଷମ ଦଳକୁ ସ୍ୱୀକୃତି ଦେଇଛି। ମାତ୍ର ଏପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରିନାହିଁ। ଚାମ୍ପିୟନ ଦଳକୁ ପୂର୍ବତନ ଭାରତୀୟ ଓପନର ୱାସିମ ଜାଫର ଶୁଭେଚ୍ଛା ଜଣାଇଛନ୍ତି।

ସଂକ୍ଷିପ୍ତ ସ୍କୋର:

ଭାରତୀୟ ଭିନ୍ନକ୍ଷମ ଦଳ– ୨୦ ଓଭରରେ ୧୮୦/୭ (ଆର. ଜି. ସାଣ୍ଟେ ୫୩, କେ. ଡି. ଫାନସେ ୩୬, ଏଲ. ଏମ୍. ଓବ୍ରିଏନ ୩୫/୨)।

ଇଂଲଣ୍ଡ ଭିନ୍ନକ୍ଷମ ଦଳ– ୨୦ ଓଭରରେ ୧୪୪/୯ (ଏ.ଜି. ବ୍ରାଉନ ୪୪, ସି. ଫ୍ଲିନ ୨୮, କେ. ଡି. ଫାନ୍‌ସେ ୧୫/୨)।



ଚାମ୍ପିୟନ ଭାରତୀୟ ଦଳର ଖେଳାଳିମାନେ।

## 'ମ୍ୟାଚ୍ ସ୍ଥଗିତ ନ ହେଲେ ଭେନ୍ୟୁ ପରିବର୍ତ୍ତନ କରାଯାଉ'

ନୂଆଦିଲ୍ଲୀ, ୧୪।୮ (ପି.ଟି.)

ଇସ୍‌ଲାମବାଦଠାରେ ଆସନ୍ତା ମାସରେ ଭାରତୀୟ ଟେନିସ ଦଳ ଡେଭିସ୍ କପ୍‌ର ଏକ ମ୍ୟାଚ୍ ଘରୋଇ ପାକିସ୍ତାନ ବିପକ୍ଷରେ ଖେଳିବାର କାର୍ଯ୍ୟସୂଚୀ ରହିଛି। ତେବେ ଧାରା ୩୭୦ ଉଚ୍ଛେଦ ପରେ ଦୁଇ ପଡ଼ୋଶୀ ରାଷ୍ଟ୍ର ଭାରତ ଓ ପାକିସ୍ତାନ ମଧ୍ୟରେ ଦିନକୁ ଦିନ ସମ୍ପର୍କରେ ତିକ୍ତତା ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ପାକିସ୍ତାନ ବିପକ୍ଷ ଡେଭିସ କପ୍ ମ୍ୟାଚ୍‌କୁ ସ୍ଥଗିତ କିମ୍ବା ଏହାକୁ ନିରପେକ୍ଷ ଭେନ୍ୟୁରେ ଆୟୋଜନ କରିବାକୁ ଅନ୍ତର୍ଜାତୀୟ ଟେନିସ ମହାସଂଘକୁ ଭାରତୀୟ ଆସୋସିଏଶନ ବୁଧବାର କହିଛି। 'ବର୍ତ୍ତମାନ ପରିସ୍ଥିତିରେ ଦୁଇଟି ବିକଳ୍ପ ଉପରେ ଆଇଟିଏଫ୍ ବୋର୍ଡ ଅଫ୍ ଡିରେକ୍ଟର୍ସ ବିଚାର କରିବା ଆବଶ୍ୟକ। ଗୋଟିଏ ହେଉଛି ଏହି ଡେଭିସ୍ କପ୍ ମୁକବିଲାକୁ ନଭେମ୍ବର/ଡିସେମ୍ବର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଉ। ସେତେବେଳକୁ ପରିସ୍ଥିତିରେ ସୁଧାର ଆସିଥିବାର ଆଶା କରାଯାଉଛି। ଦ୍ୱିତୀୟତଃ, ବର୍ତ୍ତମାନ ସ୍ଥିତି ଅନୁକୂଳ ଲାଗୁ ନାହିଁ। ଆମ ବିଚାରରେ ବର୍ତ୍ତମାନ ଆମର ସୁରକ୍ଷା ପରାମର୍ଶଦାତାଙ୍କ ରିପୋର୍ଟକୁ ଅନୁଧ୍ୟାନ କରୁଛୁ ବୋଲି ଆଇଟିଏଏଫ୍ କାର୍ଯ୍ୟକାରୀ ନିର୍ଦ୍ଦେଶକ ଜଷ୍ଟିନ ଆଲବର୍ଟ୍ କହିଛନ୍ତି।

## ଲର୍ଡ୍ସ ଟେଷ୍ଟ: ବର୍ଷା ବାଧକ

ଲର୍ଡ୍ସ,୧୪।୮(ଏଏଫପି)– ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ବୁଧବାର ଏଠାରେ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ଆଶେସ ଟେଷ୍ଟର ପ୍ରଥମ ଦିନର ଖେଳ ବାତିଲ ହୋଇଛି। କ୍ରମାଗତ ବର୍ଷା କାରଣରୁ ବିନା ଟସ୍ ଓ ବଲ୍ ପଡିବାରେ ପ୍ରଥମ ଦିନରେ ଖେଳ ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି। ଦୁଇ ଦଳ ମଧ ସେମାନଙ୍କ ଅନ୍ତିମ ଏକାଦଶ ଘୋଷଣା କରିନାହାନ୍ତି। ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ଇଂଲଣ୍ଡ କ୍ୟାପ୍ ପ୍ରଦାନ କରାଯାଇଥିଲା। ଫଳରେ ସେ ଏହି ଟେଷ୍ଟରେ ପଦାର୍ପଣ କରିବାର ନିଶ୍ଚିତ ହୋଇଛି। ପ୍ରଥମ ଦିନର ଖେଳ ବାତିଲ ହୋଇଥିବାରୁ ଏବେ ଅବଶିଷ୍ଟ ୪ ଦିନରେ ଅତିରିକ୍ତ ୮ ଓଭର ଲେଖାଏ ଖେଳ ହେବ। ଆଗକୁ ପୁଣି ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଉଲ୍ଲେଖଥାଉ ପ୍ରଥମ ଟେଷ୍ଟ ଜିତି ସିରିଜରେ ୧–୦ରେ ଅଗ୍ରଣୀ ରହିଛି।

## ଗୋକୁଲମ କେରଳା, ଗୋଆ ବିଜୟୀ

ଡୁରାଣ୍ଡ କପ୍

କୋଲକାତା, ୧୪।୮ (ପି.ଟି.)– ଏଠାରେ ଚାଲିଥିବା ସମ୍ମାନଜନକ ଡୁରାଣ୍ଡ କପ୍‌ର ୧୨୯ତମ ସଂସ୍କରଣରେ ବୁଧବାର ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଗୋକୁଲମ୍ କେରଳା ଓ ଏଫ୍‌ସି ଗୋଆ ବିଜୟୀ ହୋଇଛନ୍ତି। ହାୱ୍ରାଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ତ୍ରିନିଦାଦ୍ ଆଣ୍ଡ୍ ଟବାଗୋ ଷ୍ଟ୍ରାଇକର ମାର୍କସ ଜୋସେଫ୍‌ଙ୍କ ଡବଲ୍ ଗୋଲସ୍କୋର ବଳରେ ଗୋକୁଲମ୍ ୩–୦ ଗୋଲରେ ଇଣ୍ଡିଆନ୍ ଏୟାରଫୋର୍ସକୁ ପରାସ୍ତ କରିଛି। ଜୋସେଫ୍ ଏଥିପୂର୍ବରୁ ଚେନ୍ନାଇନ୍ ଏଫ୍‌ସି ବିପକ୍ଷରେ ହ୍ୟାଟ୍ରିକ ଗୋଲସ୍କୋର କରିଥିଲେ। ଲଗାତର ୨ଟି ବିଜୟ ସହ ଗୋକୁଲମ୍ ଗ୍ରୁପ୍–ଡି'ରେ ଶୀର୍ଷ ସ୍ଥାନ ବଜାୟ ରଖିବା ସହ ସେମିଫାଇନାଲ ଆଶା ଉଜ୍ଜିବୀତ ରଖିଛି। ଆସନ୍ତା ୧୮ରେ କେରଳା ମଣିପୁର ଦଳ ଟିଆଏୟୁ ଏଫ୍‌କୁ ଭେଟିବ। ଏହି ମ୍ୟାଚ୍‌କୁ ଅତିକମ୍‌ରେ ଡ୍ର' ରଖିଲେ କେରଳା ସେମିଫାଇନାଲ ଟିକେଟ୍ ହାସଲ କରିବ।


## ମନେ ପଡ଼ନ୍ତି

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**




ସ୍ୱର୍ଗତ ମନୋରଞ୍ଜନ ମଲ୍ଲିକ (ବିକି)
ଆବିର୍ଭାବ: ୧୧।୧୨।୧୯୯୪
ତିରୋଧାନ: ୧୫।୦୮।୨୦୧୩
ମାତା: ଜ୍ୟୋସ୍ନାରାଣୀ ମଲ୍ଲିକ
ପିତା: ମୂଷା ମଲ୍ଲିକ
ଦାମୋଦରପୁର, ମଣପଡ଼ା, ବ୍ରହ୍ମଗିରି, ପୁରୀ
ଚାହୁଁ ଚାହୁଁ ୬ବର୍ଷ ବିତିଗଲାଣି। ତୁ ଯେଉଁଠି ଥାଆ ଶାନ୍ତିରେ ଥାଆ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ତୋର ଠୁବି ଆଣ୍ଟି, ଅଙ୍କଲ ଏବଂ ଆତ୍ମୀୟସ୍ୱଜନ
ଧ–୧୩୯୧୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଡ. ରବିନାରାୟଣ ମିଶ୍ର
ନାନା,
ତୁମେ ଯିବାର ଏକବର୍ଷ ବିତି ଯାଇଥିଲେ ମଧ ତୁମର ଉପସ୍ଥିତି ଆମେ ସଦାସର୍ବଦା ଅନୁଭବ କରୁଅଛୁ। ତୁମେ ଯେଉଁଠିଥିଲେ ମଧ ଆମକୁ ଆଶିର୍ବାଦ ଦେବ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ସୋନି ଓ ମୁନୀ
ଧ–୬୭୭୦୧

**ଦଶାହ ଉପଲକ୍ଷେ**



ସ୍ୱର୍ଗତ କୃପାସିନ୍ଧୁ ଜେନାମଣୀ
ଆବିର୍ଭାବ: ୧୩।୦୮।୧୯୪୪
ତିରୋଧାନ: ୦୬।୦୮।୨୦୧୯
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ:
ଦିପୁ, ଜିତୁ, ଲିଲି, ପିଙ୍କି, ରିତା, ରୁନୁ, ବ୍ରଜ, ହିତୁ, ସ୍ମାଇଲ୍, ସାହିଲ୍, ବୁବୁଲ୍, ରିତିକା, ଚାନ୍ଦିନି, ମନିଷ୍
ଧ–୧୩୯୧୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଶଶିଶେଖର ମହାପାତ୍ର
ଜେନାମଠ ଲେନ୍, କୁଣ୍ଢେଇବେଣ୍ଟ ସାହି, ପୁରୀ
ଆବିର୍ଭାବ: ୨୫।୦୭।୧୯୩୬
ତିରୋଧାନ: ୨୬।୦୮।୨୦୧୮
ଦେଖୁ ଦେଖୁ ବର୍ଷେ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏମିତି ସଦା ସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଆତ୍ମାର ସଦ୍‌ଗତି ଲାଗି ମହାପ୍ରଭୁଙ୍କ ନିକଟରେ ବିନତି କରୁଛୁ।
ଶୋକସନ୍ତପ୍ତ:
ସ୍ତ୍ରୀ, ପୁତ୍ର, ବୋହୂ, କନ୍ୟା, ନାତି, ନାତୁଣୀ
ଧ–୬୩୭୭୯

**ଜନ୍ମଦିନ ଶୁଭେଚ୍ଛା**



Subhasmita Priyadarsini Sahoo
(Deepa)
ବୌଦ୍ଧ, ଆଢ଼େନି ଗଡ଼
ତୁମର ୨୩ତମ ଜନ୍ମଦିନରେ ସାଇବାବାଙ୍କ କୃପାରୁ ତୁମର ପ୍ରତିଟିଦିନ ସୁଖମୟହେଉ।
ଶୁଭେଚ୍ଛା ସହ
ବାବା, ବୋଉ, ଭାଇ, ମାମୁ, ମାଇଁ, ଅଜା, ବନ୍ଧୁ ଓ ପରିବାରବର୍ଗ।
ଧ–୧୩୮୮୯

**8th Happy birthday**



Janisha Paikaray
(Pihu)
Wishing all good wishes and good luck on 8th birthday.
From- Paikaray family and relatives.
Happy Birthday Jinisha
D-67351

**୭ମ ଜନ୍ମଦିନ ଶୁଭେଚ୍ଛା**



Jagsobha Mishra
(Rakhi)
ତୋର ଶୁଭ ସପ୍ତମ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ।
ତୋର ମଙ୍ଗଳାକାଂକ୍ଷୀ:
ଅଜା, ଆଈ, ମାମୁ, ବାପା, ମା', ଜେଜେ ମା', ମଉସା, ମାଉସୀ, ପିଉସା, ପିଉସୀ, ବବୁଲୁ।
ଧ–୧୩୮୯୪

**Birthday wish**



Gunu
Many many happy returns of the day to my dear Dhana.
God bless you.
Heartly wishes from:
Baba, Mummy, Didi, Nana, Gugu, Bapa, Bou.
D-13915

**୨ୟ ଜନ୍ମଦିନ ଶୁଭେଚ୍ଛା**



ପ୍ରିନ୍ସ
ଆଜି ତୋର ୨ୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଏବଂ ତୋର ଭବିଷ୍ୟତ ମଙ୍ଗଳମୟ ହେଉ ଏହାହିଁ ପ୍ରଭୁଙ୍କ ପାଖରେ ପ୍ରାର୍ଥନା।
ଶୁଭେଚ୍ଛା ସହ
ଜେଜେବାପା, ଜେଜେମା, ମାନ, ଗୋବିନ୍ଦ, ପ୍ରଦୀପ, ରଞ୍ଜିତା, ଦୀପୁ ଏବଂ ପରିବାରବର୍ଗ।
ଧ–୬୪୦୮୩

■ ଯୁରୋପ ଆଥଲେଟିକ୍ସ ମିଟ୍‌ରେ ଭାଗ ନେବା ଆଶା ଅଧୁରା

# ଭିଜା ମିଳିଲାନି, ଦୂତୀ ନିରାଶ



ଭୁବନେଶ୍ୱର, ୧୪।୮ (କ୍ରୀଡ଼ା ପ୍ରତିନିଧି)

ଜାତୀୟ ରେକର୍ଡର ଅଧିକାରିଣୀ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଧାବିକା ଦୂତୀ ଚାନ୍ଦଙ୍କୁ ଶେଷରେ ନିରାଶ ହେବାକୁ ପଡ଼ିଛି। ୟୁରୋପ୍ ଗସ୍ତ ପାଇଁ ତାଙ୍କୁ ଭିଜା ମିଳିଲାନି। ତେଣୁ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଯୋଗ୍ୟତା ହାସଲ ପାଇଁ ସେ ୟୁରୋପ୍ ଗସ୍ତରେ ଯାଇ ଦୁଇଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ଯେଉଁ କାର୍ଯ୍ୟକ୍ରମ ରହିଥିଲା, ତାହା ଧୂଳିସାତ୍ ହୋଇଛି। ସୋସିଆଲ ମିଡିଆ ଜରିଆରେ ଦୂତୀ ଏହା ପ୍ରକାଶ କରିଛନ୍ତି। ‘‘ଫେକ୍ ନ୍ୟୁଜ, ମୋତେ ଭିଜା ମିଳିଲା ନାହିଁ। ମୋର ସବୁ ଆଶା ମଉଳିଗଲା। ମୋର ଜର୍ମାନୀ ଯିବା କ୍ୟାନସଲ’’ ବୋଲି ଦୂତୀ ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି।

ନିଜର ଭିଜା ସମ୍ପର୍କିତ ଔପଚାରିକତା ପୂରଣ ପାଇଁ ଦୂତୀ ବହିର୍ବ୍ୟାପାର ବିଭାଗ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ସହାୟତା ଲୋଡ଼ିଥିଲେ। ଏହାପରେ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ ଫେଡେରେଶନ (ଆଇଏଏଏଫ) ଅନୁମୋଦିତ ଆୟର୍ଲାଣ୍ଡ (ଅଗଷ୍ଟ ୧୩) ଓ ଜର୍ମାନୀ(ଅଗଷ୍ଟ ୧୯) ମିଟ୍ ପାଇଁ ଓଡ଼ିଶା ଆଇକନ୍ ଦୂତୀ ଚାନ୍ଦଙ୍କୁ ଭିଜା ମିଳିଲା ବୋଲି ଗତ ୯ ତାରିଖରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଟୁଇଟର ପୃଷ୍ଠାରେ ଉଲ୍ଲେଖ କରାଯାଇଥିଲା। ଏପରି ଭୁଲ ଖବରକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଦୂତୀ। ‘‘ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଯୋଗ୍ୟତା ପାଇଁ ୟୁରୋପରେ ୨ଟି ରେସ୍‌ରେ ଭାଗନେବାକୁ ଯେଉଁ ସ୍ୱପ୍ନ ଦେଖିଥିଲି ତାହା ଆଶାରେ ରହିଗଲା। ୨ଟି ସମ୍ମାନଜନକ ପ୍ରତିଯୋଗିତା ପାଇଁ ମୁଁ ନିଜକୁ ପ୍ରସ୍ତୁତ କରିଥିଲି। ପ୍ରତିଯୋଗିତାରେ ଭାଗ ନେବାକୁ ପଇଠ କରିଥିବା ୪ ଲକ୍ଷ ଟଙ୍କା ମଧ୍ୟ ମୋତେ ଫେରସ୍ତ ମିଳିବ ନାହିଁ। ତତ୍କାଳରେ ଟିକେଟ ବୁକ୍ କରିଥିବାରୁ ଟିକେଟ ମଧ୍ୟ ବାତିଲ କରିପାରିବି ନାହିଁ। ଏହା ମୋତେ ଖୁବ୍ ଆଘାତ ଦେଇଛି ବୋଲି ଦୂତୀ କହିଛନ୍ତି। ଆଇଏଫଏଫର ଏହି ୨ଟି ପ୍ରତିଯୋଗିତା ପାଇଁ ଭିଜା ମିଳିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲେ ହେଁ ଏ ନେଇ ଦୂତୀଙ୍କ ସହ ଗତ ମଙ୍ଗଳବାର ଯୋଗାଯୋଗ କରାଯାଇ ପାରିଥିଲା। ପାସପୋର୍ଟ ପାଇଁ ତାଙ୍କର ସ୍ଥାୟୀ ଠିକଣାକୁ ନେଇ କେତେକ ସମସ୍ୟା ରହିଥିଲେ ହେଁ ତାଙ୍କୁ ଅବଗତ କରାଯିବା ବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ପ୍ରକାଶ ଯୋଗ୍ୟ ଯେ, ଦୂତୀ ଜୁଲାଇ ୧୦ରେ ଇଟାଲୀର ନାପୋଲିଠାରେ ଅନୁଷ୍ଠିତ ବିଶ୍ୱ ୟୁନିଭର୍ସିଟି ଗେମ୍ସରେ ଅଂଶଗ୍ରହଣ କରି ପ୍ରଥମ ଭାରତୀୟ ଭାବେ ମହିଳା ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ୧୦୦ ମିଟର ରେସ୍‌ରେ ବିଶ୍ୱ ଚାମ୍ପିୟନଶିପ୍ କ୍ୱାଲିଫାଇଙ୍ଗ୍ ଟାଇମିଂ ହେଉଛି ୧୧.୨୪ ସେକେଣ୍ଡ। ୨୦୨୦ ଅଲିମ୍ପିକ୍ସ ପାଇଁ କ୍ୱାଲିଫାଇଙ୍ଗ୍ ଟାଇମିଂ ୧୧.୧୫ ସେକେଣ୍ଡ ରହିଛି। ଦୂତୀ ଗତ ଏପ୍ରିଲ୍‌ରେ ଦୋହାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ୧୧.୨୬ ସେକେଣ୍ଡ ନେଇ ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏଥିରେ ଉନ୍ନତି ଆଣି ସେ ବିଶ୍ୱ ଚାମ୍ପିୟନଶିପ ଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ଲକ୍ଷ୍ୟରେ ରହିଥିଲେ।

# ଦନଞ୍ଜୟଙ୍କୁ ୫ ଉଇକେଟ: ନ୍ୟୁଜିଲାଣ୍ଡ ୨୦୩/୫

ଗାଲେ, ୧୪।୮ (ପି.ଟି.)

ସ୍ଥାନୀୟ ଗାଲେ ନ୍ୟାଶନାଲ ଷ୍ଟାଡିୟମରେ ଶ୍ରୀଲଙ୍କା ଓ ଘରୋଇ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହୋଇଛି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲରଙ୍କ ୮୬ ରନର ଅର୍ଦ୍ଧଶତକୀୟ ପାଳି ବଳରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୬୮ ଓଭରରେ ୫ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିଛି। ଡାହାଣହାତୀ ଅଫ୍ ସ୍ପିନର ଦନଞ୍ଜୟ ମାତ୍ର ୫୭ ରନ ବ୍ୟୟ କରି ସବୁ ୫ଟି ଯାକ ଉଇକେଟ ଅକ୍ତିଆର କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ୧୩୧ଟି ବଲର ସମ୍ମୁଖୀନ ହୋଇ ଟେଲର ୬ ଚୌକା ସହ ୮୬ ଓ ମିଚେଲ ସାଣ୍ଟନର ୮ ରନ କରି ଅପରାଜିତ ରହିଛନ୍ତି। ଜିତ୍ ରାଭାଲ ଓ ଟମ୍ ଲଥାମ ଇନିଂସ ଓପନ କରି ପ୍ରଥମ ଉଇକେଟ ଯୋଡିରେ ୬୪ ରନ ସଂଗ୍ରହ କରିଥିଲେ। ଲଥାମ ୩୦ ରନ କରିଥିବା ବେଳେ ଅକିଲ ଦନଞ୍ଜୟଙ୍କ ବଲ୍‌ରେ ଉଇକେଟକିପର ନିରୋଶାନ ଡିକ୍‌ୱେଲାଙ୍କୁ କ୍ୟାଚ୍ ଦେଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଇନ୍‌ଫର୍ମ ଅଧିନାୟକ କେନ୍ ୱିଲିୟମସନ ଖାତା ଖୋଲିବା ପୂର୍ବରୁ ଶର୍ଟ ମିଡ୍‌ଉଇକେଟରେ ଦିମୁଥ କରୁଣାରତ୍ନେଙ୍କୁ କ୍ୟାଚ୍ ଦେଇ ଦନଞ୍ଜୟଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ରାଭାଲ ୩୩ ରନ କରିଥିବା ବେଳେ ଦନଞ୍ଜୟଙ୍କ ବଲ୍‌ରେ ସ୍ଲିପ୍‌ରେ ଧନଞ୍ଜୟ ଡିସିଲ୍‌ଭାଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ହେନେରୀ ନିକୋଲ୍ସ ୪୨ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ବିଜେ ୱାଟିଲିଂ ୧ ରନ କରି ଦନଞ୍ଜୟଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ଆଉଟ ହୋଇଥିଲେ। ବୋଲିଂରେ ଚତୁର୍ଥଥର ପାଇଁ ୫ ଉଇକେଟ ସଫଳତା ହାସଲ କରିଛନ୍ତି। ଶ୍ରୀଲଙ୍କା ଗସ୍ତରେ ଆସିଥିବା ନ୍ୟୁଜିଲାଣ୍ଡ ୨ଟି ଟେଷ୍ଟ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ସେମାନଙ୍କ ପ୍ରଥମ ମ୍ୟାଚ୍ ଖେଳିଛନ୍ତି। ଏହି ଚାମ୍ପିୟନଶିପ୍‌ରେ ଶ୍ରେଷ୍ଠ ୯ଟି ଦଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ ଓ ଟେଷ୍ଟ ଫର୍ମାଟରେ ସେମାନଙ୍କର ଶ୍ରେଷ୍ଠତ୍ୱ ଜାହିର ପାଇଁ ପ୍ରୟାସ କରିବେ। ବର୍ଷା ଯୋଗୁ ପ୍ରଥମ ଦିବସରେ ପାଖାପାଖି ଏକ ଘଣ୍ଟା ଖେଳ ବନ୍ଦ ରହିଥିଲା ଓ ୨୨ ଓଭର ଖେଳ ସମ୍ଭବ ହୋଇପାରି ନ ଥିଲା।



ଉଇକେଟ ଅକ୍ତିଆର ପରେ ଖୁସି ମନାଉଛନ୍ତି ଅକିଲ ଦନଞ୍ଜୟ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ– ୬୮ ଓଭରରେ ୨୦୩/୫ (ଟେଲର– ୮୬*, ନିକୋଲ୍ସ– ୪୨, ଲଥାମ– ୩୦, ରାଭାଲ– ୩୩, ଦନଞ୍ଜୟ– ୫/୫୭)

## ଏଏଏ ସଦସ୍ୟା ହେଲେ ପିଟି ଉଷା




ନୂଆଦିଲ୍ଲୀ, ୧୪।୮ (ପି.ଟି.)

କିମ୍ବଦନ୍ତୀ ଭାରତୀୟ ମହିଳା ସ୍ପ୍ରିଣ୍ଟର ପି.ଟି. ଉଷା ଏସିଆନ ଆଥ୍‌ଲେଟିକ୍ ଆସୋସିଏଶନ (ଏଏଏ)ର ଆଥ୍‌ଲେଟିକ କମିଶନ ସଦସ୍ୟା ହୋଇଛନ୍ତି। ଉପମହାଦେଶୀୟ ଷ୍ଟେଜ୍‌ରେ ଚମତ୍କାର ଆଚିଭମେଣ୍ଟ ପାଇଁ ଉଷାଙ୍କୁ ଏହି ସମ୍ମାନଜନକ ସଦସ୍ୟତା ପଦ ପାଇଁ ନିଯୁକ୍ତ କରାଯାଇଛି। ୫୫ ବର୍ଷୀୟା ଉଷା ତାଙ୍କ ସମୟରେ ଏସିଆ ମହାଦେଶର ଶ୍ରେଷ୍ଠ ମହିଳା ଧାବିକା ରହିଥିଲେ। ୧୯୯୨ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ହାମର୍ ଥ୍ରୋୟର ଉଜବେକିସ୍ତାନର ଆନ୍ଦ୍ରେ ଅବଦୁଭାଲିୟେଭ ୬ ସଦସ୍ୟ ବିଶିଷ୍ଟ ଏଏଏ ଆଥ୍‌ଲେଟିକ କମିଶନର ଅଧକ୍ଷ ରହିଛନ୍ତି। ‘ଏଏଏ ଆଥ୍‌ଲେଟିକ କମିଶନ ସଦସ୍ୟା ଭାବେ ମୋତେ ନିଯୁକ୍ତ କରାଯାଇଥିବାରୁ ଏହାକୁ ଗ୍ରହଣ କରୁଛି। ଏହା ଦେଶ ଓ ମୋ ପାଇଁ ଏକ ବଡ଼ ସମ୍ମାନ’ ବୋଲି ଉଷା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ୧୯ ବର୍ଷରୁ କମ୍ ଦଳର କୋଚ୍ ପଦ ଦୌଡ଼ରେ ସାକଲିନ

କରାଚୀ, ୧୪।୮ (ପିଟି)



ଦେଶର ୧୯ ବର୍ଷରୁ କମ୍ ଦଳର ମୁଖ୍ୟ କୋଚ୍ ପଦ ଦୌଡ଼ରେ ସାମିଲ ହୋଇଛନ୍ତି ପୂର୍ବତନ ପାକିସ୍ତାନ ସ୍ପିନର ସାକଲିନ ମୁସ୍ତାକ। ଆଗାମୀ ବର୍ଷ ହେବାକୁ ଥିବା ଜୁନିୟର ବିଶ୍ୱକପ୍ ଲାଗି ପ୍ରସ୍ତୁତ ହେଉଥିବା ଦଳର କୋଚ୍ ପଦ ପାଇଁ ପିସିବି ପକ୍ଷରୁ ବିଜ୍ଞାପନ ଦିଆଯାଇଥିଲା। ଏଥିଲାଗି ୧୬୯ ଦିନିକିଆ ଓ ୪୯ ଟେଷ୍ଟରେ ମୋଟ ୪୯୬ ଉଇକେଟ ନେଇଥିବା ୪୨ ବର୍ଷୀୟ ସାକଲିନ ଆବେଦନ କରିଛନ୍ତି। ମୁଁ ଜୁନିୟର ଦଳର ମୁଖ୍ୟକୋଚ୍ ପଦ ପାଇଁ ଆବେଦନ କରିଛି। ଆସନ୍ତା ସପ୍ତାହରେ ମୋର ସାକ୍ଷାତକାର ଅଛି। ପାକିସ୍ତାନ କ୍ରିକେଟକୁ ମୁଁ ଏବେ ମଧ୍ୟ ଅବଦାନ ଦେଇପାରିବି ବୋଲି ଅନୁଭବ କରିବା ପରେ ପଦ ପାଇଁ ଆବେଦନ କରିଛତ ବୋଲି ସାକଲିନ କହିଛନ୍ତି। ଇସିବିଠାରୁ ୩ୟ ଲିବେଲ କୋଚ୍ ସାର୍ଟିଫିକେଟ ପାଇଥିବା ପୂର୍ବତନ ସ୍ପିନର ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ୱେଷ୍ଟଇଣ୍ଡିଜ ଓ ବାଂଲାଦେଶ ସହ ପରାମର୍ଶଦାତା ଭାବେ କାର୍ଯ୍ୟ କରିସାରିଛନ୍ତି। ଏବେ ସେ ବିଶ୍ୱକପ୍ ବିଜୟୀ ଇଂଲଣ୍ଡ ଦଳ ସହ ସ୍ପିନ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି। ଇଦ୍ ଛୁଟି ପରେ ପିସିବି ସିନିୟର ଦଳର ମୁଖ୍ୟ କୋଚ୍ ପାଇଁ ମଧ୍ୟ ବିଜ୍ଞପନା ବାହାର କରିବା ନେଇଆଶା କରାଯାଉଛି। ବୋର୍ଡ ମିକି ଆର୍ଥରଙ୍କ କାର୍ଯ୍ୟକାଳରେ ବୃଦ୍ଧି କରାଯିବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ୱେଷ୍ଟଇଣ୍ଡିଜ ଦଳର ପରାମର୍ଶଦାତା ଭାବେ କର୍ଯ୍ୟ କରୁଥିବା ସାକଲିନଙ୍କ ସାଥି ସ୍ପିନର ମୁସ୍ତାକ ଅହମ୍ମଦ ପାକିସ୍ତାନ ଦଳର ମୁଖ୍ୟ କୋଚ୍ ଲାଗି ଇଚ୍ଛୁକ ଥିବା ପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ କି, ବିସିସିଆଇ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡଙ୍କ ନେତୃତ୍ୱରେ ୧୯ ବର୍ଷରୁ କମ୍ ଭାରତୀୟ ଦଳ ଓ ଭାରତ ଏ’ ସଫଳତା ପାଇବା ପରେ ପିସିବି ସମାନ ରଣନୀତି ଆପଣେଇବାକୁ ନିଷ୍ପତ୍ତି ନେଇଛି।


**ADMISSION NOTICE 2019-20**

**GANGADHAR MEHER UNIVERSITY, AMRUTA VIHAR, SAMBALPUR**

Invites Applications for Admission into the (vacant seats) of the following Programmes

| COURSE | DURATION | COURSE FEE | ELIGIBILITY |
|---|---|---|---|
| **MBA** (Financial Management) | 2 Years | 30,000/-per annum | +3 or Equivalent with 45% marks in aggregate at Degree Level (relaxation of 5% Marks is allowed for the students belonging to ST/SC categories) |
| **M.Sc. ETC** (Electronics & Telecommunications) | 2 Years | 35,000/- per annum | B.Sc. with Maths./Physics /Electronics &Telecommunication/ Computer Science /IST or Equivalent and minimum 45% marks in aggregate at Degree Level or B.Tech.(ETC/CSE/IT) (relaxation of 5% Marks is allowed for the students belonging to ST/SC categories) |

Applications are invited for admission into a few vacant seats of PG Courses of (MBA-FM, M.Sc. ETC, MSC Anthropology & MA Sociology) of Gangadhar Meher University, Sambalpur for the session 2019-20. Interested candidates are required to visit the university website **www.gmuniversity.ac.in** for eligibility, application form, Information Boucher & other details.
For the PG Vacant Seat Admission-2019-20, The downloaded Hard Copy of Application Form along with necessary documents will be received in the Academic Section GMU, SBP from **Dt.14.08.2019 to Dt. 19.08.2019 (10.30 AM to 12.30 PM).** Candidates are advised to visit the universities website **www.gmuniversity.ac.in** for details. If required, candidates may contact the following helpline number from **10.00 AM to 05.00 PM.**

Sd./- Registrar

Helpline No - 0663–2522543, Mob. 9861283124, 8328821808, 7008225400, 9438735182, 9853132904






BRIGHT


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ


Reliance fresh
Reliance SMART SUPERSTORE
Reliance Growth is Life
@RelianceFreshOfficial
@RelianceFreshIN
@RelianceFreshOfficial
@RelianceSMARTIndia
@RelianceSMARTIN
@RelianceSMART_Official
ଫୁଲ ପଇସା ଅସୁଲ ସେଲ୍
ଜଲଦି ! ଶେଷ ଦିନ ଆଜି
Now discover Great Offers on your mobile: Step 1: Say "OK Google" Step 2: Say "Talk to Reliance FRESH"
ସବୁଠୁ କମ୍ ମୂଲ୍ୟ ଗ୍ୟାରେଣ୍ଟି
10th-15th Aug
ଆଉ କଣ ଦରକାର
ପିଆଜ 2 kg + ଆଳୁ 2 kg ₹70* ରେ କିଣନ୍ତୁ
ସନ୍‌ରିଚ୍ ସନ୍‌ଫ୍ଲାୱାର୍ ତେଲ 5 ℓ + ଦାୱତ ରୋଜାନା ଗୋଲ୍ଡ ବାସମତୀ ଚାଉଳ 5 kg ସମ୍ମିଳିତ MRP ₹1040 ଆମ ମୂଲ୍ୟ ₹341 ଆମ ମୂଲ୍ୟ ₹699
ଖୋଲା ଚିନି 1 kg ବଜାର ମୂଲ୍ୟ ₹41.50 ଆମ ମୂଲ୍ୟ ₹39
ଖୋଲା ହରଡ଼ ଡାଲି ଭାଲ୍ୟୁ 1 kg ବଜାର ମୂଲ୍ୟ ₹89 ଆମ ମୂଲ୍ୟ ₹87
ଚକ୍କି ଫ୍ରେଶ୍ ଅଟା 5 kg MRP ₹185 ସଞ୍ଚୟ ₹56 ଆମ ମୂଲ୍ୟ ₹129
ଏଚ୍‌ଏମ୍‌ଟି କୋଲମ୍ ରାଇସ୍ 10 kg MRP ₹550 ସଞ୍ଚୟ ₹105 ଆମ ମୂଲ୍ୟ ₹445 (44.50/kg)
ସୁପର୍ ସର୍ବୋତ୍ତମ ରାଇସ୍ ବ୍ରାନ୍ ଅଏଲ୍ 1 ℓ MRP ₹149 BUY 1 GET 1 FREE
ବେସନ/ସୁଜି/ମଇଦା (500 g / 1 kg)/ ଗୁଡ୍ ଲାଇଫ୍ କଞ୍ଚା ଚିନାବାଦାମ (500 g) / ସୋୟା ଚଙ୍କସ (200 g) MRP ₹40 ତେଣିକି BUY 1 GET 1 FREE
ବ୍ଲେଣ୍ଡେଡ୍ ସ୍ପାଇସେସ୍ (ପୂରା ବର୍ଗମାଳା) ଚିଲି / ଟର୍ମରିକ୍ / କୋରିଆଣ୍ଡର୍ ପାଉଡ଼ର 500 g BUY ANY 2 GET ANY 1 FREE
ଗୁଡ୍ ଲାଇଫ୍ ଆଲ୍‌ମଣ୍ଡ / କାଜୁ 500 g MRP ₹461/ ₹575 ସଞ୍ଚୟ ₹92/ ₹176 ଆମ ମୂଲ୍ୟ ₹369/ ₹399
ଓମ୍‌ଫେଡ୍ ଘିଅ 1 ℓ MRP ₹515 ସଞ୍ଚୟ ₹39 ଆମ ମୂଲ୍ୟ ₹476
ବଟର୍, ପନୀର୍, ଚୀଜ୍, କପ୍ କର୍ଡ, ମାର୍ଗାରିନ୍, ଫ୍ଲେଭର୍ଡ ମିଲ୍କ, ଆଇସ୍ କ୍ରୀମ୍, ଯୋଗହର୍ଟ, କେକ୍ ଆଣ୍ଡ ରସ୍କ (ବଛା ବଛା ବ୍ରାଣ୍ଡ ଓ ପ୍ରକାର) ସର୍ବନିମ୍ନ 25% ଛାଡ଼ *ସା.ଖା. ମୂଲ୍ୟ ଉପରେ
ମାକ୍‌କେନ୍ / ସଫଲ୍ / ସୁମେରୁ (ବଛା ବଛା ପ୍ରକାର) MRP ପ୍ରତ୍ୟେକ ମୂଲ୍ୟ ₹85 ତେଣିକି BUY ANY 2 GET ANY 1 FREE
ବିସ୍କିଟ୍ସ ଲାର୍ଜ ପ୍ୟାକ୍ (ବଛା ବଛା ପ୍ରକାର) MRP ପ୍ରତ୍ୟେକ ମୂଲ୍ୟ ₹100 ତେଣିକି BUY ANY 2 GET ANY 1 FREE
ଚକୋଲେଟ ହୋମ୍ ପ୍ୟାକ୍ 126 g ତେଣିକି MRP ₹90 ତେଣିକି BUY ANY 2 GET ANY 1 FREE
ମାଗି 2-ମିନିଟ ନୁଡ଼ଲ୍‌ସ ମସାଲା 560 g MRP ₹89 ଆମ ମୂଲ୍ୟ ₹64 ସଞ୍ଚୟ ₹25
ଫ୍ରୁଟି 2.25 ℓ MRP ₹99 ଆମ ମୂଲ୍ୟ ₹69 ସଞ୍ଚୟ ₹30
ହଲଦିରାମ୍'ସ ପ୍ରଭୁଜୀ ଭୁଜିଆ 200 g ତେଣିକି (ବଛା ବଛା ରେଞ୍ଜ) MRP ₹50 ତେଣିକି BUY 2 GET 1 FREE
ରେଡ୍ ଲେବଲ୍ ଲିଫ୍ ଟୀ / ଟାଟା ଗୋଲ୍ଡ ଲିଫ୍ ଟୀ / ତାଜ୍ ମହଲ ଚାହା 1 kg MRP ₹365 ତେଣିକି ଆମ ମୂଲ୍ୟ ₹265 ତେଣିକି ସଞ୍ଚୟ ₹100
କୋକ୍ 600 ml / 750 ml (ବଛା ବଛା ପ୍ରକାର) MRP ପ୍ରତ୍ୟେକ ମୂଲ୍ୟ ₹37 ତେଣିକି BUY ANY 3 GET ANY 1 FREE
ଲକ୍‌ସ ସାବୁନ 150 g x 3 ୟୁନିଟ (ବଛା ବଛା ପ୍ରକା) MRP ₹108 ପ୍ରତ୍ୟେକ BUY ANY 2 GET ANY 1 FREE (ଉପରେ ଅଫର୍)
ଡଭ୍ / ହେଡ୍ ଆଣ୍ଡ ଶୋଲ୍‌ଡର୍‌ସ ଶାମ୍ପୁ / ପାଣ୍ଟିନ୍ ଶାମ୍ପୁ 650 ml ତେଣିକି (ବଛା ବଛା ପ୍ରକାର) MRP ₹395 ତେଣିକି BUY ANY 1 GET ANY 1 FREE
ଡିଓ 120 ml ତେଣିକି (ବଛା ବଛା ରେଞ୍ଜ) MRP ₹190 ତେଣିକି BUY ANY 1 GET ANY 1 FREE
ବେବି ପ୍ୟାଣ୍ଟସ୍ (ହଗୀସ୍ / ପ୍ୟାମ୍ପର୍ସ / ମାମି ପୋକୋ) (ବଛା ବଛା ରେଞ୍ଜ) MRP ₹690 ତେଣିକି ଆମ ମୂଲ୍ୟ ₹440 ତେଣିକି ସଞ୍ଚୟ ₹250 ତେଣିକି
ହାର୍ପିକ୍ ଟୟଲେଟ୍ କ୍ଲିନର୍ / ଲାଇଜଲ୍ ଫ୍ଲୋର୍ କ୍ଲିନର୍ 500 ml x 3 ୟୁନିଟ (ବଛା ବଛା ପ୍ରକାର) MRP ₹258 ତେଣିକି ଆମ ମୂଲ୍ୟ ₹185 ତେଣିକି ସଞ୍ଚୟ ₹73* ତେଣିକି (ଉପରେ ଅଫର୍)
ସର୍ଫ ଏକ୍ସେଲ୍ ମ୍ୟାଟିକ୍ 4 kg + 2 kg ମାଗଣା* (ଟପ୍ / ଫ୍ରଣ୍ଟ ଲୋଡ୍) MRP ₹948 ତେଣିକି ଆମ ମୂଲ୍ୟ ₹748 ତେଣିକି ସଞ୍ଚୟ ₹200 *ପ୍ୟାକ୍ ଉପରେ ଥିବା ଅଫର୍ ସହ ମିଶାଇ *2 kg ଇନ୍‌ସାଇଡ୍ ପ୍ୟାକ୍
ପଲିସେଟ୍ ଫ୍ରିଜ୍ କଣ୍ଟେନର୍ (9 ୟୁନିଟ୍) (1050 x 3 + 725 x 3 + 485 x 3) MRP ₹400 ସଞ୍ଚୟ ₹201 ଆମ ମୂଲ୍ୟ ₹199
କ୍ରମ୍ପଟନ୍ ଇମର୍ସନ୍ ୱାଟର୍ ହିଟର୍ 1000 W MRP ₹530 ସଞ୍ଚୟ ₹161 ଆମ ମୂଲ୍ୟ ₹369
ସ୍ପଟ୍ ଜିରୋ କ୍ଲାସିକ୍ ସ୍ପିନ୍ ମପ୍ MRP ₹1649 ସଞ୍ଚୟ ₹1050 ଆମ ମୂଲ୍ୟ ₹599
ବିନାକା କାରାଭେଲା 100% କଟନ ଡବଲ୍ ବେଡ୍‌ଶୀଟ୍ 2 ପିଲୋ କଭର୍ ସହ MRP ₹1499 BUY 1 GET 2 FREE
7.5% INSTANT DISCOUNT HDFC BANK We understand your world Instant Discount upto ₹750 On Min. Shopping of ₹2,000 with HDFC Bank Debit & Credit Cards Valid till 15th August 2019
Pay using Paytm. Get up to ₹550 Paytm Cashback T&C Apply. Offer valid till 31 Aug 2019 on min payment of ₹499.
Pay using Google Pay & get rewards up to G Pay ₹500* *T&C Apply: Offer valid on min transaction value of Rs 599. For more details please check the Google Pay app.
PAY WITH MOBIKWIK GET 25% SuperCash *T&C APPLY: MIN TRANSACTION ₹750 | EARN MAX SUPERCASH ₹500 OFFER VALID FROM 10TH AUG TO 15TH AUG | VALID ONCE DURING THE OFFER PERIOD
10% Cashback freecharge T&C Apply: Offer valid on minimum bill of ₹250 Maximum cashback upto ₹50, Valid on 1st & 3rd transaction
କଲ୍ କରନ୍ତୁ ନିଃଶୁଳ୍କ ନମ୍ବର 1800-103-2022 ପାଖ ରିଲାଏନ୍ସ ଫ୍ରେଶ୍ ଷ୍ଟୋର୍‌ସ ଠିକଣା ଜାଣିବାକୁ !



ପାନେ ବିଷ ଜଣକୁ ମାରିଦେଇପାରେ, କିନ୍ତୁ ଖଣ୍ଡିଏ ଖରାପ ପୁସ୍ତକ ଯୁଗ ଯୁଗ ଧରି ମନୁଷ୍ୟ ସମାଜରେ ବିଷ ସଞ୍ଚାର କରୁଥାଏ।
- ଥୋମାସ ମୁରେ



## ସଂକ୍ଷେପରେ

### ବନ୍ୟାରେ ଲୋକେ ସଂଗ୍ରହ କରୁଛନ୍ତି ଜାଳକାଠ



**ଖଣ୍ଡପଡ଼ା,୧୪।୮(ସ୍ୱ.ପ୍ର.):** ଉପର ମୁଣ୍ଡରେ ପ୍ରବଳ ଓ ଲଗାଣ ବର୍ଷା ଯୋଗୁ ମହାନଦୀ ଓ ଏହାର ଉପନଦୀ କମେଇ, କୁଆଁରିଆ, କାଳୀଗିରି ଓ କୁସୁମୀ ନଦୀଗୁଡିକରେ ବନ୍ୟା ଦେଖାଦେଇଛି। ବିଭିନ୍ନ ନଦୀର ଜଳପତ୍ତନ ବୃଦ୍ଧି ପାଇଥିବା କାରଣରୁ ଲୋକେ ଆଶଙ୍କାରେ ରହିଛନ୍ତି। ତେବେ ଉପକୂଳସ୍ଥ ପାହାଡ, ଜଙ୍ଗଲରୁ ନଦୀ ସ୍ରୋତରେ ଭାସି ଆସୁଥିବା ପ୍ରଚୁର ଶୁଖିଲା କାଠ, ବାଉଁଶକୁ କେତେଜଣ ସଂଗ୍ରହ କରି ଚଢ଼ା ଦାମରେ କିଣାବିକା କରୁଥିବା ଦୃଷ୍ଟିଗୋଚର ହେଉଛି। ନଦୀ କୂଳବର୍ତ୍ତୀ କଣ୍ଟିଲୋ, ବାଣପୁର ଅଞ୍ଚଳ ଲୋକେ ଜାଳକାଠ ସଂଗ୍ରହ ନିମନ୍ତେ ସୁଯୋଗ ଖୋଜୁଥିବା ଜଣାପଡ଼ିଛି।

### ପନ୍ଦାରୀ ପ୍ରଧାନ ସ୍କାଉଟ୍ ଟ୍ରୁପ୍ ଉଦ୍‌ଘାଟିତ

**ଦଶପଲ୍ଲା,୧୪।୮(ଡି.ଏନ.ଏ.):** ଦଶପଲ୍ଲା ନେଳିଗୁଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ପନ୍ଦାରୀ ପ୍ରଧାନ ସ୍କାଉଟ୍ ଟ୍ରୁପ୍ ଉଦ୍‌ଘାଟିତ ହୋଇଯାଇଛି। ସରିଗଣ୍ଡା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଦାମ ପ୍ରଧାନ ତାଙ୍କ ପିତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ସ୍କାଉଟ୍ ଟ୍ରୁପ୍ ପ୍ରତିଷ୍ଠା କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବସନ୍ତ କୁମାର ସାହୁ, ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ପୌର ପରିଷଦ କର୍ମଚାରୀଙ୍କ ପରଲୋକ



**ନୟାଗଡ଼ ଅଫିସ,୧୪।୮:** ନୟାଗଡ଼ ପୌର ପରିଷଦର ଇଲେକ୍ଟ୍ରିସିଆନ ମାନସ ରଞ୍ଜନ ଦାସଙ୍କ ବୁଧବାର ପରଲୋକ ଘଟିଛି। ତାଙ୍କୁ ୪୮ ବର୍ଷ ବୟସ ହୋଇଥିଲା। ମାନସ କିଛିଦିନ ହେଲା ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ବୁଧବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ମରଶରୀରକୁ ନୟାଗଡ଼ ରାଜାବଗିଚାସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ପୌରପରିଷଦର କର୍ମଚାରୀମାନେ ତାଙ୍କ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ଆୟୁଷ୍ମାନ ଦାସ ମୁଖାଗ୍ନି ଦେଇଥିଲେ। ମାନସ ଜଣେ ପରୋପକାରୀ ଓ ଭଲ ମଣିଷ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ନଗରପାଳ ଗୁରୁପ୍ରସାଦ ଜେନା, ଖବରଦାତା ଶ୍ରୀକାନ୍ତ ଖଟେଇଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ।

# ଗଣିଆରେ ବନ୍ୟା ପରିସ୍ଥିତି: ୭୩ ଗାଁ ଜଳବନ୍ଦୀ

**ଗଣିଆ,୧୪।୮(ଡି.ଏନ.ଏ.)**

ଗତ ୩ଦିନ ଧରି ଲଗାଣ ବର୍ଷା ହେବା ଫଳରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ନୟାଗଡ଼ ଜିଲା ଗଣିଆ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗତ ମଙ୍ଗଳବାର ସକାଳୁ ମହାନଦୀର ଜଳସ୍ତର କ୍ରମଶଃ ବୃଦ୍ଧି ପାଇ ବୁଧବାର ବନ୍ୟାଜଳ ବିଭିନ୍ନ ରାସ୍ତାରେ ପ୍ରବାହିତ ହେଉଥିବା ଦେଖାଯାଇଛି । ବନ୍ୟା ଯୋଗୁ ଗଣିଆ ବ୍ଲକର ଛାମୁଣ୍ଡିଆ ଓ ବଡଶିଲିଙ୍ଗା ପଞ୍ଚାୟତର ୬୩ ଗାଁ, ରାସଙ୍ଗ ପଞ୍ଚାୟତର ୬, କିଶୋରପ୍ରସାଦ ପଞ୍ଚାୟତର ୨ ଓ ବେଲପଡା ପଞ୍ଚାୟତର ୨ ଗାଁ ଏପରି ମୋଟ ୭୩ଟି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି । ତେବେ ହଠାତ୍ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି । ଗଣିଆ-କୁତୁରୀ ପୁରୁଣା ଜଗନ୍ନାଥ ସଡକର ବିଭିନ୍ନ ସ୍ଥାନରେ ବୁଧବାର ସକାଳୁ ପ୍ରାୟ ୪ରୁ ୭ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି । ଏହି ରାସ୍ତାର



ଛାମୁଣ୍ଡିଆ ତଳବଜାରରେ ବନ୍ୟାଜଳ ଘେରରେ ବାସଗୃହ।

ରାସଙ୍ଗରୁ କାଦୁଆ ପ୍ରାୟ ୧କିମି ପର୍ଯ୍ୟନ୍ତ ୫ରୁ ୬ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି । ମଣିଭଦ୍ରା ଠାରୁ କଳାପାଟ ଓ ବୃଢ଼ଙ୍ଗ ନଦୀ ପାର୍ଶ୍ୱ ଅଞ୍ଚଳ, ବେଣ୍ଟପଡା ଠାରୁ ଛାମୁଣ୍ଡିଆ ୧କିମି, ଛାମୁଣ୍ଡିଆ ଠାରୁ ମୁଦୁଲିଗାଡିଆ ୫କିମି, ବେଠିଆସାହି ଠାରୁ କୁତୁରୀ ୮କିମି ମଧ୍ୟରେ ୪ଫୁଟରୁ ୭ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ବଡଶିଲିଙ୍ଗା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ନାଳରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଏହି ପଞ୍ଚାୟତକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇପଡିଛି । ସେହିପରି ଛାମୁଣ୍ଡିଆ ପଞ୍ଚାୟତର ବଡମୂଳ, ମାଳିସାହି, ବେଠିଆସାହି,



ରାସଙ୍ଗଠାରେ ବିଧାୟକ ଓ ବ୍ଲକ ଅଧ୍ୟକ୍ଷ ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି।

ମୁଦୁଲିଗାଡିଆ, କନ୍ଧଜିଲିଣ୍ଡା, ଛାମୁଣ୍ଡିଆ, ଗୋପୀନାଥପୁର, ବେଣ୍ଟପଡା, ଈଶ୍ୱରପୁର, ବେଣ୍ଟପଡା ମାଳିସାହି, ରାଇଗାଡିଆ ଓ ମହନାପଦା ଗ୍ରାମ ପାଣି ଘେରରେ ରହିଥିବାରୁ ଯିବା ଆସିବା ସମ୍ଭବ ହେଉନାହିଁ । ଅନ୍ୟପରି ରାସଙ୍ଗ ପଞ୍ଚାୟତର ଡଙ୍କାରିସାହି, କେନ୍ଦୁପଲ୍ଲୀ, କାଦୁଆ, ହଟିଆପଲ୍ଲୀ, ବସନ୍ତପୁର, ଓସ୍ତିଆ, ରାସଙ୍ଗ, ବେଲପଡା ପଞ୍ଚାୟତର ୱାଲିପୁର, ରାଉତପଡା ଓ କିଶୋରପ୍ରସାଦ ପଞ୍ଚାୟତର ପତୁରିଆ ଗାଁ ପାଣି ଘେରରେ ରହିଛି । ଛାମୁଣ୍ଡିଆ ଗ୍ରାମର ତଳବଜାର, ବେଲପଡା ପଞ୍ଚାୟତର ରାଉତପଡା, ୱାଲିପୁର ଓ କିଶୋରପ୍ରସାଦ ପଞ୍ଚାୟତର ପତୁରିଆ ଗାଁ ଭିତରେ ବନ୍ୟାଜଳ ପ୍ରବେଶ କରିଛି । ଗାଁ ଲୋକେ ଭୟଭୀତ ଅବସ୍ଥାରେ ରହିଥିଲେ ମଧ୍ୟ ଏହାର ମୁକାବିଲା ପାଇଁ ପ୍ରସ୍ତୁତ ଥିବା ଲୋକମାନଙ୍କଠାରୁ ସୂଚନା ମିଳିଛି । ମହାନଦୀର ବଡ଼ମୂଳଠାରେ ୩୮ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି । ଏଠାରେ ବିପଦ ସଙ୍କେତ ୪୦ଫୁଟ୍ ରହିଛି । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ , ବିଡିଓ ମାନସ ରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା ବୁଧବାର ଅପରାହ୍ଣରେ ଗଣିଆ ବ୍ଲକ ରାସଙ୍ଗ ଠାରେ ପହଞ୍ଚି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଥିଲେ । ରାସଙ୍ଗଠାରେ ମହଜୁଦ ଥିବା ମୋଟର ଲଞ୍ଚର ଇଞ୍ଜିନ ଖରାପ ଯୋଗୁ ବିଧାୟକ, ବ୍ଲକ ଅଧ୍ୟକ୍ଷ ଓ ବିଡିଓ ବନ୍ୟାଞ୍ଚଳ ପରିଦର୍ଶନ କରି ନ ପାରି ଫେରିଯାଇଥିଲେ। ବନ୍ୟାଜଳ ବୃଦ୍ଧି ପାଉଥିବାରୁ ସକାଳ ୧୦ଟାରୁ ବନ୍ୟା ପ୍ରଭାବିତ ଅଞ୍ଚଳକୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି । ଅନ୍ୟପକ୍ଷେ ବୁଧବାର ବର୍ଷା ହେଉ ନ ଥିବାରୁ ସନ୍ଧ୍ୟା ୬ଟା ସୁଦ୍ଧା ଖବର ଲେଖା ହେବା ଯାଏ ଜଳସ୍ତର କମି ୩୭.୭ରେ ଥିବା ଜଣାପଡିଛି।

■ ବିପଦ ସଙ୍କେତ ଉପରେ ମହାନଦୀ, କମେଇ

# ବନ୍ୟାଜଳରେ ବୁଡ଼ିଲା ଚାଷଜମି

**ଖଣ୍ଡପଡ଼ା,୧୪।୮(ସ୍ୱ.ପ୍ର.)**

୩ ଦିନ ଧରି ମହାନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଫଳରେ ବନ୍ୟା ସୃଷ୍ଟି ହୋଇଛି । ମହାନଦୀର ବିପଦ ସଙ୍କେତ ଜଳପତ୍ତନ ସ୍ତର ୫.୬୭ ମିଟର ଥିବାବେଳେ ବୁଧବାର ସନ୍ଧ୍ୟା ସୁଦ୍ଧା ୬.୮୫ ମିଟର ରହିଛି। ସେହିଭଳି କମେଇ ନଦୀର ବିପଦ ସଙ୍କେତ ଜଳପତ୍ତନ ସ୍ତର ୪୭.୪୩ ମିଟର ଥିବାବେଳେ ଏହା ବର୍ତ୍ତମାନ ୪୮.୪୫ ମିଟରରେ ପହଞ୍ଚିଥିବା ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ମହାନଦୀର ବନ୍ୟା ଜଳ ବ୍ୟାକ ୱାଟର ଶୂଳିଆ-ଚୈତନ୍ୟପୁର-କୁମୁଣ୍ଡି ରାସ୍ତା ଉପରେ ପ୍ରବାହିତ ହେଉଛି। ଦକ୍ଷିଣ ପାର୍ଶ୍ୱ ଧୋବାସାହି ନିକଟସ୍ଥ ସ୍ଲୁଇସ ଗେଟ୍‌ର ଲିକେଜ୍ ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ମହାନଦୀ ଓ କମେଇ ବନ୍ୟାଜଳ ଆଖାପାଖର ସମସ୍ତ ଶସ୍ୟକ୍ଷେତ ଉପରେ ପ୍ରବାହିତ ହୋଇ ହାଇସ୍କୁଲ ନିକଟ ପଲ୍‌ଟନ ପଡିଆକୁ ସମ୍ପୂର୍ଣ୍ଣ ବୁଡ଼ାଇ ରଖିଛି। ଫଳରେ ସ୍ୱାଧୀନତା ଦିବସ ଅବସରରେ ଏଠାରେ ଅନୁଷ୍ଠିତ ହେବାକୁ ଥିବା ପରେଡ଼ ବନ୍ଦ ରହିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଘଣାଶାଳିଆ, ବାଣପୁର, ଲକ୍ଷ୍ମୀପ୍ରସାଦ, ପଥରଚକଡା ଆଦି ଅଞ୍ଚଳର ଚାଷୀଙ୍କ ବିଭିନ୍ନ ପନିପରିବା, ମକା, ଧାନ, ଆଖୁ ଆଦି ଫସଲ ବନ୍ୟାରେ ଉଜୁଡ଼ି ଯିବାର ଆଶଙ୍କା ଦେଖାଦେଇଛି। ଜଳ ସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଚିନ୍ମୟ ରଞ୍ଜନ ରାଉତ, ନୟାଗଡ଼ ଜଳ ସମ୍ପଦ ନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ର ପ୍ରସାଦ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀନବନ୍ଧୁ ରାଉତ ପ୍ରମୁଖ ବନ୍ୟା ପ୍ରଭାବିତ ପଦ୍ମାବତୀ, କରବର, ବଡବର, ମାଧପୁର, ପଥରଚକଡା, ଧାନଚେଙ୍ଗଡା, କଣ୍ଟିଲୋ, ବାଣପୁର ସିଧାମୂଳା ଆଦି ଅଞ୍ଚଳ ପରିଦର୍ଶନ କରିଛନ୍ତି। ତେବେ ବନ୍ୟାରେ ସେପରି କିଛି ବିପଦ ନ ଥିବା କଣ୍ଟିଲୋ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଶଙ୍କର ଦଳେଇ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ଲଗାଣ ବର୍ଷା ଯୋଗୁ ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ କୁସୁମୀ ଓ କୁଆଁରିଆ ନଦୀରେ ପ୍ରଥମ ଜଳପତ୍ତନ ବୃଦ୍ଧି ପାଇଛି । ଖାଲୁଆ ଜମିଗୁଡିକରେ ବର୍ଷାଜଳ ଲହଡ଼ି ଭାଙ୍ଗୁଥିବାବେଳେ ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ଧାନଚାଷ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି। ଏହି ବ୍ଲକ ଅନ୍ତର୍ଗତ ୨୨ଟି ପଞ୍ଚାୟତର ଚାଷୀ ଅନିୟମିତ ବର୍ଷା ଯୋଗୁ ହତାଶ ହୋଇ ପଡିଛନ୍ତି। ଧାନ ତଳି ପଡିଥିବା କିଆରି ବୁଡ଼ି ରହିଥିବାରୁ ଗଛଗୁଡିକ ନଷ୍ଟ ହୋଇଯିବା ଚିନ୍ତାରେ ଚାଷୀ ନିରାଶ ହୋଇଛନ୍ତି। ଚାଷୀମାନଙ୍କୁ ସେବା ସମବାୟ ସମିତି ଜରିଆରେ ସରକାରୀ ଧାନ ବିହନ ରିହାତି ଦରରେ ନ ମିଳିବା ଯୋଗୁ ଅସନ୍ତୋଷ ମଧ ପ୍ରକାଶ ପାଇଛି। ଗୁଣ୍ଠୁଣୀ, ଶାଳଝରିଆ, ରାଣୀପଡ଼ା, ବନମାଳୀପୁର, ଶିଖରପୁର, ରାଣୀଛେଲୀ, ଖଳିସାହି, ବୋଦେସା, କିଆଝର, କୋସକା, ବେଣାଗଡିଆ, ବାଣପୁର, ସିଧାମୂଳା, କୁମ୍ଭାରପଡ଼ା, ରୟତିତୋଳମରା ଆଦି ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବା ସାଧାରଣରେ ଦାବି ହେଉଛି।



ଜଳମଗ୍ନ ଚାଷ ଜମି।

■ ମହାନଦୀରେ ବନ୍ୟା, ରାସ୍ତାରେ ଆଣ୍ଠୁଏ ପାଣି

# ୨ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ

**ଭାପୁର,୧୪।୮(ଡି.ଏନ.ଏ)**

ମହାନଦୀର ପ୍ରଥମ ବନ୍ୟା ଜଳରେ ଭାପୁର ବ୍ଲକର ମଣିପୁର ଓ ହନୁମନ୍ତପ୍ରସାଦ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଜଳବନ୍ଦୀ ଅବସ୍ଥାରେ ରହିଛି। କରବର-ବୈଦ୍ୟେଶ୍ୱର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି। ବ୍ଲକର ୭ ପଞ୍ଚାୟତର ୫ହଜାର ଏକର ଜମି ପାଣିରେ ବୁଡ଼ି ରହିଥିବା ଯୋଗୁ ଚାଷୀ ମୁଣ୍ଡରେ ହାତ ଦେଇଛନ୍ତି। ଉକ୍ତ ବ୍ଲକ ଅଞ୍ଚଳରେ ପୂର୍ବରୁ ବର୍ଷା ଅଭାବ ଯୋଗୁ ଚାଷ କାର୍ଯ୍ୟ ବିଳମ୍ବିତ ହୋଇଥିଲା। ଏବେ ୩/୪ ଦିନ ହେବ ବର୍ଷା ହେବାରୁ ଚାଷ କାର୍ଯ୍ୟ ଜୋର୍ ଧରିଛି। ଏହି ସମୟରେ ମହାନଦୀର ପ୍ରଥମ ବନ୍ୟାଜଳ ଆସି ଫତେଗଡ଼ ପଞ୍ଚାୟତର ମଣିପୁର ଗ୍ରାମକୁ ସଂଯୋଗ କରୁଥିବା ଫତେଗଡ଼ ମୁଖ୍ୟରାସ୍ତାରୁ ମଣିପୁର ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଉପରେ ୩ ଫୁଟ ପାଣି ଜମି ରହିଛି। ସେହିଭଳି କେନ୍ଦୁପଲ୍ଲୀ ପଞ୍ଚାୟତ ହନୁମନ୍ତପ୍ରସାଦ ଗ୍ରାମକୁ ଯାଇଥିବା ଏକମାତ୍ର ରାସ୍ତା ତଥା ପ୍ରଧାନମନ୍ତ୍ରୀ ସଡ଼କ ଉପରେ ୪ ଫୁଟ ବନ୍ୟା ଜଳ ଥିବାରୁ ୧ ହଜାର ଲୋକ ଜଳବନ୍ଦୀ ରହିଛନ୍ତି। କରବର ଓ ପଦ୍ମାବତୀ ପଞ୍ଚାୟତକୁ ସଂଯୋଗ କରୁଥିବା ମାଣିତିର-ବୈଦ୍ୟେଶ୍ୱର ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହିବାରୁ ରାସ୍ତା ବନ୍ଦ ରହିଛି। ବ୍ଲକର ଫତେଗଡ଼ ପଞ୍ଚାୟତ, କରବର, ପଦ୍ମାବତୀ, ଶାସନ, କେନ୍ଦୁପଲ୍ଲୀ, ଧାନଟାଙ୍ଗଡ଼ା, ପଥରଚକଡ଼ା ପଞ୍ଚାୟତର ୫ ହଜାର ଏକର ଜମି ପାଣିରେ ବୁଡ଼ି ରହିଛି।



ରାସ୍ତାରେ ବନ୍ୟା ଜଳ ପ୍ରବାହିତ ହେଉଛି।

■ 'ଶିକ୍ଷା' ଅନୁଷ୍ଠାନର ବାର୍ଷିକ ଉତ୍ସବ ପଠାଣି ସାମନ୍ତ ସମ୍ମାନ-୨୦୧୯

# ଶିକ୍ଷା ଏକ ସାମାଜିକ ଆନ୍ଦୋଳନ

**ଖଣ୍ଡପଡ଼ା,୧୪।୮(ସ୍ୱ.ପ୍ର.)**

ଶିକ୍ଷା(ସୋସିଆଲ ଇନିସିଏଟିଭ୍ ଅଫ୍ ଖଣ୍ଡପଡ଼ା ହ୍ୟୁମାନ ଆକ୍ସନ)ଏକ ସାମାଜିକ ଆନ୍ଦୋଳନ । ଏହାର ଲକ୍ଷ୍ୟ ହେଉଛି ଦାରିଦ୍ର୍ୟ ସୀମାରେଖା ତଳେ ତଥା ସମାଜର ଆର୍ଥିକ ଅନଗ୍ରସର ବର୍ଗର ପିଲାମାନଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା। ମଙ୍ଗଳବାର ଖଣ୍ଡପଡ଼ା ଶୁଭମଣ୍ଡପ ପରିସରରେ ଆୟୋଜିତ ୨ୟ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ଯୋଗଦେଇ ଅନ୍ତଃରାଷ୍ଟ୍ରୀୟ କ୍ରିୟାଯୋଗର ଅଧକ୍ଷ ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧାପକ ପ୍ରଫୁଲ୍ଲ ରଥ ଯୋଗଦେଇ କହିଥିଲେ, ଏହା ଅଞ୍ଚଳବାସୀଙ୍କୁ ଦିଗଦର୍ଶନ ଦେଇ ଆସୁଥାଉ । ଅଧକ୍ଷ ପ୍ରକାଶ ଚନ୍ଦ୍ର ପୃଷ୍ଟି ପୌରୋହିତ୍ୟ କରିଥିଲେ । ସମ୍ମାନିତ ଅତିଥି ଭାବେ ଚାର୍ଟାଡ ଆକାଉଣ୍ଟାଣ୍ଟ ସଞ୍ଜୟ କୁମାର ବେଉରା, ଅଧ୍ୟାପକ ପ୍ରିୟ ରଞ୍ଜନ ରଥ, ସାମନ୍ତ ଚନ୍ଦ୍ରଶେଖର ଟ୍ରଷ୍ଟ(ଖଣ୍ଡପଡ଼ା)ର ସମ୍ପାଦକ ତଥା ଆଇନଜୀବୀ ନାରାୟଣ ପ୍ରସାଦ ସିଂହସାମନ୍ତ ପ୍ରମୁଖ ଅନୁଷ୍ଠାନ କିଭଳି ଆଲୋକବର୍ତ୍ତିକା ହୋଇପାରିଛି ସେ ନେଇ କହିଥିଲେ। ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷା ମେଧାବୃତ୍ତି ଓ ବିଶେଷ ଭାବେ ୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ପଠାଣି ସାମନ୍ତ ସମ୍ମାନ-୨୦୧୯'ରେ ସମ୍ମାନିତ କରାଯାଇଥିଲା। ଜ୍ୟୋତିଷ ବିଶାରଦ ବିଶ୍ୱେଶ୍ୱର ମିଶ୍ର, ସାମାଜିକ କର୍ମୀ ଗଙ୍ଗାଧର ରାଉତ, ଶିକ୍ଷାବିତ୍ ତଥା ପଦାର୍ଥ ବିଜ୍ଞାନୀ ଡଃ. ପ୍ରହ୍ଲାଦ ଚନ୍ଦ୍ର ନାୟକ, ଚଳଚ୍ଚିତ୍ର ତାରକା ଜୀବନ ପଣ୍ଡା, କୃଷକ ନେତା ଜମ୍ବୁପାଣି ବିଶ୍ୱାଳ ପ୍ରମୁଖଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ମାନପତ୍ର, ଉପଢୌକନ ଓ ଅର୍ଥରାଶି ପ୍ରଦାନପୂର୍ବକ ପଠାଣିସାମନ୍ତ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ଆରମ୍ଭ ହେଲା କେମୋ ଥେରାପି

**ନୟାଗଡ଼ ଅଫିସ,୧୪।୮**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର କେମୋ ଥେରାପି ଆରମ୍ଭ କରାଯାଇଛି। ପ୍ରଥମ ରୋଗୀ ଭାବେ ବଡ଼ପୁଟ ଗ୍ରାମର ଶତ୍ରୁଘ୍ନ ରାଉତ ଚିକିତ୍ସାଳୟରେ ମାଗଣାରେ କେମୋ ଥେରାପି ନେଇଛନ୍ତି। ପ୍ରକାଶ ଯେ, ଏପ୍ରିଲ ୧୦ ତାରିଖରେ ଦିନିକିଆ କର୍କଟ ରୋଗ ନିରୂପଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୨୩ ଜଣ କର୍କଟ ରୋଗୀ ଯୋଗ ଦେଇଥିବାବେଳେ ମାଗଣାରେ ସେମାନଙ୍କ ପରୀକ୍ଷା କରାଯାଇଥିଲା। ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ଗବେଷଣା କେନ୍ଦ୍ର କଟକରୁ ୨ ଜଣ ବିଶେଷଜ୍ଞ ଯୋଗ ଦେଇ ୨୩ ଜଣ ରୋଗୀଙ୍କ ପରୀକ୍ଷା କରିଥିଲେ। ଚିହ୍ନଟ ହୋଇଥିବା ରୋଗୀମାନେ ପ୍ରଥମେ କଟକ ବଡ଼ମେଡିକାଲ୍‌ରେ ପ୍ରଥମ କେମୋ ନେଇଥିଲେ। ଏହା ପରେ ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା କେମୋ ଥେରାପି କେନ୍ଦ୍ରରେ କେମୋ ନେବେ। ଫଳରେ ଗରିବ ରୋଗୀମାନେ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ଜଣାପଡ଼ିଛି।

■ ଦଶପଲ୍ଲା ଖବରଦାତାଙ୍କୁ ଆକ୍ରମଣ ଘଟଣା

# ଏସ୍‌ପିଙ୍କୁ ଭେଟିଲେ ଜିଲା ଖବରଦାତା

**ନୟାଗଡ଼ ଅଫିସ,୧୪।୮**

ନୟାଗଡ଼ ଜିଲା ଖବରଦାତାମାନେ ସାମ୍ବାଦିକ ସୁରକ୍ଷା ଚିନ୍ତାରେ ବୁଧବାର ଏସ୍‌ପି ଶଶିଭୂଷଣ ଶତପଥୀଙ୍କୁ ଭେଟିଛନ୍ତି। ସାମ୍ବାଦିକଙ୍କ ସୁରକ୍ଷା ଓ ଖବରଦାତା ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଜଣାଇଛନ୍ତି।

ପ୍ରକାଶ ଯେ, ଜୁଲାଇ ୩ ତାରିଖରେ ଦଶପଲ୍ଲା ଥାନା ଅନ୍ତର୍ଗତ ଟାକରା ଆଶ୍ରମ ବିଦ୍ୟାଳୟରେ କର୍ତ୍ତବ୍ୟରତ ୩ ଜଣ ଖବରଦାତାଙ୍କୁ ଆକ୍ରମଣ କରାଯିବା ସହିତ ସେମାନଙ୍କୁ ଅଟକ ରଖାଯାଇଥିଲା। ଏ ନେଇ ଖବରଦାତାମାନେ ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଫଳରେ ଦଶପଲ୍ଲା ଖବରଦାତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କିଛିଦିନ ତଳେ ଦଶପଲ୍ଲା ଥାନା ଆଗରେ ଗଣଧାରଣା ଦିଆଯାଇଥିଲା। ଏହି ସମୟରେ ଏଏସ୍‌ପି ଦିଲୀପ ସାହାଣୀ ଘଟଣାସ୍ଥଳରେ ପହଞ୍ଚି ୭ ଦିନ ଭିତରେ ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଖବରଦାତାମାନେ ଧାରଣା ପ୍ରତ୍ୟାହୃତ କରିଥିଲେ। ୧୭ ଦିନ ବିତିଯାଇଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ପରେ ଖବରଦାତାମାନେ ଦଶପଲ୍ଲା ଥାନା ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଗତ ୮ ତାରିଖରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ତାଙ୍କର କିଛି ସମର୍ଥକମାନେ ଅନଶନସ୍ଥଳରେ ପହଞ୍ଚି ଏଥିରୁ ନିବୃତ୍ତ ହେବାକୁ କହିଥିଲେ। ହେଲେ ଖବରଦାତାମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ବିଧାୟକଙ୍କ ସମ୍ମୁଖରେ ତାଙ୍କ ସମର୍ଥକମାନେ ଅନଶନରେ ବସିଥିବା ଖବରଦାତାମାନଙ୍କୁ ମାଡ଼ ମାରିବା ସହିତ ଟେଣ୍ଟ ଭାଙ୍ଗି ଦେଇଥିଲେ। ଜଣେ ଖବରଦାତା ବର୍ତ୍ତମାନ ଗୁରୁତର ଅବସ୍ଥାରେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଏହିଭଳି କାଣ୍ଡ ଘଟାଇଥିବା ବ୍ୟକ୍ତିଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ତେଣୁ ୩ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଖବରଦାତାମାନେ ଏସ୍‌ପିଙ୍କୁ ଭେଟି ଦାବି ଜଣାଇଛନ୍ତି। ଏହାର ସମାଧାନ ନ ହେଲେ ଆନ୍ଦୋଳନ ପନ୍ଥା ଆପଣାଇବେ ବୋଲି ଖବରଦାତାମାନେ ପ୍ରକାଶ କରିଛନ୍ତି। ଖବରଦାତା ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ନିଶିକାନ୍ତ ରଥ, କିଶୋର ମହାପାତ୍ର, ରାମକୃଷ୍ଣ ରଥ, ବିନାୟକ ମିଶ୍ର, ମହେଶ ମିଶ୍ରଙ୍କ ସମେତ ବହୁ ଖବରଦାତା ଏସ୍‌ପିଙ୍କୁ ଭେଟିଥିଲେ।



ଖବରଦାତାମାନେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭିଜିଲାନ୍ସ ଦ୍ୱାରା ଶିକ୍ଷକ ଗିରଫ ଘଟଣା

# ଶିକ୍ଷକ ମହଲରେ ଆତଙ୍କ

**ଖଣ୍ଡପଡ଼ା,୧୪।୮(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଜଣେ ଶିକ୍ଷକଙ୍କଠାରୁ ରାଣୀଛେଲୀ ପଞ୍ଚାୟତସ୍ଥ ନଟବର ପ୍ରସାଦ ମଧ ଇଂରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ୧୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଦୁର୍ନୀତି ନିବାରଣ ବିଭାଗ ହାତରେ ଧରା ପଡିଥିଲେ । ଏହି ଘଟଣା ପରେ ଶିକ୍ଷକ ମହଲରେ ଆତଙ୍କ ସୃଷ୍ଟି ହୋଇଛି। ଭିଜିଲାନ୍ସ ଚଢ଼ାଉ ଘଟଣାକୁ ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଦସ୍ୟମାନେ ମଧ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଉକ୍ତ ଟଙ୍କା ଖଣ୍ଡପଡ଼ା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଆନୁସଙ୍ଗିକ କାଗଜପତ୍ର ଖର୍ଚ୍ଚ ବାବଦକୁ ପ୍ରଦାନ କରାଯିବ ବୋଲି ଗିରଫ ଶିକ୍ଷକ ଭିଜିଲାନ୍ସ ଅଧିକାରୀଙ୍କ ନିକଟରେ ବୟାନ ରଖିଥିବା ବିଶେଷ ସୂତ୍ରରୁ ଜଣାପଡିଛି । ଶିକ୍ଷକ ପଣ୍ଡାଙ୍କ ବୟାନକୁ ଆଧାର କରି ଉପଯୁକ୍ତ ତଦନ୍ତ କରାଗଲେ ଘଟଣା ପଛର ରହସ୍ୟ ଉନ୍ମୋଚନ ହୋଇପାରିଥାନ୍ତା। ତେଣୁ ନୟାଗଡ଼ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

■ ଗଣିଆ ପଞ୍ଚାୟତ ସମିତି ବୈଠକ

# ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ନେଇ ଉଦ୍‌ବେଗ

**ଗଣିଆ,୧୪।୮(ଡି.ଏନ.ଏ.)**

ଗଣିଆ ବ୍ଲକ ସମ୍ମିଳନୀ କକ୍ଷ ପରିସରରେ ବୁଧବାର ଗଣିଆ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ବିଡିଓ ମାନସ ରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ବ୍ଲକ ଉପାଧ୍ୟକ୍ଷା ଶାନ୍ତିଲତା ଦାସ, ତହସିଲଦାର ପ୍ରମୋଦ କୁମାର ଦଳବେହେରା ପ୍ରମୁଖ ଯୋଗଦେଇଥିଲେ । ବ୍ଲକ ଜିପିଇଓ ରାଜେନ୍ଦ୍ର ବେହେରା ପ୍ରଥମେ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ତେବେ ସମିତି ବୈଠକରେ ଆଲୋଚିତ ପ୍ରସ୍ତାବଗୁଡିକୁ ବିଭାଗୀୟ ଅଧିକାରୀ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ । ଏଥି ସହ ବୈଠକରେ ଅନୁପସ୍ଥିତ ରହିଥିବା ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ୭ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ତାଗିଦ୍ କରିଥିଲେ । ଗଣିଆ ବ୍ଲକରେ ସ୍ୱାସ୍ଥ୍ୟ ଓ ଶିକ୍ଷା ସମସ୍ୟାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ଟି ଡାକ୍ତର ପଦବୀ ରହିଥିବା ବେଳେ ମେଡିକାଲ ଇନଚାର୍ଜଙ୍କୁ ବାଦ୍ ଦେଲେ ଅନ୍ୟ ୬ଟି ଡାକ୍ତର ପଦବୀ ଖାଲିପଡିଛି । ତେବେ ଏଠାରେ ଜଣେ ମହିଳା ଓ ପ୍ରସୂତି ବିଶେଷଜ୍ଞ ଓ ଜଣେ ଶିଶୁରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି କରାଯିବା ପାଇଁ ପ୍ରଶାସନର ଦୃଷ୍ଟିଆକର୍ଷଣ କରିବା ପାଇଁ ଆଲୋଚନା କରାଯାଇଥିଲା। ସେହିପରି ଛାମୁଣ୍ଡିଆ ଗୁପ୍ତେଶ୍ୱର ବିଦ୍ୟାପୀଠରେ ଗଣିତ ଓ ବିଜ୍ଞାନ ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବା ସହ ବ୍ଲକର କୌଣସି ସ୍କୁଲର ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କୁ ଅନ୍ୟ ବ୍ଲକକୁ ଡେପୁଟେଶନରେ ପଠା ନ ଯିବା ପାଇଁ ବୈଠକରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ରାଜିଙ୍ଗିଠାରେ ଥିବା ହୋମିଓପ୍ୟାଥିକ ଡାକ୍ତରଖାନାରେ କୌଣସି ଡାକ୍ତର ନ ଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ନବନିର୍ମିତ ଡାକ୍ତରଖାନା ଗୃହ ଚାବି କାହାରିକୁ ହସ୍ତାନ୍ତର କରାଯାଇପାରୁନାହିଁ ବୋଲି ବିଭାଗୀୟ କନିଷ୍ଠଯନ୍ତ୍ରୀ ବୈଠକରେ ଜଣାଇଥିଲେ । ତେବେ ଏ ନେଇ ସଂପୃକ୍ତ ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଏହାର ସମାଧାନ ପାଇଁ ଚିଠି ଲେଖାଯିବ ବୋଲି ବିଧାୟକ ସୂଚନା ଦେଇଥିଲେ । ବୈଠକରେ ବ୍ଲକର ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଧାୟକ ଓ ବ୍ଲକ ଅଧ୍ୟକ୍ଷ ୧୫୯ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତାପ୍ରଦାନ କରିଥିଲେ । ସେହିପରି ୧୩୧ ଜଣ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଜମିପଟ୍ଟା ଓ ୭୮ଜଣଙ୍କୁ ଇନ୍ଦିରା ଆବାସ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ ।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ବଦଳିଲା ନିମନ୍ତ୍ରଣ ପତ୍ର

## ଟୁକୁନି ନୁହନ୍ତି ପଦ୍ମନାଭ କରିବେ ପତାକା ଉତ୍ତୋଳନ

**ନୟାଗଡ଼ ଅଫିସ,୧୪।୮:** ଜିଲାରେ ୭୩ ତମ ସ୍ୱାଧୀନତା ଦିବସ ସ୍ଥାନୀୟ ପିଟିଏସ୍ ପଡ଼ିଆଠାରେ ଗୁରୁବାର ପାଳିତ ହେବ। ପତାକା ଉତ୍ତୋଳନ ପାଇଁ ଥିବା ଅତିଥି ପରିବର୍ତ୍ତନ ହୋଇଛନ୍ତି। ଏହାର ଦିନକ ପୂର୍ବରୁ ନିମନ୍ତ୍ରଣ ପତ୍ର ବଦଳାଯାଇଛି। ପୂର୍ବରୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଜିଲାସ୍ତରୀୟ ଏହି ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥାନ୍ତେ। ମାତ୍ର ଟୁକୁନିଙ୍କ ବଦଳରେ ଯୋଜନା ଓ ସମନ୍ୱୟ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେବେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ପ୍ରଶାସନ ପକ୍ଷରୁ ନୂତନ କାର୍ଡ ଛପାଯାଇ ପୁନର୍ବାର ଏହାକୁ ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଛି। ଅତିଥି କାହିଁକି ବଦଳିଲେ ସେ ନେଇ କୌଣସି ସୂଚନା ମିଳିନାହିଁ। ଅନ୍ୟପକ୍ଷେ ଚିଲିକାଗଡ଼ ବିଧାୟିକା ଟୁକୁନି ସାହୁ ବଲାଙ୍ଗୀର ଜିଲାରେ ବନ୍ୟା ହୋଇଥିବାରୁ ନିଜ ନିର୍ବାଚନମଣ୍ଡଳୀ ପରିଦର୍ଶନ କରିବାକୁ ଯାଇଥିବା ଜଣାପଡ଼ିଛି। କଳାହାଣ୍ଡି ଜିଲାରେ ସେ ପତାକା ଉତ୍ତୋଳନ ପାଇଁ ଯିବାକୁ ଥିବା ନେଇ ମଧ ଚର୍ଚ୍ଚା ହେଉଛି।

# 'ଯବାନମାନେ ହିଁ ପ୍ରକୃତ ସ୍ୱାଧୀନତା ସଂଗ୍ରାମୀ'

ନୟାଗଡ଼ ଅଫିସ,୧୪।୮

୧୯୪୭ ମସିହା ଅଗଷ୍ଟ ୧୫। ୭୨ ବର୍ଷ ତଳେ ଏହି ଦିନ ଆମ ଦେଶ ଚାଖିଥିଲା ସ୍ୱାଧୀନତାର ସ୍ୱାଦ। ଗୁରୁବାର ଦେଶ ପାଳନ କରିବ ୭୩ ତମ ସ୍ୱାଧୀନତା ଦିବସ। ଦିଲ୍ଲୀର ଲାଲକିଲାଠାରୁ ଆରମ୍ଭ କରି ଗ୍ରାମରେ ଥିବା କୋଠ ଘରେ ସବୁଠି ଉଡ଼ିବ ଆମ ଜାତୀୟ ପତାକା ତ୍ରିରଙ୍ଗା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଜାତୀୟ ପତାକା ଆଗରେ ମୁଣ୍ଡ ନୁଆଇଁ ଦେଶ ଜାତି ପାଇଁ ବଳି ଦେଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଜଣାଇବେ ସମ୍ମାନ। ଜାତୀୟ ସଙ୍ଗୀତ, ବନ୍ଦେ ମାତରମ୍ ଓ ଜୟ ହିନ୍ଦ୍ ଧ୍ୱନିରେ ପ୍ରକମ୍ପିତ ହେବ ଗଗନ ପବନ। କେବଳ ଗୋଟିଏ ଦିନ ଏହି ଦିବସକୁ ପାଳନ କରିଦେଇ ଭୁଲିଯାଉ ଆମେ ଆମର କର୍ତ୍ତବ୍ୟ। ଜାତିର ପିତା ମହାତ୍ମା ଗାନ୍ଧୀ ଯେଉଁ ସ୍ୱାଧୀନତାର ସ୍ୱପ୍ନ ଦେଖିଥିଲେ ତାହା କ'ଣ ଆଜି ସତ ହୋଇଛି। ରାଜ୍ୟର ଅନେକ ଗ୍ରାମ ଏବେ ବି ନଗଡ଼ା ପରି ରହିଛି। ଯେଉଁଠି କି ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବ୍ୟବସ୍ଥା ଏବେ ବି ଅପହଞ୍ଚ। ଜିଲାରେ କେତେଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ଭେଟିଥିଲୁ। ସ୍ୱାଧୀନତା ପୂର୍ବରୁ ସେମାନେ ଦେଖିଥିବା ସ୍ୱପ୍ନ ଓ ପରବର୍ତ୍ତୀ ସ୍ଥିତିକୁ ନେଇ ସେମାନଙ୍କ ମତାମତ ନେଇଥିଲୁ।

■ମହାତ୍ମା ଗାନ୍ଧୀ ଯେଉଁ ସ୍ୱପ୍ନ ଦେଖି ଦେଶକୁ ସ୍ୱାଧୀନ କରିଥିଲେ ତାହା ଆଜି ସଫଳ ହୋଇପାରି ନାହିଁ। ଗାନ୍ଧିଜୀ ମଦକୁ ଘୃଣା କରୁଥିଲେ। ବର୍ତ୍ତମାନର ଯୁବପିଢ଼ି ମଦ ପାଇଁ ପାଗଳ। ମଦ କବଳରୁ ସେମାନେ ସ୍ୱାଧୀନତା ପାଇପାରୁ ନାହାନ୍ତି। ବ୍ରିଟିଶ ସରକାର ଥିଲେ ଲୋକମାନେ ଏପରି ମଦ ପିଇ ପାରନ୍ତେ ନାହିଁ। ସରକାର କେବଳ ଲୋକମାନଙ୍କ ପାଇଁ ଯୋଜନା କରିଦେଇଛନ୍ତି ହେଲେ ତାହା ସଫଳ ହୋଇପାରୁନାହିଁ। ସବୁ ଲୋକଙ୍କୁ କାର୍ଯ୍ୟ ମିଳିଲେ ସ୍ୱାଧୀନତା ଦିବସ ପ୍ରକୃତରେ ସଫଳ ହୋଇପାରିବ।



**– ଶତ୍ରୁଘ୍ନ ପଡ଼ିଆରୀ (୯୩),**
**ସ୍ୱାଧୀନତା ସଂଗ୍ରାମୀ, ଶିମିଳିସାହି, ନୂଆଗାଁ**

■ସରକାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଯେଉଁଭଳି ଭାବେ ପଚାରିବା କଥା ପଚାରୁନାହାନ୍ତି। କେବଳ ଅଗଷ୍ଟ ୧୫ ଓ ଜାନୁୟାରୀ ୨୬ରେ ବିଭିନ୍ନ କାର୍ଯ୍ୟକ୍ରମରେ ଡାକୁଛନ୍ତି। ସ୍ୱାଧୀନତା ସଂଗ୍ରାମୀଙ୍କ ଆଦର୍ଶରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହେଉନାହାନ୍ତି। ସ୍ୱାଧୀନତା ପରେ ଦେଶ ବହୁ ଆଗେଇ ଯାଇଛି। ବିଜ୍ଞାନ ଯୁଗରେ ଚନ୍ଦ୍ରପୃଷ୍ଠରେ କ'ଣ ହେଉଛି ଲୋକେ ଜାଣି ପାରୁଛନ୍ତି। ହେଲେ ଅନେକ ଲୋକ ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଅଜ୍ଞ। ସ୍ୱାଧୀନତା କହିଲେ ସେମାନେ ଜାଣନ୍ତି ଯେ ସ୍କୁଲରେ ଜାତୀୟ ପତାକା ଉତ୍ତୋଳନ କରିବା। ଯେଉଁ ଦିନ ସେହି ଅଜ୍ଞ ଲୋକମାନେ ତାଙ୍କର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ ହୋଇପାରିବେ ସେହିଦିନ ଦେଶ ପ୍ରକୃତ ସ୍ୱାଧୀନ ହୋଇପାରିବ।



**– ହରିବନ୍ଧୁ ପାତ୍ର (୯୦),**
**ସ୍ୱାଧୀନତା ସଂଗ୍ରାମୀ, ଗୋଲଗୋଲା ଗ୍ରାମ, ନୂଆଗାଁ**

■ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଦୃଷ୍ଟିରୁ ବର୍ତ୍ତମାନ ଆମ ଦେଶରେ ଢେର ପରିବର୍ତ୍ତନ ହୋଇଛି। ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ଗରିବ ଓ ନିମ୍ନ ଶ୍ରେଣୀର ଲୋକମାନେ ଉପକୃତ ହେଉଛନ୍ତି। ବ୍ରିଟିଶ୍ ସରକାର ଅମଳରେ ଯେଉଁଭଳି ଭାବେ ଅକଥନୀୟ ନିର୍ଯାତନା ଦିଆଯାଉଥିଲା ତାହା ନ କହିବା ଭଲ। ବର୍ତ୍ତମାନ ଆମେ ଘରେ ଶାନ୍ତିରେ ଶୋଇପାରୁଛେ। ହେଲେ ସେତେବେଳେ ଏହା ସମ୍ଭବ ହୋଇ ପାରୁ ନ ଥିଲା। ଗୃହବନ୍ଦୀ ଥିବା ସମୟରେ ଆମକୁ ଅକଥନୀୟ ନିର୍ଯାତନା ଦିଆଯାଉଥିଲା। ମୋ ମତରେ ଆମ ଦେଶର ଯବାନମାନେ ହିଁ ପ୍ରକୃତ ସ୍ୱାଧୀନତା ସଂଗ୍ରାମୀ।



**– ଶ୍ରୀବତ୍ସ ଜେନା (୯୧),**
**ସ୍ୱାଧୀନତା ସଂଗ୍ରାମୀ, ହରେକୃଷ୍ଣପୁର, ନୟାଗଡ଼**

# ଚୋରି ଉଦ୍ୟମ ବେଳେ ଧରାପଡ଼ିଲେ ୩ ଚୋର

ରଣପୁର,୧୪।୮(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ନରେନ୍ଦ୍ରପୁର ପଞ୍ଚାୟତ ଡିହଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ କରି ଖସି ପଳାଉଥିବାବେଳେ ୩ ଚୋର ଧରାପଡିଛନ୍ତି। ଏମାନେ ହେଲେ ରଣପୁର ଥାନା ଉଆସପାଟଣା ଗାଁର ସେତ ବାରିକ, ପାଇକସାହିର କୃଷ୍ଣ ଖଟେଇ ଓ ବୋଲଗଡ଼ ଥାନା ଖଉରୁଣୀ ଗାଁର ହାଡିଆ ରାଉତରାୟ। ଅଭିମନ୍ୟୁ ବେହେରାଙ୍କ ଘରୁ ଚୋରି ଉଦ୍ୟମବେଳେ ଉକ୍ତ ୩ ଚୋରଙ୍କୁ ଗ୍ରାମବାସୀ ଗୋଡ଼େଇ ଗୋଡ଼େଇ ପିଟିବା ସହ ଗ୍ରାମରେ ଅଟକ ରଖିଥିଲେ। ବୁଧବାର ପୂର୍ବାହ୍ନରେ ଗାଁରେ ପୋଲିସ ପହଞ୍ଚିଥିବାବେଳେ ଗ୍ରାମବାସୀ ଏମାନଙ୍କୁ ହସ୍ତାନ୍ତର କରିଛନ୍ତି। ସ୍ଥାନୀୟ ଲୋକେ ଜଣେ ଅଭିଯୁକ୍ତଙ୍କୁ ନଡ଼ିଆଗଛରେ ବାନ୍ଧି ଦେଇଥିବାବେଳେ ଅନ୍ୟ ୨ ଜଣଙ୍କଠାରୁ ଚୋରି ସମ୍ପର୍କରେ ତଥ୍ୟ ଆଦାୟ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ବିଳମ୍ବିତ ରାତିରେ ଚୋରମାନେ ଅଭିମନ୍ୟୁଙ୍କ ଘର କବାଟ ଭାଙ୍ଗି ଭିତରକୁ ପ୍ରବେଶ କରୁଥିବାବେଳେ ପରିବାର ଲୋକେ ଚିତ୍କାର କରିବାରୁ ସେମାନେ ଖସିଯାଉଥିଲେ। କିନ୍ତୁ ଗାଁ ଲୋକଙ୍କ ଦ୍ୱାରା ଧରାପଡ଼ି ଏବେ ପୋଲିସ ଜିମାରେ ରହିଛନ୍ତି। ଦିନକୁ ଦିନ ଏଠାରେ ଚୋରି, ଡକାୟତି ଆଦି ବୃଦ୍ଧି ପାଉଥିବାବେଳେ ପୋଲିସ ନୀରବ ସାଜିଥିବା ଅଭିଯୋଗ ହୋଇଛି।





ଧରାପଡ଼ିଥିବା ୩ ଚୋର।

# ୧ ସମିତି ସଭ୍ୟ, ୩ ୱାର୍ଡ ସଭ୍ୟ ପାଇଁ ହେବ ଉପନିର୍ବାଚନ

ଭାପୁର,୧୪।୮(ଡି.ଏନ.ଏ)

ନୟାଗଡ଼ ଜିଲା ଭାପୁର ବ୍ଲକରେ ଖାଲି ପଡ଼ିଥିବା ୧ ସମିତି ସଭ୍ୟ ଓ ୩ ୱାର୍ଡ ସଭ୍ୟ ପଦବୀ ପୂରଣ ପାଇଁ ଉପନିର୍ବାଚନ ହେବ। ସେଥିପାଇଁ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ୨୦୧୯ ସାଧାରଣ ନିର୍ବାଚନ ସମୟରେ ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ଘୋଷିତ ଭୋଟର ତାଲିକା ଆଧାରରେ ଏହି ଉପନିର୍ବାଚନ ହେବ। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଖାଲି ପଡ଼ିଥିବା ଏହି ପଞ୍ଚାୟତ ପ୍ରତିନିଧିମାନଙ୍କ ପଦବୀ ପୂରଣ କରାଯିବ। ବାଇଗୁଣିଆ ପଞ୍ଚାୟତର ସମିତି ସଭ୍ୟ ନିର୍ବାଚିତ ହୋଇଥିବା ବନମାଳୀ ବେହେରାଙ୍କ ବିୟୋଗ ପରେ ଏହି ପଦବୀଟି ଖାଲି ପଡ଼ିଛି। ସେହିପରି ବାଘୁଆପଲ୍ଲୀ ପଞ୍ଚାୟତର ୬ନମ୍ବର ୱାର୍ଡ ସଭ୍ୟ ଓ ଭଗବାନପୁର ପଞ୍ଚାୟତର ୨ ନମ୍ବର ୱାର୍ଡସଭ୍ୟଙ୍କ ବିୟୋଗ ଯୋଗୁ ୨ ପଞ୍ଚାୟତର ୨ ୱାର୍ଡ ପାଇଁ ନିର୍ବାଚନ ହେବ। ବ୍ଲକର ଧାନଚାଙ୍ଗଡ଼ା ପଞ୍ଚାୟତସ୍ଥ ୭ ନମ୍ବର ୱାର୍ଡ ସଭ୍ୟ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହିପରି ବ୍ଲକର ମୋଟ ୩ ୱାର୍ଡ ସଭ୍ୟ ଓ ବାଇଗୁଣିଆ ପଞ୍ଚାୟତର ସମିତି ସଭ୍ୟ ପଦବୀ ପାଇଁ ଉପନିର୍ବାଚନ ହେବ। ବ୍ଲକ ନିର୍ବାଚନ ଅଧିକାରୀ ବିଡିଓ ଅନ୍ତର୍ଯାମୀ ଦାସ ଓ ଜିପିଓ ଅବିନାଶ ପତିଙ୍କଠାରୁ ସୂଚନା ପ୍ରକାଶ ହୋଇଛି। ରାଜ୍ୟ ନିର୍ବାଚନ କମିଶନର ନିର୍ବାଚନ ତାରିଖ ଘୋଷଣା କରିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟକ୍ରମ ଘୋଷଣା କରାଯିବ।

# ତାଳକଣି ହତ୍ୟା ମାମଲା: ଜଣେ ଅଟକ

ରଣପୁର,୧୪।୮(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ତାଳକଣି ଗାଁର ପ୍ରଭାସିନୀ ବେହେରା(୪୨) ହତ୍ୟା ଘଟଣାରେ ରଣପୁର ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୋଗ ଅନୁସାରେ ତାଳକଣି ଗାଁର ମାଗୁଣି ବେହେରାଙ୍କର ସ୍ତ୍ରୀ ପ୍ରଭାସିନୀ ସବୁଦିନ ପରି ଗତ ଜୁଲାଇ ୨୬ ତାରିଖ ଭୋର ୪ଟାରେ ଗାଁ ପୋଖରୀ ଦଧିବନ୍ଧକୁ ଗାଧୋଇବାକୁ ଯାଇଥିଲେ। ବହୁ ସମୟ ଅତିକ୍ରମ କରି ଯାଇଥିଲେ ମଧ ଘରକୁ ଫେରି ନ ଥିଲେ। ପ୍ରାୟ ୧ଘଣ୍ଟା ପରେ ପ୍ରଭାସିନୀଙ୍କର ମୃତଦେହ ପୋଖରୀ ନିକଟରେ ପଡି ରହିଥିବା ଖବର ମିଳିଥିଲା। ମହିଳାଙ୍କ ସ୍ୱାମୀ ମାଗୁଣୀ ଘଟଣାସ୍ଥଳକୁ ଯାଇ ସ୍ତ୍ରୀ ପ୍ରଭାସିନୀଙ୍କର ବେକ, ମୁଣ୍ଡ, କହୁଣି, ଅଣ୍ଟା ଆଦି ଏକାଧିକ ସ୍ଥାନରେ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ପାଇଥିଲେ। ତାଙ୍କ ନାକ ଓ କାନରୁ ରକ୍ତସ୍ରାବ ହେଉଥିଲା। ପିଠିରେ ଠେଙ୍ଗାଚିହ୍ନ ରହିଥିଲା। ସେହିପରି ଲୁଗା ଚିପୁଡ଼ା ହୋଇ ଏକ ବାଲଟିରେ ପୋଖରୀ ଉପର ପାହାଚରେ ରହିଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ମାଗୁଣୀ ଅଭିଯୋଗ କରିଥିଲେ ପ୍ରଭାସିନୀ ଗାଧୋଇ ସାରି ପାହାଚରେ ଲୁଗାପଟା ଥୋଇ ଘରକୁ ଫେରୁଥିବାବେଳେ ସଂଘବଦ୍ଧ ଭାବେ ତାଙ୍କୁ ହତ୍ୟା କରାଯାଇଛି। ଅଭିଯୋଗ ପରେ ପୋଲିସ ୩୦୨, ୩୦୪ ଦଫାରେ ୧୫୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ରାତିରୁ ନୂଆଶୁକଳ ଗ୍ରାମରୁ ଜଣେ ବ୍ୟକ୍ତିଙ୍କୁ ଉଠାଇ ଆଣି ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।

# ସରସ୍ୱତୀ ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ବୋଲଗଡ଼,୧୪।୮(ଡି.ଏନ.ଏ.)

ବୋଲଗଡ଼ ବ୍ଲକ କଡ଼ବସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ୧୮ତମ ବାର୍ଷିକ ଜ୍ଞାନବିଜ୍ଞାନ ମେଳା ବୁଧବାର ଅନୁଷ୍ଠାନ ପରିସରରେ ଆୟୋଜିତ ହୋଇଛି। ମେଳାରେ ୨୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ଗଣିତ, ବିଜ୍ଞାନ ଏବଂ ସଂସ୍କୃତିବୋଧ ପରିଯୋଜନା ସମ୍ପର୍କିତ କୁଇଜ ପ୍ରତିଯୋଗିତାରେ ୩୯ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ସଫଳ ପ୍ରତିଯୋଗୀମାନେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ସଭାରେ ଶିଶୁମନ୍ଦିର ପରିଚାଳନା ପରିଷଦ ସଭାପତି ଶିକ୍ଷାବିତ୍ ତ୍ରିଲୋଚନ ଗଡବାଡ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧାର ବିଭାଗ ପ୍ରମୁଖ କୂଳମଣି ମିଶ୍ର ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଆଲୋକ ସୁନ୍ଦରାୟ, ଗୁରୁମା, ଗୁରୁଜୀ ଓ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଟ୍ରାଫିକ ସେବା ବିପର୍ଯ୍ୟସ୍ତ: ପର୍ବର ପୂର୍ବ ରାତିରେ ଭିଡ଼ ପୋଲିସର ପଦକ୍ଷେପ ନାହିଁ

**ଖୋର୍ଦ୍ଧା ଅଫିସ,୧୪।୮:** ଖୋର୍ଦ୍ଧା ସହରରେ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇରହିଛି। ତେବେ ବିପର୍ଯ୍ୟସ୍ତ ଟ୍ରାଫିକକୁ ସୁଧାରିବାକୁ କାହାରି ପଦକ୍ଷେପ ନାହିଁ। ସତେ ଯେପରି ଏହା ଚିରା ଚରିତ ଢ଼ଙ୍ଗରେ ପରିଣତ ହୋଇଯାଇଛି। ଦୀପାବଳି ଅମାବାସ୍ୟା ହେଉ କି କୁମାରପୂର୍ଣ୍ଣିମା, ଇଂରାଜୀ ନବବର୍ଷ ହେଉବା ଅଗଷ୍ଟ ୧୫ ଏହାର ପୂର୍ବ ରାତିରେ ଖୋର୍ଦ୍ଧା ସହରରେ ଟ୍ରାଫିକ ସେବା ବିଗିଡି ଯାଏ। ଏକଥା ପୋଲିସ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଅବଗତ ରହିଛନ୍ତି। ତଥାପି ପର୍ବ ପୂର୍ବ ରାତିର ବିପର୍ଯ୍ୟସ୍ତ ଟ୍ରାଫିକକୁ ସୁଧାରିବାକୁ ପଦକ୍ଷେପ ନାହିଁ। ରାତି ପାହଲେ ଅଗଷ୍ଟ ୧୫ ଓ ରକ୍ଷା ବନ୍ଧନ ପର୍ବ ପାଳନ ହେବ। ଏହା ପୂର୍ବରୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ରେଞ୍ଜରଙ୍କ କାର୍ଯ୍ୟାଳୟଠାରୁ ମୁକୁନ୍ଦପ୍ରସାଦ ପର୍ଯ୍ୟନ୍ତ ଭିଡ ଲାଗି ରହିଛି। ପ୍ରାୟ ୨ କିମି ରାସ୍ତା ଅତିକ୍ରମ କରିବାକୁ ୩ ଘଣ୍ଟା ସମୟ ଲାଗୁଛି। ଏଭଳିସ୍ଥଳେ ଗୋଟିଏ ହୋମଗାର୍ଡ ଟ୍ରାଫିକ ନିୟନ୍ତ୍ରଣ କରିବା ଘଟଣା ପୋଲିସର ଟ୍ରାଫିକ ସେବା ସୁଧାରିବାର ଚେଷ୍ଟାକୁ ସୂଚାଉଛି।


**ଜିଲ୍ଲା ମାଜିଷ୍ଟ୍ରେଟ୍-ତଥା-ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ଅଦାଲତରେ**

ବ୍ୟାଙ୍କ ମାମଲା ନଂ. ୭୭/୨୦୧୭
ଆଇଆଇଆଇଏଫ୍ଏଲ୍ ହୋମ୍ ଫାଇନାନ୍ସ ଲିଃ ... ବାଦୀ
-ବନାମ-
ରାଖେଲ କୁମାର ଚିନାରାୟ ... ପ୍ରତିବାଦୀ
ପ୍ରାପ୍ତେଷୁ,
ରାଖେଲ କୁମାର ଚିନାରାୟ

ଆପଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ, ଉପର ନାମିତ ବାଦୀ ସରଫେସି ଅଧିନିୟମର ଧାରା ୧୪ ଅଧୀନରେ ବ୍ୟାଙ୍କ ମାମଲା ନଂ.୭୭/୨୦୧୭ ମାଧ୍ୟମରେ ବନ୍ଧକ ପରିସମ୍ପତ୍ତିର କ୍ଷେତ୍ର ଅଧିକାର କରିବା ଉଦ୍ଦେଶ୍ୟରେ ଆବେଦନ ଦାଏର କରିଛନ୍ତି। ଉପରୋକ୍ତ ନୋଟିସ ଆପଣଙ୍କୁ ପଞ୍ଜୀକୃତ ଡାକ ଯୋଗେ ପଠାଯାଇଥିଲା, କିନ୍ତୁ ତାହା ଫେରିଆସିଥିଲା। ଆପଣଙ୍କୁ ଏତଦ୍ୱାରା ଦାବିର ଉତ୍ତର ଦେବା ଲାଗି ଅଦାଲତରେ ତା୧୬।୦୮।୨୦୧୯ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ବ୍ୟକ୍ତିଗତ ଭାବେ କିମ୍ବା ନିଜର ଓକିଲଙ୍କ ଜରିଆରେ ଉପସ୍ଥିତ ହେବା ଲାଗି ସୂଚିତ କରାଯାଉଛି, ଅନ୍ୟଥା ଉପରୋକ୍ତ ମାମଲାର ବିଚାର ଆପଣଙ୍କ ଅନୁପସ୍ଥିତିରେ କରାଯିବ।

ଡିଏମ୍ ଓ ଜିଲ୍ଲାପାଳ
(ଖୋର୍ଦ୍ଧା)ଙ୍କ ଆଦେଶକ୍ରମେ

**ପୂର୍ବ ତଟ ରେଳପଥ**
**ବୈଦ୍ୟୁତିକ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. BBS-EL-C-T-316E, ତା: 07.08.2019

କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଲେଭେଲ କ୍ରସିଙ୍ଗ୍ ନଂ.JT-1, JT-2, JT-25, JT-26 ଏବଂ JT-60 ପରିବର୍ତ୍ତେ ରୋଡ୍ ଓଭର ବ୍ରିଜ୍ (ROB)ର ପ୍ରଚଳନ ସମ୍ବନ୍ଧୀୟ ରୂପାନ୍ତରଣ କାର୍ଯ୍ୟ ସହିତ 25KV OHE ର ଡିଜାଇନ୍, ଯୋଗାଣ, ଉତ୍ଥାପନ (Erection), ପରୀକ୍ଷଣ ଏବଂ ସମ୍ପାଦନ (Commissioning) ।"

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): ₹ 77.77 ଲକ୍ଷ, EMD (ଟଙ୍କାରେ) : ₹ 1,55,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06(ଛଅ)ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.08.2019ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ ଭୁବନେଶ୍ୱର
PR-36/CC/19-20

**କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ., କେନ୍ଦ୍ରାପଡ଼ା**

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅବିଭକ୍ତ କଟକ ଜିଲ୍ଲା ଯଥା–କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ Daily Balance ଉପରେ ଦିଆଯାଏ।
- ସ୍ଥାୟୀ ଜମା (Fixed Deposit)ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ୍ୱ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧିନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen)ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟଆରମ୍ଭ।
- ଗ୍ରାହକମାନଙ୍କ ପାଇଁ ସମିତିରେ ଟଙ୍କା ଦେଣନେଣ କାରବାର ସମ୍ପୂର୍ଣ୍ଣ କରମୁକ୍ତ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ସୂଚାରୁରୂପେ କାର୍ଯ୍ୟ କରୁଅଛି।

ପ୍ରହ୍ଲାଦ ସାହୁ, ସମ୍ପାଦକ, ମୋ.- ୯୪୩୯୪୩୭୫୦୬
ପ୍ରମୋଦ ସାହୁ, ସଭାପତି, ମୋ.- ୯୪୩୭୧୮୩୧୯୯

**ପୂର୍ବ ତଟ ରେଳପଥ**
**ରିସର୍ଚ୍ଚ ଡିଜାଇନ୍ ଆଣ୍ଡ ଷ୍ଟାଣ୍ଡାର୍ଡ୍ ଅର୍ଗାନାଇଜେସନ୍(RDSO)/ ଲକ୍ଷ୍ନୌ ଠାରେ ତା.23.08.2019ରିଖରେ ବିକ୍ରେତା ସମ୍ମିଳନୀ ନିମନ୍ତେ ବିଜ୍ଞପ୍ତି**

ସଂ.:MM/ECoR/Dy.CMM-II/Misc/02 ତା.08.08.2019

ରିସର୍ଚ୍ଚ ଡିଜାଇନ୍ ଆଣ୍ଡ ଷ୍ଟାଣ୍ଡାର୍ଡ୍ ଅର୍ଗାନାଇଜେସନ୍(RDSO) ତରଫରୁ ତିନି ଜଣ ବିକ୍ରେତାଙ୍କ ଠାରୁ କମ୍ ସାମଗ୍ରୀଗୁଡ଼ିକ ଉପରେ କେନ୍ଦ୍ରୀତ ଏକ ବିକ୍ରେତା ସମ୍ମିଳନୀ ଆୟୋଜନ କରାଯିବ । ସେହିସବୁ ସାମଗ୍ରୀଗୁଡ଼ିକୁ ବିକଶିତ କରିବା/ରେଳବାଇକୁ ଯୋଗାଣ କରିବା ନିମନ୍ତେ ଇଚ୍ଛୁକ ଆଶାୟୀ ଫାର୍ମ/ ବିକ୍ରେତାମାନେ ନିମ୍ନବର୍ଣ୍ଣିତ ସମ୍ପୂର୍ଣ୍ଣ ବିବରଣୀ ସହିତ ବିକ୍ରେତା ସମ୍ମିଳନୀରେ ଯୋଗଦେଇ ପାରିବେ ।

ସ୍ଥାନ : ନୂଆ ଅଡ଼ିଟୋରିୟମ୍, ରିସର୍ଚ୍ଚ ଡିଜାଇନ୍ ଆଣ୍ଡ ଷ୍ଟାଣ୍ଡାର୍ଡ୍ ଅର୍ଗାନାଇଜେସନ୍(RDSO), ଲକ୍ଷ୍ନୌ-226 001, ତାରିଖ : 23 ଅଗଷ୍ଟ 2019, ସମୟ : 1100 ଘଟିକା
ଅଂଶଗ୍ରହଣଜନିତ ଶୁଳ୍କ : ଶୂନ୍ୟ

242 ଗୋଟି ସାମଗ୍ରୀଗୁଡ଼ିକ ନିମନ୍ତେ ଲିଙ୍କ୍ :
https://rdso.indianrailways.gov.in/works/uploads/File/items%20with%20less%20than%203%20sources(1).pdf

ପରବର୍ତ୍ତୀ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଯୋଗାଯୋଗ କରନ୍ତୁ :
ଶ୍ରୀ ସଞ୍ଜୀବ ଗର୍ଗ, ନିର୍ଦ୍ଦେଶକ, QA/ଆରଡ଼ିଏସ୍ଓ/ଲକ୍ଷ୍ନୌ
ମୋବାଇଲ : 9794863225, ମେଲ୍ : edqamech2017@gmail.com
ନୂଆଦିଲ୍ଲୀ, ମୁମ୍ବାଇ, କୋଲକାତା, ଜୟପୁର, ହାଇଦ୍ରାବାଦ, ଭୋପାଳ ଏବଂ ବେଙ୍ଗାଲୁରୁ ସ୍ଥିତ ଆରଡିଏସ୍ଓ (ଆଇ ଆଣ୍ଡ ଏଲ୍) ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକ ସହିତ ଯୋଗାଯୋଗ କରାଯାଇପାରେ ।

PR-292/K/19-20
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ-II, ଭୁବନେଶ୍ୱର

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଭଣ୍ଡାର ବିଭାଗ**
**ଖବରକାଗଜଗୁଡ଼ିକରେ ଭଣ୍ଡାର ସାମଗ୍ରୀ ଟେଣ୍ଡର ବିଜ୍ଞପ୍ତିର ସମାପ୍ତି**

ପ୍ରିନ୍ସିପାଲ ଚିଫ୍ ମ୍ୟାଟେରିଆଲ୍ସ ମ୍ୟାନେଜର (ପିସିଏମ୍ଏମ୍), ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଳାସପୁର ଏବଂ ଭଣ୍ଡାର ଡିପୋଙ୍କ କାର୍ଯ୍ୟାଳୟ ତଥା ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜରଙ୍କ କାର୍ଯ୍ୟାଳୟରୁ ଜାରି ଭଣ୍ଡାର ଟେଣ୍ଡରଗୁଡ଼ିକର ବିବରଣୀ ଭାରତୀୟ ରେଳପଥ ଇ-ସଂଗ୍ରହଣ ପ୍ରଣାଳୀ (ଆଇଆର୍‌ଇପିଏସ୍) ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି। ଏହି ଭଣ୍ଡାର ସାମଗ୍ରୀଗୁଡ଼ିକ ଲାଗି ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତିଗୁଡ଼ିକ ଆଉ ଖବରକାଗଜଗୁଡ଼ିକରେ ପ୍ରକାଶିତ ହେବନାହିଁ।

ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ସମସ୍ତ ଆଗ୍ରହୀ ସଂସ୍ଥା/ ସଂଗଠନଗୁଡ଼ିକ ନିୟମିତ ଭାବେ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ (www.ireps.gov.in) ଦେଖିପାରନ୍ତି ଏବଂ ଦୟାପୂର୍ବକ ଆଇଆର୍‌ଇପିଏସ୍‌ରେ ପଞ୍ଜୀକରଣ କରି ଅଂଶଗ୍ରହଣ କରିପାରନ୍ତି।

ପ୍ରିନ୍ସିପାଲ ଚିଫ୍ ମ୍ୟାଟେରିଆଲ୍ସ ମ୍ୟାନେଜର, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଳାସପୁର
CPR/10/208
f ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

No.: 39-L

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

**କାଳିଆ**
**ଗ୍ରାମ ପଞ୍ଚାୟତ ସ୍ତରରେ କାଳିଆ ହିତାଧିକାରୀ ତାଲିକା ଯାଞ୍ଚ ପ୍ରକ୍ରିୟା**
**୨୭ ଅଗଷ୍ଟ, ୨୦୧୯ ପର୍ଯ୍ୟନ୍ତ ବଳବତ୍ତର ରହିବ**

- କାଳିଆ ଯୋଜନାରେ ସହାୟତା ରାଶି ପାଇଥିବା କିମ୍ବା ଦରଖାସ୍ତ କରି ଚୟନ ହୋଇନଥିବା ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକ ହିତାଧିକାରୀଙ୍କ ତାଲିକା ପ୍ରତି ପଞ୍ଚାୟତର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟରେ ୨୭ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ପଞ୍ଚାୟତ ସ୍ତରୀୟ କମିଟି ଦ୍ୱାରା ଯାଞ୍ଚ କାର୍ଯ୍ୟ ଚାଲୁରହିବ।
- ଏହି ଯାଞ୍ଚରେ କାଳିଆ ସହାୟତା ପାଇଥିବା ତାଲିକାରୁ କାଳିଆ ମାନଦଣ୍ଡ ବ୍ୟବହାର କରି ଯୋଗ୍ୟ ଅଯୋଗ୍ୟ ହିତାଧିକାରୀ ଚୟନ ଓ ବାଦ୍ ଦିଆଯିବ।
- କମ୍ ହିତାଧିକାରୀ ଥିବା ନିର୍ଦ୍ଦିଷ୍ଟ ପଞ୍ଚାୟତରେ କାଳିଆ ଦରଖାସ୍ତ ଫର୍ମ ଗ୍ରହଣ ଓ ଅନ୍ୟ ସମସ୍ତ ପଞ୍ଚାୟତରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବାର ବ୍ୟବସ୍ଥା ଏହି ସମୟ ମଧ୍ୟରେ ଚାଲୁ ରହିବ।

ଏ ସମ୍ବନ୍ଧୀୟ କୌଣସି ପ୍ରକାର ପ୍ରଶ୍ନର ଉତ୍ତର ପାଇବା ପାଇଁ ଚାଷୀଭାଇମାନେ ନିମ୍ନୋକ୍ତ ସଂଯୋଗ ହେଲ୍ପ ଲାଇନ୍ ଟୋଲ୍ ଫ୍ରି ନମ୍ବର ବ୍ୟବହାର କରନ୍ତୁ।

ଜୀବିକା ଓ ଆୟ ବୃଦ୍ଧି ନିମିତ୍ତ କୃଷକଙ୍କୁ ସହାୟତା | କୃଷକ ସଶକ୍ତିକରଣ ଦିଗରେ ଏକ ଅଭିନବ ପଦକ୍ଷେପ

www.kalia.co.in
କାଳିଆ ହେଲ୍ପ ଲାଇନ୍
୧୮୦୦ ୩୪୫୬ ୭୭୦ / ୧୫୫୩୩୫ (ସମୟ ସକାଳ ୬ ଘଣ୍ଟାରୁ ରାତ୍ର ୧୦ ଘଣ୍ଟା ପର୍ଯ୍ୟନ୍ତ)

I/01034/11/0012/1920